ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ସୋମବାର, ମେ ୨୭/୨୦୨୪ (୧୬ ପୃଷ୍ଠା)
Bhubaneswar
୫୦ଶ ଭାଗ ୧୮୨ ସଂଖ୍ୟା
www.orissakhabar.com/www.dharitri.com | Printed at Bhub



# ଓଡ଼ିଶାର ତୃତୀୟ ପର୍ଯ୍ୟାୟ ଭୋଟ୍ ହାର ୭୪% ଟପିଲା

**ଭୁବନେଶ୍ୱର,୨୬।୫ (ଅନିଲ ଦାସ)**

ରାଜ୍ୟରେ ଶନିବାର ହୋଇଥିବା ୬ ଲୋକ ସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟ୍‌ହାର ୭୪% ଟପିଛି। ରବିବାର ରାତି ୧୦ଟା ସୁଦ୍ଧା ଭାରତର ନିର୍ବାଚନ କମିଶନଙ୍କ ତଥ୍ୟ ମୁତାବକ, ଓଡ଼ିଶାର ତୃତୀୟ ପର୍ଯ୍ୟାୟ ଭୋଟହାର ୭୪.୪୫% ରହିଛି।

ଭୁବନେଶ୍ୱର ଲୋକ ସଭା ଆସନରେ ଭୋଟହାର ୬୪.୪୯% ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବେଗୁନିଆରେ ୭୧.୯୬%, ଭୁବନେଶ୍ୱର-ମଧ୍ୟ ଆସନରେ ୫୧.୨୮%, ଭୁବନେଶ୍ୱର-ଉତ୍ତରରେ ୫୩.୯୩%, ଭୁବନେଶ୍ୱର-ଏକାମ୍ରରେ ୫୬.୪୨%, ଜଟଣୀରେ ୭୦.୧୯%, ଜୟଦେବରେ ୮୦.୭୭% ଏବଂ ଖୋର୍ଦ୍ଧାରେ ୭୨.୭୫% ମତଦାନ ହୋଇଛି। କଟକ ଲୋକ ସଭା କ୍ଷେତ୍ରରେ ୭୧.୨% ଭୋଟର ମତଦାନ କରିଛନ୍ତି। ଏହା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଠଗଡ଼ରେ ୮୧.୧୬%, ବାଙ୍କୀରେ ୭୬.୦୯%, ବାରବାଟୀ-କଟକରେ ୫୭.୪୮%,ବଡ଼ମ୍ବାରେ୭୪.୫୬%,ଚୌଦ୍ୱାର-କଟକରେ ୫୯.୭୩%, କଟକ ସଦରରେ ୭୨.୦୯% ଏବଂ ଖଣ୍ଡପଡ଼ାରେ ୮୦.୮୮% ମତଦାନ ହୋଇଛି। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟହାର ରହିଛି ୭୮.୦୧%। ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ଅନୁଗୋଳରେ ୭୯.୬୬%, ଢେଙ୍କାନାଳରେ ୭୪.୬%, ହିନ୍ଦୋଳରେ ୭୪.୭%, କାମାକ୍ଷାନଗରରେ ୭୮.୧୧%, ପାଲଲହଡ଼ାରେ ୮୨.୯୮%, ପରଜଙ୍ଗରେ ୮୦.୫୫% ଏବଂ ତାଳଚେରରେ ୭୭.୮୯% ମତଦାନ ହୋଇଛି। କେନ୍ଦୁଝର ଲୋକ ସଭା ଆସନରେ ୭୮.୯୭% ମତଦାନ ହୋଇଥିବାବେଳେ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆନନ୍ଦପୁରରେ ୭୪.୬୫%, ଚମ୍ପୁଆରେ ୭୭.୪୧%, ଘସିପୁରାରେ ୮୦.୯୬%, କରଞ୍ଜିଆରେ ୭୪.୯୪%, କେନ୍ଦୁଝରରେ ୮୦.୫%, ପାଟଣାରେ ୮୦.୯୯% ଏବଂ ତେଲକୋଇରେ ୮୦.୬୫% ମତଦାନ ହୋଇଛି। ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ୭୫.୪୩% ଲୋକ ଭୋଟ ଦେଇଥିବାବେଳେ ଏହି ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ବ୍ରହ୍ମଗିରିରେ ୮୧.୨୫%, ଚିଲିକାରେ ୭୧.୫୭%, ନୟାଗଡ଼ରେ ୭୫.୨୭%, ପିପିଲିରେ ୮୦.୫%, ପୁରୀରେ ୬୭.୬୫%, ରଣପୁରରେ ୭୪.୯୧% ଏବଂ ସତ୍ୟବାଦୀରେ ଭୋଟହାର ୭୭.୧୮% ମତଦାନ ହୋଇଛି। ସମ୍ବଲପୁର ଲୋକ ସଭା ଆସନରେ ୭୯.୫% ମତଦାନ ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଠମଲ୍ଲିକରେ ୮୫.୬୯%, ଛେଣ୍ଡିପଦାରେ ୮୪.୩୬%, ଦେବଗଡ଼ରେ ୭୮.୧୭%, କୁଚିଣ୍ଡାରେ ୮୨.୮୮%, ରେଢ଼ାଖୋଲରେ ୭୯.୪୨%, ରେଙ୍ଗାଲିରେ ୮୨.୧୯% ଏବଂ ସମ୍ବଲପୁରରେ ୬୩.୬୯% ମତଦାନ ହୋଇଛି।

ଓଡ଼ିଶା ସମେତ ୬ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକ ସଭା ଆସନରେ ମୋଟ ୬୩.୩୬% ମତଦାନ ହୋଇଛି। ସେଥିମଧ୍ୟରୁ ବିହାରରେ ୫୭.୧୮%, ହରିୟାଣାରେ ୬୪.୮%, ଜମ୍ମୁ କଶ୍ମୀରରେ ୫୪.୮୪%, ଝାଡ଼ଖଣ୍ଡରେ ୬୫.୩୯%, ଦିଲ୍ଲୀରେ ୫୮.୬୯%, ଉତ୍ତରପ୍ରଦେଶରେ ୫୪.୦୪% ଏବଂ ପଶ୍ଚିମବଙ୍ଗରେ ୮୨.୭୧% ମତଦାତା ଭୋଟ ଦେଇଛନ୍ତି।

# ୨୯ରେ ମୋଦି, ୩୦ରେ ରାହୁଲ ଓଡ଼ିଶା ଆସିବେ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

**୪ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର**

## ୨୮ରେ ଶାହା, ୨୯ରେ ଆସିବେ ଖାର୍ଗେ

୨୦୨୪ ନିର୍ବାଚନ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ୩ଟି ପର୍ଯ୍ୟାୟ ପାଇଁ ଭୋଟିଂ ଶେଷ ହୋଇସାରିଛି। ତେବେ ଶେଷ ହୋଇସାରିଥିବା ୩ଟି ପର୍ଯ୍ୟାୟର ଭୋଟ ପାଇଁ ଉଭୟ ଭାଜପା ଏବଂ କଂଗ୍ରେସର କେନ୍ଦ୍ରୀୟ ନେତାମାନେ ଘନଘନ ଓଡ଼ିଶା ଗସ୍ତ କରିଛନ୍ତି। ଆସନ୍ତା ୧ ତାରିଖରେ ୪ର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ହେବ। ଏହି ପର୍ଯ୍ୟାୟରେ ହେବାକୁ ଥିବା ଭୋଟିଂ ଅଞ୍ଚଳଗୁଡ଼ିକରେ ପ୍ରଚାର କରିବାକୁ ପୁଣିଥରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପର୍ଯ୍ୟନ୍ତ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ରେ ଓଡ଼ିଶା ଗସ୍ତରେ ଆସି ୩ଟି ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ବାରିପଦା, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ଜନସଭାକୁ ସମ୍ବୋଧନ କରିବେ। ମଧ୍ୟାହ୍ନ ୧୨ଟାରେ ସେ ପ୍ରଥମେ ବାରିପଦାର ଛଉ ପଡ଼ିଆରେ ହେବାକୁଥିବା ସଭାରେ ଯୋଗଦେବେ। ଏହାପରେ ସାଢ଼େ ୧ଟାରେ ବାଲେଶ୍ୱରଠାରେ ଏବଂ ୩ଟା ୩୦ରେ କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପୂର୍ବଦିନ ଓଡ଼ିଶା ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅମିତ ଶାହା ପ୍ରଚାର କରିବେ। ସେ ଚାନ୍ଦବାଲିରେ ପ୍ରଥମ ସଭା କରିବେ। ଏହାପରେ କୋରେଇ ଓ ନିମାପଡ଼ା ନିର୍ବାଚନୀସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଥିବା ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୩୦ ତାରିଖରେ ରାହୁଲ ଗାନ୍ଧୀ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର କରିବାକୁ ଆସିବେ। ରାହୁଲ ପୂର୍ବାହ୍ନ ୧୧ଟାରେ ସିମୁଳିଆ ସ୍ଥିତ ସାନମହିତପୁରରେ ଆୟୋଜିତ ସଭାରେ ଯୋଗଦେବେ। ଏହାସହ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୯ ତାରିଖରେ ଓଡ଼ିଶା ଆସି ୨ଟି ସଭାରେ ଯୋଗଦେବେ। ସେହିଦିନ ପୂର୍ବାହ୍ନ ୧୧ଟାରେ ବାଲେଶ୍ୱର ଏବଂ ଅପରାହ୍ନ ୩ଟାରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଆୟୋଜିତ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଓଡ଼ିଶା କଂଗ୍ରେସର ପ୍ରଭାରୀ ଅଜୟ କୁମାର ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

# ଋଷି ସୁନକ୍‌ଙ୍କ ଅଡୁଆ ବଢ଼ିଲା

**ନୂଆଦିଲ୍ଲୀ,୨୬।୫**

**ବ୍ରିଟେନ ନିର୍ବାଚନ ପୂର୍ବରୁ ୭୮ ଏମ୍‌ପିଙ୍କ ଇସ୍ତଫା**


ଋଷି ସୁନକ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଜୁଲାଇ ୪ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବାର ୨ ଦିନ ପରେ ଶାସକ କଞ୍ଜରଭେଟିଭ୍ ପାର୍ଟିର ୭୮ ଏମ୍‌ପି ସମୂହ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥର ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ୪୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ସୁନକ୍‌ଙ୍କ ପାଇଁ ଏହାକୁ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଦଳ ଭିତରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସେ ଗତ ୨୩ ତାରିଖରେ ଆଗୁଆ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଏହା ପରେ ସୁନକ୍ ଶନିବାର ପ୍ରଚାରରେ ବାହାରିବା ପରିବର୍ତ୍ତେ ଘରେ ରହି ନିଜ ପରିବାର ଓ ଘନିଷ୍ଠ ପରାମର୍ଶଦାତାମାନଙ୍କ ସହ ସମୟ ବିତାଇଛନ୍ତି। ଇତିମଧ୍ୟରେ ତାଙ୍କ କ୍ୟାବିନେଟ ମନ୍ତ୍ରୀ ମାଇକେଲ ଗୋଭ୍ ଏବଂ ଆଣ୍ଡ୍ରିଆ ଲିଡ୍‌ସମ୍‌ଙ୍କ ସମେତ ଅନେକ ସହଯୋଗୀ ଇସ୍ତଫା ଦେବା ସହ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଇସ୍ତଫା ପ୍ରଦାନକାରୀ କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିଙ୍କ ସଂଖ୍ୟା ୭୮ରେ ପହଞ୍ଚିଛି।

ଗୋଭ୍ ସୋସିଆଲ ମିଡିଆରେ ନିଜ ଇସ୍ତଫା ଘୋଷଣା କରିଛନ୍ତି। ତାଙ୍କ ଇସ୍ତଫା ବ୍ରିଟେନର ସମସ୍ତ ସଂସଦୀୟ ଆସନରେ ସୁନକ୍‌ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ବୋଲି ମନେକରାଯାଉଛି। ସେହିପରି ଲିଡ୍‌ସମ୍ ମଧ୍ୟ ପୁନଃ ପ୍ରତିଦ୍ୱନ୍ଦ୍ୱିତା ନ କରିବା ବିଷୟ ସୁନକ୍‌ଙ୍କ ପାଖକୁ ପଠାଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଏବଂ ପ୍ରାକ୍ତନ ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲେସ୍ ମଧ୍ୟ ସକ୍ରିୟ ରାଜନୀତି ଛାଡ଼ିବା ବିଷୟ ସୁନକ୍‌ଙ୍କୁ ଜଣାଇସାରିଛନ୍ତି।

# ଧ୍ରୁବ ରାଠିଙ୍କ ଭିଡିଓ ପରେ ବଳାତ୍କାର, ହତ୍ୟା ଧମକ ମିଳୁଛି: ସ୍ୱାତୀ ମାଲିୱାଲ

**ନୂଆଦିଲ୍ଲୀ,୨୬।୫**


ସ୍ୱାତୀ ମାଲିୱାଲ


ଧ୍ରୁବ ରାଠି

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲଙ୍କୁ ବଳାତ୍କାର ଓ ହତ୍ୟା ଧମକ ମିଳିବାରେ ଲାଗିଛି। ଆପ୍ ନେତାମାନଙ୍କ ଦ୍ୱାରା ତାଙ୍କ 'ଚରିତ୍ର ହନନ' ଅଭିଯାନ ଷଡ଼ଯନ୍ତ୍ର ପରେ ୟୁଟ୍ୟୁବରର ଧ୍ରୁବ୍ ରାଠି ତାଙ୍କ ବିରୋଧରେ ଏକତରଫା ଭିଡିଓ ପୋଷ୍ଟ କରିଛନ୍ତି। ଏହା ପରେ ସ୍ଥିତି ଆହୁରି ସଙ୍ଗିନ ହୋଇଯାଇଛି ବୋଲି ସ୍ୱାତୀ ରବିବାର ଅଭିଯୋଗ ଆଣିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସ୍ୱାତୀ ଏନେଇ ଏକ ପୋଷ୍ଟ କରି ନିଜ ଦଳର ନେତାମାନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସ୍ୱାତୀ କହିଛନ୍ତି, ମାମଲା ପ୍ରତ୍ୟାହାର ପାଇଁ ତାଙ୍କୁ ଆପ୍ ନେତାମାନେ ଧମକ ଦେଉଛନ୍ତି। ଧ୍ରୁବ ରାଠି ପୋଷ୍ଟ କରିଥିବା ୨.୫ ମିନିଟ ଅବଧିର ଭିଡିଓ ଉପରେ ତାଙ୍କୁ ଯୋଗାଯୋଗ ପାଇଁ ସେ ଉଦ୍ୟମ କରିଥିଲେ। ହେଲେ ଧ୍ରୁବ ତାଙ୍କ କଲ୍ ଓ ମେସେଜ୍‌ଗୁଡ଼ିକୁ ଅଣଦେଖା କରିଛନ୍ତି। ନିଜକୁ ସ୍ୱାଧୀନ ଖବରଦାତା ବୋଲି ଦାବି କରୁଥିବା ଏଭଳି ବ୍ୟକ୍ତି ଅନ୍ୟ ଆପ୍ ମୁଖପାତ୍ରଙ୍କ ପରି କାର୍ଯ୍ୟ କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସ୍ୱାତୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ସ୍ୱାତୀ ଆହୁରି କହିଛନ୍ତି, ଗତ ୧୩ରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନରେ ତାଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର ଆକ୍ରମଣ କରିଥିବା ବିଷୟ ଆପ୍ ସ୍ୱୀକାର କରିବା ପରେ କାହିଁକି ୟୁ-ଟର୍ନ ନେଲା ତାହା ଧ୍ରୁବ ନିଜ ଭିଡିଓରେ ଉଲ୍ଲେଖ କରିନାହାନ୍ତି। ତାଙ୍କୁ ଆକ୍ରମଣ କରାଯାଇଥିବା ବିଷୟ ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଛି। କିନ୍ତୁ ଭିଡିଓରେ ନିର୍ଦ୍ଦିଷ୍ଟ ଭାବେ କେତେକ ଅଂଶକୁ ଦେଖାଯାଇଛି। ଏହା ପରେ ଅଭିଯୁକ୍ତ ବିଭବଙ୍କ ଫୋନ୍‌କୁ ଫର୍ମାଟ କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘରକୁ ପ୍ରବେଶ କରିବାକୁ ଦିଆଯାଇଥିଲା। ବିନା କୌଣସି ସୁରକ୍ଷାରେ ମଣିପୁରକୁ ଯାଇ ମହିଳାଙ୍କ ଅଧିକାର ପ୍ରସଙ୍ଗ ଉଠାଇଥିବା ଜଣେ ମହିଳାଙ୍କୁ ଭାଜପା କିପରି କିଣି ନେଇପାରିବ ବୋଲି ସ୍ୱାତୀ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରକରଣରେ ଆପ୍‌ର ମହିଳା ବିରୋଧୀ ଆଭିମୁଖ୍ୟ ଧରାପଡ଼ିଯାଇଛି। ତେଣୁ ସେ ବଳାତ୍କାର ଓ ହତ୍ୟା ଧମକ ନେଇ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ଅପରାଧୀମାନଙ୍କ ବିରୋଧରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ ଆଶାବାଦୀ ଥିବା ସ୍ୱାତୀ କହିଛନ୍ତି। ପ୍ରକାଶ ଯେ, ବିଭବଙ୍କୁ ଗତ ୧୮ରେ ଗିରଫ କରାଯାଇଥିଲା। ସେ ଜାମିନ ପାଇଁ ଶନିବାର ଏକ ସ୍ଥାନୀୟ କୋର୍ଟରେ ଆବେଦନ କରିଛନ୍ତି। ଅଦାଲତ ଏହା ଉପରେ ଦିଲ୍ଲୀ ପୋଲିସକୁ ନୋଟିସ କରି ଜବାବ ମାଗିଛନ୍ତି।

DHARITRI

ଭୁବନେଶ୍ୱର, ସୋମବାର, ମେ ୨୭/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, May 27/2024 | Page 16 ₹ 7.00

୫୦ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 182 | ମୂଲ୍ୟ ₹୭/-




ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇବା ପରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି ।

# ମାଟ୍ରିକ ପରୀକ୍ଷାଫଳ: ଛାତ୍ରୀ ଆଗରେ

## ପାସ୍ ହାର ୯୬.୦୭%

କଟକ,୨୬।୫ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ରବିବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ଏଥର ପାସ୍ ହାର ୯୬.୦୭% ହୋଇଛି। ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ୍ ହାର ସର୍ବାଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୬.୭୩% ଓ ଛାତ୍ରଙ୍କ ପାସ୍ ହାର ୯୫.୩୯% ହୋଇଛି। ସେହିପରି ଏକକାଳୀନ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାଫଳ ମଧ୍ୟ ବୋର୍ଡ ପକ୍ଷରୁ ପ୍ରକାଶ ପାଇଛି।

ଚଳିତ ବର୍ଷ ରାଜ୍ୟରୁ ମୋଟ୍ ୫,୪୧,୦୬୧ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୫,୩୦,୧୫୩ ଜଣ ପାସ୍ କରିଛନ୍ତି। ଏଥିସହ ୨୪୩ ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ଏଥର ବୋର୍ଡ ପକ୍ଷରୁ କୌଣସି ଗ୍ରେଡେଶନ ପରିସଂଖ୍ୟାନର ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରଥମଥର ପାଇଁ ଏଭଳି କରାଯାଇଥିଲେ ମଧ୍ୟ କୌଣସି କାରଣ କୁହାଯାଇନାହିଁ। ତେବେ ରାଜ୍ୟର ୩୦ ଜିଲା ମଧ୍ୟରେ ପାସ୍ ହାର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୭.୯୮% ହୋଇଥିବାବେଳେ ନୂଆପଡ଼ା ଜିଲାରେ ସର୍ବନିମ୍ନ ୯୩.୯୧% ହୋଇଛି। ସେହିପରି ବରଗଡ଼ ଜିଲାରେ ୯୭.୬୪, ଜଗତ୍‌ସିଂହପୁରରେ ୯୭.୬, କଟକରେ ୯୭.୫୮, ଝାରସୁଗୁଡ଼ାରେ ୯୭.୨୮, ସୁନ୍ଦରଗଡ଼ରେ ୯୭.୨୪, ସୁବର୍ଣ୍ଣପୁରରେ ୯୭.୧୧, ଗଜପତିରେ ୯୭.୦୮, ଗଞ୍ଜାମରେ ୯୭.୦୬, ପୁରୀରେ ୯୬.୭୬, ଭଦ୍ରକରେ ୯୬.୭୩, ସମ୍ବଲପୁରରେ ୯୬.୭୩, ଦେବଗଡ଼ରେ ୯୬.୭୧, ଅନୁଗୋଳରେ ୯୬.୬୩, କନ୍ଧମାଳରେ ୯୬.୬, ନୟାଗଡ଼ରେ ୯୬.୨୩, ରାୟଗଡ଼ାରେ ☞ପୃଷ୍ଠା-୨

# ଯୁକ୍ତ୨ ପାସ୍ ହାର ୮୨.୬୬%

## କଳା ୮୦.୯୫, ବାଣିଜ୍ୟ ୮୨.୨୭, ବିଜ୍ଞାନ ୮୬.୯୩, ଧନ୍ଦାମୂଳକ ଶିକ୍ଷାରେ ୬୮.୦୨%

ଭୁବନେଶ୍ୱର, ୨୬।୫ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ୨ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳାଫଳ ଏକସଙ୍ଗରେ ଘୋଷଣା କରାଯାଇଛି। ରାଜ୍ୟରେ ୩,୮୨,୬୪୬ଜଣ ଯୁକ୍ତ୨ ପରୀକ୍ଷା ଦେଇଥିବା ବେଳେ ୩,୧୬,୩୨୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ପାସ୍ ହାର ୮୨.୬୬% ରହିଛି। କଳାରେ ପାସ୍ ହାର ୮୦.୯୫ ପ୍ରତିଶତ ରହିଥିବାବେଳେ ବାଣିଜ୍ୟ ୮୨.୨୭, ବିଜ୍ଞାନ ୮୬.୯୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପାସ୍ ହାର ୬୮.୦୨ ପ୍ରତିଶତ ରହିଛି। ଏଥର ୫୮୭ଜଣ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ବିଜ୍ଞାନରେ ସର୍ବାଧିକ ୩୯୪ଜଣ ଥିବା ବେଳେ ବାଣିଜ୍ୟରେ ୧୩୫, କଳାରେ ୫୭ ଏବଂ ଧନ୍ଦାମୂଳକ ଶିକ୍ଷାରେ ଜଣେ ପରୀକ୍ଷାର୍ଥୀ ରହିଛନ୍ତି। ତେବେ ସବୁ ବିଭାଗରେ ଛାତ୍ରୀମାନେ ଆଗରେ ରହିଛନ୍ତି। ସେହିଭଳି ଗତବର୍ଷ ତୁଳନାରେ ଚଳିତବର୍ଷ ସବୁ ବିଭାଗରେ ପାସ୍ ହାର ବୃଦ୍ଧି ପାଇଛି। କଳାରେ ୨,୩୫,୨୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧,୯୦,୪୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ☞ପୃଷ୍ଠା-୨

# ଦିଲ୍ଲୀ ହସ୍ପିଟାଲରେ ନିଆଁ: ୭ ନବଜାତକଙ୍କ ମୃତ୍ୟୁ

## ହସ୍ପିଟାଲ ମାଲିକ ଗିରଫ

ନୂଆଦିଲ୍ଲୀ,୨୬।୫

ପୂର୍ବ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ଥିବା ନିଉବର୍ନ ବେବି କେୟାର ହସ୍ପିଟାଲରେ ଶନିବାର ରାତିରେ ନିଆଁଲାଗି ୭ ନବଜାତକଙ୍କ ମୃତ୍ୟୁ ଘଟିଛି। ୧୬ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସଂକୀର୍ଣ୍ଣ ଗଳି ଏବଂ ପାଖରେ କୌଣସି ଜଳ ଉତ୍ସ ନ ଥିବାରୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନିଆଁ ଲାଗିବା ପରେ ଦୁଇ ମହଲା ବିଶିଷ୍ଟ ହସ୍ପିଟାଲ ବିଲ୍ଡିଂରେ ଥିବା ଅକ୍ସିଜେନ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଦାୟିତ୍ୱହୀନତାରୁ ବିପର୍ଯ୍ୟୟ

# ନାଇଟ୍ ରାଇଡର୍ସ ଚାମ୍ପିୟନ



ଆଇପିଏଲ୍-୨୦୨୪ ଚାମ୍ପିୟନ କୋଲକାତା ନାଇଟ୍ ରାଇଡର୍ସ ଖେଳାଳିଙ୍କ ବିଜୟ ଉଲ୍ଲାସ ।

## ଆଇପିଏଲ୍ ଉଦ୍‌ଯାପିତ

ଚେନ୍ନାଇ, ୨୬।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍-୨୦୨୪ରେ ବାଜି ମାରିଛି କୋଲ୍‌କାତା ନାଇଟ୍ ରାଇଡର୍ସ। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଏବଂ ଭେଙ୍କଟେଶ୍ ଆୟରଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏହି ଦଳ ରବିବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି। ଫାଇନାଲ ପରି ଏକ ବଡ଼ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସନ୍‌ରାଇଜର୍ସ ୧୮.୩ ଓଭରରେ ମାତ୍ର ୧୧୩ ରନ୍ କରି ଅଲ୍‌ଆଉଟ ହୋଇଥିଲା, ଯାହାକି ଆଇପିଏଲ୍ ଫାଇନାଲ ଇତିହାସରେ ସର୍ବନିମ୍ନ ସ୍କୋର। ୧୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ନାଇଟ୍ ରାଇଡର୍ସ ୧୦.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବିପଜ୍ଜନକ ବ୍ୟାଟର ସୁନୀଲ ନାରିନ ମାତ୍ର ୬ ଓ ରମାନୁଲ୍ଲା ଗୁରବାଜ ୩୯ ରନ୍ କରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଭେଙ୍କଟେଶ୍ ୫୨ (୨୬ ବଲ୍, ୪ ଚୌକା, ୩ ଛକା) ଓ ଅଧିନାୟକ ଶ୍ରେୟସ ଆୟର ୬ ରନ୍‌ରେ ଅପରାଜିତ ରହିଥିଲେ। ୧୧ତମ ଓଭରର ୩ୟ ବଲ୍‌ରେ ଭେଙ୍କଟେଶ୍‌ଙ୍କ ବ୍ୟାଟ୍‌ରୁ ବିଜୟସୂଚକ ରନ୍ ବାହାରିବା ପରେ କୋଲ୍‌କାତା ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଏଥିରେ ସାମିଲ ହୋଇଥିଲେ ଦଳର ମାଲିକ ତଥା ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍। ପୂର୍ବରୁ ୨୦୧୨ ଓ ୨୦୧୪ରେ ଚାମ୍ପିୟନ କୋଲ୍‌କାତା ୧୦ ବର୍ଷ ବ୍ୟବଧାନରେ ତୃତୀୟଥର ପାଇଁ ଆଇପିଏଲ୍ ଟ୍ରଫି ହାସଲ କରିଛି। ୨୦୨୧ରେ ଦଳ ଫାଇନାଲ ଖେଳିଥିଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରି ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ୨୦୧୬ରେ ଚାମ୍ପିୟନ ସନ୍‌ରାଇଜର୍ସ ୨୦୧୮ ପରି ଏଥର ମଧ୍ୟ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ☞ପୃଷ୍ଠା-୨




ଆଜିର ମନ୍ତବ୍ୟ

"ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ବିରୋଧରେ ଥିବା ମାମଲାଗୁଡ଼ିକର ଓକିଲ ଫିଜ୍ ପୈଠ ପାଇଁ ପଞ୍ଜାବକୁ ଦୁର୍ନୀତିର ଏଟିଏମ୍‌ରେ ପରିଣତ କରିଛନ୍ତି। -ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବେଣୁପୁର, ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ବିଶିଷ୍ଟ କବି ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା ୩୦।
- ଚନ୍ଦନ ଯାତ୍ରା ଉପଲକ୍ଷେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ହାଟ ପଡ଼ିଆ, ସମୟ: ରାତି ୧୧ଟା ୩୦।
- ବାର୍ଷିକ ଯଜ୍ଞ ଓ ମହୋତ୍ସବ ଉପଲକ୍ଷେ ନାଟକ ପରିବେଷଣ , ସ୍ଥାନ: ଗଡ଼ନହରକଣ୍ଟା, ଫୁଟବଲ୍ ପଡ଼ିଆ, ସମୟ: ରାତି ୧୧ଟା ୩୦।

## କଟକ
- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟନ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୪୫।
- ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ଖିଲାଫତ ଦିବସ, ସ୍ଥାନ: ଅହମ୍ମଦୀୟା ମୁସ୍‌ଲିମ୍ ମିଶନ ସଭାଗୃହ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୭ଟା।
- ଜମାତ୍ ଅହମ୍ମଦୀୟ ଖିଲାଫତ ଦିବସ ପାଳନ, ସ୍ଥାନ: ଜମାତ୍ ଅହମ୍ମଦୀୟ ଜାମା ମସ୍‌ଜିଦ ପଙ୍କାଳ,ସମୟ: ସନ୍ଧ୍ୟା ୭ଟା

## ପୁରୀ
- ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତ୍ରି ଚାପ ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ବାଳିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ସିନ୍ଦୋଳ ତାରିଣୀ ପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୪ଟା ୫୦।
- ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ', ସ୍ଥାନ: ଭଦ୍ରକ ସହର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ମା' ରାମଚଣ୍ଡୀ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଶିବ ମନ୍ଦିରରେ ରୁଦ୍ରାଭିଷେକ ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ହରିହର ନଗର, ସମୟ: ସକାଳ ୮ଟା।

## ଗଞ୍ଜାମ
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବିଜେଡିର ନିର୍ବାଚନୀ ସଭା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲାଗସ୍ତ, ସ୍ଥାନ: ବାରୋ ପଡିଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରକ୍ତକୁଣ୍ଡଳେଶ୍ୱର ପୀଠ ପରିସରରେ ଯଜ୍ଞ ମହୋତ୍ସବ, ସ୍ଥାନ: ତେଲିଆକଣ, ବୈକୁଣ୍ଠପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଗିରିନାଥ ଆଶ୍ରମରେ ବିଶ୍ୱଶାନ୍ତି ଜାଗରଣ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍ ତରାପୁର ଡୁବୁରୀସ୍ଥିତ ଶ୍ରୀମାଙ୍କ ଆଶ୍ରମ ପରିସର, ସମୟ: ସକାଳ ୮ଟା।

## ରାୟଗଡ଼ା
- ଭୋଟ ଗଣତି ପାଇଁ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ, ସ୍ଥାନ: ରାୟଗଡ଼ା ସ୍ୱୟଂ ଶାସିତ ମହା ବିଦ୍ୟାଳୟ, ସମୟ: ସକାଳ ୭ଟା।

## କୋରାପୁଟ
- ଭୋଟ ଗଣତି ନେଇ ଅଧିକାରୀ, କର୍ମଚାରୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: କୋରାପୁଟ ସରକାରୀ ମହାବିଦ୍ୟାଳୟ,ଲାଣ୍ଡିଗୁଡା.ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଜିଲା ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ ସମୟ: ପୂର୍ବାହ୍ନ ୧୦ ଟା।
- ଅଗ୍ନି ଗଙ୍ଗା ମା'ଙ୍କ ନବ ଦିନାତ୍ମକ ଘଟଯାତ୍ରା, ସ୍ଥାନ:ସେମିଳିଗୁଡା, ସମୟ: ସନ୍ଧ୍ୟା: ୭ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା କୁଡୋ ହଲ, ସମୟ : ସକାଳ ୭ଟା ।
- ଗ୍ରୀଷ୍ମକାଳିନ ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ : ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା ।

## ବଲାଙ୍ଗୀର
- ରବି ଧାନ ମଣ୍ଡି ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜୁରିଆସ୍ଥିତ ଲୁହାସିଂହା ପ୍ୟାକ୍ସ ପରିସର, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୮ ଟା।
- ରକ୍ତଦାନ ଶିବିର, ସ୍ଥାନ: ଜରାସିଂହାସ୍ଥିତ ସାଇବିହାର, ଦେଓଗାଁ ବ୍ଲକ, ସମୟ: ସକାଳ: ୮ଟା।

## ସୁବର୍ଣ୍ଣପୁର
- କେପିଏଲ ଧମାକାର ଦ୍ୱିତୀୟ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା , ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ:ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।

## ରାଉରକେଲା
- ଇସ୍ପାତ ପକ୍ଷରୁ ନଗର ସଙ୍କୀର୍ତ୍ତନ,ସ୍ଥାନ: ସିଭିଲଟାଉନସିପ ସମୟ: ସକାଳ ୫ଟା୩୦।
- ଗୋପବନ୍ଧୁ ପାଠାଗାରରେ ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଗେନ୍ଦ୍ରନାଥପୁର, ପାଇକମାଳ, ସମୟ: ସକାଳ ୮ଟା।
- ବୁଢ଼ାରଜା ମନ୍ଦିର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଣ୍ଡାମୁଣ୍ଡା, ଝାରବନ୍ଧ ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।

## କଳାହାଣ୍ଡି
- ଣୁନ୍‌ମାଠ ଗ୍ରାମପଞ୍ଚାୟତ ସଚେତନ ନାଗରିକ ମଞ୍ଚର ସାଧାରଣ ସଭା, ସ୍ଥାନ: କେସିଙ୍ଗା ବ୍ଲକର ଅମାଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣା, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ସିନାପାଲି ସହର ରାବଣ ଛକ, ସମୟ: ସକାଳ ୭ଟା ୩୫।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି, ସମୟ: ସକାଳ ୮ଟା ୩୦।
- ଗୋ ପୂଜା, ସୂର୍ଯ୍ୟ ପୂଜା, ବୃଷଭ ପ୍ରତିଷ୍ଠା, ଦ୍ୱାରପାଳ ପୂଜା ଓ ଲିଙ୍ଗ ପ୍ରତିଷ୍ଠା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସକାଳ ୮ଟା ୪୩।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ ଟା ୩୦।
- ଅସ୍ତଉଦୟ ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୬ଟା ୩୩।

## ବୌଦ୍ଧ
- ରାଜିଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ଶିବ ମନ୍ଦିରରେ ଆଳତୀ ଓ ପୂଜା ଅର୍ଚ୍ଚନା, ସ୍ଥାନ: ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ ସକାଳ ୬ଟା।
- ଅଷ୍ଟପ୍ରହର ନମାଯଜ୍ଞ ଆରମ୍ଭ, ସ୍ଥାନ: ସହରସ୍ଥିତ ପୁରୁଣା ବସ୍ତି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାହସିକ ପଦକ୍ଷେପ ନେବା କାରଣରୁ ପ୍ରତିବନ୍ଧକ ଦୂରେଇ ଯିବ। ଯେଉଁ ବନ୍ଧୁମାନେ ପାଖ ମାଡୁ ନ ଥିଲେ ଆଜି ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଅବନତି ସାଙ୍ଗକୁ ଦୁର୍ବଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ଼ କରିବାରେ ସମର୍ଥ ହେବେ।

**ବୃଷ** କର୍ମକ୍ଷେତ୍ରରେ କାମର ଚାପ ବୃଦ୍ଧି ପାଇବା କାରଣରୁ ଆଜି ବେଶି ବ୍ୟସ୍ତ ରହିବେ। ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ବିଶେଷ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ପିଲାଙ୍କ କଥାକୁ ନେଇ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ଆର୍ଥିକ ଅସୁବିଧାକୁ ସୁଧାରିବା ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ।

**ମିଥୁନ** ଆଜି ଯେତିକି ପାଇବେ ପରିସ୍ଥିତି ଅନୁଯାୟୀ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଈର୍ଷାନ୍ୱିତ ହୋଇ ନିଜର ଲୋକମାନେ ଅସୁବିଧାରେ ପକାଇବାକୁ ମସୁଧା କରିପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜଖବର ଆଜି ସନ୍ଧ୍ୟାରେ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବାର ଆଶା ରହିଛି।

**କର୍କଟ** ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବା ଲାଗି ଚେଷ୍ଟା ଅବ୍ୟାହତ ରଖିବେ। ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରିପାରନ୍ତି। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଶିଳ୍ପ, ପରିବହନ, ବ୍ୟବସାୟ,ସଂଗଠନ,ଗବେଷଣା ଓ ଆଇନ ଅଦାଲତ କ୍ଷେତ୍ରରେ ଟେନ୍ସନ ଦେଖାଦେବ।

**ସିଂହ** ରବି ଓ ଚନ୍ଦ୍ରଙ୍କ ସ୍ଥିତିରୁ ଅର୍ଥନୈତିକ ଦିଗ, ବନ୍ଧୁ ସମ୍ପର୍କ, ଯୋଗାଯୋଗ କ୍ଷେତ୍ରରେ ସୁଫଳ ପାଇବେ। ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। କାମ ହାସଲରେ ପ୍ରିୟଜନଙ୍କ ସହଯୋଗ ରହିବ। ନୂତନ ଘର, ଗାଡି, କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇପାରନ୍ତି।

**କନ୍ୟା** ଆଜିର ଗ୍ରହସ୍ଥିତି ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନ ଥିବାରୁ ଜଗିରଖି ଚଳିବା ଭଲ। ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ ଅସୁବିଧା ହେବନାହିଁ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପାରିବାରିକ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା** ରାହୁମଙ୍ଗଳଙ୍କ ଯୋଗୁ ଲକ୍ଷ୍ମୀ ଯୋଗ ସୃଷ୍ଟି ହେଉଥିବାରୁ ଆର୍ଥିକ ସ୍ଥିତି, ଭୂମି ସମ୍ବନ୍ଧୀୟ କାର୍ଯ୍ୟ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଅଦଳବଦଳ ହୋଇଯିବାର ଆଶଙ୍କା ରହିଛି। ନୂତନ ଯାନ କିମ୍ବା ଦ୍ରବ୍ୟଲାଭରୁ ଖୁସି ହେବେ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା** ଗୁରୁକ୍ଷେତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ଦେହ ଭଲ ରହିବ ଏବଂ ମାନସିକ ସ୍ତରରେ ଖୁସି ରହିବେ। ନିଜର ଅବହେଳାଜନିତ କାମଗୁଡ଼ିକୁ ଠିକ୍ ସମୟରେ ସମ୍ପନ୍ନ କରିପାରିବେ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ସମ୍ମାନ ଲଭିବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଆପଣଙ୍କ ଭଲ ପରିସ୍ଥିତିରେ ଶୁଭେଚ୍ଛୁଙ୍କ ଅପେକ୍ଷା ଅସହିଷ୍ଣୁଙ୍କ ସଂଖ୍ୟା ଅଧିକ ରହିପାରେ। ନୂତନ ଯୋଜନା, ଅବହେଳିତ କାମ, ଆଲୋଚନା ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ ଆତ୍ମୀୟ ସ୍ୱଜନଙ୍କ ଅସହଯୋଗରୁ ଚିନ୍ତିତ ହେବେ।

**ମକର** ଆଜି ବନ୍ଧୁଙ୍କ ସହ ମିତ୍ରତା ସ୍ଥାପନ କରି କାମ ହାତେଇବେ। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ରୁଗ୍‌ଣ ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** କର୍ମକ୍ଷେତ୍ର ସକାଶେ ଗ୍ରହ ସମ୍ପର୍କ ଅନୁକୂଳ ରହିଥିବାରୁ ପ୍ରତିବନ୍ଧକ ରହିବ ନାହିଁ। ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ, ଏଥିପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** କର୍ମସ୍ଥ ଚନ୍ଦ୍ର ଯୋଗୁ ଭଲ ମନ ଓ ମହତ୍ ଉଦ୍ଦେଶ୍ୟ ନେଇ କଥାବାର୍ତ୍ତା କଲେ ମଧ୍ୟ ବନ୍ଧୁଙ୍କ ବିରାଗଭାଜନ ହୋଇପାରନ୍ତି। ପରିବାରରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ମନକୁ ବାଧିପାରେ। ରାଜନୀତି, ପ୍ରଶାସନ, ଆଇନ ଅଦାଲତ, ସଭାସମିତ, ଶିଳ୍ପ ଓ ବାଣିଜ୍ୟ ଦିଗରୁ ଦିନଟି ଭଲ ରହିବ। କୌଣସି ପାରିବାରିକ ସମସ୍ୟାରେ ଚିନ୍ତିତ ରହିପାରନ୍ତି।

ଆଜି ମେ' ୨୭ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ସୋମବାର, ରାଶିନକ୍ଷତ୍ର- ଦିବା ଘ.୧୦।୧୩ ମି. ଗତେ, ଉତ୍ତରାଷାଢା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୪୯ ମି. ଗତେ, ଘ.୦୮/୨୭, ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ମାଟ୍ରିକ ପରୀକ୍ଷାଫଳ...

୯୬.୧୬, ବାଲେଶ୍ୱରରେ ୯୬.୧, ଯାଜପୁରରେ ୯୫.୯୨, କଳାହାଣ୍ଡିରେ ୯୫.୮୬, କେନ୍ଦ୍ରାପଡ଼ାରେ ୯୫.୭୭, ମୟୂରଭଞ୍ଜରେ ୯୫.୭, ବୌଦ୍ଧରେ ୯୫.୪୯, ଢେଙ୍କାନାଳରେ ୯୫.୧୨, ମାଲକାନଗିରିରେ ୯୫.୦୪, ନବରଙ୍ଗପୁରରେ ୯୪.୮୮, କୋରାପୁଟରେ ୯୪.୮୨, କେନ୍ଦୁଝରରେ ୯୪.୮ ଓ ବଲାଙ୍ଗୀର ଜିଲାରେ ପାସ୍ ହାର ୯୪.୩୯% ରହିଛି। ରାଜ୍ୟର ୨୬୪୪ଟି ହାଇସ୍କୁଲରେ ପାସ୍ ହାର ଶତ ପ୍ରତିଶତ ହୋଇଛି। ଏଥିସହ କୌଣସି ହାଇସ୍କୁଲରେ ପରୀକ୍ଷାଫଳ ଶୂନ ହୋଇନାହିଁ। କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟଠାରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ପୂର୍ବାହ୍ନ ୧୦ଟା ୪୫ରେ ମାଟ୍ରିକ ପରୀକ୍ଷାଫଳ ଘୋଷଣା କରିବା ପରେ ପୂର୍ବାହ୍ନ ୧୧ଟା ୩୦ରେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଫଳ ଉପଲବ୍ଧ ହୋଇଛି। ଏଥିସହ ମୋବାଇଲ ଏସ୍‌ଏମ୍‌ଏସ୍ ସହିତ ପ୍ରଥମଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ପରୀକ୍ଷାଫଳ ଜାଣିବା ବ୍ୟବସ୍ଥା ହୋଇଛି। ପ୍ରଥମଥର ପାଇଁ ପରୀକ୍ଷାର୍ଥୀ ଡିଜିଟାଇଜଡ୍ ସାର୍ଟିଫିକେଟ୍ ଡାଇନ୍‌ଲୋଡ୍ କରିବା ନିମନ୍ତେ ଅପରାହ୍ନ ୪ଟାରୁ ବ୍ୟବସ୍ଥା କରାଯାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବା ବ୍ୟବସ୍ଥା ହୋଇଛି। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ମୋବାଇଲ୍ ନଂ. ୭୭୧୦୦୫୮୧୯୨କୁ ସେଭ୍ କରିବା ପରେ ହ୍ୱାଟ୍ସଆପ୍‌ରେ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ଏହି ଅବସରରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଟେମଲାଲ ଦୁବେ, କଟକ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ମଧ୍ୟମା ପାସ୍ ହାର ୯୮.୧୨%

ଚଳିତ ବର୍ଷ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୮.୧୨% ରହିଛି। ଏଥର ୩,୨୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୧୯୧ ଜଣ ପାସ୍ କରିଥିବାବେଳେ ୩ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପାସ୍ ହାର ୫୯.୮୮%

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୮% ରହିଛି। ମୋଟ ୬,୪୫୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୮୪୪ ଜଣ ପାସ୍ କରିଛନ୍ତି। ମାତ୍ର ୬,୪୨୦ ଜଣ ୫ଟି ବିଷୟରେ ପାସ୍ କରିଥିବା ବେଳେ ୧୧ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

### ୨୯ରୁ ମାର୍କ ଆଡିଶନ୍ ଚେକିଂ ଆବେଦନ

ମୂଲ୍ୟାୟନରେ ତ୍ରୁଟି ଥିଲେ ପରୀକ୍ଷାର୍ଥୀମାନେ ମାର୍କ ଆଡିଶନ୍ ଚେକିଂ ପାଇଁ ମେ' ୨୯ରୁ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ଅଫ୍‌ଲାଇନ୍ ମାଧ୍ୟମରେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଆବେଦନ ଦାଖଲ କରିବେ।

### ଜୁନ୍ ୧୦ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମପୂରଣ

ବୋର୍ଡ ପକ୍ଷରୁ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପାଇଁ ତାରିଖ ଘୋଷଣା କରାଯାଇଛି। ଅକୃତକାର୍ଯ୍ୟ ହୋଇଥିବା ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଆସନ୍ତା ଜୁନ୍ ୧୦ ତାରିଖରୁ ଅନ୍‌ଲାଇନ୍‌ରେ ଫର୍ମପୂରଣ କରିବେ।

## ଯୁକ୍ତ୨ ପାସ୍ ହାର ...

୧,୩୦,୭୭୧ଜଣ ଛାତ୍ରୀଙ୍କ ମଧ୍ୟରୁ ୧,୧୪,୫୧୬ ଜଣ ପାସ୍ କରିଥିବାବେଳେ ୧,୦୪,୪୪୭ ଜଣ ଛାତ୍ରଙ୍କ ମଧ୍ୟରୁ ୭୫,୯୧୩ଜଣ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୫୬% ଓ ଛାତ୍ରଙ୍କ ପାସ୍ ହାର ୭୨.୬୮% ରହିଛି। ବାଣିଜ୍ୟରେ ୨୫,୮୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲାବେଳେ ୨୧,୩୦୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରୀ ସଂଖ୍ୟା ୮,୦୬୯ ଥିବାବେଳେ ଛାତ୍ର ସଂଖ୍ୟା ୧୩,୨୩୯ ରହିଛି। ଛାତ୍ରୀଙ୍କ ପାସ୍ ହାର ୮୫.୫୫% ଓ ଛାତ୍ରଙ୍କ ପାସ୍ ହାର ୮୦.୪୦% ରହିଛି। ବିଜ୍ଞାନରେ ୧,୧୫,୮୯୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧,୦୦,୭୫୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ୪୮,୧୯୦ଜଣ ଛାତ୍ରୀ ଓ ୫୨,୫୬୭ଜଣ ଛାତ୍ର ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୭୪% ଥିବା ବେଳେ ଛାତ୍ରଙ୍କ ୮୬.୨୧% ରହିଛି। ସେହିଭଳି ଧନ୍ଦାମୂଳକ ଶିକ୍ଷାରେ ୫,୬୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୮୩୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଛାତ୍ରୀଙ୍କ ପାସ୍ ହାର ୭୧.୪୦% ରହିଥିବା ବେଳେ ଛାତ୍ରଙ୍କର ୬୪.୬୭% ରହିଛି। ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଅଶ୍ୱିନୀ କୁମାର ମିଶ୍ର ପରୀକ୍ଷାଫଳ ଘୋଷଣା କରିବା ସହିତ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷାର ଉପଯୁକ୍ତ ପରିଚାଳନା ଏବଂ ଉଚିତ ସମୟ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ନିମନ୍ତେ ସିଏଚ୍‌ଏସ୍‌ଇ କର୍ମକର୍ତ୍ତା ଓ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପରୀକ୍ଷାର୍ଥୀମାନେ www.orissaresults.nic.in ଏବଂ https://results.digilocker.gov.inରେ ପରୀକ୍ଷାଫଳ ଜାଣିବା ସହ ମାର୍କଶିଟ୍ ଡାଉନ୍‌ଲୋଡ୍ କରିପାରିବେ। ଏହି ଫଳାଫଳ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ସ୍ପେସ୍‌ରେ ମଧ୍ୟ ଉପଲବ୍ଧ ହେଉଛି। ଏଥିସହିତ ହେଲ୍ପ ଲାଇନ୍ ନଂ.୯୯୩୭୯୪୧୧୪୮, ୯୭୭୬୨୧୬୬୨୪, ୯୮୬୧୦୯୭୭୩୮ ଏବଂ ୯୯୩୭୩୯୦୮୭୮ରୁ ଆବଶ୍ୟକ ସୂଚନା ପାଇପାରିବେ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ, ସିଏଚ୍‌ଏସ୍‌ଇ ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟାର, ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ, ଉପପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା, ସିଏଚ୍‌ଏସ୍‌ଇ ସଚିବ ଶୁଭ୍ରା ବେହେରାଙ୍କ ସମେତ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ଜୁନ୍ ଶେଷ ସପ୍ତାହରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଜୁନ୍ ୧ ସୁଦ୍ଧା ପୁନଃମୂଲ୍ୟାୟନ ଏବଂ ଖାତା ଯାଞ୍ଚ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିଜିଲକର୍ ମାଧ୍ୟମରେ ମାର୍କଶିଟ ଏବଂ ସାର୍ଟିଫିକେଟ ଆଦି ଡିଜିଟାଲ ଏକାଡେମିକ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ। ଛାତ୍ରୀଛାତ୍ର ନିଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରୁ ସିଏଚ୍‌ଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସାର୍ଟିଫିକେଟ ଏବଂ ମାର୍କଶିଟର ହାର୍ଡ କପି ମଧ୍ୟ ପାଇପାରିବେ। ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ଇନ୍‌ଷ୍ଟାଣ୍ଟ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୪ ଜୁନ ଶେଷ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀ ହସ୍ପିଟାଲରେ ...

ସିଲିଣ୍ଡରଗୁଡ଼ିକ ବିସ୍ଫୋରଣ ହେବାରୁ ପାଖରେ ଥିବା କେତେକ ଅଟ୍ଟାଳିକା କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡ ପରେ ଫେରାର ଥିବା ହସ୍ପିଟାଲର ମାଲିକ ଡ. ନବୀନ କିଚିଙ୍କୁ ରବିବାର ଗିରଫ କରାଯାଇଛି। ସେ ଦିଲ୍ଲୀରେ ଅନ୍ୟ କେତେକ ହସ୍ପିଟାଲ ଚଳାଉଥିବା ପୋଲିସ କହିଛି। ଚିକିତ୍ସାରେ ଅବହେଳା ଏବଂ ରୋଗୀ ପ୍ରତି କ୍ଷତି ଘଟାଇବା ନେଇ ପୂର୍ବରୁ କିଚିଙ୍କ ବିରୋଧରେ ମାମଲା ରହିଛି। ୨୦୨୧ରେ ତାଙ୍କ ହସ୍ପିଟାଲର ପଞ୍ଜୀକରଣକୁ ବାତିଲ କରାଯିବା ସହ ଜରିମାନା କରାଯାଇଥିଲା। ଏପରି କି ଉକ୍ତ ହସ୍ପିଟାଲରେ ନିୟୋଜିତ ଡାକ୍ତରମାନେ ଶିଶୁ ଚିକିତ୍ସା ପାଇଁ ଯୋଗ୍ୟତା ହାସଲ କରି ନ ଥିଲେ। ହସ୍ପିଟାଲରୁ ୧୨ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଶିଶୁଙ୍କୁ ଅନ୍ୟତ୍ର ଚିକିତ୍ସା କରାଯାଉଛି। ହସ୍ପିଟାଲ ବିଲ୍ଡିଂର ସମ୍ଭବତଃ ଏନ୍‌ଓସି (ଆପତ୍ତିବିହୀନ ପ୍ରମାଣପତ୍ର) ନ ଥିଲା ବୋଲି ଅଗ୍ନିଶମ ବିଭାଗ ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଲାଗି ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ସେନା ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ତଦନ୍ତ ଲାଗି କମିଟି ଗଠନ କରିବାକୁ କହିଥିବାବେଳେ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ତୁରନ୍ତ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଲାଗି ଭରଦ୍ୱାଜ ସ୍ୱାସ୍ଥ୍ୟ ସଚିବ ଓ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘଟଣାକୁ ହୃଦୟ ବିଦାରକ ବୋଲି କହିବା ସହ ଅବହେଳା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଏନ୍‌ସିପିସିଆର୍(ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ) ମଧ୍ୟ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଏକ ଟିମ୍‌କୁ ନିୟୋଜିତ କରିଛି।

## ନାଇଟ୍ ରାଇଡର୍ସ ...

ଟସ୍‌କୁ ଛାଡ଼ିଦେଲେ ଏହି ମ୍ୟାଚ୍‌ରେ ଆଉ କିଛି ସନ୍‌ରାଇଜର୍ସ ସପକ୍ଷରେ ଯାଇ ନ ଥିଲା। ବ୍ୟାଟିଂ ପାୱାର ପାଇଁ ଚଳିତ ଆଇପିଏଲ୍‌ରେ ବିଶେଷ ଚର୍ଚ୍ଚିତ ଥିବା ଏହି ଦଳ ସେହି ବ୍ୟାଟିଂ ବିଫଳତା ଯୋଗୁ ହିଁ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଥିଲା। ଟସ୍ ଜିତିଥିଲେ ପ୍ୟାଟ୍ କମିନ୍ସ। ବ୍ୟାଟିଂ ନେଇ କୋଲ୍‌କାତା ସମ୍ମୁଖରେ ଏକ ବଡ଼ସ୍କୋର ଛିଡ଼ା କରିବା ତାଙ୍କର ଲକ୍ଷ୍ୟ ଥିଲା। ମାତ୍ର ସେମିତି କିଛି ହୋଇ ନ ଥିଲା। ଆଇପିଏଲ୍ ରେକର୍ଡ ୨୪.୭୫ କୋଟି ଟଙ୍କାରେ କିଣା ହୋଇଥିବା ମିଚେଲ ଷ୍ଟାର୍କ ଫାଇନାଲ ପରି ଏକ ବଡ଼ ମ୍ୟାଚ୍‌ରେ ନିଜ କମାଲ ଦେଖାଇଥିଲେ। ସେ ନିଜ ପ୍ରଥମ ଓଭରରେ ବିପଜ୍ଜନକ ଅଭିଷେକ ଶର୍ମା ଏବଂ ଦ୍ୱିତୀୟ ଓଭରରେ ଫର୍ମରେ ଥିବା ରାହୁଲ ତ୍ରିପାଠୀଙ୍କୁ ଆଉଟ୍ କରିଥିବାବେଳେ ବୈଭବ ଆରୋରା ନିଜ ପ୍ରଥମ ତଥା ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ହାର୍ଡ ହିଟିଂ ବ୍ୟାଟର ଟ୍ରାଭିସ ହେଡ୍‌ଙ୍କୁ ପ୍ୟାଭିଲିୟନ ପଠାଇବାରୁ ହାଇଦ୍ରାବାଦ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। କେବଳ ସେତିକି ନୁହେଁ, ଚାପର ବଶବର୍ତ୍ତୀ ହୋଇ ଆଶ୍ଚର୍ଯ୍ୟଜନକ ଭାବେ କୌଣସି ବ୍ୟାଟର କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ବାର୍ଥ ଡେ' ବୟ ନୀତୀଶ୍ କୁମାର ରେଡ୍ଡୀ ୧୩, ଏଡେନ ମାରକ୍ରମ ୨୦, ଶାହାବାଜ ଅହମଦ ୮ ରନ୍ କରି ଆଉଟ୍ ହେବାରୁ ସନ୍‌ରାଇଜର୍ସ ବାଧ୍ୟହୋଇ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବେ ଅବ୍‌ଦୁଲ ସମଦଙ୍କୁ ସୁଯୋଗ ଦେଇଥିଲା। ମାତ୍ର ସେ ଇମ୍ପାକ୍ଟ ଦେଖାଇବା ପୂର୍ବରୁ ମାତ୍ର ୪ ରନ୍ କରି ଆଉଟ୍ ହୋଇଥିଲେ। ଶେଷଭାଗରେ ପ୍ୟାଟ୍ କମିନ୍ସ ସର୍ବାଧିକ ୨୪ ରନ୍ କରିଥିଲେ। ଫଳରେ ସନ୍‌ରାଇଜର୍ସ ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଆଇପିଏଲ୍ ଫାଇନାଲ ଇତିହାସରେ ଏହା ସର୍ବନିମ୍ନ ସ୍କୋର। ପୂର୍ବରୁ ୨୦୧୩ରେ କୋଲକାତାଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ ୧୨୫/୯ ରନ୍ କରି ଏହି ଅଲୋଡ଼ା ରେକର୍ଡର ଅଧିକାରୀ ଥିଲା। କୋଲକାତାର ସମସ୍ତ ବୋଲର ପ୍ରଭାବୀ ବୋଲିଂ କରିଥିଲେ। ଆନ୍ଦ୍ରେ ରସେଲ ୩ଟି, ମିଚେଲ ଷ୍ଟାର୍କ ଓ ହର୍ଷିତ ରାଣା ୨ଟି ଲେଖାଏ ଏବଂ ବୈଭବ ଆରୋରା, ସୁନୀଲ ନାରିନ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଯୁକ୍ତ୨: ବଢ଼ିଲା ପାସ୍ ହାର

ଭୁବନେଶ୍ୱର, ୨୬।୫(ଅସମାପିକା ସାହୁ)- ଯୁକ୍ତ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ଶିକ୍ଷା ଆଦି ସବୁ ବିଭାଗରେ ପାସ୍ ହାର ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି। କଳାରେ ଗତବର୍ଷ ପାସ୍ ହାର ୭୮.୮୮% ଥିବାବେଳେ ଏଥର ୮୦.୯୫% ରହିଛି। ବାଣିଜ୍ୟରେ ୮୧.୧୨% ଥିବାବେଳେ ଏବର୍ଷ ପାସ୍ ହାର ୮୨.୨୭% ରହିଛି। ସେହିପରି ବିଜ୍ଞାନରେ ଗତବର୍ଷ ପାସ୍‌ହାର ୮୪.୯୩% ରହିଥିଲା। ତେବେ ଚଳିତବର୍ଷ ଏହା ୮୬.୯୩% ରହିଛି। ଧନ୍ଦାମୂଳକ ଶିକ୍ଷାରେ ଗତବର୍ଷ ପାସ୍‌ହାର ୬୭.୪୮% ଥିବାବେଳେ ଏବର୍ଷ ୬୮.୦୨% ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ମେ' ୩୧ରେ ବାଣିଜ୍ୟ ଏବଂ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇଥିବାବେଳେ ଜୁନ୍ ୮ରେ କଳା ଏବଂ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଥିଲା।

## କଳାରେ ବରଗଡ଼, ବିଜ୍ଞାନରେ ନୟାଗଡ଼, ବାଣିଜ୍ୟରେ କଳାହାଣ୍ଡି ଆଗରେ

ଯୁକ୍ତ୨ କଳାରେ ବରଗଡ଼ ଜିଲାର ପାସ୍ ହାର ସର୍ବାଧିକ ୮୮.୬୧% ରହିଛି। ଏହି ଜିଲାରେ ମୋଟ ୧୦,୦୬୬ଜଣ ପରୀକ୍ଷା ଦେଇଥିବା ବେଳେ ୮,୯୨୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ନବରଙ୍ଗପୁର ଜିଲାର ପାସହାର ସର୍ବନିମ୍ନ ୭୦.୯୮% ରହିଛି। ସେହିପରି ବିଜ୍ଞାନରେ ନୟାଗଡ଼ ଜିଲାର ପାସ୍ ହାର ସର୍ବାଧିକ ୯୬.୭୭% ରହିଛି। ଏହି ଜିଲାରେ ମୋଟ ୩,୦୭୧ଜଣ ପରୀକ୍ଷା ଦେଇଥିବାବେଳେ ୨,୯୭୨ଜଣ ପାସ୍ ହୋଇଛନ୍ତି। ବିଜ୍ଞାନରେ ବୌଦ୍ଧ ଜିଲାରେ ପାସ୍ ହାର ସର୍ବନିମ୍ନ ୫୯.୮୯% ରହିଛି। ବାଣିଜ୍ୟରେ କଳାହାଣ୍ଡି ଜିଲାରେ ପାସ୍ ହାର ସର୍ବାଧିକ ୯୩.୨୩% ରହିଥିବାବେଳେ ପରୀକ୍ଷା ଦେଇଥିବା ମୋଟ ୪୧୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଏହି ବିଭାଗରେ ବୌଦ୍ଧ ଜିଲାରେ ସର୍ବନିମ୍ନ ୩୫% ପାସ୍ ହାର ରହିଛି। ଧନ୍ଦାମୂଳକ ଶିକ୍ଷାରେ ଝାରସୁଗୁଡ଼ାରେ ପାସ୍ ହାର ଶତପ୍ରତିଶତ ରହିଥିବା ବେଳେ ଗଜପତି ଜିଲାରେ ସର୍ବନିମ୍ନ ୩୯.୮୪% ରହିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ବାଗୁ ଓ ମହୁମୁହାଣରୁ ବିପୁଳ ବିସ୍ଫୋରକ ଜବତ

ସୋର,୨୬।୫(ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରୁ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ (ଜିଲୋଟିନ୍) ଜବତ କରିଛି। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱର ଏକ ଟିମ୍ ବାଗୁସ୍ଥିତ ଏକ ନିଛାଟିଆ ସ୍ଥାନରେ ଚଢ଼ାଉ କରି ୧୫୦୦ କେଜି ଓ ମହୁମୁହାଣ ନିକଟସ୍ଥ ପରିତ୍ୟକ୍ତ ପଥର ଖାଦାନରୁ ୬୦୦ କେଜି ଜିଲୋଟିନ ଜବତ କରିଛି। ଥାନାରେ ଏକ ମାମଲା(ନଂ.୪୭୬/୨୪)ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଖଞ୍ଜାମାହଲ ପାହାଡ଼ରେ ଥିବା କେତେକ ବେଆଇନ ପଥର ଖାଦାନରେ ବିସ୍ଫୋରଣ କରାଯାଇ ନିୟମିତ ଚୋରା ପଥର ଚାଲାଣ କରାଯାଉଛି।

## ବାପ-ପୁଅଙ୍କୁ ମାଓବାଦୀଙ୍କ ହତ୍ୟା

**ଛତ୍ରା,୨୬।୫**

ଝାଡ଼ଖଣ୍ଡର ଛତ୍ରା ଜିଲାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ବାପ-ପୁଅଙ୍କୁ ହତ୍ୟା କରିଛନ୍ତି। କୁଣ୍ଡା ଥାନା ଅଧୀନ ହିନ୍ଦିଆକାଲା ଗ୍ରାମରେ ଶନିବାର ରାତିରେ ଘଟିଥିବା ଏହି ଘଟଣା ରବିବାର ସାମନାକୁ ଆସିଛି। ଆଦିବାସୀ ସମ୍ପ୍ରଦାୟର ଛେଦି ବିହୋର ଓ ତାଙ୍କ ପୁଅ ପଙ୍କଜଙ୍କୁ ମାଓବାଦୀମାନେ ୧୦,୦୦୦ ଟଙ୍କା ମାଗିଥିଲେ। ଟଙ୍କା ପାଇବା ପରେ ଉଭୟଙ୍କୁ ତ୍ରିତିୟା ସମ୍ମେଳନ ପ୍ରସ୍ତୁତି କମିଟିର ୬୦ରୁ ୭୦ ମାଓବାଦୀ ମାଡ଼ ମାରିବା ସହ ଗୁଳି କରିଥିବା ସ୍ଥାନୀୟ ଏସ୍‌ପି ବିକାଶ ପାଣ୍ଡେ ସୂଚନା ଦେଇଛନ୍ତି।

**ବନ୍ଦ ଘରୁ ଦମ୍ପତିଙ୍କ ମୃତଦେହ ଜବତ**

ସିମୁଳିଆ,୨୬।୫(ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ପାର୍ବତୀପୁର ଗ୍ରାମର ଏକ ବନ୍ଦ ଘରୁ ରବିବାର ଦମ୍ପତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ମନୋଜ ମହାକୁଡ଼(୩୨) ଓ ତାଙ୍କ ସ୍ତ୍ରୀ ସ୍ମିତା(୨୮)। ବିଦ୍ୟୁତ୍ ଆଘାତରେ ଉଭୟଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।




# ଜୁନ୍ ୧ରେ ଇଣ୍ଡିଆ ବ୍ଲକ୍ ବୈଠକ

**ନୂଆଦିଲ୍ଲୀ, ୨୬।୫**

ଆସନ୍ତା ୧ ତାରିଖରେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ ଆଲିଆନ୍ସ(ଇଣ୍ଡିଆ) ବ୍ଲକ୍ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମର ସୂତ୍ରରୁ ପ୍ରକାଶ ପାଇଛି। ଲୋକ ସଭା ନିର୍ବାଚନ ଫଳାଫଳର ୩ ଦିନ ପୂର୍ବରୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଯୋଗଦେବାପାଇଁ ଇଣ୍ଡିଆ ବ୍ଲକର ସମସ୍ତ ଅଂଶୀଦାର ଓ ସହଯୋଗୀ ଦଳଗୁଡ଼ିକୁ ନିମନ୍ତ୍ରଣ କରାଯାଇଛି। ଚଳିତ ଲୋକ ସଭା ନିର୍ବାଚନର ଫଳାଫଳକୁ ଦୃଷ୍ଟିରେ ରଖି ଭବିଷ୍ୟତର କାର୍ଯ୍ୟସୂଚୀ ନେଇ ଚର୍ଚ୍ଚା ଏବଂ ସମୀକ୍ଷା ଉଦ୍ଦେଶ୍ୟରେ ଏହି ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ଅବକାରୀ ଦୁର୍ନୀତି ମାମଲାରେ ଅନ୍ତରୀଣ ଜାମିନରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଆସନ୍ତା ମାସ ୨ରେ ତିହାର ଜେଲରେ ଆତ୍ମସମର୍ପଣ କରିବାକୁ ଥିବା ବେଳେ ଏହାର ଗୋଟିଏ ଦିନ ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହେବ।

# ଟ୍ରକ୍ ପଛରେ ପିଟିହେଲା ଆମ୍ବୁଲାନ୍ସ, ରୋଗୀ ମୃତ



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

**ମଙ୍ଗୁଳି-ଜଗତପୁର,୨୬।୫(ମାନସ ସାମଲ)**

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବଙ୍ଗୁଆ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ୧୦୮ ଆମ୍ବୁଲାନ୍ସ ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ମୃତା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ମହୁଲବୋରେଇ ଅଞ୍ଚଳର ଫୁଲ ସୋରେନ(୬୫)। ଚିକିତ୍ସାଲାଗି ଗୁରୁତରମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଆମ୍ବୁଲାନ୍ସ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାରେ ଆମ୍ବୁଲାନ୍ସଟି ଭାଙ୍ଗି ଚୂରମାର୍ ହୋଇଯାଇଛି।

ପୋଲିସ ସୂଚନା ମୁତାବକ, ଫୁଲ ଅସୁସ୍ଥ ହୋଇପଡିବାରୁ ମୟୂରଭଞ୍ଜ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅଧିକ ଚିକିତ୍ସା ଆବଶ୍ୟକ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ (ନଂ.ଓଡ଼ି୦୨ବିଜେ-୯୬୩୮) ଯୋଗେ ଶନିବାର ରାତିରେ କଟକ ବଡ ଡାକ୍ତରଖାନା ଆଣୁଥିଲେ। ବଙ୍ଗୁଆ ଛକ ନିକଟ ରାସ୍ତାପାର୍ଶ୍ୱରେ ପାର୍କିଂ କରିଥିବା ଏକ ଟ୍ରକ୍ ପଛରେ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଫୁଲଙ୍କ ମୃତ୍ୟୁ ଘଟିଥିଲା।

# ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁଲା 'ରେମାଲ'

**ଭୁବନେଶ୍ୱର,୨୬।୫(ଅସମାପିକା ସାହୁ)**

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ରେମାଲ' ରବିବାର ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁଛି। ବାଂଲାଦେଶ ଓ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ କୋଲକତା ନିକଟରେ ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଣ୍ଟାପ୍ରତି ୧୧୦ରୁ ୧୨୦ କି.ମି ରହିଥିବାବେଳେ ପ୍ରବଳ ବର୍ଷା ଲାଗି ରହିଥିଲା। ପ୍ରାୟ ୨ ଘଣ୍ଟା ଧରି ଏହା ଜାରି ରହିଥିଲା। ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାତ୍ୟା ପ୍ରଭାବରେ କୋଲକତା ଏବଂ ପଶ୍ଚିମବଙ୍ଗରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ପ୍ରବଳ ବର୍ଷାର ଅନୁମାନ କରାଯାଇଛି।

ପ୍ରକାଶ ଯେ, ବାତ୍ୟା ରେମାଲ ପ୍ରଭାବରେ ରବିବାର ଦିନ ସମୟରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ସହ ସଂଲଗ୍ନ କଟକ ଜିଲାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ତୀବ୍ର ବୃଷ୍ଟିପାତ(ଘଣ୍ଟାପ୍ରତି ୨ରୁ ୩ ସେମି) ଲାଗି ରହିଥିଲା। ଏଥିସହ ଭୁବନେଶ୍ୱର ସମେତ ପାର୍ଶ୍ୱବର୍ତ୍ତୀ ଜିଲାରେ ଝିପିଝିପି ବର୍ଷା ହୋଇଥିଲା। ହେଲେ ରାଜ୍ୟର ଅନ୍ୟସବୁ ଜିଲାରେ ତାତି ଜାରି ରହିଥିଲା। ନୂଆପଡ଼ାରେ ସର୍ବାଧିକ ୪୨.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ବାତ୍ୟା ଉପକୂଳ ଛୁଇଁବା ପରେ ଓଡ଼ିଶାରେ ସୋମବାରଠାରୁ ପୁଣି ତାପମାତ୍ରା ବଢ଼ିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

ଅନ୍ୟପକ୍ଷରେ ବାତ୍ୟାକୁ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗରେ ରେଡ ଆଲର୍ଟ ଜାରି କରାଯାଇଛି। ଦକ୍ଷିଣ ୨୪ ପ୍ରଗଣା, ଉତ୍ତର ଚବିଶ ପ୍ରଗଣା, ପୂର୍ବ ମେଦିନୀପୁର, କୋଲକାତା, ହାୱଡା, ହୁଗୁଳି ଜିଲାରେ ପ୍ରଶାସନ ସତର୍କ ରହିଛି। ୩୯୪ ବିମାନ ଉଡ଼ାଣ ରଦ୍ଦ କରାଯାଇଥିବାବେଳେ ଓ ୫୦ରୁ ଉର୍ଦ୍ଧ୍ୱ ରେଳ ଚଳାଚଳ ସାମୟିକ ବନ୍ଦ ରଖାଯାଇଛି। ଦୀଘା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ୧୨ଟି ଏନଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ସମୁଦ୍ର ଅଶାନ୍ତ ରହୁଥିବାରୁ ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସେପଟେ ବିପର୍ଯ୍ୟୟ ମୁକାବିଲା ପାଇଁ ଭାରତୀୟ ନୌସେନା ବର୍ତ୍ତମାନର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଅନୁସରଣ କରି ପ୍ରସ୍ତୁତି ଆରମ୍ଭ କରିଛି। ନୌସେନା ମୁଖ୍ୟାଳୟରେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏଥିସହ ପୂର୍ବ ନୌସେନା କମାଣ୍ଡ ମୁଖ୍ୟାଳୟ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଭାରତୀୟ ନୌସେନା ତୁରନ୍ତ ସହାୟତା ପାଇଁ ଏଚ୍‌ଏଡିଆର୍ ଏବଂ ଚିକିତ୍ସା ସାମଗ୍ରୀ ସହିତ ସଜ୍ଜିତ ଦୁଇଟି ଜାହାଜକୁ କ୍ଷତିଗ୍ରସ୍ତ ଅଞ୍ଚଳ ଆଡକୁ ଅଗ୍ରସର କରାଇଛି। ଏହାବ୍ୟତୀତ ଭାରତୀୟ ନୌସେନାର ସି କିଙ୍ଗ ଓ ଚେତକ ହେଲିକପ୍ଟର ସହ ଡୋର୍ନିୟର ବିମାନ ମଧ୍ୟ ଶୀଘ୍ର ଉଦ୍ଧାର କାର୍ଯ୍ୟରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାତ୍ୟା 'ରେମାଲ'କୁ ନେଇ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମୀକ୍ଷା କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରଧାନମନ୍ତ୍ରୀଙ୍କୁ ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

## ଓଡ଼ିଶା ଉପକୂଳରେ ବର୍ଷିଲା



# ଯାଞ୍ଚ ହେବ ସିସିଟିଭି ଫୁଟେଜ୍: ଏସ୍‌ପି

## ଇଭିଏମ୍ ଭାଙ୍ଗି ପ୍ରଶାନ୍ତ ଜଗଦ୍ଦେବ ଜେଲ ଯିବା ଘଟଣା

**ଖୋର୍ଦ୍ଧା,୨୬।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ପ୍ରକଳ୍ପ ବିଦ୍ୟାଳୟ ୧୧୪ନଂ. ବୁଥ୍‌ରେ ଗଣ୍ଡଗୋଳ, ଦୁର୍ବ୍ୟବହାର ଓ ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ପୋଲିସ ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଶନିବାର ଖୋର୍ଦ୍ଧା ଜେଲକୁ ପଠାଇଥିଲା। ଏନେଇ ରବିବାର ଏସ୍‌ପି ଦାୟିତ୍ୱରେ ଥିବା ଅବିନାଶ କୁମାର କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ଇସିଆଇ ଗାଇଡ୍‌ଲାଇନ ଅନୁଯାୟୀ ଏକ ପୋଲିଂ ଷ୍ଟେଶନର ମୁଖ୍ୟ ହେଉଛନ୍ତି ପ୍ରିଜାଇଡିଂ ଅଫିସର। ଇଭିଏମ୍ ଭାଙ୍ଗିବା, ପ୍ରିଜାଇଡିଂ ଅଫିସରଙ୍କୁ ଗାଳିଗୁଲଜ, ଦୁର୍ବ୍ୟବହାର, ମତଦାନରେ ବାଧା ସୃଷ୍ଟି, ଜାତୀୟ ସମ୍ପତ୍ତିକୁ ନଷ୍ଟ କରିବା ଆଦି ନେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ପିଡିପିପି ଆକ୍ଟରେ ଜଗଦ୍ଦେବଙ୍କୁ ଗିରଫ କରାଯାଇଛି। ଏବେ ଯାଏ ସିସିଟିଭି ଯାଞ୍ଚ କରାଯାଇନାହିଁ। ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କୁ ସିସିଟିଭି ଫୁଟେଜ ମଗାଯିବ। ନିର୍ବାଚନ ପ୍ରକ୍ରିୟା ପରେ ଏହାକୁ ଯାଞ୍ଚ କରାଯିବ। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଥାଉ କି, କାଉଁରିପାଟଣା ମତଦାନ କେନ୍ଦ୍ରକୁ ଶନିବାର ଅପରାହ୍ନରେ ଜଗଦ୍ଦେବ ତାଙ୍କ ସ୍ତ୍ରୀଙ୍କ ସହ ଭୋଟ ଦେବାକୁ ଯାଇଥିଲେ। ଏହି ସମୟରେ ବୁଥ୍ ଭିତରେ ଇଭିଏମ୍ ଫିଙ୍ଗାଫୋପଡ଼ା ନେଇ ଅଭିଯୋଗ ଉଠିଥିଲା। ଏହାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଜଗଦ୍ଦେବ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ଗାଳିଗୁଲଜ କରୁଥିବା ଜଣାପଡ଼ିଥିଲା। ଏହାର କିଛି ସମୟ ପରେ ଜଗଦ୍ଦେବ ସେଠାରୁ ବାହାରି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଗାଡିରେ ବସି ଖୋର୍ଦ୍ଧା ଯାଉଥିବା ବେଳେ ବେଗୁନିଆ ନିକଟରେ ପୋଲିସ ଗାଡ଼ିକୁ ଅଟକାଇଥିଲା। ଏହା ପରେ ପୋଲିସ ଜଗଦ୍ଦେବଙ୍କୁ ଗାଡ଼ିରୁ ଓହ୍ଲାଇ ବୋଲଗଡ଼ ଥାନାକୁ ଆଣିଥିଲା। ଇଭିଏମ୍ ଭଙ୍ଗାଯିବା ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ଏବଂ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ଅଭିଯୋଗ ଆଣି ଜଗଦ୍ଦେବ ସମର୍ଥକଙ୍କ ସହ ଥାନା ପରିସରରେ କିଛି ସମୟ ଧାରଣା ଦେଇଥିଲେ। ପରେ ପୋଲିସ ତାଙ୍କୁ ଖୋର୍ଦ୍ଧା ନେଇଯାଇଥିଲା। ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ରାତିରେ ଏସ୍‌ଡିଜେଏମ୍‌ଙ୍କ ରେସିଡେନ୍ସିଆଲ କୋର୍ଟରେ ଜଗଦ୍ଦେବଙ୍କୁ ହାଜର କରାଯିବା ପରେ ବିଳମ୍ବିତ ରାତିରେ ଜେଲକୁ ପଠାଇ ଦିଆଯାଇଥିଲା। ଜଗଦ୍ଦେବଙ୍କ ବିରୋଧରେ ଆଇପିସି ଧାରା ୪୫୨, ୪୪୮, ୨୯୪, ୩୫୪, ୩୨୩, ୩୩୨, ୪୨୭, ୧୭୧(ସି), ୫୦୬(ଆଇ), ୩୪ ଆଇପିସି ସହ ୩ ପିପୁଲ୍ସ ରିପ୍ରେଜେଣ୍ଟେଶନ (ପିଡିପିପି)ରେ ଆକ୍ଟରେ ମାମଲା(ନଂ.୧୧୭/୨୪) ରୁଜୁ ହୋଇଛି। ତେବେ ଇଭିଏମ୍ ଭଙ୍ଗାଯିବା ଘଟଣାରେ ଜଗଦ୍ଦେବଙ୍କ ହାତ ନ ଥିବା ତାଙ୍କ ସମର୍ଥକ, କର୍ମୀମାନେ ଗଣମାଧ୍ୟମରେ କହିଛନ୍ତି। ଅନ୍ୟ କେତେଜଣ ଯୁବକ ବୁଥ୍‌ରେ ପଶି ଗଣ୍ଡଗୋଳ କରି ଇଭିଏମ୍‌କୁ ଭାଙ୍ଗି ଦେଇଥିବା ବେଳେ ଏହାକୁ ଜାଣିଶୁଣି ଜଗଦ୍ଦେବଙ୍କୁ ଫସାଇ ଦିଆଯାଇଛି ବୋଲି ସ୍ଥାନୀୟ ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣାର ଯାଞ୍ଚ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ପୋଷ୍ଟାଲ ବାଲଟ୍‌ରେ ମତଦାନ କଲେ ୯୪ ହଜାର

**ଭୁବନେଶ୍ୱର,୨୬।୫(ଅନିଲ ଦାସ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲଟ୍ ମାଧ୍ୟମରେ ପ୍ରାୟ ୯୪ ହଜାର ମତଦାନ ହୋଇ ସାରିଛି। ଏହା ମଧ୍ୟରେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଭିନ୍ନକ୍ଷମ ମତଦାତାମାନେ ହୋମ୍ ଭୋଟିଂ ମାଧ୍ୟମରେ ମତଦାନ କରୁଥିବା ବେଳେ ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ପିଭିସିରେ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ପିବିଏଫ୍‌ସି ମାଧ୍ୟମରେ ମତଦାନ କରିଛନ୍ତି।

ଚଳିତ ସାଧାରଣ ନିର୍ବାଚନ-୨୦୨୪ରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରାଧିକୃତ ଅନେକ ବର୍ଗର ମତଦାତାମାନେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଭିନ୍ନକ୍ଷମ ମତଦାତା (୪୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ), ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଆଦି ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରୁଛନ୍ତି।



ବାତ୍ୟା ରେମାଲ ପ୍ରଭାବରେ ରବିବାର ପୁରୀ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ମଣ୍ଡିରେ ଭିଜିଲା ଚାଷୀଙ୍କ ଧାନ

**କୋକସରା,୨୬।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଲଘୁଚାପଜନିତ ବର୍ଷାର ପ୍ରଭାବରେ ରବିବାର କଳାହାଣ୍ଡି ଜିଲା କୋକସରା ବ୍ଲକରେ ମଧ୍ୟାହ୍ନରେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ କୋକସରା ବ୍ଲକର ବିଭିନ୍ନ ମଣ୍ଡିରେ ଥିବା ଚାଷୀଙ୍କ ଧାନ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଛି। ବ୍ଲକର କୋକସରା, କାଉଡୋଲା, ମୋଟେର, କାଶିବାହଲ, ଡ଼ହଗାଁ, ଖୁଣ୍ଟିଆ, ଲଡୁଗାଁ, ଫୁଂଫଗାଁ, କନ୍ଦାବୁରୁରା, ଡାଲଗୁମା ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ପଡ଼ି ରହିଛି। ହଠାତ ଅଦିନିଆ ବର୍ଷା ଯୋଗୁଁ ମଣ୍ଡିରେ ପଡ଼ିରହିଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏହି ସବୁ ମଣ୍ଡିରେ ଚାଷୀଙ୍କ ଧାନର ସୁରକ୍ଷା ପାଇଁ ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ରବିବାର ମଣ୍ଡି ବନ୍ଦ ରହିଥିବା କାରଣରୁ କର୍ମଚାରୀମାନେ ଅନୁପସ୍ଥିତ ଥିଲେ। ଠିକ୍ ସମୟରେ ଚାଷୀଙ୍କୁ ଧାନ ଢାଙ୍କିବା ପାଇଁ ପଲିଥିନ ନ ମିଳିବା ଓ ଦିଆଯାଇଥିବା ପଲିଥିନ ଚିରା ଓ ଫଟା ରହିଥିବା କାରଣରୁ ଧାନରେ ବର୍ଷା ପାଣି ପଶି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ।

# ପୋଲିସ ସହ ଗୁଳି ବିନିମୟ: ୨ ମହିଳା ମାଓବାଦୀ ନିହତ

**ମାଲକାନଗିରି, ୨୬।୫ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ଘଟି ରବିବାର ୨ ମହିଳା ମାଓବାଦୀ ନିହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବିଜେ ତାତି ଭେରମଗଡ଼ ଏରିଆ କମିଟି ସଦସ୍ୟା, ଅନ୍ୟ ଜଣେ ନୀଲା ଫରସା, ଗାଙ୍ଗାଲୁର ଏରିଆ କମିଟି ସଦସ୍ୟା। ଉଭୟଙ୍କ ନାମରେ ସରକାର ୫ ଲକ୍ଷର ପୁରସ୍କାର ଘୋଷଣା କରିଥିଲେ। ଏହି ୨ଜଣଙ୍କ ମୃତଦେହ, ୨ ବନ୍ଧୁକ ସହ ବହୁ ସାମଗ୍ରୀ ପୋଲିସ ଜବତ କରିଛି।

ବିଜାପୁର ଜିଲା ମିରତୁର ଓ ଗାଙ୍ଗାଲୁର ଥାନା ଅଞ୍ଚଳ ଜସେମାରକା ଓ କମକାବାର ଜଙ୍ଗଲରେ ପଶ୍ଚିମ ବସ୍ତର ଡିଭିଜନ କମାଣ୍ଡର ପାଣ୍ଡୁରୁ, ଭେରମଗଡ଼ ଏରିଆ କମିଟି ଏସିଏମ୍ ଜଗା, ସୋନୁ, ରାକେଶ କଡତିଙ୍କ ସମେତ ୧୫ରୁ ୨୦ ମାଓବାଦୀ କ୍ୟାମ୍ପ କରିଥିବା ଖବର ପାଇ ବିଜାପୁର ପୋଲିସ ସହ ଏସ୍‌ଟିଏଫ୍ ଓ ଡିଆର୍‌ଜି ଯବାନ କୋମ୍ବିଂ କରିଥିଲେ। ପୋଲିସ ଉପରକୁ ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚଳାଇଥିଲା। ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ ମହିଳା ମାଓବାଦୀଙ୍କ ମୃତଦେହ ଠାବ କରିଥିଲା।

# ମାଟ୍ରିକରେ କମ୍ ନମ୍ବର ରହିବାରୁ ଆତ୍ମହତ୍ୟା ଉଦ୍ୟମ

**ବୈଶିଙ୍ଗା/ ବେତନଟୀ, ୨୬।୫ (ରତନ ଦାଶ)/(ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ମାଟ୍ରିକ୍ ପରୀକ୍ଷାରେ କମ୍ ନମ୍ବର ରହିବାରୁ ମାନସିକ ଭାରସାମ୍ୟ ହରାଇ ଜଣେ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ କୀଟନାଶକ ପିଇ ଦେଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଛାତ୍ର ଜଣକ ତାଙ୍କ ମାମୁଘର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଜାମୁନିଆ ଗ୍ରାମରେ ରହି ପାଠ ପଢୁଥିଲେ। ସେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ବୋଲି ଭାବିଥିଲେ। ମାତ୍ର ସେ ମୋଟ ୨୪୨ ନମ୍ବର ରଖିଥିବା ଦେଖି ଭାଙ୍ଗିପଡ଼ିଥିଲେ। ମଧ୍ୟାହ୍ନରେ ସେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ।

# ବାଘଛାଲ ଜବତ, ୫ ଗିରଫ



ବନବିଭାଗ ଦ୍ୱାରା ଜବତ ହୋଇଥିବା ବାଘଛାଲ।

**ଖଡ଼ିଆଲ,୨୬।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖଡ଼ିଆଲ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ, ୨୨ ତାରିଖରେ ଉଦନ୍ତୀ ସୀତାନଦୀ ଟାଇଗର ପ୍ରୋଜେକ୍ଟର କର୍ମଚାରୀମାନେ ଖଡ଼ିଆଲ ବନାଞ୍ଚଳର କୋମନା ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ସେକ୍ସନ ହରିପୁର ଗ୍ରାମଠାରେ ଏକ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ଖବର ପାଇଥିଲେ। ସେମାନଙ୍କଠାରୁ ସୂଚନାପାଇ ଖଡ଼ିଆଲ ବନାଞ୍ଚଳର କର୍ମଚାରୀମାନେ ସଦଳବଳ ହରିପୁରଗ୍ରାମଠାରେ ଗ୍ରାହକ ସାଜି ପହଞ୍ଚି ଚଢ଼ାଉ କରିଥିଲେ। ସେମାନେ ବାଘଛାଲକୁ ଜବତ କରିବା ସହ ସେହି ଗ୍ରାମର ଚିନୁ ପରାଭୋଇ, ଚାନ୍ଦୋପଲା ଗ୍ରାମର ଜଦୁ ପହରିଆଙ୍କୁ ଗିରଫ କରିଥିଲେ। ପରେ ଘଟଣାର ତଦନ୍ତ କରି ସମ୍ପୃକ୍ତ ଥିବା ଖଡିଆଲ ବ୍ଲକ ଜୁନାନୀ ଗ୍ରାମର ରମେଶ ମାଝି, ଭୋଜପୁର ଗ୍ରାମର ତୁଳସୀରାମ ପରାଭୋଇ, ବଲାଙ୍ଗୀରର ଜିଲା ଯାମଖୁଟା ପଞ୍ଚାୟତର ମାଳପଡ଼ାର ପବିତ୍ର ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ଋଣ ଶୁଝି ନ ପାରିବାରୁ ଯୁବକଙ୍କ ଆତ୍ମହତ୍ୟା

**ପରଜଙ୍ଗ,୨୬।୫ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ କୁମୁଣ୍ଡି ପଞ୍ଚାୟତ ରିଆ ଗ୍ରାମର ଚିକନ ସାମଲ(୪୧) ଋଣ ଟଙ୍କା ଶୁଝି ନ ପାରି ରବିବାର ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଚିକନ ସାମଲଙ୍କ ସ୍ତ୍ରୀ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଦସ୍ୟା ଅଛନ୍ତି। ଉକ୍ତ ଗୋଷ୍ଠୀରୁ ଚିକନ କିଛି ଟଙ୍କା ଧାର ଆଣିଥିଲେ। ସେହି ଟଙ୍କା ଶୁଝି ନ ପାରିବାରୁ ଗୋଷ୍ଠୀ ଓ ଚିକନଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଫଳରେ ଚିକନଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଚିକନ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଚିକନଙ୍କ ସମ୍ପର୍କୀୟଙ୍କ ଅଭିଯୋଗକ୍ରମେ ସାଆନ୍ଦା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୧୧୯୦ ବୋତଲ କଫ୍ ସିରପ୍ ଜବତ, ୩ ଗିରଫ

- **କଟକରୁ ବଲାଙ୍ଗୀର ଚାଲାଣ ବେଳେ ଧରାପଡ଼ିଲା**
- **ବୋଲେରୋକୁ ଏସ୍କର୍ଟ କରୁଥିଲା ଆପାଚି ବାଇକ୍**

**ବଲାଙ୍ଗୀର,୨୬।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଏକ ବୋଲେରୋରେ କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା ୧୧୯୦ ବୋତଲ କଫ୍ ସିରପ୍‌କୁ ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବଲାଙ୍ଗୀର ବରପାଲିପଡ଼ାର ରୋହନ ଜେନା, କନ୍ଧପାଲିପଡ଼ାର ରାଜେନ୍ଦ୍ର ବାରିକ ଏବଂ ମଣ୍ଟୁ ବାରିକ। ପୋଲିସ ଚଢ଼ାଉ ସମୟରେ ୭/୮ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ଏହି କଫ୍ ସିରପ୍ ଚୋରାଚାଲାଣ ସମ୍ପର୍କରେ ସୂଚନା ଦେଇଥିଲେ।




ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ କଫ୍ ସିରପ୍ ଓ ଗାଡ଼ି।

ପ୍ରକାଶ ଯେ, କଟକ ଅଞ୍ଚଳରୁ ଏକ ବୋଲେରୋ (ନଂ.ଓଡି ୦୮ ଇ ୮୭୬୨)ରେ ବହୁ ପରିମାଣର କଫ୍ ସିରପ୍ ଚୋରାଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବଲାଙ୍ଗୀର-ବରଗଡ଼-ସମ୍ବଲପୁର ରାସ୍ତାରେ ପାଟ୍ରୋଲିଂ ଆରମ୍ଭ ହୋଇଥିଲା। ଏକ ଆପାଚି ବାଇକ୍‌ରେ ଜଣେ ଯୁବକ କଫ୍ ସିରପ୍ ବୋଝେଇ ବୋଲେରୋକୁ ଏସ୍କର୍ଟ କରୁଥିବା ଦେଖିବା ପରେ ବଲାଙ୍ଗୀର ପୋଲିସ ଟିମ୍ ସହର ଉପକଣ୍ଠ ଏକ ଗାଡ଼ି ଶୋ'ରୁମ୍ ପାଖରେ ଉକ୍ତ ବୋଲେରୋ ଓ ବାଇକ୍‌କୁ ଘେରିଥିଲା। ପୋଲିସ ଟିମ୍‌ର ଅତର୍କିତ କାର୍ଯ୍ୟାନୁଷ୍ଠାନ ଦେଖି କଫ୍ ସିରପ୍ ଚୋରା ଚାଲାଣକାରୀମାନଙ୍କ ମଧ୍ୟରୁ ୭/୮ ଜଣ ଫେରାର ହେବାରେ ସଫଳ ହୋଇଥିଲେ। ତେବେ ପୋଲିସ ଟିମ୍ ୩ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏଥିସହ କଫ୍ ସିରପ୍ ଭର୍ତ୍ତି ବୋଲେରୋ ଓ ଆପାଚି ବାଇକ୍‌କୁ ଜବତ କରିଥିଲା। ସେହି ଗାଡ଼ିରୁ ୧୧୯୦ ବୋତଲ ମନୋକଫ୍ ଏବଂ ଏସ୍କଫ୍ ବ୍ରାଣ୍ଡର କଫ୍ ସିରପ୍ ମିଳିଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (୪୦୮/୨୪) ରୁଜୁ କରାଯାଇ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ବିଶ୍ୱଜିତ୍ ମନବୋଧ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ମାମଲା ରହିଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଥିଲେ।

କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଣିଷ ଭିତରୁ ମଧ୍ୟ ଅତିମାନବ ଉଠିଆସିବ। -ଶ୍ରୀଅରବିନ୍ଦ

-ଶରଣ ଆରମ୍ଭ



# ଦାୟିତ୍ୱହୀନତାରୁ ବିପର୍ଯ୍ୟୟ

ଏବେ ଦୁଇଟି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିବା ଭଳି ବିଷୟ ଭାବେ ଉଭା ହୋଇଛି। ୨୫ ମେ' ୨୦୨୪ରେ ଗୁଜରାଟର ରାଜକୋଟସ୍ଥିତ ଗେମିଂ ଜୋନ୍‌ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିବାରୁ ୯ ଯୁବକଙ୍କ ସମେତ ୨୭ ଜଣଙ୍କ ମୃତ୍ୟୁ ଏବଂ ସେହି ୨୫ ମେ' ମଧ୍ୟରାତ୍ରିରେ ନୂଆଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲରେ ନିଆଁ ଲାଗି ୭ ଜଣ ନବଜାତଙ୍କ ପ୍ରାଣହାନି ଘଟିଛି। ଦୁଇଟି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଇତିମଧ୍ୟରେ ଗୁଜରାଟ ହାଇକୋର୍ଟ ନିଜ ଆଡୁ ଏହି ବିଷୟକୁ ଗମ୍ଭୀରତାର ସହିତ ନେଇ ତୁରନ୍ତ ରିପୋର୍ଟ ଦେବାକୁ ରାଜ୍ୟ ସରକାର ଓ ମ୍ୟୁନିସିପାଲ କର୍ପୋରେଶନକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଦିଲ୍ଲୀ ଘଟଣାରେ ଲ୍ୟାଫ୍‌ଟନାଣ୍ଟ ଜେନେରାଲ ଭି. କେ. ସାକ୍ସେନା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଉପରୋକ୍ତ ଦୁଇଟି ଦୁର୍ଘଟଣାକୁ ଦେଖିଲେ ସେସବୁ ମନୁଷ୍ୟକୃତ। ଶୁଣିବାକୁ ମିଳୁଛି, କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରାଜକୋଟ ଗେମିଂ ଜୋନ୍ ବେଆଇନ ଭାବେ ଚାଲୁଥିଲା। ସେହିଭଳି ନୂଆଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲରେ ନିଆଁ ଲାଗି ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଏହାର ମାଲିକ ଡାକ୍ତର ନବୀନ କିଚି ଫେରାର ହୋଇଯାଇଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କୁ ଅଟକ ରଖାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ସମ୍ପୃକ୍ତ ହସ୍ପିଟାଲରେ ରୋଗୀଙ୍କ ନିରାପତ୍ତାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଅବଶ୍ୟ ଏଭଳି ଘଟଣା ଅତୀତରେ ଓଡ଼ିଶା ସମେତ ଅନେକ ରାଜ୍ୟରେ ବାରମ୍ବାର ଘଟିଛି। କେବଳ ଲାଭକୁ ଅନାଇ ଲୋକଙ୍କ ସାଧାରଣ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ଅନୁମତି ଦେଉଥିବା ଓ ଯାଞ୍ଚ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଅଭାବନୀୟ ଘଟଣା ସାମ୍ନାକୁ ଆସୁଛି। ଅଧିକାରୀମାନେ ଲାଞ୍ଚ ନେଇ ଲାଇସେନ୍ସ ଦେଇ ଦେଉଥିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ କୋର୍ଟ ଏବଂ ସରକାରଙ୍କ ତଦନ୍ତ କେବଳ ନିର୍ଦ୍ଦେଶ ଭିତରେ ସୀମିତ ରହିବାରେ ବେଆଇନ ଉପାୟ ଅନୁସରଣ କରୁଥିବା ବ୍ୟକ୍ତିମାନେ ଚେତିବେ ନାହିଁ। ଏଭଳି ମାମଲାକୁ କ୍ରମାଗତ ଅନୁସରଣ କରାଯାଇ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଆଗଲେ ହୁଏତ ଅବହେଳାରୁ ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାତ୍ରା କମିପାରନ୍ତା।

> **ଆମ ଦେଶର ସବୁଠାରୁ ବଡ଼ ରୋଗ ହେଉଛି ଦାୟିତ୍ୱହୀନତା। କେହି କୌଣସି କାର୍ଯ୍ୟ କରିବାକୁ ଉତ୍ତରଦାୟୀ ରହୁ ନ ଥିବାରୁ ସବୁ ସ୍ତରରେ ମନଇଚ୍ଛା କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହେଉଛି ସେହିଭଳି କାର୍ଯ୍ୟ ନ କରି ଅବହେଳା କରିବାର ସୁଯୋଗ ମଧ୍ୟ ସୃଷ୍ଟି ହେଉଛି।**

କେବଳ ଅଗ୍ନିକାଣ୍ଡରେ ମୃତ୍ୟୁ ଘଟୁଛି, ତାହା ନୁହେଁ। ୨ ଜୁନ୍ ୨୦୨୩ରେ ବାଲେଶ୍ୱର ଜିଲା ବାହାନଗା ରେଳ ଷ୍ଟେଶନରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ମଧ୍ୟ ମନୁଷ୍ୟକୃତ ଥିଲା ଓ କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟରେ ଅବହେଳା କରିଥିବା ହେତୁ ଏହା ଘଟିଥିଲା। ଏଥିରେ ୨୯୬ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ଆହତ ହୋଇଥିଲେ। ସେହିପରି ୩୦ ଅକ୍ଟୋବର ୨୦୨୨ ସନ୍ଧ୍ୟାରେ ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁ ନଦୀରେ ୧୦୦ ବର୍ଷର ପୁରୁଣା ସସ୍ପେନ୍‌ସନ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ୧୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇ ପାଣିରେ ଫସିରହିଥିଲେ। ଉକ୍ତ ଝୁଲା ପୋଲ ବ୍ରିଟିଶ ସରକାର ଅମଳରେ ନିର୍ମାଣ କରାଯାଇଥିଲା। ଏହା ଦୁର୍ବଳ ହୋଇଯାଇଥିବାରୁ ତାହାର ମରାମତି କରାଯାଇଥିଲା। ପୁନଃ ନିର୍ମାଣ ପରେ ସେହିବର୍ଷ ୨୬ ଅକ୍ଟୋବରରେ ଖୋଲାଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ, ମୋର୍ବି ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କ ନିକଟରୁ ଫିଟ୍‌ନେସ୍ ସାର୍ଟିଫିକେଟ ମିଳି ନ ଥିବା ସତ୍ତ୍ୱେ ସର୍ବସାଧାରଣଙ୍କ ପାଇଁ ଉକ୍ତ ବ୍ରିଜ୍‌କୁ ଖୋଲି ଦିଆଯାଇଥିଲା। ଅନୁରୂପ ଭାବେ ୩୧ ମାର୍ଚ୍ଚ ୨୦୧୬ରେ କୋଲକାତାର ଗିରିଶ ପାର୍କ ଅଞ୍ଚଳରେ ନିର୍ମାଣାଧୀନ ବିବେକାନନ୍ଦ ରୋଡ୍ ଫ୍ଲାଏଓଭର ଭୁଶୁଡ଼ି ପଡ଼ିବାରୁ ୨୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୮୦ ଜଣ ଆହତ ହୋଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ମନକୁ ଆସୁଛି। ଏସବୁ ଦୁର୍ଘଟଣା ହେଉଛି ମନୁଷ୍ୟକୃତ ଓ ଲାଞ୍ଚରୁ ଜନ୍ମ। ଆମ ଦେଶର ସବୁଠାରୁ ବଡ଼ ରୋଗ ହେଉଛି ଦାୟିତ୍ୱହୀନତା। କେହି କୌଣସି କାର୍ଯ୍ୟ କରିବାକୁ ଉତ୍ତରଦାୟୀ ରହୁ ନ ଥିବାରୁ ସବୁ ସ୍ତରରେ ମନଇଚ୍ଛା କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହେଉଛି। ସେହିଭଳି କାର୍ଯ୍ୟ ନ କରି ଅବହେଳା କରିବାର ସୁଯୋଗ ମଧ୍ୟ ସୃଷ୍ଟି ହେଉଛି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | 4 | 1 | | | |
| | 5 | | | 8 | | | | |
| 1 | | 3 | 9 | | | 4 | | |
| | | | | | 8 | 9 | | 6 |
| 7 | | | 1 | | | | | |
| | | | | 9 | | | | |
| 2 | 9 | 7 | | | | 4 | | |
| | 4 | 8 | | | | | | 1 |
| 6 | | | | | | | 2 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 8 | 6 | 9 | 1 | 3 | 4 | 7 |
| 3 | 6 | 4 | 5 | 7 | 8 | 2 | 1 | 9 |
| 9 | 1 | 7 | 3 | 2 | 4 | 5 | 8 | 6 |
| 2 | 4 | 3 | 7 | 6 | 9 | 1 | 5 | 8 |
| 1 | 5 | 9 | 8 | 3 | 2 | 7 | 6 | 4 |
| 8 | 7 | 6 | 1 | 4 | 5 | 9 | 3 | 2 |
| 6 | 9 | 2 | 4 | 5 | 3 | 8 | 7 | 1 |
| 7 | 3 | 1 | 9 | 8 | 6 | 4 | 2 | 5 |
| 4 | 8 | 5 | 2 | 1 | 7 | 6 | 9 | 3 |

ଗତକାଲିର ଉତ୍ତର

# ରାଜନେତାଙ୍କ ଅନୁଭବ ବାହାରେ



ହରେକୃଷ୍ଣ ପଣ୍ଡା

ଅନ୍ୟାନ୍ୟ ଦେଶ ଭଳି ଭାରତ ଏକ ଭୂଖଣ୍ଡ ନୁହେଁ। ଏ ଦେଶର ମାଟି, ଗୋଡ଼ି, ପାହାଡ଼, ପର୍ବତ ଜୀବନ୍ତ ବୋଲି ମହାନ ଋଷିଦ୍ରଷ୍ଟା ଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି। ଏହାକୁ ଏକ ଭାବାବେଗ ବା କଳ୍ପନା ବୋଲି କହିହେବ ନାହିଁ। ଏ କଥାଟି ବୁଝାଇ ଦେବାର ତାତ୍ପର୍ଯ୍ୟ ହେଉଛି, ଏହି ଭୂଖଣ୍ଡରେ ବହୁ ମହାମନୀଷୀ,ସାଧୁସନ୍ଥ ଜନ୍ମଗ୍ରହଣ କରି ସମଗ୍ର ଜଗତର କଲ୍ୟାଣ ପାଇଁ ମାର୍ଗ ଦର୍ଶାଇ ଯାଇଛନ୍ତି। ବେଦ,ବେଦାନ୍ତ,ଉପନିଷଦ ଆଦି ଗ୍ରନ୍ଥ ଓ ଦର୍ଶନ ଏହି ଦେଶରୁ ପ୍ରକାଶ ପାଇଛି। ଯେଉଁଥିପାଇଁ ସାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ଆଜି ଆଶ୍ଚର୍ଯ୍ୟ। ଭାରତବାସୀ ଏହାକୁ ଆଚରଣ ବା କାର୍ଯ୍ୟରେ ପରିଣତ କରିପାରିଲେ ଜଗଦ୍‌ଗୁରୁ ହୋଇପାରିବେ। ଏହି ଅର୍ଥରେ ଭାରତ ବିଶ୍ୱର ଗୁରୁ ହୋଇପାରିବ, ଯେହେତୁ ଭାରତର ପ୍ରାଚୀନ ସମ୍ପଦର ମାର୍ଗିକବୋଧକୁ ହଜାରେ ବର୍ଷ ତଳୁ ସନାତନ ସଂସ୍କୃତି ବା ସନାତନ ଧର୍ମ ବା ଭାରତୀୟତା ବୋଲି କୁହାଯାଇ ଆସୁଛି। ଯାହାକୁ ସାରା ବିଶ୍ୱ ଆଜି ପର୍ଯ୍ୟନ୍ତ ଗ୍ରହଣ କରି ଆସିଛି। କିନ୍ତୁ ଭାରତର ରାଜନୈତିକ ପୃଷ୍ଠପୋଷକମାନେ ଭିନ୍ନ ଭିନ୍ନ ଅର୍ଥ କରି ଏହାର ସ୍ୱରୂପକୁ କଦର୍ଥ କରି ଚାଲିଛନ୍ତି। ଖାଲି ସେତିକି ନୁହେଁ ଯେଉଁ ପାଶ୍ଚାତ୍ୟ ଜଗତ ଭାରତ ପ୍ରତି ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଆଣିଥିଲେ, ସେମାନଙ୍କ ମାନସିକତାକୁ ଦୋହଲାଇ ଦେବାକୁ ବସିଛି ଆଜିର ଭାରତୀୟ ରାଜନୀତି। ସମଗ୍ର ବିଶ୍ୱ ଭୂଖଣ୍ଡରେ ଭାରତ ଏକ ମହାନ୍ ଦେଶ ବୋଲି ସୁପ୍ରତିଷ୍ଠିତ। କାରଣ ସମଗ୍ର ବିଶ୍ୱ ମାନବସମାଜ ପାଇଁ ଭାରତୀୟ ଦର୍ଶନରେ ରହିଛି କଲ୍ୟାଣ ଓ ଊର୍ଦ୍ଧ୍ୱ ଚେତନାର ବାର୍ତ୍ତା। ଏହି ଦୃଷ୍ଟିକୋଣରୁ ଭାବିଲେ ପ୍ରାଚୀନ ଋଷିମାନଙ୍କୁ ନେଇ ଭାରତୀୟତା ଭାବଧାରା ସୃଷ୍ଟି ହୋଇଛି। ଏହି ଭାରତୀୟତା ବାସ୍ତବରେ ରାଷ୍ଟ୍ରୀୟ ଚେତନା ବା ଧର୍ମକୁ ବୁଝାଏ।

କୌଣସି ରାଷ୍ଟ୍ର ତା'ର ଧର୍ମକୁ ଛାଡ଼ିପାରେ ନାହିଁ। ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଧର୍ମ ରହିଛି। ତେବେ ଭାରତ ତା'ର ନିଜସ୍ୱ ଧର୍ମକୁ ନେଇ ଗତି କରିବାରେ ଅସୁବିଧା ରହିଲା କେଉଁଠି? ଆମେ ଭାରତୀୟ ବୋଲି କହିବାରେ ଦ୍ୱିଧାବୋଧ କାହିଁକି? ଭାରତୀୟତା କହିଲେ, ଆମ ପ୍ରାଚୀନ ସଂସ୍କୃତି, ଦର୍ଶନ, ମାନବିକତା ଓ ଆଧ୍ୟାତ୍ମିକତାବୋଧକୁ ବୁଝାଏ। ଗାନ୍ଧିଜୀ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ। ରାମରାଜ୍ୟ ଅର୍ଥ ମଣିଷର ସୁଖ, ସମୃଦ୍ଧି, ଶାନ୍ତି ଓ ସାମାଜିକ ସୁରକ୍ଷା ବା ଧର୍ମକଙ୍କୁ ବୁଝାଏ। ଏହା ସବୁ ସମ୍ପ୍ରଦାୟ ଲୋକଙ୍କ କାମ୍ୟ। ଏହା ହିଁ ଭାରତୀୟତା, ଏହାକୁ ସବୁ ସମ୍ପ୍ରଦାୟ ଗ୍ରହଣ କରିନେଲେ ଅସୁବିଧା କେଉଁଠି? ମଣିଷ ଭଳି ଗୋଟିଏ ରାଷ୍ଟ୍ରର ଆତ୍ମା, ମନ, ପ୍ରାଣ, ଶରୀର ଅଛି। ଏହାକୁ କେହି ସ୍ୱୀକାର କରି ନ ପାରନ୍ତି, ଏହାକୁ ନେଇ ଯୁକ୍ତି କରାଯାଇପାରେ। କିନ୍ତୁ ଏହାକୁ ଭାବି ନେବାରେ ଏଥିପାଇଁ ନିଜର ମାନସିକତାକୁ ପ୍ରସ୍ତୁତ କରିବାରେ କିଛି ଅସୁବିଧା ତ ନାହିଁ। ଯେଉଁମାନେ ଭାରତକୁ ହିନ୍ଦୁ ରାଷ୍ଟ୍ର ବୋଲି କହିବାକୁ ଚାହାନ୍ତି ନାହିଁ, ଅସହିଷ୍ଣୁତା ପ୍ରକାଶ କରନ୍ତି ସେମାନଙ୍କ ପାଇଁ ବିକଳ୍ପ ନୀତି ହେଉଛି ଭାରତୀୟତାବୋଧ। ଭାରତୀୟତା ହେଉଛି ସମଗ୍ର ବିଶ୍ୱ ପାଇଁ ଏକ ବୃହତର ଦର୍ଶନ। ଏହି ଚିନ୍ତାଧାରା ବ୍ୟତିରେକେ ଏବେ ଦେଶରେ ଯେଉଁ ଯୁଦ୍ଧି, ଦ୍ୱନ୍ଦ୍ୱ, ଉତ୍ତେଜନା, ବିବାଦ, ହିଂସା, ରାଜନୈତିକ ଯୁଦ୍ଧ ଲାଗିଛି ତା'ର ସମାଧାନ ଅନ୍ୟ ପନ୍ଥା ନାହିଁ। ଏହି ବିବାଦ ବାସ୍ତବରେ ଅନାହୂତ। ନିଜର ରାଷ୍ଟ୍ର ଧର୍ମ କ'ଣ ତାହା ବୁଝି ନ ପାରି ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କୁ ନିଜ ସମର୍ଥନକୁ ଆଣିବା ପାଇଁ କିଛି ରାଜନୀତିଜ୍ଞଙ୍କର ଏହା ଏକ ଚକ୍ରାନ୍ତ ବା ମସୁଧା ବୋଲି କୁହାଯାଇପାରେ। ଗାନ୍ଧିଜୀ ସର୍ବଧର୍ମ ସମନ୍ୱୟର ସ୍ୱପ୍ନ ଦେଖିଥିଲେ। ସେ କିନ୍ତୁ ଭାରତର ରାଷ୍ଟ୍ରଧର୍ମ ଭାରତୀୟତା ଭଳି ଏକ ଜାତୀୟତାବୋଧକୁ ଅସ୍ୱୀକାର କରି ନ ଥିଲେ। ଏହି ଜାତୀୟତାବୋଧ ଭାବକୁ ନେଇ ସ୍ୱାଧୀନତା ଆନ୍ଦୋଳନ କରାଯାଇଥିଲା। ସେହି ଭାବଧାରାକୁ ନେଇ ହଜାର ହଜାର ଜନସାଧାରଣ ନିଜର ପ୍ରାଣବଳୀ ଦେଇଥିଲେ।



ଏବେ ସ୍ୱାଧୀନତା ପରେ ସେହି ଭାବଧାରାରୁ ଦୂରେଇ ରହୁଥିବା ରାଜନୀତିଜ୍ଞ, ରାଜନେତା, ରାଜନୈତିକ କର୍ମୀ, ଶାସକ, ପ୍ରଶାସକ, କିଛି ଧର୍ମୀୟ ପ୍ରବକ୍ତା ବା ଦେଶର ବୁଦ୍ଧିଜୀବୀ ବୋଲାଉଥିବା ବ୍ୟକ୍ତି ନିଜ ଦେଶପ୍ରତି ଅନ୍ୟାୟ ଆଚରଣ କରୁନାହାନ୍ତି କି? ବ୍ୟକ୍ତିର ଗର୍ବ ଗୌରବର ଅନୁଭୂତି ଆଣିବାରେ ଯେଉଁମାନେ ବାଧା ସୃଷ୍ଟି କରି ଚାଲିଛନ୍ତି ସେମାନେ ଯେଉଁ ସ୍ତରର ହୁଅନ୍ତୁ ନା କାହିଁକି ସେମାନଙ୍କଠାରେ ରାଷ୍ଟ୍ରୀୟ ଚେତନା ନ ଥିବା ବୁଝାଯାଇପାରେ।

ଏହା ସ୍ୱୀକାର କରାଯାଇପାରେ ଯେ ଭାରତରେ ବିଭିନ୍ନ ଧର୍ମୀୟ ବ୍ୟକ୍ତି, ବିଭିନ୍ନ ଭାଷାଭାଷୀ, ବିଭିନ୍ନ ସଂସ୍କୃତିର ଲୋକ ବାସ କରୁଛନ୍ତି ତା' ବୋଲି ନୁହେଁ ଯେ ଭାଷା ଓ ଧର୍ମୀୟ ଆଚରଣକୁ ନେଇ ଦେଶରେ ଭିନ୍ନ ଭିନ୍ନ ଶାସନ ବା ଆଇନ ରହିବା ଉଚିତ ହେବ। ସ୍ୱାଧୀନତା ପରେ ଭାରତର ଯେଉଁ ସମ୍ବିଧାନ ପ୍ରଣୟନ କରାଗଲା ସେଥିରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ଦିଆଯାଇଛି। କିନ୍ତୁ ସେତେବେଳେ ଶାସନ କ୍ଷେତ୍ରରେ ଯେଉଁ ଭିନ୍ନ ଅଙ୍କନ ସମ୍ପ୍ରଦାୟଙ୍କୁ ଅଧିକାରକୁ ସାବ୍ୟସ୍ତ କରାଯାଇଥିଲା ତାହା ଦୀର୍ଘ ୭୫ ବର୍ଷ ପରେ ସମୀକ୍ଷା ସ୍ତରକୁ ଆସିଗଲା। କାରଣ ଏବେ ଯେତେବେଳେ ସମଗ୍ର ବିଶ୍ୱ ଗୋଟିଏ ପରିବାର ତୁଲ୍ୟ ମନେହେଲା ସେତେବେଳେ ଭାରତ ତା'ର ରାଷ୍ଟ୍ର ଧର୍ମକୁ ସମୀକ୍ଷା କରିବା ଏକାନ୍ତ ଆବଶ୍ୟକ। ସମଗ୍ର ବିଶ୍ୱରେ ମାନବବାଦର ପ୍ରତିଷ୍ଠା ପାଇଁ ଯେତେବେଳେ ସ୍ୱର ଉଠିଲାଣି, ସେ କ୍ଷେତ୍ରରେ ଭାରତରେ ବିଚ୍ଛିନ୍ନତାବାଦର ଅର୍ଥ ବଦଳିବା ସ୍ୱାଭାବିକ। ବିଶେଷ ଶିକ୍ଷିତ ଯୁବପିଢ଼ିଙ୍କ ଚିନ୍ତନ ମୂଲ୍ୟବୋଧକୁ ଆଦରି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେଲେଣି। ତେଣୁ ଭାରତରେ ଭାଷା, ଧର୍ମ, ସଂସ୍କୃତିକୁ ନେଇ ଭବିଷ୍ୟତକୁ ଧରିବା ପାଇଁ ଧାର୍ଯ୍ୟରେ ନାଗରିକମାନେ କେବେହେଲେ ବିଭାଜନ ପ୍ରକ୍ରିୟାକୁ ଗ୍ରହଣ କରିବେ ନାହିଁ। ଅତୀତର ଶାସକମାନେ ଯେଉଁ ଭୁଲ ପ୍ରଥାକୁ ଗ୍ରହଣ କରିଥିଲେ ଏବେକାର ଶାସକମାନେ ଯଦି ସେହି ଭୁଲ ପ୍ରଥାର ସଂଶୋଧନ ନ କରି ଆଗକୁ ବଢ଼ନ୍ତି ତେବେ ଦେଶରେ ପ୍ରଗତି ସମ୍ଭବ ହୋଇପାରିବ ନାହିଁ। ଦେଶର ଶିକ୍ଷିତ ନାଗରିକମାନେ ଏମାନଙ୍କୁ କେବେହେଲେ କ୍ଷମା କରିବେ ନାହିଁ। ଦେଶରେ ଏକକ ଆଇନର ଆବଶ୍ୟକତା ଦେଖାଦେଇଥିବା ବେଳେ ସବୁପ୍ରକାର ଆଇନକାନୁନ ବ୍ୟବସ୍ଥା ମଧ୍ୟରେ ନ୍ୟାୟ ପ୍ରତିଷ୍ଠାର ଆବଶ୍ୟକତା ଦେଖାଦେଇଛି। ପ୍ରଗତି ପ୍ରସଙ୍ଗରେ ଦେଶର କିଛି ପୁରୁଣା ହଟିଯିବ, ଆଉ କିଛି ନୂଆ ଜନ୍ମ ନେବ, କିନ୍ତୁ ରାଷ୍ଟ୍ର ଧର୍ମ ଅର୍ଥାତ୍ ରାଷ୍ଟ୍ରକୁ ଯିଏ ଧରିରଖିବ ତା'ର ବିଲୋପ ହେବ ନାହିଁ। ତାହା ହେଉଛି ରାଷ୍ଟ୍ରୀୟ ଚେତନା।

ରାଷ୍ଟ୍ରବାଦ କହିଲେ, କେବଳ ରାଜନୈତିକ କାର୍ଯ୍ୟକ୍ରମକୁ ବୁଝାଏ ନାହିଁ। ଏହା ହେଉଛି ଏକ ଜୀବନାଦର୍ଶ, ଯାହାକୁ ଜୀବନର ମାର୍ଗ ବୋଲି କୁହାଯାଏ। ଏହା ହେଉଛି ଜାତୀୟ ସ୍ୱକୀୟ ପ୍ରତିଭା ଏବଂ ଜନଗଣଙ୍କ ପ୍ରାଣଗତ ଯଥାର୍ଥ ଭାବଧାରା ଓ ଜାତୀୟ ଅଭୀପ୍ସାର ପ୍ରାଣଗତ କେନ୍ଦ୍ର। ଦେଶର ଯାହା କିଛି ସୁନ୍ଦର, ଉଦାର, ବୃହତ୍ ସେଗୁଡ଼ିକର ଅସଲ ଉତ୍ସ ହେଉଛି ଜାତୀୟତାବାଦ। କୁଳବୃଦ୍ଧ ମଧୁସୂଦନ ଦାସ ଯଥାର୍ଥରେ କହିଛନ୍ତି- ଜାତି ଇତିହାସ, ଜାତିର ନିର୍ଭର, ସଦା ବହେ ତହିଁ ଜାତି ପ୍ରାଣ ଧାରା। ସେ ଧାରାରୁ ନୀର ପିଇଛି ଯିଏ ନର, ନିଶ୍ଚୟ ହେବ ସେ ଜାତିର ଦର୍ପଣ। ବେଦରେ ସ୍ୱୟଂ ଦେବୀ କହୁଛନ୍ତି ଅହଂ ରାଷ୍ଟ୍ରୀ। ବାସ୍ତବରେ ଦେଖିବାକୁ ଗଲେ ପ୍ରତି ନିର୍ବାଚନରେ ଲୋକେ ନିଜର ଗଣତାନ୍ତ୍ରିକ ଶକ୍ତି ପ୍ରୟୋଗ କରିଆସନ୍ତି ନୂତନ ସମ୍ଭାବନାକୁ ଆଖି ଆଗରେ ରଖି। ସ୍ୱାଧୀନତା ପରେ ଦେଶରେ ଏବେ ଯେଉଁ ଏକ ନୂତନ ଜାତୀୟତାର ବାତାବରଣ ଦେଖାଦେଇଛି, ତାହା ଏକ ନୂତନ ସରକାର ଗଠନ କାରଣରୁ ନୁହେଁ, ବରଂ ଜନମାନସରେ ଏକ ନୂତନ ବିଚାର ଓ ଆଶାର ସଞ୍ଚାର ହେତୁ। କ୍ରମଶଃ ରାଷ୍ଟ୍ରୀୟ ଚେତନା ଜାଗ୍ରତ ହେବା କାରଣରୁ ଦେଶରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। କିନ୍ତୁ ଏଯାବତ ଦେଶରେ ରାଜନୈତିକ ନେତୃବୃନ୍ଦଙ୍କ ମନରେ ଏହି ଜାତୀୟତାବୋଧ ଭାବନା ଆସି ନାହିଁ। ସେମାନେ ଚିନ୍ତା କରିବା ଆବଶ୍ୟକ ଯେ କୌଣସି ରାଜନୈତିକ ଦଳ ଏହି ରାଷ୍ଟ୍ର ଶକ୍ତିକୁ ନିର୍ମାଣ କରି ନାହିଁ। କୌଣସି ଧର୍ମ ବା ମତବାଦ ମଧ୍ୟ ଏହାର ନିର୍ମାତା ନୁହନ୍ତି। ଦେଶର କୋଟି କୋଟି ସନ୍ତାନଙ୍କୁ ଯିଏ ନିଜ ବକ୍ଷରେ ବହନ କରିଛି ସେ ହେଉଛି ସ୍ୱୟଂ ଭାରତମାତା। ଏ ଯୁଗର ନେତାମାନେ ଏହା ଅନୁଭବ କରିବା ଏକାନ୍ତ ଆବଶ୍ୟକ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# କୃଷିଭୂମି ରୂପାନ୍ତରଣର ବିପଦ



ଇପ୍ସିତା ମହାନ୍ତି

ପ୍ରାଚୀନ ଭାରତୀୟ ସଂସ୍କୃତ ପୁସ୍ତକରେ କୃଷିଜମି ୧୨ ଶ୍ରେଣୀରେ ବିଭକ୍ତ ଥିଲା। 'ଭୂମିବର୍ଗ' ନାମକ ଏହି ପୁସ୍ତକ ୨ ହଜାର ବର୍ଷ ତଳେ ରଚିତ ହୋଇଥିବା ବିବେଚନା କରାଯାଏ। ମାଟିର ପ୍ରକୃତି ଏବଂ ସେହି ଅଞ୍ଚଳରେ ଜଳର ଉପଲବ୍ଧତା ଆଧାରରେ ଏହି ଶ୍ରେଣୀ ବିଭାଗ ହୋଇଥିଲା। ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜ ଦରବାରର ଶ୍ରୀବୃଦ୍ଧି କରିଥିବା ନବରତ୍ନଙ୍କ ମଧ୍ୟରୁ ଜଣେ ଥିଲେ ଅମରସିଂ। ତାଙ୍କ ରଚିତ ଅମରକୋଷ ଗ୍ରନ୍ଥରେ ମଧ୍ୟ ଭୂମିର ବର୍ଗୀକରଣ ହୋଇଛି। ବିଜ୍ଞାନଙ୍କ ମତରେ ପ୍ରାୟ ୧୦ ହଜାର ବର୍ଷ ପୂର୍ବେ ଉତ୍ତରପ୍ରାଚ୍ୟ ଉର୍ବରଭୂମି ସମେତ ଅଞ୍ଚଳ ବାହାରେ ଭାରତୀୟ ଉପମହାଦେଶରେ ବ୍ୟବସ୍ଥିତ ଢଙ୍ଗରେ ଚାଷ କାର୍ଯ୍ୟ ହେଉଥିଲା। ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକରେ ଏଥିପରି ୧୨ଟି ପ୍ରାଚୀନ ସ୍ଥାନ ଆବିଷ୍କୃତ ହୋଇଛି, ଯେଉଁଠାରୁ ବହୁ ବର୍ଷ ତଳେ ଡାଲି, ବାଜରା ଏବଂ ଗହମ ଚାଷ ହେଉଥିବା ସ୍ପଷ୍ଟ ପ୍ରମାଣ ମିଳିଛି। ଅନ୍ୟ କେତେଜଣ ବିଜ୍ଞାନଙ୍କ ମତରେ ଭାରତୀୟ କୃଷିର ପ୍ରାଚୀନ ଇତିହାସ ପ୍ରାୟ ଖ୍ରୀଷ୍ଟପୂର୍ବ ୯ ହଜାର ବର୍ଷ ପୂର୍ବରୁ ଅର୍ଥାତ୍ ଆଜକୁ ପ୍ରାୟ ୧୧ ହଜାର ବର୍ଷ ତଳେ ଆରମ୍ଭ ହୋଇଥିଲା।

ଏକଥା ସତ୍ୟ ଯେ କୃଷିର ବିକାଶ ପରେ ହିଁ ମନୁଷ୍ୟ ସୁରକ୍ଷିତ ଏବଂ ନିରାପଦ ସ୍ଥାୟୀ ବସତି ଉପରେ ଧ୍ୟାନଦେଲା। ସହରୀକରଣ ଦିଗରେ ଏହା ଥିଲା ମାନବ ଜାତିର ପ୍ରଥମ ପଦକ୍ଷେପ। ବସତି ନିର୍ମାଣ ପରେ ମନୁଷ୍ୟ ସେଠାରେ ନିଜର ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ ଆରମ୍ଭ କରିଥିଲା। ବିକାଶର ସୁବିଧା ଅନ୍ୟମାନଙ୍କୁ ବସତି ପ୍ରତି ଆକର୍ଷିତ କଲା। ବସତିଗୁଡ଼ିକ ଧୀରେ ଧୀରେ ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ଶକ୍ତିର କେନ୍ଦ୍ରରୂପ ପାଲଟିଲେ। ପରବର୍ତ୍ତୀ ସମୟରେ ନିରନ୍ତର ଏହା ନିଜର କାୟାବିସ୍ତାର କରି ଚାଲିଲା। କିଛି ଦଶନ୍ଧି ପୂର୍ବରୁ ମାନବ ଶ୍ରମ ଉପରେ ମେଶିନ(ଯନ୍ତ୍ର)ର ଦକ୍ଷତା ବିସ୍ତାର କରିବାରେ ଥିଲା। ଗ୍ରାମଗୁଡ଼ିକ ଆଧୁନିକ ବିକାଶଠାରୁ ବହୁ ଦୂରରେ ଥିଲେ। ତଥାପି ସମାଜର ପ୍ରଗତିରେ ଗ୍ରାମଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଗତ କିଛି ଦଶନ୍ଧି ମଧ୍ୟରେ ସହରୀକରଣ ଗ୍ରାମରୁ ତାହାର ବହୁମୂଲ୍ୟ ସମ୍ପଦ ଲୁଣ୍ଠନ କରିବା ଆରମ୍ଭ କରିଦେଲା। ଏହି ସମ୍ପଦ ହେଉଛି ଗ୍ରାମର କୃଷି ଜମି।

ଯେହେତୁ ସହରର ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି। ସହରୀ ଲୋକଙ୍କୁ ବାସଗୃହ ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ପାଇଁ ନିରନ୍ତର ନୂତନ ନିର୍ମାଣ ଆବଶ୍ୟକ ହେଉଛି। ସହରୀ ଜୀବନ ଅତି ସାଧାରଣ ହେବାରେ ଲାଗିଛି। ଏଥିପାଇଁ ସାରା ଦୁନିଆରେ ସହରଗୁଡ଼ିକ ଗ୍ରାମର ସୀମା ଆଡ଼କୁ ମାଡ଼ି ଚାଲିଛି। ଗତ କିଛି ଦଶନ୍ଧି ହେଲା ଭାରତରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କୃଷିଜମି ଆବାସିକ(ଘରବାରି) ଜମିରେ ପରିବର୍ତ୍ତିତ ହୋଇ ଅଣକୃଷି କାର୍ଯ୍ୟରେ ବ୍ୟବହୃତ ହେଉଛି। ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନକରି ତାହା ଉପରେ ନୂତନ ନିର୍ମାଣ ପ୍ରକ୍ରିୟାର ଯୁଗ ଆଜି ଭାରତୀୟଙ୍କଠାରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ସରକାରୀ ଆକଳନ ଅନୁଯାୟୀ ୧୯୯୩ରୁ ୨୦୦୦ ମଧ୍ୟରେ ୩୮୫୬.୨ ହେକ୍ଟର କୃଷିଜମିକୁ ଘରବାରି କିସମରେ ରୂପାନ୍ତରିତ କରାଯାଇ ତା' ଉପରେ ନିର୍ମାଣ କାର୍ଯ୍ୟ ହୋଇଥିଲା। ସେବେଠାରୁ ଏହି ଧାରା କ୍ରମାଗତ ଭାବେ ବୃଦ୍ଧି



ପାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରଙ୍କ ପାଖରେ କେବଳ ସେହି ଜମିର ତଥ୍ୟ ରହିଛି, ଯାହା କୃଷିଜମିରୁ ବାଣିଜ୍ୟିକ ବା ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ରୂପାନ୍ତରିତ ହୋଇଥିଲା। କିନ୍ତୁ ଅବୈଧ ନିର୍ମାଣ କିମ୍ବା ଅଧିଗ୍ରହଣ ହୋଇଥିବା କୃଷିଜମିର ପରିମାଣ ଏହାଠାରୁ ଅନେକ ଗୁଣରେ ଅଧିକ। ଏହି ଧାରା ଦୁନିଆର ଅନ୍ୟ ଦେଶରେ ମଧ୍ୟ ଦେଖାଦେଇଛି। ଉଦାହରଣ ସ୍ୱରୂପ, ଚାଇନାର ହ୍ୟାଙ୍ଗ-ଜିଆ-ହୁ ଅଞ୍ଚଳରେ ସହରୀକରଣ ପାଇଁ ସଡ଼କ ନିର୍ମାଣ ସକାଶେ ସମୁଦାୟ ୨୮.୫% ଚାଷଜମି ହ୍ରାସ ପାଇଛି। ଏଭଳି ସ୍ଥିତି ୟୁରୋପ ଏବଂ ଆମେରିକାର ନୀତି ନିର୍ମାତାମାନଙ୍କୁ ଚିନ୍ତିତ କରିଛି। କାନାଡାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୯୮୮ରୁ ୨୦୧୦ ମଧ୍ୟରେ ଯେଉଁ ନଗରୀ ଏବଂ ଉପନଗରୀମାନ ଗଢ଼ି ଉଠିଛି ସେଥିମଧ୍ୟରୁ ୬୭% ନିର୍ମାଣ ଚାଷଜମି ଉପରେ ଠିଆ ହୋଇଛି। ସ୍ପେନ, ପର୍ତ୍ତୁଗାଲ, ରୋମାନିଆ, ଇଥିଓପିଆ, ନାଇଜେରିଆ ଏବଂ ମାଲି ଆଦି ଦେଶର ବିଭିନ୍ନ ସହରରେ କୃଷିଜମିର ଅଣ କୃଷି ବ୍ୟବହାରକୁ ନେଇ ନୀତିନିର୍ମାତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବିଶ୍ୱ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ଭରଣପୋଷଣ ପାଇଁ ଅଧିକ ଖାଦ୍ୟଶସ୍ୟ ଆବଶ୍ୟକ। କିଛି ବର୍ଷ ପୂର୍ବେ ଏକ ରିପୋର୍ଟରେ ଏହା କୁହାଯାଇଥିଲା ଯେ ନିଜ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତକୁ ୨୦୨୫ ସୁଦ୍ଧା ପ୍ରାୟ ୩୦ କୋଟି ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ। କିନ୍ତୁ ଗତ କିଛି ଦଶନ୍ଧି ହେଲା ଦେଶର କୃଷି ଅଭିବୃଦ୍ଧି ହାର ଅସ୍ଥିର ରହିଛି। କେତେକ ପ୍ରସଙ୍ଗରେ ଏଥିରେ ନିରନ୍ତର ହ୍ରାସ ଘଟିଛି। ୨୦୦୫-୦୬ରେ ଭାରତରେ କୃଷିର ଅଭିବୃଦ୍ଧି ହାର ୫.୮% ଥିବାବେଳେ ୨୦୦୯-୧୦ରେ ଏହା ୦.୪%କୁ ଖସିଆସିଥିଲା। ୨୦୧୪-୧୫ରେ ଏଥିରେ ଅଧିକ ନକାରାତ୍ମକତା ଦେଖାଗଲା। ସେହିବର୍ଷ ଏହି ହାର ବିୟୋଗ (-) ୦.୨% ଥିଲା। କୋଭିଡ ପରେ ପୁଣି ଲୋକଙ୍କ ଚାହିଦା ଅନୁପାତରେ କୃଷି ଅଭିବୃଦ୍ଧି ହାର ବୃଦ୍ଧି ନ ହୁଏ ଏବଂ ଅନ୍ୟ ଦିଗରେ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଚାଷଜମିର ରୂପାନ୍ତରଣ ଜାରି ରହେ, ତେବେ ଦେଶକୁ ୧୯୬୦ ଦଶକ ପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସେତେବେଳେ ଖାଦ୍ୟଶସ୍ୟ ପାଇଁ ଆମେ ବାହାର ଦେଶ ଉପରେ ନିର୍ଭର କରିଥିଲୁ। ଆଜି ଏଭଳି ଆଶଙ୍କା ମଧ୍ୟ ସୃଷ୍ଟି ହେଲାଣି।

କିଛି ନୀତି ନିୟମ ସହ କୃଷି ଶୈଳୀରେ ପରିବର୍ତ୍ତନ ଆଣି ଆମେ ଖାଦ୍ୟଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଜାୟ ରଖିପାରିବା। ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି। ଗହମ, ଚାଉଳ, ଡାଲି, ଆଖୁ ଏବଂ କପା ପରି ଫସଲ ଉତ୍ପାଦନରେ ଆମେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛୁ। କିନ୍ତୁ ସଫଳ ଘରୋଇ ଉତ୍ପାଦ(ଜିଡିପି)ରେ କୃଷି କ୍ଷେତ୍ରର ଅବଦାନ କ୍ରମାଗତ ହ୍ରାସ ପାଉଛି। ଆମକୁ ଏହି ବିଷୟରେ ଧ୍ୟାନଦେବାକୁ ପଡ଼ିବ। ୧୯୫୦ ଦଶକରେ ଏହା ୫୦% ଥିଲା, କିନ୍ତୁ ୨୦୧୫-୧୬ରେ ଏହା ୧୫.୪%କୁ ଖସି ଆସିଲା। ଏଥିପାଇଁ ଉନ୍ନତ ଜ୍ଞାନକୌଶଳ, ଶିଳ୍ପୋଦ୍ୟୋଗ ଏବଂ ନିର୍ମାଣ ପରି କ୍ଷେତ୍ରର କ୍ରମାଗତ ବୃଦ୍ଧି ପାଉଥିବା ଯୋଗଦାନ ଯଦିଓ ଏକ ପ୍ରମୁଖ କାରଣ, ତଥାପି ମନେରଖିବାକୁ ହେବ ଯେ ଭାରତ ଏକ କୃଷି ପ୍ରଧାନ ଦେଶ। ଦେଶର ଆଶା କୃଷି ଉପରେ ନିର୍ଭରଶୀଳ। ଏହି ଆଶାକୁ ବଞ୍ଚାଇରଖିବା ପାଇଁ ଅନ୍ନଦାତା ଅର୍ଥାତ୍ କୃଷକମାନଙ୍କର ଜମି, ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ।

ମୋ: ୭୩୦୬୭୩୯୪୦୫

## ଏଇ ଭାରତରେ

ଧୁମ୍‌ଧାମ୍‌ରେ ପୁଅ ବାହାଘର କରିବା ପାଇଁ ଅନେକେ ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ଏମିତି ଇଚ୍ଛା ବେଳେବେଳେ ସମାଜରେ ବଙ୍ଗଳହିବା ଦୁର୍ଭାବନ କରିଦିଏ। ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ହରଦାର ଛିପାନେର ରୋଡ଼ଠାରେ। ଏହି ଅଞ୍ଚଳର ମହମ୍ମଦ ରସିଦ୍ ଚୌହାନ ତାଙ୍କ ପୁଅ ବାହାଘର ଧୁମ୍‌ଧାମ୍‌ରେ କରିବାର ସବୁ ପ୍ରସ୍ତୁତି କରିଥିଲେ। ଭୋଜିଭାତ ସହ ନାଚଗୀତର ବି ଆୟୋଜନ ହୋଇଥିଲା। ଲୋକଙ୍କୁ ଆକର୍ଷିତ କରିବା ଲାଗି ରାଜସ୍ଥାନରୁ ମହିଳା ଘୁମର ନୃତ୍ୟଦଳକୁ ଡକାଯାଇଥିଲା। ହେଲେ ଏହି ନୃତ୍ୟ ହିଁ ରସିଦ୍‌ଙ୍କୁ ଅଡୁଆରେ ପକାଇ ଦେଇଥିଲା। ତାଙ୍କ ସମ୍ପ୍ରଦାୟର ଲୋକେ ଏହି ନୃତ୍ୟକୁ ସହଜରେ ଗ୍ରହଣ କରି ନ ଥିଲେ। ତେଣୁ ମହମ୍ମଦଙ୍କ ପରିବାର ଉପରେ ସେମାନେ ସାମାଜିକ କଟକଣା ଲଗାଇବାର ନିଷ୍ପତ୍ତି ନେଇଥିଲେ। ପରେ ତାଙ୍କ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ରସିଦ୍‌ଙ୍କ ପରିବାର ଉପରେ ସାମାଜିକ ପ୍ରତିବନ୍ଧକ ସହ ଏକ ଲକ୍ଷ ଟଙ୍କାର ଜରିମାନା ଲଗାଇଥିଲେ। ମାତ୍ର ମହମ୍ମଦ ଏହି କଟକଣା ମାନିବାକୁ ଆଦୌ ପ୍ରସ୍ତୁତ ନ ଥିଲେ। କୌଣସି ଅପରାଧ ନ କରି ଦଣ୍ଡ ଭୋଗିବାକୁ କେହି ବି ଗ୍ରହଣ କରିପାରନ୍ତି ନାହିଁ। ସେହି ଦୃଷ୍ଟିରୁ ମହମ୍ମଦ ଗାଁ ଲୋକଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରି ପଦକ୍ଷେପ ଜାରି ରଖିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୭୫

- ରାଜ୍ୟ ମନ୍ତ୍ରିମଣ୍ଡଳରେ ମତଭେଦ କାରଣରୁ ରାଜସ୍ୱମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ଇସ୍ତଫା।
- ରାଜ୍ୟରେ ୨୨,୨୭୫ ଖୋଲା କୂପ ଖନନ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୫.୭୬ କୋଟି ଟଙ୍କା ମଞ୍ଜୁର।

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍‌କଣ ଅଳକା ଭିଜୁଛି ଆଉଟି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କାପୁଛି କଳାପେ
କଜଳ ରେଖା ବିଗୁଡ଼ିଦେଇ ତ ଲିଭିନାହିଁ ଏତେକ୍ଷଣ
ବିବାହର ଥିଉ ବାକି ନାହିଁ ମୋର ସରିନାହିଁ ଯଉବନ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିଠିଲେଖା କମୁଛି

ମହାଶୟ,

ଡାକଘରେ ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ଏବଂ ଲଫାପା ମିଳୁଛି। ଏ ସବୁ ଚିଠିପତ୍ର ଲେଖିବା ନିମନ୍ତେ ବ୍ୟବହାର କରାଯାଏ। ନିତିଦିନ ଏଗୁଡ଼ିକର ବ୍ୟବହାର କରାଯାଉ ନ ଥିବା ଖୋଲାର ବିଷୟ। ସମ୍ପ୍ରତି ମୋବାଇଲ ଦ୍ୱାରା ମଣିଷ ମଣିଷ ମଧ୍ୟରେ ଉତ୍ତମ ବୁଝାମଣା ତଥା ସୁସମ୍ପର୍କ ରହିପାରୁନାହିଁ। ମୋବାଇଲରେ ଯୁକ୍ତି ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ୁଛି। ସରକାରୀ ତଥା ବେସରକାରୀ ସ୍ତରରେ ଏହାର ପ୍ରଚଳନ ବାଧ୍ୟତାମୂଳକ ହୋଇଗଲାଣି। ଏହାକୁ ବାଧ୍ୟତାମୂଳକ କରାଯିବା ଉଚିତ ହେଉନାହିଁ। ଏଣିକି ଜନଜୀବନରେ ଡାକ ଯୋଗେ ଉତ୍ତମ ବୁଝାମଣା ତଥା ସୁସମ୍ପର୍କ ରହିବା ଦରକାର ହେଲାଣି। ଏଥିପ୍ରତି ଜନସାଧାରଣ ଦୃଷ୍ଟିଦେବେ ବୋଲି ଆଶା କରାଯାଉଛି।

-ମନୋରଞ୍ଜନ ମହାରଣା, ରେମୁଣା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସେନାମୁଖ୍ୟଙ୍କ କାର୍ଯ୍ୟକାଳ ମାସେ ବଢ଼ିଲା

ନୂଆଦିଲ୍ଲୀ,୨୬ା୫

କେନ୍ଦ୍ର ସରକାର ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି କରିଛନ୍ତି। ମେ' ୩୧ରେ ଜେନେରାଲ ପାଣ୍ଡେ ଅବସର ନେବାର ଥିଲା। ପରବର୍ତ୍ତୀ ସେନାମୁଖ୍ୟ ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିବାରୁ ରବିବାର ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ପାଣ୍ଡେଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି। ସେ ଜୁନ୍ ୩୦ ପର୍ଯ୍ୟନ୍ତ ସେନାମୁଖ୍ୟ ରହିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ବସ୍ ଉପରେ ଓଲଟିଲା ଟ୍ରକ୍, ୧୨ ଶ୍ରଦ୍ଧାଳୁ ମୃତ

ଶାହଜହାଁପୁର, ୨୬ା୫

ଉତ୍ତରପ୍ରଦେଶର ଶାହଜହାଁପୁରରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ୧୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଶାହଜହାଁପୁରସ୍ଥିତ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏକ ବସ୍ ୫୯ ଶ୍ରଦ୍ଧାଳୁଙ୍କୁ ନେଇ ସୀତାପୁରରୁ ଉତ୍ତରାଖଣ୍ଡର ପୂର୍ଣ୍ଣଗିରି ମନ୍ଦିରକୁ ଯାଉଥିଲା। ଖୁଟର ଥାନା ଅନ୍ତର୍ଗତ ହଜିଆପୁର ଗ୍ରାମ ନିକଟରେ ଏକ ଡମ୍ପର ଟ୍ରକ ଭାରସାମ୍ୟ ହରାଇ ବସ୍ ଉପରେ ଓଲଟି ପଡ଼ିଥିଲା।

### ଦୁର୍ଘଟଣାରେ ପରିବାରର ୬ ମୃତ

ହାସନ, ୨୬ା୫

କର୍ଣ୍ଣାଟକର ହାସନ ଜିଲା ଇଚନ୍‌ହଲ୍ଲୀ ଗ୍ରାମ ନିକଟରେ ରବିବାର ବିପରୀତ ଦିଗରୁ ଆସୁଥିବା ଗୋଟିଏ ଟ୍ରକ ସହ ଏକ କାର୍ ଧକ୍କା ହେବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତକ ବେଙ୍ଗାଲୁରୁ ଗ୍ରାମୀଣ ଜିଲା ଦେବନାହାଲ୍ଲୀ ଗ୍ରାମର ବାସିନ୍ଦା ହୋଇଥିବାବେଳେ ସେମାନେ ଚିକିତ୍ସା ପାଇଁ ମାଙ୍ଗାଲୋରକୁ ଯାଇଥିଲେ। ସେଠାରୁ ଏକ କାର୍ ଯୋଗେ ବେଙ୍ଗାଲୁରୁକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ପୋଲିସ ସୂଚନା ଦେଇଛି।

# ମୋଦି ପୁଣି ମୁଖ୍ୟମନ୍ତ୍ରୀ ହୁଅନ୍ତୁ: ନୀତୀଶ


ନୀତୀଶ କୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ପାଟନାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କାମନା କରିଛନ୍ତି। ୭୩ ବର୍ଷୀୟ ନୀତୀଶ କହିଥିଲେ, ମୁଁ ଚାହେଁ ସାରା ଦେଶରେ ଶାସକ ଏନ୍‌ଡିଏ ୪୦୦ରୁ ଅଧିକ ଆସନରେ ବିଜୟୀ ହେଉ ଏବଂ ଆଦରଣୀୟ ନରେନ୍ଦ୍ର ମୋଦିଜୀ ପୁଣି ମୁଖ୍ୟମନ୍ତ୍ରୀ ହୁଅନ୍ତୁ। ଦେଶର ବିକାଶ ହେଉ ଏବଂ ବିହାରର ବିକାଶ ହେଉ ବୋଲି ସେ କହିଥିଲେ। ତାଙ୍କ ଭୁଲ୍ ସମ୍ପର୍କରେ ମଞ୍ଚରେ ବସିଥିବା ଅନ୍ୟମାନେ ଜଣାଇବା ପରେ ନୀତୀଶ ତାହାକୁ ସୁଧାରି ନେଇ ମୋଦିଜୀ ପୁଣି ପ୍ରଧାନମନ୍ତ୍ରୀ ହେବେ ଓ ଆଗକୁ ବଢ଼ିଚାଲିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ନୀତୀଶ ଏକ ସଭାରେ ଚିରାଗ ପାଶ୍ୱାନଙ୍କ ସ୍ଥାନରେ ତାଙ୍କ ବାପା ତଥା ଦିବଂଗତ ନେତା ରାମବିଳାସ ପାଶ୍ୱାନଙ୍କ ପାଇଁ ଭୋଟ ମାଗିଥିଲେ।

# ଟର୍ବୁଲେନ୍ସରେ କାତାର ବିମାନ: ୧୨ ଯାତ୍ରୀ ଆହତ




ଲଣ୍ଡନରୁ ସିଙ୍ଗାପୁର ଯାଉଥିବା ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନ ଟର୍ବୁଲେନ୍ସର ସମ୍ମୁଖୀନ ହେବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଏହାର ୫ ଦିନ ପରେ କାତାର ଏୟାରୱେଜ୍‌ର ଏକ ବିମାନ ଟର୍ବୁଲେନ୍ସର ସମ୍ମୁଖୀନ ହେବାରୁ ଏହାର ୬ କର୍ମଚାରୀ ଓ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଦୋହାରୁ ଡୁବ୍‌ଲିନ ଯାଉଥିବା ଉକ୍ତ ବିମାନଟି ତୁର୍କୀ ଉପରେ ଉଡୁଥିବାବେଳେ ଏଭଳି ଅଘଟଣର ସମ୍ମୁଖୀନ ହୋଇଥିଲା। ରବିବାର ଅପରାହ୍ନ ୧ଟା ପୂର୍ବରୁ ଡୁବ୍‌ଲିନ ଏୟାରପୋର୍ଟରେ ଅବତରଣ ପରେ ବିମାନକୁ ଜରୁରୀ ସେବା ଯୋଗାଇଦିଆଯାଇଥିଲା। ଏଥିସହ ଯାତ୍ରୀମାନଙ୍କୁ ବିମାନବନ୍ଦର କର୍ମଚାରୀ ଆବଶ୍ୟକ ସହାୟତା ଯୋଗାଇଥିଲେ।

# ଇସ୍ରାଏଲ୍‌କୁ ରକେଟ ଛାଡ଼ିଲା ହମାସ୍

ଗାଜା ଷ୍ଟ୍ରିପ୍, ୨୬ା୫

ରାଫାହରେ ଯୁଦ୍ଧବିରତି ପାଇଁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ ଜାରି ରହିଛି। ଏହାର ପ୍ରତିବାଦରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ପୁଣି ଥରେ ବଡ଼ ଟାର୍ଗେଟ କରିଛି। ଇହୁଦୀମାନଙ୍କ ନାଗରିକ ଗଣହତ୍ୟା ବିରୋଧରେ ଇସ୍ରାଏଲ୍ ଉପରେ ରବିବାର ରକେଟ ମାଡ଼ କରାଯାଇଥିବା ହମାସ୍ ପକ୍ଷରୁ କୁହାଯାଇଛି।

ହମାସ୍ ସଶସ୍ତ୍ର ବାହିନୀ ଅଲ୍-କାସମ୍ ବ୍ରିଗେଡ୍ ଏନେଇ ନିଜ ଟେଲିଗ୍ରାମ୍ ଚ୍ୟାନେଲରେ ଏକ ବିବୃତି କରିଛି। ତେଲ୍ ଆଭିଭ୍ ଉପରେ ବଡ଼ ମିଶାଇଲ୍ ଆକ୍ରମଣ କରାଯାଇଥିବା ବିଷୟ ଏଥିରେ କୁହାଯାଇଛି।

ଏହି ସମସ୍ତ ରକେଟ୍ ଗାଜା ଷ୍ଟ୍ରିପ୍‌ରୁ ଛଡ଼ାଯାଇଥିବା ହମାସ୍ ଅଲ୍-ଅକ୍ସା ଟିଭି କହିଛି। ଗତ ୪ ମାସ ହେଲା ତେଲ୍ ଆଭିଭ୍‌ରେ ରକେଟ୍ ସାଇରନ୍ ଶୁଣିବାକୁ ମିଳି ନ ଥିଲା। କିନ୍ତୁ ରବିବାର ହଠାତ୍ ସାଇରନ୍ ବାଜିବାର କାରଣ ସମ୍ପର୍କରେ ଇସ୍ରାଏଲ୍ କିଛି କହିନାହିଁ। ଏହି ଆକ୍ରମଣରେ କେହି ମୃତାହତ ହୋଇ ନ ଥିବା ଇସ୍ରାଏଲୀ ଏମର୍ଜେନ୍ସି ମେଡିକାଲ ସର୍ଭିସେସ୍ ସୂଚନା ଦେଇଛି। ଇସ୍ରାଏଲ୍ ସେନା କହିଛି, ରାଫାହରୁ ଛଡ଼ାଯାଇଥିବା ୮ ପ୍ରୋଜେକ୍ଟାଇଲ୍ ଇସ୍ରାଏଲ୍‌କୁ ଅତିକ୍ରମ କରିଛି। ଅନ୍ୟ ମିଶାଇଲଗୁଡ଼ିକୁ ଇଣ୍ଟରସେପ୍ଟ କରାଯାଇଛି।

ଏହା ପୂର୍ବରୁ ଅନ୍ତର୍ଜାତୀୟ ସହାୟତା ପ୍ରଦାନ ପାଇଁ ରାଫାହକୁ ଯାଉଥିବା ଟ୍ରକ୍‌ଗୁଡ଼ିକ ଇଜିପ୍ଟ ଦେଇ ଅତିକ୍ରମ କରିଥିଲା। କିନ୍ତୁ ସେଠାରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ଗୁଡ଼ିକ ପହଞ୍ଚିପାରିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷେ ରାଫାହ ପ୍ରବେଶପଥର ନିୟନ୍ତ୍ରଣ ପାଲେଷ୍ଟିନୀୟଙ୍କୁ ଦିଆ ନ ଯିବା ଯାଏ ନିଜ ସୀମା ପୁଣି ଖୋଲିବାକୁ ଇଜିପ୍ଟ ମନା କରିଦେଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୭ରେ ହମାସ୍ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଏଥିରେ ୧୨୦୦ ଇସ୍ରାଏଲୀ ନିହତ ହୋଇଥିଲେ। ହମାସ୍ ସେତେବେଳେ ୨୫୦ ଜଣଙ୍କୁ ପଣବନ୍ଦୀ କରିଥିଲା। ସେମାନଙ୍କ ମଧ୍ୟରୁ ଶତାଧିକ ଏବେ ବି ହମାସ୍ କବ୍‌ଜାରେ ଅଛନ୍ତି। ପଣବନ୍ଦୀମାନଙ୍କୁ ମୁକ୍ତ କରାଇ ଆଣିବାରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଫଳ ହୋଇଥିବା ଦର୍ଶାଇ ଇସ୍ରାଏଲ୍‌ରେ ଦିନକୁ ଦିନ ବିକ୍ଷୋଭ ବଢ଼ିବାରେ ଲାଗିଛି। ରବିବାର ତେଲ୍ ଆଭିଭ୍‌ରେ ଅନେକ ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇ ସରକାର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ପୋଲିସ ସହ ସେମାନଙ୍କ ସଂଘର୍ଷ ହୋଇଛି।

### ତେଲ୍ ଆଭିଭ୍‌ରେ ନେତାନ୍ୟାହୁ ବିରୋଧୀ ବିକ୍ଷୋଭ



### ହିନ୍ଦୁଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ କରିବାକୁ ଚାହୁଁଛି ଇଣ୍ଡିଆ: ମୋଦି

ଦେଓରିଆ, ୨୬ା୫

ଦେଶର ସଂଖ୍ୟାବହୁଳ ହିନ୍ଦୁମାନଙ୍କୁ ଇଣ୍ଡିଆ ବ୍ଲକ୍ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିବା ପାଇଁ ଚାହୁଁଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଉତ୍ତରପ୍ରଦେଶର ଦେଓରିଆରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଉପଲକ୍ଷେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ପାକିସ୍ତାନ ସୀମାର ଜିହାଦିମାନେ ସମାଜବାଦୀ ପାର୍ଟି ଓ କଂଗ୍ରେସକୁ ସମର୍ଥନ କରୁଛନ୍ତି। ବିରୋଧୀ ଦଳଗୁଡ଼ିକ ଧର୍ମ ଆଧାରରେ ସଂରକ୍ଷଣ ପ୍ରଦାନ ପାଇଁ ସମ୍ବିଧାନର ପୁନଃଲିଖନ ଯୋଜନା ଚଳାଇଛନ୍ତି। ପାକିସ୍ତାନରେ ଏହି ଦଳଗୁଡ଼ିକ ପାଇଁ ପୂଜାର୍ଚ୍ଚନା ଚାଲିଛି। ପ୍ରକାଶ ଯେ, ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟରେ ଉତ୍ତରପ୍ରଦେଶର ବାରାଣସୀ ସମେତ ଅବଶିଷ୍ଟ ୧୩ ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯିବ।

### ଚାରଧାମ ଯାତ୍ରା: ୧୬ ଦିନରେ ୫୮ ମୃତ

ଡେରାଡୁନ, ୨୬ା୫

ଚଳିତ ବର୍ଷ ଚାରଧାମ ଯାତ୍ରାର ୧୬ ଦିନ ମଧ୍ୟରେ ୫୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୪୭ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ଯାତ୍ରା ସମୟରେ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଓ ଶ୍ୱାସରୋଗୀ ପାଖରେ ଅତ୍ୟାବଶକ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି।

### ବାଂଲାଦେଶ ଏମ୍‌ପି ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ଆଣିବା ପାଇଁ ଇଣ୍ଟରପୋଲ୍ ସହାୟତା ନିଆଯିବ


ଅନଓ୍ୱାରୁଲ ଅଜିମ ଅନାର

**ଢାକା,୨୬ା୫:** ବାଂଲାଦେଶ ଏମ୍‌ପି ଅନଓ୍ୱାରୁଲ ଅଜିମ ଅନାରଙ୍କୁ କୋଲକାତାରେ ବୀଭତ୍ସ ହତ୍ୟା ଘଟଣାର ପଳାତକ ମାଷ୍ଟରମାଇଣ୍ଡଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ବାଂଲା ସରକାର ଇଣ୍ଟରପୋଲ୍‌ର ସହାୟତା ନେବେ। ଢାକା ପୋଲିସର ଗୋଇନ୍ଦା ବିଭାଗ ମୁଖ୍ୟ ମହମ୍ମଦ ହରୁନ-ଅର୍-ରଶିଦ ଗଣମାଧ୍ୟମକୁ ଏହା କହିଛନ୍ତି। ଆଓ୍ୱାମୀ ଲିଗ୍‌ର କାଲିଗଞ୍ଜ ଉପଜିଲା ଶାଖା ମୁଖ୍ୟ ଥିବା ଅନାର ଚିକିତ୍ସା ପାଇଁ ଗତ ୧୨ ତାରିଖରେ କୋଲକାତା ଆସି ନିଖୋଜ ହୋଇଯାଇଥିଲେ। ସୁପାରି ଦିଆଯାଇ ତାଙ୍କୁ ହତ୍ୟା କରାଯିବା ପରେ ଶରୀରକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଦିଆଯାଇଥିଲା। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଅନାରଙ୍କ ପିଲାଦିନର ବନ୍ଧୁ ଅଖତରୁଜମନ ଶାହିନ ପଳାତକ ଥିବାରୁ ତାଙ୍କୁ ଫେରାଇ ଆଣିବାକୁ ଇଣ୍ଟରପୋଲ୍‌ର ସହାୟତା ନିଆଯିବ ବୋଲି ହରୁନ୍ କହିଛନ୍ତି।

### ଅନ୍ତର୍ଜାତୀୟ ସନ୍ଦିଗ୍ଧ କଲ୍ ବ୍ଲକ୍ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୬ା୫

ଭାରତୀୟ ନମ୍ବର ଦେଖାଉଥିବା ଅନ୍ତର୍ଜାତୀୟ ସନ୍ଦିଗ୍ଧ ଫୋନ୍‌କଲ୍‌ଗୁଡ଼ିକୁ ବ୍ଲକ୍ କରିବା ନିମନ୍ତେ କେନ୍ଦ୍ର ସରକାର ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠକମାନେ ଅନ୍ତର୍ଜାତୀୟ ନମ୍ବରରୁ କଲ୍ କରୁଥିଲେ ମଧ୍ୟ କଲ୍ ଗ୍ରହଣକାରୀଙ୍କ ଫୋନ୍ ସ୍କ୍ରିନ୍‌ରେ ତାହା ଭାରତୀୟ ନାଗରିକଙ୍କ ନମ୍ବର ଦେଖାଉଥିବା ଟେଲିକମ୍ ବିଭାଗ ଜାଣିବାକୁ ପାଇଛି। ଏଭଳି କଲ୍ ଜରିଆରେ ସାଇବର ଅପରାଧ ଓ ଟଙ୍କା ଜାଲିଆତି କରାଯାଉଛି। ଏହି କଲ୍‌ର ମୂଳ ଭାରତରେ ହୋଇଥିବାବେଳେ ସାଇବର ଅପରାଧୀମାନେ ବିଦେଶରୁ କଲିଂ ଲାଇନ ଆଇଡେଣ୍ଟିଟି (ସିଏଲ୍‌ଆଇ)ରେ ଜାଲିଆତି କରି ଏଭଳି କରୁଛନ୍ତି। ନିକଟରେ ଜାଲ୍ ଡିଜିଟାଲ ଆରେଷ୍ଟ, ଫେଡ୍‌ଏକ୍ସ ଦୁର୍ନୀତି, ଡ୍ରଗ୍ସ କୋରିଅର ନାଁରେ ସାଇବର ଠକେଇ ପାଇଁ ସିଏଲ୍‌ଆଇ ଜାଲିଆତି କରାଯାଇଥିଲା।


ପୂର୍ବ ଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲ୍‌ରେ ନିଆଁ ଲାଗି ୭ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଫରେନ୍‌ସିକ ଟିମ୍ ନମୁନା ସଂଗ୍ରହ କରୁଛି।

# ବେଆଇନ ଭାବେ ଚାଲିଥିଲା ଗେମିଂ ଜୋନ୍

ରାଜକୋଟ,୨୬ା୫

- ମୃତଦେହ ଚିହ୍ନଟ ପାଇଁ ଡିଏନ୍‌ଏ ପରୀକ୍ଷା ହେବ
- ନିଜଆଡୁ ମାମଲା ବିଚାର ପାଇଁ ଗ୍ରହଣ କଲେ ହାଇକୋର୍ଟ

ଗୁଜରାଟର ରାଜକୋଟରେ ଥିବା ଟିଆର୍‌ପି ଗେମିଂ ଜୋନ୍‌ରେ ଶନିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ପିଲାଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ଘଟଣା ଏହାର ନିରାପତ୍ତା ମାନକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଉକ୍ତ ମନୋରଞ୍ଜନ କେନ୍ଦ୍ର ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ବିନା ବେଆଇନ ଭାବେ ଚାଲୁଥିଲା ଏବଂ ଏହାର ମାତ୍ର ଗୋଟିଏ ପ୍ରସ୍ଥାନ ଦ୍ୱାର ଥିଲା। ସପ୍ତାହାନ୍ତ ପାଇଁ ଟିଆର୍‌ପି କର୍ତ୍ତୃପକ୍ଷ ଟିକେଟ ଦର ୯୯ ଟଙ୍କାକୁ ହ୍ରାସ କରିଥିବାରୁ ରିହାତିର ସୁଯୋଗ ନେବାକୁ ପ୍ରବଳ ଗହଳି ହୋଇଥିଲା। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁଭାଷ ତ୍ରିବେଦୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇ) ଘଟଣାର ତଦନ୍ତ କରିବାକୁ ଥିବାବେଳେ ରବିବାର ଭୋର ସମୟରେ ରାଜକୋଟରେ ସ୍ଥାନୀୟ ପ୍ରଶାସନ ସହ ଉକ୍ତ ଟିମ୍ ବୈଠକ କରିଥିଲା।

ମୃତଦେହଗୁଡ଼ିକ ଏଭଳି ପୋଡ଼ିଯାଇଛି ଯେ, ସେଗୁଡ଼ିକୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ତେଣୁ ମୃତକଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ସମ୍ପର୍କୀୟ ଏବଂ ମୃତଦେହର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଉଛି। ଗେମିଂ ଜୋନ୍‌ର ମାଲିକ ଓ ମ୍ୟାନେଜରଙ୍କୁ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୁରକ୍ଷା ପଦକ୍ଷେପ ନେବାରେ ଅବହେଳା ପାଇଁ ଅଗ୍ନିକାଣ୍ଡ ଘଟିଥିବାରୁ ଟିଆର୍‌ପି ଗେମିଂ ଜୋନ୍‌ର ମାଲିକଙ୍କୁ ଦାୟୀ କରାଯାଇ ତାଙ୍କ ବିରୋଧରେ ରାଜକୋଟ ତାଲୁକା ପୋଲିସ ଏତଲା ଦାଏର କରିଛି। ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବା ଜାଣି ମଧ୍ୟ ମାଲିକ ସୁରକ୍ଷା ପ୍ରତି ଅବହେଳା କରି ଗେମିଂ ଜୋନ୍ ଚଳାଇ ଆସୁଥିଲେ ବୋଲି ଏଥିରେ ଅଭିଯୋଗ ହୋଇଛି। ଏତଲାରେ ଗେମିଂ ଜୋନ୍‌ର ମାଲିକ ଧଭାଲ ଥାକ୍କର, ରେସ୍‌ୱେ ଏଣ୍ଟରପ୍ରାଇଜ୍‌ର ଅଂଶୀଦାର ଅଶୋକ ସିଂ ଜାଡେଜା, କିରୀଟ ସିଂ ଜାଡେଜା, ପ୍ରକାଶ ହିରନ, ଯୁବରାଜ ସିଂ ସୋଲାଙ୍କି ଏବଂ ରାହୁଲ ରାଠୋରଙ୍କୁ ଅଭିଯୁକ୍ତ କରାଯାଇଛି।

ଗେମିଂ ଜୋନ୍‌ରେ ଲୋକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନ ଥିବାରୁ ଅଗ୍ନିକାଣ୍ଡରେ ୨୮ ଜଣଙ୍କ ଜୀବନ ଗଲା। ଗୁଜରାଟ ହାଇକୋର୍ଟ ଏହାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ରବିବାର ସକାଳେ ବିଚାରପତି ବୀରେନ ବୈଷ୍ଣବ ଏବଂ ଦେବନ ଦେସାଇଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଅଗ୍ନିକାଣ୍ଡ ସମ୍ପର୍କରେ ରାଜ୍ୟ ସରକାର ଏବଂ ପୌର ନିଗମକୁ ରିପୋର୍ଟ ମାଗିଛନ୍ତି। ଆଇନର କେଉଁ ବ୍ୟବସ୍ଥା ଆଧାରରେ ଏଭଳି ଗେମିଂ ଜୋନ୍ ଏବଂ ଅବସର ବିନୋଦନ କେନ୍ଦ୍ରଗୁଡ଼ିକୁ ଚାଲିବା ପାଇଁ ଅନୁମତି ଦିଆଯାଇଛି, ତାହା ଜଣାଇବା ପାଇଁ ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

# ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଲେ ପାୟଲ କପାଡ଼ିଆ

କାନ୍ସ

### କାନ୍ସ ଫିଲ୍ମ ଫେଷ୍ଟିଭାଲ


'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍'ର ଅଭିନେତ୍ରୀମାନଙ୍କ ଗହଣରେ ନିର୍ଦ୍ଦେଶିକା ପାୟଲ କପାଡ଼ିଆ।

କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତୀୟ ଫିଲ୍ମ ନିର୍ମାତା ପାୟଲ କପାଡ଼ିଆ ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ସମ୍ମାନଜନକ ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଛନ୍ତି। ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍' କାନ୍ସ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ଗ୍ରାଣ୍ଡପ୍ରିକ୍ସକୁ ଜିତିବାରେ ସଫଳ ହୋଇଛି। ପ୍ରଥମ ଥର ପାଇଁ କୌଣସି ଭାରତୀୟ ଚଳଚ୍ଚିତ୍ର ଏହି ପୁରସ୍କାର ଜିତିପାରିଛି। ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ଅବସରରେ ଶନିବାର ପାୟଲ କପାଡ଼ିଆଙ୍କ ନିର୍ଦ୍ଦେଶିତ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍' ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଏହି ଫିଲ୍ମ ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଥିବା ନେଇ ଘୋଷଣା କରାଯାଇଥିଲା। ମାଲୟାଲମ ଓ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମର କାହାଣୀ ଖୋଦ୍ ପାୟଲ ଲେଖିଥିବାବେଳେ ଏଥିରେ କାନି କୁସ୍ରୁତି, ଦିବ୍ୟା ପ୍ରଭା, ଛାୟା କଦମ ଏବଂ ହୃଦୁ ହାରୁନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମରେ ୨ ମାଲାୟଲୀ ନର୍ସ ମୁମ୍ବାଇରେ ନିଜ ପରିବାରଠାରୁ ଦୀର୍ଘଦିନ ଧରି ଅଲଗା ରହି କାର୍ଯ୍ୟ କରୁଥିବାବେଳେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଛି। ପାୟଲଙ୍କ ଏହି ସଫଳତା ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଐତିହାସିକ ସଫଳତା ହାସଲ କରି ପାୟଲ ଭାରତକୁ ଗର୍ବିତ କରିବା ସହ ଆଗାମୀ ପିଢ଼ିର ଫିଲ୍ମ ନିର୍ମାତାଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ୬ ଫୁଟ୍ ୫ଇଞ୍ଚ ଉଚ୍ଚତାର ଷଣ୍ଢ

ୱାଶିଂଟନ

### ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ



ଆମେରିକାର ଓରେଗନ ପ୍ରଦେଶରେ ରୋମିଓ ନାମକ ଏକ ବୃହତାକାୟ ଷଣ୍ଢ ରହିଛି। ଏହି ଷଣ୍ଢଟି ବିଶାଳ ଏବଂ ଲମ୍ବା ହୋଇଥିବାରୁ ଏହାର ସମ୍ମୁଖକୁ ଆସିବାକୁ ଲୋକମାନେ ଭୟ କରିଥାନ୍ତି। ରୋମିଓ କୌଣସି ସାଧାରଣ ଷଣ୍ଢ ହୋଇ ନ ଥିବା ବେଳେ ଏହା ନିଜର ଉଚ୍ଚତା ପାଇଁ ବେଶ୍ ଚର୍ଚ୍ଚିତ। ବର୍ତ୍ତମାନ ରୋମିଓ ବିଶ୍ୱର ସବୁଠାରୁ ଉଚ୍ଚ ଷଣ୍ଢ ହୋଇପାରିଛି ଏବଂ ଏହାର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପଞ୍ଜୀକୃତ ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ଷଣ୍ଢର ଉଚ୍ଚତା ୧୯୪ ସେଣ୍ଟିମିଟର ଅର୍ଥାତ ୬ ଫୁଟ ୪.୫ ଇଞ୍ଚ ରହିଛି। ପୂର୍ବରୁ ଏହି ରେକର୍ଡ ଟମି ନାମକ ଏକ ଷଣ୍ଢ ନିକଟରେ ରହିଥିଲା, ଯାହାର ଉଚ୍ଚତା ୬ ଫୁଟ୍ ୧ ଇଞ୍ଚ ଥିଲା। ଏବେ ଏହି ରେକର୍ଡକୁ ରୋମିଓ ଭାଙ୍ଗିଛି।

ରୋମିଓକୁ ଏବେ ୬ ବର୍ଷ ବୟସ ହୋଇଥିବା ବେଳେମ ସେ ତାଙ୍କ ମାଲିକାଣୀ ମିଷ୍ଟି ମୋର୍‌ଙ୍କ ସହ ୱେଲ୍‌କମ୍ ହୋମ୍ ପ୍ରାଣୀ ଅଭୟାରଣ୍ୟରେ ରହୁଛି। ରୋମିଓକୁ ସେଓ ଏବଂ କଦଳୀ ଖାଇବାକୁ ବେଶି ପସନ୍ଦ ଥିବା ମିଷ୍ଟି କହିଛନ୍ତି। ସେ ଅତିରିକ୍ତ ଶସ୍ୟ ସହ ପ୍ରତିଦିନ ପ୍ରାୟ ୧୦୦ ପାଉଣ୍ଡ (୪୫ କିଲୋଗ୍ରାମ)ର ଘାସ ଖାଇଥାଏ। ରୋମିଓର ଆରାମକୁ ନିଶ୍ଚିତ କରିବାକୁ ଅଭୟାରଣ୍ୟରେ ସ୍ୱତନ୍ତ୍ର ଏବଂ ଉଚ୍ଚ ଆଶ୍ରୟସ୍ଥଳ ରହିଥିବା ମିଷ୍ଟି କହିଛନ୍ତି। ସେ ଆହୁରି ମଧ୍ୟ କୁହନ୍ତି, ରୋମିଓ ବହୁତ ସରଳ ଏବଂ ସେ କାହାରିକୁ ହଇରାଣ କରେ ନାହିଁ । ୬ ବର୍ଷ ତଳେ ରୋମିଓକୁ ଏକ ଦୁଗ୍ଧ ଫାର୍ମରୁ ଉଦ୍ଧାର କରାଯାଇଥିଲା। ସେବେଠାରୁ ରୋମିଓ ତାଙ୍କ ସହ ରହିଥିବା ମିଷ୍ଟି କହିଛନ୍ତି। ୱେଲ୍‌କମ୍ ହୋମ ପ୍ରାଣୀ ଅଭୟାରଣ୍ୟରେ ଗତ ୬ ବର୍ଷ ଧରି ରୋମିଓକୁ ଏକ ନିରାପତ୍ତା ଜୀବନ ପ୍ରଦାନ କରାଯାଇଛି। ଅଭୟାରଣ୍ୟ କର୍ମଚାରୀଙ୍କ କରୁଣା ଏବଂ ଅଦମ୍ୟ ସ୍ନେହରେ ରୋମିଓ ବଢ଼ିଥିବା ମିଷ୍ଟି କହିଛନ୍ତି। ମଣିଷ ଏବଂ ପଶୁଙ୍କ ମଧ୍ୟରେ କେତେ ଭଲ ସମ୍ପର୍କ ରହିଛି, ତାହା ରୋମିଓ ଏବଂ ଅଭୟାରଣ୍ୟର ପ୍ରତିଟି କର୍ମଚାରୀଙ୍କ ମଧ୍ୟରେ ଥିବା ସମ୍ପର୍କରୁ ପ୍ରମାଣିତ ହେଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜବତ ଗାଡ଼ିରୁ ମିଳିଲା ୪୪ ହଜାର ଟଙ୍କା

ଗୋପ,୨୬।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଦୁଇଦିନ ତଳେ ଗୋପ ଥାନା ଅନ୍ତର୍ଗତ ପୋଡ଼ପଡା ଗାଁ ନିକଟରୁ ପୋଲିସ ଦ୍ୱାରା ଜବତ ହୋଇଥିବା ଗାଡ଼ିରୁ ରବିବାର ସନ୍ଧ୍ୟାରେ ୪୪ ହଜାର ଟଙ୍କା ମିଳିଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ସକାଳେ ଗୋପ ଥାନା ଏସ୍ ଆଇ ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରିବା ବେଳେ ଗୋପ ଥାନା ଅଧୀନ ପୋଡପଡା ନିକଟରେ ଏକ ଇଣ୍ଡିକା କାର୍‌କୁ ଅଟକାଇ ଥିଲା। କାର୍ (ଓଡି-୦୨- ସିଏର୍- ୮୩୧୫) ରେ ଥିବା ୪/୫ ଜଣ ଯୁବକ ଦୌଡ଼ି ପଳାଇଥିଲେ। ହେଲେ ଗାଡ଼ି ଲକ୍ ପଡ଼ିଯାଇଥିବାରୁ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡ଼ି ଲକ୍ ଖୋଲାଯିବ ବୋଲି ପୋଲିସ ସୂଚନା ଦେଇଥିଲା। ରବିବାର ସନ୍ଧ୍ୟାରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ନମ୍ବର ୩ର ଅଧିକାରୀ ଗୋପିନାଥ ବେହେରାଙ୍କ ଉପସ୍ଥିତିରେ ଜବତ ଗାଡ଼ିର ଲକ୍ ଭଙ୍ଗା ଯିବାପରେ ଏକ କଳା ବ୍ୟାଗ୍ ଭିତରେ ୪୪ ହଜାର ଟଙ୍କା ଥିବା ଦେଖିବାକୁ ମିଳିଥିଲା। ଏହି ଟଙ୍କାକୁ ଜବତ କରାଯାଇ ଗାଡ଼ି ମାଲିକଙ୍କୁ ଡକାଯାଇଥିବା ପୋଲିସ କହିଛି।

### ରାତିଅଧରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୨୬।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ସ୍ଥାନୀୟ ଥାନା ଫାଳିକିଆ ବସ୍ତିର ତାରିଣୀ ସେଠୀ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସଂକ୍ରାନ୍ତରେ ମା' ରାଣୀ ସେଠୀ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧ଟାରେ ସ୍ଥାନୀୟ ବସ୍ତିରେ ଅଭିଯୁକ୍ତମାନେ ମଦ ବିକ୍ରି କରୁଥିବା ସମୟରେ ତାରିଣୀ ସେହି ପଟେ ଯାଉଥିଲେ। ସେହି ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଏଥର ଜିତିବ ବୋଲି ତାରିଣୀ ବଡ଼ ପାଟି କରି କହିଥିଲେ। ଫଳରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ରରେ ତାରିଣୀଙ୍କୁ ଆକ୍ରମଣ କରିଥିଲେ। ଏପରିକି କାଚ ବୋତଲ ଭାଙ୍ଗି ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସଂକ୍ରାନ୍ତରେ ପୋଲିସ ସତ୍ୟାସତ୍ୟ ଯାଞ୍ଚ କରୁଥିବା କହିଛି।

### ବାଲିପାଟଣା ବ୍ଲକରୁ ଏ୧ ରେ ୪ଜଣ

ବାଲିପାଟଣା ୨୬।୫(ଅଭିମନ୍ୟୁ ନାୟକ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ବାଲିପାଟଣା ବ୍ଲକ ଅଞ୍ଚଳର ୪ଜଣ ଛାତ୍ରୀଛାତ୍ର ଏ୧ ଗ୍ରେଡରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିପିନି ବିହାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୋନାଲିସା ଆଚାର୍ଯ୍ୟ ୫୬୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବଲୁଙ୍କେଶ୍ୱର ବିଦ୍ୟାପୀଠ ଛାତ୍ର ବିଭୁ ପ୍ରସାଦ ମହାପାତ୍ର ୫୬୪ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାରାହୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାସତୀ ଲକ୍ଷ୍ମୀ କୁଣ୍ଡ ୫୫୬ ନମ୍ବର ଓ ପଞ୍ଚାୟତ ବାଳିକା ବିଦ୍ୟାଳୟ ବାଲିପାଟଣାର ଛାତ୍ରୀ ସ୍ମିତି ପ୍ରଜ୍ଞା ସେନାପତି ୫୫୨ ନମ୍ବର ରଖିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମୋନାଲିସା କହିଛନ୍ତି, ଆଗାମୀ ଦିନରେ ପ୍ରଶାସନିକ ଅଧିକାରୀ ହୋଇ ଲୋକଙ୍କ ସେବା କରିବି।

# ବିଜେବି କଲେଜ ଷ୍ଟ୍ରଙ୍ଗ୍‌ରୁମ୍‌ରେ ୧୧୮୨ ଇଭିଏମ୍

ଭୁବନେଶ୍ୱର,୨୬।୫ (ସୂର୍ଯ୍ୟକାନ୍ତ ବେହେରା)

ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏବେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଯାଇଛି। ଜୁନ୍ ୧ରେ ଶେଷ ପର୍ଯ୍ୟାୟ ମତଦାନ ହେବ ଓ ୪ରେ ଗଣତି ସହ ଫଳାଫଳ ଘୋଷଣା ହେବ। ତେଣୁ ଭୋଟ ସରିଥିବା ନିର୍ବାଚନମଣ୍ଡଳୀରେ ଏବେ ଜିତାପଟକୁ ନେଇ ଅଙ୍କକଷା ଚାଲିଛି। ସେପଟରେ ଷ୍ଟ୍ରଙ୍ଗରୁମ୍ ଉପରେ ରହିଛି କଡ଼ା ନଜର। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଥିବା ଷ୍ଟ୍ରଙ୍ଗରୁମ୍ ଭିତରେ ସାଇତା ହୋଇ ରହିଛି ଇଭିଏମ୍। ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ୫ ନିର୍ବାଚନମଣ୍ଡଳୀ ଜଟଣୀ, ଜୟଦେବ, ଭୁବନେଶ୍ୱର ଉତ୍ତର, ମଧ୍ୟ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରୁ ଆସିଥିବା



ମୋଟ ୧୧୮୨ ଇଭିଏମ୍ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍‌ରୁମରେ ରଖାଯାଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ରବିବାର ସୂଚନା ଦେଇଛନ୍ତି।

ଏହାସହ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ, ଓଡିଶା ଷ୍ଟେଟ ଆର୍ମଡ୍ ଫୋର୍ସ ସହ ସ୍ଥାନୀୟ ପୋଲିସ ଜଗି ରହିଛନ୍ତି। ସେହିଭଳି ଇଭିଏମ୍ ରଖାଯାଇଥିବା ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଜୁନ ୪ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ଚାଲୁ ରହିବ। ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡିକର ସୁରକ୍ଷା ଦାୟିତ୍ୱକୁ ଡିଏସ୍‌ପି ର୍‌ୟାଙ୍କର ଜଣେ ଅଧିକାରୀ ତଦାରଖ କରୁଛନ୍ତି। ଏହାସହ ଆଇଆଇସିଙ୍କ ସମେତ ଏସ୍‌ଆଇ ସ୍ତରୀୟ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଡିସିପି ଏହାର ମୁଖ୍ୟ ରହିଥିବା କମିଶନର ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ଦଳର ପ୍ରାର୍ଥୀମାନେ ମଧ୍ୟ ଚାହିଁଲେ ଏଗୁଡ଼ିକୁ ଜଗି ପାରିବେ। ସେମାନଙ୍କ ପାଇଁ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରାଯାଇଥିବା ସେ କହିଛନ୍ତି।

# ଚିତ୍ରରେ ମତଦାନ ବାର୍ତ୍ତା ଦେଲେ ପଞ୍ଚାନନ




ଭୁବନେଶ୍ୱର,୨୬।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଚତୁର୍ଥ ପର୍ଯ୍ୟାୟରେ ଅଧିକରୁ ଅଧିକ ମତଦାନ ପାଇଁ ନିଜ ଚିତ୍ର ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇଛନ୍ତି। ପ୍ରତ୍ୟେକ ନାଗରିକଙ୍କ ଗୋଟିଏ ଭୋଟରେ ଆଗାମୀ ଭାରତ ଏବଂ ଓଡ଼ିଶାର ଭବିଷ୍ୟତ ଗଢିବାରେ ନିର୍ଣ୍ଣାୟକ ଭୂମିକା ରହିଛି। ଏଣୁ ସେ ଚିତ୍ର ମାଧ୍ୟମରେ ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲ କରିବା ସହିତ ନିଜ ଭୋଟ ପ୍ରଦାନ କରନ୍ତୁ ବୋଲି ସେ ସମସ୍ତ ମତଦାତାଙ୍କୁ ଅନୁରୋଧ କରିଛନ୍ତି। ଚିତ୍ରରେ ଶିଳ୍ପୀ ଜନତାଙ୍କ ମତଦାନର ବଳକୁ ନିଖୁଣ ଭାବେ ଚିତ୍ରଣ କରିଛନ୍ତି।

# ନୃତ୍ୟ, ସଙ୍ଗୀତରେ ସରିଲା ଇଟିକିଲି ମିଟିକିଲି ରାଜ୍ୟସ୍ତରୀୟ ପ୍ରତିଯୋଗିତା



ଭୁବନେଶ୍ୱର, ୨୬।୫ (ବନ୍ଦନା ସେଠୀ)

ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୨୯ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସର ପ୍ରଥମ କାର୍ଯ୍ୟକ୍ରମ କଣ୍ଠସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁ କଣ୍ଠଶିଳ୍ପୀମାନେ ନିଜର ସୁମଧୁର ସ୍ୱରରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିବାବେଳେ ସନ୍ଧ୍ୟାରେ ଶିଶୁ ନୃତ୍ୟଶିଳ୍ପୀମାନେ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଦାଶ ବେନହୁରଙ୍କ ପୌରୋହିତ୍ୟରେ ଆୟୋଜିତ କଣ୍ଠସଙ୍ଗୀତ କାର୍ଯ୍ୟକ୍ରମରେ କବି ଓ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ସଙ୍ଗୀତଭିତ୍ତିକ ନୃତ୍ୟ ପ୍ରତିଯୋଗିତାରେ ପୂର୍ବତନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କଣ୍ଠସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ, ସାଧାରଣଜ୍ଞାନ ଓ ସଙ୍ଗୀତଭିତ୍ତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଗୁରୁ ମଞ୍ଜୁଶ୍ରୀ ମିଶ୍ର, ଗୁରୁ ବିମଳେନ୍ଦୁ ଆଚାର୍ଯ୍ୟ, ଜେନାମଣି ସଞ୍ଜୀବ କୁମାର ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଯୋଗ୍ୟ ଶିଶୁପ୍ରତିଭାଙ୍କୁ ଚୟନ କରିଥିଲେ। ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଜୁନ୨୩ରେ ସୂଚନାଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ପ୍ରତିଯୋଗିତାର ଯୋଗ୍ୟ ବିବେଚିତ ଶିଶୁପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି।

## ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ବାରଙ୍ଗ,୨୬।୫(ଲିଙ୍ଗରାଜ ରାଉତ)

୨୦୨୩-୨୪ ଶିକ୍ଷାବର୍ଷରେ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରରେ ଦଶମ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷାକେନ୍ଦ୍ରରେ ମୋଟ ୯୪ ଜଣ ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ସ୍ମୃତିଶକ୍ତି ସ୍ୱାଇଁ, ଦେବେଶ କୁମାର ସାହୁ, କୃପାମୟୀ କୃଷ୍ଣପ୍ରିୟା ସ୍ୱାଇଁ ୯୨% ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ବି -୧ ଗ୍ରେଡରେ ୧୭ଜଣ, ବି-୨ ଗ୍ରେଡରେ ୪୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସାମଗ୍ରିକ ପରୀକ୍ଷା ଫଳାଫଳ ପାଇଁ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପାଣିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଘରକୁ ମାଡ଼ିଗଲା ଗ୍ୟାସ ବୋଝେଇ ଟ୍ରକ୍



ବୋଲଗଡ଼,୨୬।୫(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ପଞ୍ଚୁକୋଟ ନିକଟରେ ରବିବାର ଏକ ଗ୍ୟାସ୍ ବୋଝେଇ ଟ୍ରକ ରାସ୍ତାପାର୍ଶ୍ୱରେ ଥିବା ଏକ ଘର ଉପରକୁ ମାଡ଼ିଯିବା ଫଳରେ ଗୋଟିଏ ବଖରା ଘର ଚୂର୍‌ମାର୍ ହୋଇଯାଇଛି। ଏହି ଘରେ ଦୁଇ ପୁଅବୋହୂ ଓ ନାତିନାତୁଣୀଙ୍କ ସହ ବାସ କରୁଥିବା ପ୍ରହଲ୍ଲାଦ ବେହେରାଙ୍କ ପରିବାର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଜଟଣୀରୁ ଗ୍ୟାସ୍ ବୋଝେଇ କରି ନୟାଗଡ଼ ଅଭିମୁଖେ ଯାଉଥିବା ଏକ ଟ୍ରକ ମଧ୍ୟାହ୍ନରେ ବୋଲଗଡ଼ ପଞ୍ଚାୟତର ପଞ୍ଚୁକୋଟ ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାର ଡାହାଣପଟକୁ ମାଡ଼ିଯାଇଥିଲା। ଫଳରେ ପ୍ରହଲ୍ଲାଦଙ୍କ ଆଜବେଷ୍ଟସ୍ ଘରର ସମ୍ମୁଖ ଭାଗରେ ଥିବା ରୋଷେଇଘର ଭାଙ୍ଗିଯାଇଛି। ତେବେ ଏହି ସମୟରେ ସେଠାରେ କେହି ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।

# ହାଇୱା ଡାଲା ଲାଗି ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ବାରଙ୍ଗ,୨୬।୫(ଲିଙ୍ଗରାଜ ରାଉତ)

ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇୱାର ଡାଲାଟି ନଦୀବନ୍ଧ ରାସ୍ତାରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରେ ଲାଗିଯିବାରୁ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା ସହ ଗାଡ଼ିଟି ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ଚାଳକ ଜଣଙ୍କ ବିଦ୍ୟୁତ୍ ଆଘାତରୁ ବର୍ତ୍ତି ଯାଇଥିଲେ। ଏଥିପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।



ପ୍ରକାଶ ଯେ, ତ୍ରିଶୂଳିଆଠାରୁ ନରାଜ ପର୍ଯ୍ୟନ୍ତ କାଠଯୋଡ଼ି ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟରେ ନିୟୋଜିତ ଥିବା ହାଇୱା (ଓଡି ୦୫ବିଏସ ୨୬୫୮)ଟି ବଜୁରି ଗୁଣ୍ଡ ବୋଝେଇ କରି ରବିବାର ସନ୍ଧ୍ୟା ସମୟରେ ଆସୁଥିଲା। ବ୍ରାହ୍ମଣୀଗାଁ ନିକଟସ୍ଥ କାଠଯୋଡ଼ି ନଦୀବନ୍ଧରେ ହାଇୱାଟି ବଜୁରି ଖାଲି କରୁଥିବା ସମୟରେ ଅସାବଧାନତା ଯୋଗୁ ଗାଡ଼ିର ଡାଲାଟି ଉପରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରେ ଲାଗିଯିବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟିଟି ଭାଙ୍ଗିଯାଇ ତାର ଛିଣ୍ଡିଯିବାରୁ ହାଇୱାକୁ ବିଦ୍ୟୁତ୍ ପଳାଇ ଯାଇଥିଲା। ହାଇୱା ଚାଳକ ଗାଡ଼ିରୁ ତଳକୁ ଡେଇଁ ପଡ଼ିଥିବାରୁ ସେ ବର୍ତ୍ତି ଯାଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିବାରୁ ଏକ ବଡ଼ ଦୁର୍ଘଟଣାରୁ ଅନ୍ୟମାନେ ବର୍ତ୍ତି ଯାଇଥିଲେ। ହାଇୱା ଚାଳକଙ୍କ ମୁଣ୍ଡରେ ଗଭୀର ଆହତ ଲାଗିଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଥିଲେ।

# ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ

### ରମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

କଳା ବିଭାଗରେ ମୋଟ ୫୦୪ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୬୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୩୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୯୯ଜଣ ଓ ତୃତୀୟ ଶ୍ରେଣୀରେ ୧୩୦ ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୨୭୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୯ କୃତକାର୍ଯ୍ୟ ହୋଇଛନ୍ତି। ୧୧୯ ଜଣ ପ୍ରଥମ, ୪୦ଜଣ ଦ୍ୱିତୀୟ ଏବଂ ୪୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୪୦୫ଜଣ ପରୀକ୍ଷା ଦେଇଥିବାବେଳେ ୩୨୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୯ ଜଣ ପ୍ରଥମ, ୯୪ ଜଣ ଦ୍ୱିତୀୟ ଏବଂ ୧୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଳା ବିଭାଗର ସାଇ ଜିଜ୍ଞାସା ନାୟକ ୫୪୩ ମାର୍କ ରଖିଥିବାବେଳେ ବାଣିଜ୍ୟ ବିଭାଗର ସିଲ୍‌ଭା ସାହୁ ୫୪୦ ଏବଂ ସ୍ନେହାଶ୍ରୀ ତ୍ରିପାଠୀ ୫୫୭ ମାର୍କ ରଖି ନିଜ ନିଜ ବିଭାଗର ଟପ୍ପର ହୋଇଛନ୍ତି।

### ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କଳା ବିଭାଗରେ ମୋଟ ୪୯୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥଲେ। ୨୧୭ ଜଣ ପ୍ରଥମ ଶ୍ରେଣୀରେ, ୨୭୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬୯ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୩୬୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୦ଜଣ ପ୍ରଥମ, ୪୦ଜଣ ଦ୍ୱିତୀୟ ଏବଂ ୪୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୫୩୬ ଜଣ ପରୀକ୍ଷା ଦେଇଥିବାବେଳେ ୩୯୩ଜଣ ପ୍ରଥମ, ୬୦ଜଣ ଦ୍ୱିତୀୟ ଏବଂ ୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଚନ୍ଦନ ପଣ୍ଡା ୫୬୫ ମାର୍କ ରଖି ଟପ୍ପର ହୋଇଥିବାବେଳେ ବାଣିଜ୍ୟ ବିଭାଗର ମହର୍ଷି ପାତ୍ର ୫୬୩ ଏବଂ ଆୟୁଷ୍ମାନ ମହାନ୍ତି ୫୬୭ ମାର୍କ ରଖି ନିଜ ବିଭାଗର ଟପ୍ପର ହୋଇଛନ୍ତି।

### ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କଳା ବିଭାଗରେ ୮୭.୮୮ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୬୬ଜଣ ପ୍ରଥମ, ୪୭ ଜଣ ଦ୍ୱିତୀୟ ଓ ୧୧୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ପାସ୍ ହାର ୭୮.୮୨ ରହିଥିବାବେଳେ ପ୍ରଥମ ଶ୍ରେଣୀରେ ୪୪, ଦ୍ୱିତୀୟ ଶ୍ରେଣୀରେ ୨୩ ଓ ତୃତୀୟ ଶ୍ରେଣୀରେ ୨୮ ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ୭୨.୫୪ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ପ୍ରଥମ ଶ୍ରେଣୀରେ ୧୩୮, ଦ୍ୱିତୀୟ ଶ୍ରେଣୀରେ ୧୨୮ ଏବଂ ତୃତୀୟ ଶ୍ରେଣୀରେ ୫୪ଜଣ କୃତକାର୍ଯ୍ୟ ହୋଇଛନ୍ତି।

### ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

କଳା ବିଭାଗରେ ମୋଟ ୨୪୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୧୭ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ପ୍ରଥମ ଶ୍ରେଣୀରେ ୩୮ଜଣ, ଦ୍ୱିତୀୟ ଶ୍ରେଣୀରେ ୫୩ ଜଣ ଓ ତୃତୀୟ ଶ୍ରେଣୀରେ ୧୨୬ଜଣ ପାସ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ୮୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୮ କୃତକାର୍ଯ୍ୟ ହୋଇଛନ୍ତି। ୧୯ଜଣ ପ୍ରଥମ, ୧୬ଜଣ ଦ୍ୱିତୀୟ ଏବଂ ୪୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୨୨୩ ଜଣ ପରୀକ୍ଷା ଦେଇଥିବାବେଳେ ୧୫୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୦ଜଣ ପ୍ରଥମ, ୭୪ ଜଣ ଦ୍ୱିତୀୟ ଏବଂ ୩୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାବିଭାଗର ସୃଜଳ କୁମାର ସେଠୀ ୫୦୪ ମାର୍କ ରଖିଥିବାବେଳେ ବାଣିଜ୍ୟ ବିଭାଗର ଗାୟତ୍ରୀ ଦାଶ ୫୦୫ ଏବଂ ସାଗରିକା ମହାପାତ୍ର ୩୦୪ ମାର୍କ ରଖି ନିଜ ବିଭାଗର ଟପ୍ପର ହୋଇଛନ୍ତି।

# ବୁଦ୍ଧଙ୍କ ଅହିଂସା ମାର୍ଗ ସାମ୍ପ୍ରତିକ ସମାଜରେ ଅପରିହାର୍ଯ୍ୟ

## ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବୁଦ୍ଧଜୟନ୍ତୀ

ଭୁବନେଶ୍ୱର,୨୬।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ଓ କ୍ୟାପିଟାଲ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବୁଦ୍ଧଦେବଙ୍କ ୨୫୬୮ତମ ଜୟନ୍ତୀ ଉତ୍ସବ ନୀଳାଦ୍ରୀବିହାରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ ଯୋଗଦେଇ ବୁଦ୍ଧଦେବଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ। ଏଥିସହ ସେ ବୁଦ୍ଧଙ୍କ ପ୍ରଦର୍ଶିତ ଅହିଂସା ମାର୍ଗକୁ ଆପଣାଇବା ସାଂପ୍ରତିକ ସମାଜରେ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶୋଭନୀୟ ବାହିନୀ ଏବଂ କଟକ, ଉଦୟଗିରି ଓ ଭୁବନେଶ୍ୱର ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଆନ୍ଦୋଳନର ପ୍ରବର୍ତ୍ତକ କୁମାର ଭାଇଙ୍କ ରଚନାରୁ ସୋହମ୍ ସ୍ୱରୂପା, ବର୍ଷା, ସ୍ୱୟଂସିଦ୍ଧା ପାତ୍ର, ପ୍ରତିକ୍ଷା ମିଶ୍ର 'ବୁଦ୍ଧ ହେ ଆମ ବୁଦ୍ଧ, 'ବୁଦ୍ଧଂ ଶରଣଂ ଗଚ୍ଛାମି' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁମାରୀ ତମନ୍ନା ଓ ଦିପଙ୍କର ପ୍ରମୁଖ ବୁଦ୍ଧଦେବଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଶୋଭନୀୟ ଆନ୍ଦୋଳନର ଆଜୀବନ ସଭ୍ୟା ଗୁରୁମା ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଅର ଚିକିତ୍ସା ପାଇଁ ଆଣିଥିବା ଅର୍ଥ ମୋ ବସ୍‌ରୁ ଚୋରି

ଭୁବନେଶ୍ୱର,୨୬।୫ (ସୂର୍ଯ୍ୟକାନ୍ତ ବେହେରା)

**ଅଭିଯୋଗ ଶୁଣିଲେନି କର୍ମଚାରୀ, ଥାନାରେ ଏତଲା**

ପୁଅର ଚିକିତ୍ସା ପାଇଁ ବହୁ କଷ୍ଟରେ ଟଙ୍କା ସଂଗ୍ରହ କରି ଆଣିଥିଲେ ବାପା। ଗଞ୍ଜାମରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ମୋ ବସ୍‌ରେ ହସ୍ପିଟାଲକୁ ଯାଉଥିବାବେଳେ ସବୁ ଟଙ୍କା ଚୋରି ହୋଇଗଲା। ଏମିତି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଚୋରିର ଶିକାର ହୋଇଥିବା ଗଞ୍ଜାମ ହିଞ୍ଜିଳିକାଟୁର ବୃନ୍ଦାବନ ସାହୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ସେ ନୟାପଲ୍ଲୀରୁ ୧୯ ନମ୍ବର ମୋ ବସ୍‌ରେ ଏମ୍ସକୁ ଯାଉଥିବାବେଳେ ବସ୍ ଭିତରେ ଲୁଟେରାଦଳ ତାଙ୍କୁ ଘେରି ଯାଇ କୌଶଳକ୍ରମେ ୫୭ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ବୃନ୍ଦାବନଙ୍କ କହିବାନୁସାରେ, ପୁଅ ଏମ୍ସର ନ୍ୟୁରୋଲୋଜି ବିଭାଗରେ ଚିକିତ୍ସା ହେଉଛନ୍ତି। ପୁଅର ଚିକିତ୍ସା ପାଇଁ ଘରୁ ଟଙ୍କା ନେଇ ଆସି ସମ୍ପର୍କୀୟଙ୍କ ଘରେ ରହିଥିଲେ। ରବିବାର ସକାଳ ସାଢେ ୯ଟାରେ ସେ ନୟାପଲ୍ଲୀ ଡିଏଭି ସ୍କୁଲ ନିକଟ ବସ୍‌ଷ୍ଟାଣ୍ଡରୁ ମୋ ବସ୍‌ରେ ଚଢିଥିଲେ। ଏମ୍ସ ଗେଟ ଆଗରେ ଓହ୍ଲାଇବା ପରେ ତାଙ୍କ ପକେଟରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ବସ୍ ଡ୍ରାଇଭର ଓ ହେଲପରଙ୍କୁ ଜଣାଇବା ସହ ସିସିଟିଭି ଦେଖିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ନିରାଶ ହେବା ପରେ ବୃନ୍ଦାବନ ଖଣ୍ଡଗିରି ଥାନାରେ ପହଞ୍ଚି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇବା ସହ ଲିଖିତ ଅଭିଯୋଗ କରିଥିଲେ। ତେବେ ଟଙ୍କା ଚୋରି ହୋଇଯାଇଥିବାରୁ ପୁଅର ଚିକିତ୍ସାକୁ ନେଇ ବାପା ବୃନ୍ଦାବନ ଚିନ୍ତାରେ ପଡିଛନ୍ତି।

ସୂଚନାଯୋଗ୍ୟ, ମାସକ ମଧ୍ୟରେ ମୋ ବସ୍ ଓ ଷ୍ଟାଣ୍ଡରୁ ଗହଳିର ସୁଯୋଗନେଇ ଚୋରି ବଢୁଛି। ନିକଟରେ କମିଶନରେଟ ପୋଲିସ ପଶ୍ଚିମବଙ୍ଗର ମହିଳା ଗ୍ୟାଙ୍ଗ ଓ ଅନ୍ୟ ଏକ ପୁରୁଷ ଗ୍ୟାଙ୍ଗକୁ ଧରିଥିଲା। ଏହାପରେ ବି ମୋ ବସ୍‌ରୁ ଚୋରି ଜାରି ରହିଥିବାରୁ ଏଥିରେ ଆହୁରି ଏକାଧିକ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ଚୋରି ରୋକିବାକୁ ଯାତ୍ରୀମାନେ ଦାବି କରୁଛନ୍ତି।

# ଜିଲାରେ ପାସ୍ ହାର ୯୭.୯୮%

ଖୋର୍ଦ୍ଧା, ୨୬ା୫ (ପ୍ରଭାତ ପାଣିଗ୍ରାହୀ)



ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ପାସ୍ ହାର ୯୭.୯୮ ପ୍ରତିଶତ ରହିଛି। ଜିଲାର ୧୨୯ ହାଇସ୍କୁଲର ପାସ୍ ହାର ଶତପ୍ରତିଶତ ରହିଛି। ଜିଲାର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ପରିଶ୍ରମ ସ୍ୱରୂପ ଏହି ସଫଳତା ମିଳିଥିବା କୁହାଯାଇଛି। ଏନେଇ ଶତପ୍ରତିଶତ ହାସଲ କରିଥିବା ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ପିଲାମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ଖୋର୍ଦ୍ଧା ବ୍ଲକ ବଘେଇଟାଙ୍ଗୀ ହାଇସ୍କୁଲରେ ପାସ୍ ହାର ଶତପ୍ରତିଶତ ରହିଛି। ୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ସେଥିରୁ ଏ-୨ ଜଣେ, ବି-୧ରେ ୨, ବି-୨ରେ ୨ଜଣ, ସି'ରେ ୧୦, ଡି'ରେ ୧୦ ଏବଂ ଇ' ରେ ୫ଜଣ ଅଛନ୍ତି। ସେହିପରି ହଳଦିଆ ହାଇସ୍କୁଲରେ ୯୪ଜଣ ପରୀକ୍ଷା ଦେଇଥିବା ବେଳେ ୮୫ପାସ୍ କରିଛନ୍ତି। ପାସ୍ ହାର ୯୨ପ୍ରତିଶତ ରହିଛି। ସେଥିରୁ ଏ-୨ରେ ୨ଜଣ, ବି-୧ରେ ୩, ବି-୨ରେ ୮, ସି'ରେ ୧୭, ଡି'ରେ ୨୮, ଇ'ରେ୨୭ ଏବଂ ଏଫ୍'ରେ ୭ଜଣ ରହିଛନ୍ତି। ବେଣୁଧର ବିଦ୍ୟାପୀଠ ବ୍ରଜମୋହନପୁରରେ ୨୪ଜଣ ପରୀକ୍ଷା ଦେଇଥିବା ବେଳେ ବି-୨ରେ ଏବଂ ସି'ରେ ୨ଜଣ ଲେଖାଏ, ଡିରେ ୭ ଓ ଇ'ରେ ୧୩ଜଣ ଅଛନ୍ତି। କାଇପଦର ବିଦ୍ୟାଳୟରେ ୬୦ଜଣ ପରୀକ୍ଷା ଦେଇଥିବା ବେଳେ ୫୬ଜଣ ପାସ୍ କରିଛନ୍ତି। ସେଥିରୁ ବି-୨ରେ ୯, ସି'ରେ ୧୧, ଡି'ରେ ୧୫, ଇ'ରେ ୨୧ଜଣ ରହିଛନ୍ତି। ଏସ୍ଏସ୍ ଦେବ ବିଦ୍ୟାପୀଠ ଅଣ୍ଡାରେ ୪୪ଜଣ ପରୀକ୍ଷା ଦେଇଥିବା ବେଳେ ପାସ୍ ହାର ଶତପ୍ରତିଶତ ରହିଛି। ସେଥିରୁ ବି୧ରେ ୨, ବି୨ରେ ୯, ସିରେ ୧୭, ଡିରେ ୧୦ ଏବଂ ଇ'ରେ ୬ଜଣ ରହିଛନ୍ତି। ବାଜପୁର ସରକାରୀ ହାଇସ୍କୁଲରେ ୧୦୯ଜଣ ପରୀକ୍ଷା ଦେଇଥିବା ବେଳେ ପାସ୍ ହାର ୯୮.୧୬ ପ୍ରତିଶତ ରହିଛି। ବି୧ରେ ୪, ବି୨ରେ ୧୧, ସିରେ୨୨, ଡିରେ ୩୮, ଇରେ ୩୨ ଏବଂ ଏଫରେ ୨ଜଣ ଅଛନ୍ତି। ବଙ୍ଗିଦା ହାଇସ୍କୁଲରେ ୪୦ଜଣ ପରୀକ୍ଷା ଦେଇଥିବା ବେଳେ ଫଳ ଶତପ୍ରତିଶତ ରହିଛି। ସେଥିରୁ ବି୧ରେ ୩, ବି-୨ରେ ୭, ସିରେ ୮, ଡିରେ୧୦ ଏବଂ ଇରେ ୧୧ଜଣ ରହିଛନ୍ତି। କାଇପଦର ଗୋପୀନାଥପୁର ହାଇସ୍କୁଲରେ ୪୩ଜଣ ପରୀକ୍ଷା ଦେଇଥିବା ବେଳେ ୪୧ଜଣ ପାସ୍ କରିଛନ୍ତି। ପାସ୍ ହାର ୯୫ପ୍ରତିଶତ ରହିଛି। ବି-୧ରେ ୩, ବି-୨ରେ ୫, ସି'ରେ ୧୧, ଡି'ରେ ୧୬, ଇ'ରେ ୬ ଏବଂ ଏଫ'ରେ ୨ଜଣ ରହିଛନ୍ତି। ମୁକ୍ତାପୁର ମହାମାୟା ହାଇସ୍କୁଲରେ ୫୯ଜଣ ପରୀକ୍ଷା ଦେଇଥିବା ଫଳ ଶତପ୍ରତିଶତ ରହିଛି। ସେଥିରୁ ଏ-୨ରେ ଜଣେ, ବି-୧ରେ ୩ଜଣ, ବି-୨ରେ ୭, ସି'ରେ ୧୫, ଡି'ରେ ୧୪ ଏବଂ ଇ'ରେ ୧୯ଜଣ ରହିଛନ୍ତି। କୁମାରବସ୍ତ ଏକଏଲଡି ହାଇସ୍କୁଲରେ ୩୭ଜଣ ପାସ୍ କରିଛନ୍ତି। ସେଥିରୁ ବି-୧ରେ ୨, ବି-୨ରେ ୪, ସି'ରେ ୧୫, ଡି'ରେ ୯ ଏବଂ ଇ'ରେ ୭ଜଣ ରହିଛନ୍ତି। ସରୋଜିନୀ ସାହୁ ୪୪୫ ଓ ପ୍ରକାଶ ପ୍ରଧାନ ୪୪୦ ନମ୍ବର ରଖିଛନ୍ତି। ଜେମାଦେଇ ଜୟୀରାଜଗୁରୁ ହାଇସ୍କୁଲରେ ୪୩ଜଣ ପରୀକ୍ଷା ଦେଇଥିବା ବେଳେ୪୧ଜଣ ପାସ୍ କରିଛନ୍ତି। ପାସ୍ ହାର ୯୫.୩୧ ପ୍ରତିଶତ ରହିଛି। ସେଥିରୁ ବି-୨ରେ ୨, ସି'ରେ ୧୩, ଡି'ରେ ୧୪, ଇ'ରେ ୧୨ଜଣ ରହିଥିବା ବେଳେ ୨ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

**ମାଟ୍ରିକ ପରୀକ୍ଷା ଫଳ**

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ, ୨୬ା୫ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତଙ୍କ ଦାଦା ବିଷ୍ଣୁଚରଣ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଶନିବାର ରାତିରେ ବିଷ୍ଣୁଙ୍କ ପୁତୁରା ରାଜେଶ, ବିଶ୍ୱନାଥ ଏବଂ କାଶୀନାଥଙ୍କୁ ମୁଣ୍ଡଳ ତଳସାହିର କେତେଜଣ ଯୁବକ ଅଶ୍ଳୀଳ ଇଙ୍ଗିତ କରିଥିଲେ। ବିଶ୍ୱନାଥ ଏବଂ ଅନ୍ୟମାନେ ଏହାକୁ ବିରୋଧ କରିବାରୁ ଅପରପକ୍ଷ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। କାଶୀନାଥ ଓ ବିଷ୍ଣୁ ଗୁରୁତର ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୧୩୬, ୧୩୭/୨୪) ରୁଜୁକରି ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି ବୋଲି ଥାନା ଅଧିକାରୀ ଶଶିକାନ୍ତ ରାଉତ ସୂଚନା ଦେଇଛନ୍ତି।

### ସ୍ୱୟଂପ୍ରକାଶ ବିଦ୍ୟାଳୟ ଟପ୍ପର

ଟାଙ୍ଗୀ, ୨୬ା୫ (ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ମାଟ୍ରିକ ପରୀକ୍ଷାଫଳ ୯୯ ପ୍ରତିଶତ ହୋଇଛି। ସ୍ୱୟଂ ପ୍ରକାଶ ମହାପାତ୍ର ୫୬୩ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଦେବାଶିଷ ବେହେରା ୫୫୨ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଏ-୨ ଗ୍ରେଡ୍‌ରେ ୩ ଜଣ, ବି-୧ ଗ୍ରେଡ୍‌ରେ ୮ଜଣ, ବି-୨ ଗ୍ରେଡ୍‌ରେ ୭ ଛାତ୍ରୀଛାତ୍ର ରହିଛନ୍ତି। ମୋଟ ୯୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମଫିଲପ୍ କରିଥିବା ବେଳେ ଜଣେ ଛାତ୍ର ପରୀକ୍ଷା ଦେଇ ନ ଥିଲେ। ୮୯ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ସୂଚନା ଦେଇଛନ୍ତି। ପୁରାତନ ଛାତ୍ରସଂସଦ ସମ୍ପାଦକ ବିଜୟ କୁମାର ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପୁରୁଣା ସ୍ମୃତି ମନେପକାଇଲେ

ବାଣପୁର, ୨୬ା୫ (ଦିଲୀପ ସ୍ୱାଇଁ)

ସ୍ଥାନୀୟ ଅଞ୍ଚଳର ପୁରାତନ ସରକାରୀ ଶିକ୍ଷା ଅନୁଷ୍ଠାନ ବାନାମ୍ବର ଏକାଡେମୀ ଭୀମପୁରର ୨୦୧୮ ମସିହାର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାଣପୁର ଗୋଦାବରୀଶ କଲେଜସ୍ଥିତ ମା' ଉଗ୍ରତାରୟଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ପୁରୁଣା ସ୍ମୃତି ମନେପକାଇବା ସହ ଭାବର ଆଦାନପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରେଶ୍ମା ପ୍ରଧାନ, ସୁନିତା ବେହେରା, ଝରଣା ସାହୁ, ପ୍ରୀତିନନ୍ଦା ପ୍ରିୟଦର୍ଶିନୀ, ରାକେଶ ସାହୁ, ରୂପେଶ ରଞ୍ଜନ ସାହୁ, ରୁଦ୍ର ବେହେରା, ଜ୍ଞାନ ସାହୁ, ସାହିଲ ପାତ୍ର, ଆଦିତ୍ୟ ଘଡ଼େଇ, ଅରୁଣ ମିଶ୍ର, ମୁନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ବେଗୁନିଆ ବ୍ଲକ ଟପ୍ପର ମନସ୍ୱିନୀ

ବେଗୁନିଆ, ୨୬ା୫
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ଉଦ୍ୟମରେ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଗତ ଫେବ୍ରୁଆରୀ ୨୦ରେ ଏହି ବ୍ଲକର ମୋଟ୍ ୧୬୫୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨୮୫ ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡ୍‌ରେ ୭ ଜଣ ଏବଂ ଏ-୨ ଗ୍ରେଡ୍‌ରେ ୪୩ ଜଣ ସଫଳତା ହାସଲ କରିଛନ୍ତି। କଣ୍ଟାବାଡ଼ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ସାହୁ ସର୍ବାଧିକ ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ବେଗୁନିଆ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ମୋଟ୍ ୧୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି।

### ଜଟଣୀ ବ୍ଲକର ୩ ଟପ୍ପର

ଜଟଣୀ/ଝାଁଳା, ୨୬ା୫
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଜଟଣୀ ବ୍ଲକ ଅଧୀନ ୨୫ଟି ବିଦ୍ୟାଳୟର ମୋଟ ୧୬୯୨ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୫ ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ରାଜକିଶୋର ବିଦ୍ୟାପୀଠର ସାଗରିକା ମହାପାତ୍ର ୫୫୨ ନମ୍ବର, କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶୁଭଙ୍କର ବେହେରା ୫୫୨ ନମ୍ବର, ଇଷ୍ଟ କୋଷ୍ଟ ରେଲ୍‌ୱେ ମିକ୍ସଡ ସେକେଣ୍ଡାରି ହାଇସ୍କୁଲର ପବିତ୍ର ସାହୁ ୫୫୨ ନମ୍ବର, ମା' ଭୁଆସୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଶୁଚିସ୍ମିତା ସାହୁ ୫୪୦ ନମ୍ବର ଏବଂ ଲବଣଗିରି ବିଦ୍ୟାପୀଠର ଯଶ୍ୱିନ୍ ପରମାଣିକ ୫୪୦ ନମ୍ବର ରଖିଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ସଫଳତା ପାଇଁ ଶିକ୍ଷକ ଏବଂ ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି।



ମାଟ୍ରିକ ରେଜଲ୍ଟ ବାହାରିବା ପରେ ଖୋର୍ଦ୍ଧାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମା, ଗୁରୁଜୀମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ଶତପ୍ରତିଶତ ପାସ୍‌ହାର

ଖୋର୍ଦ୍ଧା, ୨୬ା୫ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ପାସ୍ ହାର ଶତପ୍ରତିଶତ ହୋଇଛି। ବିଦ୍ୟାଳୟର ମୋଟ ୨୦୬ ପିଲା ପାସ୍ କରିଛନ୍ତି। ତନ୍ମଧ୍ୟରୁ ଏ-୧ ରେ ୪ଜଣ, ଏ-୨ ରେ ୨୮ ଜଣ, ବି-୧ରେ ୪୧ ଜଣ, ବି-୨ରେ ୪୯ ଜଣ, ସି'ରେ ୫୩ ଜଣ, ଡି'ରେ ୨୮ ଜଣ, ଇ'ରେ ୩ ଜଣ ପାସ୍ କରିଛନ୍ତି। ସର୍ବାଧିକ ୫୬୨ ନମ୍ବର ରଖି ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅଧୀନ ଉଇଲକିଶନ ନଗରର ଗଗନ ବିହାରୀ ସାହୁଙ୍କ ପୁଅ ଦିବ୍ୟଜ୍ୟୋତି ସାହୁ ପାସ୍ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ବେହେରା ୫୫୨, ଆଶୁତୋଷ ରାଉତ ୫୪୩, ପ୍ରିୟଦର୍ଶିନୀ ଜେନା ୫୪୦ ନମ୍ବର ରଖି ପାସ୍ କରିଛନ୍ତି। ଏହି ସଫଳତା ପାଇଁ ପ୍ରଧାନ ଆଚାର୍ଯ୍ୟ ଗିରିଜା ମହାପାତ୍ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚନ୍ଦନ ଯାତ୍ରା ମହୋତ୍ସବ ଆରମ୍ଭ

କୃଷ୍ଣପ୍ରସାଦ, ୨୬ା୫ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଗଡ଼ରେ ପାରମ୍ପରିକ ଚନ୍ଦନ ଯାତ୍ରା ମହୋତ୍ସବ ପାଞ୍ଚମୌଜା ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ଆରମ୍ଭ ହୋଇଯାଇଛି। ଇପିଙ୍ଗସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ବିମାନରେ ମଦନମୋହନଙ୍କ ଚଳନ୍ତି ପ୍ରତିମା ଓ ରାଜବାଟୀ ପରିସରରୁ ଶ୍ରୀକୃଷ୍ଣଙ୍କୁ ବିମାନ ଯୋଗେ ପାଟପଡୁଆରରେ ନିଆଯିବା ପରେ ମହାଦେବଙ୍କ ପୁଷ୍କରିଣୀରେ ଚାପ ଖେଳ ହୋଇଥିଲା। ଘଣ୍ଟ ଘଣ୍ଟା, ହରିବୋଲ, ହୁଳହୁଳି ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଗ୍ରହଙ୍କ ଏହି ଚାପଖେଳ ଦେଖିବା ପାଇଁ ପୁଷ୍କରିଣୀ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଚନ୍ଦନ ଯାତ୍ରାର ମୁଖ୍ୟ ପୁରୋଧାଭାବେ ଦାୟିତ୍ୱ ତୁଲାଉଥିବା ବେଳେ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କୃଷ୍ଣପ୍ରସାଦ ଗଡ଼ ଚନ୍ଦନ ପଡ଼ିଆ ଜନସାଧାରଣଙ୍କ ସମାଗମରେ ଉତ୍ସବମୁଖରିତ ହୋଇଉଠିଛି। ଏହି ଅବସରରେ ବିଭିନ୍ନ ଦିବସରେ ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଦୀର୍ଘ ଦୁଇ ଶହ ବର୍ଷରୁ ଊର୍ଦ୍ଧ୍ୱ ଧରି ଗଡ଼ଜାତ କୃଷ୍ଣପ୍ରସାଦରେ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଆସୁଛି ବୋଲି ବହୁ ବରିଷ୍ଠ ବ୍ୟକ୍ତି କହିଛନ୍ତି।



କୃଷ୍ଣପ୍ରସାଦ ଗଡ଼ରେ ଅନୁଷ୍ଠିତ ଚନ୍ଦନ ଯାତ୍ରା ମହୋତ୍ସବ ଅବସରରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ଏବଂ ଅନ୍ୟମାନେ।

## ବଜ୍ରପାତରେ ପୂର୍ବତନ ସମିତି ସଭ୍ୟଙ୍କ ମୃତ୍ୟୁ

ବେଗୁନିଆ, ୨୬ା୫ (ସନ୍ଧ୍ୟାରାଣୀ ମିଶ୍ର)

ବଜ୍ରପାତରେ ବେଗୁନିଆ ଥାନା ଅନ୍ତର୍ଗତ କଡ଼ବ ଗ୍ରାମର ନରହରି ସେଠୀଙ୍କ ମୃତ୍ୟୁ ଘଟିଛି। ସେ କଡ଼ବ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଥିଲେ। ସୂଚନା ମୁତାବକ, ରବିବାର କୋଟଲାଙ୍ଗଠାରେ ଅନୁଷ୍ଠିତ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମରେ ନରହରି ଯୋଗଦେଇ ଘରକୁ ଫେରୁଥିଲେ। ବାଟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ବଜ୍ରପାତରେ ଗୁରୁତର ହୋଇଥିଲେ। ଖବରପାଇ ବନ୍ଧୁମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପର୍କରେ ସରକାରୀଭାବେ କୌଣସି ସୂଚନା ମିଳିନାହିଁ।

## ପିଏନ୍ କଲେଜ: ୩ ବିଭାଗରେ ପାସ୍ ହାର ୮୭.୭୧ ପ୍ରତିଶତ

ଖୋର୍ଦ୍ଧା, ୨୬ା୫ (ପ୍ରଭାତ ପାଣିଗ୍ରାହୀ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ(ଯୁକ୍ତ୨) ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନରେ ପାସ୍ ହାର ୮୭.୭୧ ପ୍ରତିଶତ ରହିଛି। ୩ ବିଭାଗରେ ରେଗୁଲାରରେ ୧୩୭୫ ଜଣ ପରୀକ୍ଷା ଦେଇଥିବା ବେଳେ ୧୨୦୬ ଜଣ ପାସ୍ କରିଛନ୍ତି। ୧୬୩ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। କଳାରେ ୪୫୩ରୁ ୪୧୪ ପାସ୍ କରିଛନ୍ତି, ପାସହାର ୯୧.୩୯ ପ୍ରତିଶତ ରହିଛି। ବିଜ୍ଞାନରେ ୫୭୩ରୁ ୫୨୨ ପାସ କରିଛନ୍ତି, ଯାହାର ପାସ୍ ହାର ୯୧.୧ ଏବଂ ବାଣିଜ୍ୟରେ ୩୪୯ରୁ ୨୭୦ ପାସ୍ କରିଛନ୍ତି, ପାସ୍ ହାର ୮୭.୭୧ ପ୍ରତିଶତ ରହିଛି। କଳା, ବାଣିଜ୍ୟ ଏବଂ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୧୦ଜଣ ଲେଖାଏ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ୧୦ଜଣ ପ୍ରଥମ ଶ୍ରେଣୀରେ କେବଳ ଛାତ୍ରୀ ରହିଛନ୍ତି। ବାଣିଜ୍ୟରେ ଛାତ୍ରୀ ଏବଂ ବିଜ୍ଞାନରେ ଛାତ୍ର ଆଗରେ ରହିଛନ୍ତି।



ସୌମ୍ୟରଞ୍ଜନ ପ୍ରଧାନ

ପ୍ରଥମ ୩ ଜଣଙ୍କ ମଧ୍ୟରେ କଳାରେ ରୂପ୍‌ସା ଦାଶ ୫୩୦, ବର୍ଷାରାଣୀ ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ ୫୧୦ ଲେଖାଏ ନମ୍ବର ରଖିଥିବା ବେଳେ ରୁବି ବଳିୟାରସିଂ ୪୯୯ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟରେ ଶୁଭଶ୍ରୀ ଜେନା ଓ କ୍ରିଷ୍ଟା ଅଗ୍ରୱାଲ ଯୁଗ୍ମ ଭାବେ ୫୩୨, ମହେଶ କୁମାର ତାଣ୍ଡି ୫୨୫ ଏବଂ ଶୁଭଶ୍ରୀ ଜେନା ୫୨୨ ରଖିଛନ୍ତି। ବିଜ୍ଞାନରେ ସୌମ୍ୟରଞ୍ଜନ ପ୍ରଧାନ ୫୫୧, ସଂଘର୍ଷ ବେହେରା ୫୪୫ ଏବଂ ସୁବ୍ରତ ସାହୁ ୫୩୭ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, କଲେଜ ଅଧ୍ୟକ୍ଷା ବିନୋଦିନୀ ମିଶ୍ର ଏବଂ ପ୍ରାଧ୍ୟାପକ, ଅଧ୍ୟାପକମାନେ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର କାମନା କରିଛନ୍ତି।

## ୧୫ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା

ବୋଲଗଡ଼, ୨୬ା୫ (ଦେବବ୍ରତ ହୋତା)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ବୋଲଗଡ଼ ବ୍ଲକ ମୁଗମଣ୍ଡା ସ୍ଥିତ ଦେବଗୁରୁ ଆଦର୍ଶ ବିଦ୍ୟାପୀଠର ଛାତ୍ରୀ ପ୍ରତିଭା ଦଳେଇ ସ୍ଥାନୀୟ ବ୍ଲକସ୍ତରୀୟ ଟପ୍ପର ହୋଇଥିବା ବେଳେ ୯ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ବ୍ଲକ ଅଞ୍ଚଳରୁ ଟାଙ୍ଗୀସାହି ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସାଲୋଲିନ ସ୍ୱାଇଁ ୫୪୫ ନମ୍ବର, ଓମ୍ ପ୍ରକାଶ ସାମନ୍ତରାୟ ୫୪୩ ନମ୍ବର, ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଆୟୁଷ ତ୍ରିପାଠୀ ୫୪୧ନମ୍ବର, କଳାଙ୍ଗ କାହ୍ନୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ମହାପାତ୍ର ୫୪୦ ନମ୍ବର, ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଆଶିଷ କୁମାର ସାହୁ ୫୪୦, ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର କିରଣବାଳା ପୃଷ୍ଟି ୫୪୦ ନମ୍ବର, ଟାଙ୍ଗୀସାହି ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ପୂଜା ପରିଡା ୫୪୦ ଏବଂ ରୋଜି ବେହେରା ୫୪୦ ନମ୍ବର ରଖିଥିବା ଜଣାପଡ଼ିଛି। ବ୍ଲକ ଅଞ୍ଚଳରୁ ମୋଟ ୨୯ଟି ବିଦ୍ୟାଳୟରୁ ୧୫୭୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ୧୫୫୨ଜଣ କୃତକାର୍ଯ୍ୟ ହୋଇଛନ୍ତି ଏବଂ ୧୯ଜଣ ଫେଲ ହୋଇଛନ୍ତି। ବ୍ଲକସ୍ତରରେ ୯୮.୭୯ ପ୍ରତିଶତ ପାସ୍ ହାର ରହିଛି। ୧୫ଟି ବିଦ୍ୟାଳୟରେ ୧୦୦ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ଟାଙ୍ଗୀସାହିସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୪ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।



ପ୍ରତିଭା ଦଳେଇ

## ଘରକୁ ମାଡ଼ିଗଲା ଗ୍ୟାସ ବୋଝେଇ ଟ୍ରକ୍







ବୋଲଗଡ଼, ୨୬ା୫ (ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ପଞ୍ଚୁକୋଟ ନିକଟରେ ରବିବାର ଏକ ଗ୍ୟାସ୍ ବୋଝେଇ ଟ୍ରକ ରାସ୍ତାପାର୍ଶ୍ୱରେ ଥିବା ଏକ ଘର ଉପରକୁ ମାଡ଼ିଯିବା ଫଳରେ ଗୋଟିଏ ବଖରା ଘର ଚୂର୍‌ମାର୍ ହୋଇଯାଇଛି। ଏହି ଘରେ ଦୁଇ ପୁଅବୋହୂ ଓ ନାତିନାତୁଣୀଙ୍କ ସହ ବାସ କରୁଥିବା ପ୍ରହଲ୍ଲାଦ ବେହେରାଙ୍କ ପରିବାର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଜଟଣୀରୁ ଗ୍ୟାସ୍ ବୋଝେଇ କରି ନୟାଗଡ଼ ଅଭିମୁଖେ ଯାଉଥିବା ଏକ ଟ୍ରକ ମଧ୍ୟାହ୍ନରେ ବୋଲଗଡ଼ ପଞ୍ଚାୟତର ପଞ୍ଚୁକୋଟ ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାର ଡାହାଣପଟକୁ ମାଡ଼ିଯାଇଥିଲା। ଫଳରେ ପ୍ରହଲ୍ଲାଦଙ୍କ ଆଜବେଷ୍ଟସ୍ ଘରର ସମ୍ମୁଖ ଭାଗରେ ଥିବା ରୋଷେଇଘର ଭାଙ୍ଗିଯାଇଛି। ତେବେ ଏହି ସମୟରେ ସେଠାରେ କେହି ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।

## ଶିଶୁବିକାଶ ମେଧାବୃତ୍ତି ପରୀକ୍ଷାରେ ସୌମ୍ୟରଞ୍ଜନ ଜିଲା ଟପ୍ପର

ବୋଲଗଡ଼, ୨୬ା୫ (ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ଦ୍ୱିତୀୟ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ପାତ୍ର 'ସେଣ୍ଟର୍ ଫର ଚାଇଲ୍ଡ ୱେଲଫେୟାର ଆଣ୍ଡ ସୋସିଆଲ ଡେଭଲପମେଣ୍ଟ' ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ୨୫ତମ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାରେ ଖୋର୍ଦ୍ଧା ଜିଲା ଟପ୍ପର ହେବା ସହ ରାଜ୍ୟସ୍ତରରେ ୫ମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଗତ ଫେବୃଆରୀରେ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ୍ ୨୦୦ ମାର୍କରୁ ୯୧.୨୫ପ୍ରତିଶତ ହାରରେ ୧୮୨.୫ମାର୍କ ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବୁଦ୍ଧଙ୍କ ଅହିଂସା ମାର୍ଗ ସାମ୍ପ୍ରତିକ ସମାଜରେ ଅପରିହାର୍ଯ୍ୟ

ଭୁବନେଶ୍ୱର, ୨୬ା୫ (ଶର୍ମିଷ୍ଠା ପାଣିଗ୍ରାହୀ)

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ଓ କ୍ୟାପିଟାଲ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବୁଦ୍ଧଦେବଙ୍କ ୨୫୬୮ତମ ଜୟନ୍ତୀ ଉତ୍ସବ ନୀଳାଦ୍ରୀବିହାରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ ଯୋଗଦେଇ ବୁଦ୍ଧଦେବଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ। ଏଥିସହ ସେ ବୁଦ୍ଧଙ୍କ ପ୍ରଦର୍ଶିତ ଅହିଂସା ମାର୍ଗକୁ ଆପଣାଇବା ସାଂପ୍ରତିକ ସମାଜରେ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶୋଭନୀୟ ବାହିନୀ ଏବଂ କଟକ, ଉଦୟଗିରି ଓ ଭୁବନେଶ୍ୱର ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଆନ୍ଦୋଳନର ପ୍ରବର୍ତ୍ତକ କୁମାର ଭାଇଙ୍କ ରଚନାରୁ ସୋହମ୍ ସ୍ୱରୂପା, ବର୍ଷା, ସ୍ୱୟଂସିଦ୍ଧା ପାତ୍ର, ପ୍ରତିକ୍ଷା ମିଶ୍ର 'ବୁଦ୍ଧ ହେ ଆମ ବୁଦ୍ଧ, 'ବୁଦ୍ଧଂ ଶରଣଂ ଗଚ୍ଛାମି' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁମାରୀ ତମନ୍ନା ଓ ଦିପଙ୍କର ପ୍ରମୁଖ ବୁଦ୍ଧଦେବଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଶୋଭନୀୟ ଆନ୍ଦୋଳନର ଆଜୀବନ ସଭ୍ୟା ଗୁରୁମା ମମତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପୁରୁଷଙ୍କ ତୁଳନାରେ ଅଧିକ ଭୋଟ ଦେଲେ ମହିଳା

ଖୋର୍ଦ୍ଧା, ୨୬ା୫ (ପ୍ରଭାତ ପାଣିଗ୍ରାହୀ)

**ଜିଲାରେ ମତଦାନ ହାର ୬୫.୩୫%**

ଖୋର୍ଦ୍ଧା ଜିଲାରେ ଭୋଟ ହାର ୬୫.୩୫ ପ୍ରତିଶତ ରହିଛି। ସେଥିରୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ମତଦାନ ହାର ୬୩.୭୮ ପ୍ରତିଶତ ରହିଛି। ସେହିପରି ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀରେ ୭୧.୫୭ ପ୍ରତିଶତ ରହିଛି। ଜିଲାରେ ଚଳିତ ନିର୍ବାଚନରେ ୧୯ ଲକ୍ଷ ୬ ହଜାର ୫୧୮ ଭୋଟର ରହିଥିବା ବେଳେ ୧୨ ଲକ୍ଷ ୪୫ ହଜାର ୯୪୯ ଭୋଟ ଦେଇଛନ୍ତି। ସେଥିରୁ ପୁରୁଷ ୬,୪୦,୨୨୯, ମହିଳା ୬,୦୫,୫୯୧ ଏବଂ ଅନ୍ୟ ଭୋଟର ୧୨୯ ଜଣ ରହିଛନ୍ତି। ପୁରୁଷ ମତଦାନ ହାର ୬୪.୬୨, ମହିଳା ୬୬.୧୭ ଓ ଅନ୍ୟ ୨୨.୨୮ ପ୍ରତିଶତ ରହିଛି। ପୁରୁଷଙ୍କ ତୁଳନାରେ ମହିଳାଙ୍କ ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱରରେ ମତଦାନ ବୃଦ୍ଧି ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜୟଦେବ ନିର୍ବାଚନମଣ୍ଡଳୀରେ ମତଦାନ ହାର ୮୦.୭୭ ପ୍ରତିଶତ ରହିଛି। ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୧.୨୩ ପ୍ରତିଶତ ରହିଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୩.୯୩ ପ୍ରତିଶତ ରହିଛି। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୬.୪୨ ପ୍ରତିଶତ ରହିଛି। ଜଟଣୀ ନିର୍ବାଚନମଣ୍ଡଳୀରେ ମତଦାନ ହାର ୭୦.୧୯ ପ୍ରତିଶତ ରହିଛି। ଭୋଟ ଦେଇଛନ୍ତି ୧,୭୩,୨୨୫। ସେଥିରୁ ପୁରୁଷ ୯୦୯୭୦, ମହିଳା ୮୨୨୪୩ ଓ ଅନ୍ୟାନ୍ୟ ୧୨ ଜଣ ଅଛନ୍ତି। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀରେ ମତଦାନ ହାର ୭୧.୯୬ ପ୍ରତିଶତ ରହିଛି। ଭୋଟ ଦେଇଛନ୍ତି ୧,୫୭,୮୬୭। ସେଥିରୁ ପୁରୁଷ ୮୨୧୬୮, ମହିଳା ୭୫୬୯୪ ଓ ଅନ୍ୟାନ୍ୟ ୫ଜଣ ଅଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ମତଦାନ ହାର ୭୨.୭୫ ପ୍ରତିଶତ ରହିଛି। ଭୋଟ ଦେଇଛନ୍ତି ୧,୮୧,୩୬୪। ସେଥିରୁ ପୁରୁଷ ୯୧୯୬୦, ମହିଳା ୮୯୩୯୯ ଓ ଅନ୍ୟାନ୍ୟ ୫ ଜଣ ଅଛନ୍ତି। ପୁରୁଷ ମତଦାନ ହାର ୭୨.୪୨, ମହିଳା ୭୩.୧୦ ଓ ଅନ୍ୟ ୩୩.୩୩ ପ୍ରତିଶତ ରହିଛନ୍ତି। ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀରେ ମତଦାନ ହାର ୭୧.୫୭ ପ୍ରତିଶତ ରହିଛି। ଭୋଟ ଦେଇଛନ୍ତି ୧,୬୭,୨୮୩। ସେଥିରୁ ପୁରୁଷ ୭୭୭୬୦, ମହିଳା ୮୯୫୨୨ ଓ ଅନ୍ୟାନ୍ୟ ଜଣେ ଅଛନ୍ତି। ପୁରୁଷ ମତଦାନ ହାର ୬୩.୭୮, ମହିଳା ୮୦.୦୬ ଓ ଅନ୍ୟ ୧୧.୧୧ ପ୍ରତିଶତ ରହିଛି।

# ଜିଲାରେ ମାଟ୍ରିକ୍ ପାସ୍ ହାର ୯୭.୨୨%



ମାଟ୍ରିକ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ କୃତିତ୍ୱ ହାସଲ କରିଥିବା ପୁରୀ ମଧୁବନ ସରସ୍ୱତୀ ଶିଶୁ ମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ମିଠା ଖୁଆଉଛନ୍ତି।



ଏ-୧ ଗ୍ରେଡ୍‌ରେ କୃତିତ୍ୱ ହାସଲ କରିଥିବା ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରର କୃତୀ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି):**

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଛି। ରାଜ୍ୟରେ ପାସ୍ ହାର ୯୬.୦୭ ପ୍ରତିଶତ ରହିଛି। ସେହିପରି ପୁରୀ ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ସମୁଦାୟ ୧୭୧୪୪ ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ୧୭୦୬୩ ଜଣ ଫର୍ମ ପିଲଫ କରିଥିଲେ। ସେମାନଙ୍କ ମଧ୍ୟରୁ ଛାତ୍ର ୮୪୦୩, ୮୩୩୧ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୩୬୦ ଛାତ୍ର ଓ ୮୨୨୯ ଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ପାସ୍ ହାର ୯୭.୨୨ ରହିଛି। ଏ-୧ ଗ୍ରେଡ୍‌ରେ ୮୬ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏ-୨ରେ ୪୮୬, ବି-୧ରେ ୧୨୬୯, ବି-୨ରେ ୨୫୨୭, ସିରେ ୪୪୪୭, ଡିରେ ୪୫୮୧ ଏବଂ ଇ ଗ୍ରେଡ୍‌ରେ ୩୧୪୯୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପୁରୀ ସହରରେ ଥିବା ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଭଲ ମାର୍କ ରଖି ପାସ୍ କରିଛନ୍ତି। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ଜଣ ଏ-୧ରେ, ଏ-୨ରେ ୧୯, ବି-୧ରେ ୩୬, ବି-୨ରେ ୩୧, ସି ଗ୍ରେଡ୍‌ରେ ୨୪, ଡି ଗ୍ରେଡ୍‌ରେ ୭ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସମସ୍ତ ୧୨୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏ-୧ରେ ଜଣେ, ଏ-୨ରେ ୯, ବି-୧ ରେ ୧୦, ବି-୨ରେ ୨୪, ସିରେ ୧୯, ଡିରେ ୬, ଇରେ ୪ ଜଣ ଏହିପରି ସମସ୍ତ ୭୩ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬ଜଣ ଏ-୧, ଏ-୨ରେ ୧୨, ବି-୧ରେ ୧୪, ବି-୨ରେ ୨୧, ସିରେ ୯, ଡିରେ ୩ ଏହିପରି ୭୩ ଜଣ ପାସ୍ କରିଛନ୍ତି। ସେହିପରି ପୁରୀ ଜିଲା ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ବିଦ୍ୟାଳୟର ୨୬ ଜଣ ପିଲା ଏ-୧ ଓ ଏ-୨ ଗ୍ରେଡ୍‌ରେ ପାସ୍ କରିଛନ୍ତି। ବିଶ୍ୱମ୍ଭର ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭୋଳାନାଥ ବିଦ୍ୟାପୀଠ ସମେତ ସହରର ବିଭିନ୍ନ ବିଦ୍ୟାଳୟରେ ପରୀକ୍ଷା ଫଳ ଭଲ ହୋଇଥିବା ଜଣାପଡ଼ିଛି।

## ପରୀକ୍ଷାଫଳ ଆଣିଲା ଖୁସି

**ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)**

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ପରୀକ୍ଷାରେ ପୁରୀ ଜିଲାରେ ପାସ୍ ହାର ୯୭.୨୨ ପ୍ରତିଶତ ହୋଇଛି। ପରୀକ୍ଷା ଫଳକୁ ନେଇ ଅନେକ ବିଦ୍ୟାର୍ଥୀ ଖୁସି ଥିବାବେଳେ ଅନ୍ୟ କେତେଜଣ ଛାତ୍ରୀଛାତ୍ର ଆହୁରି ଅଧିକ ମାର୍କ ରହିଥାନ୍ତା ବୋଲି କହିଛନ୍ତି।

### ପ୍ରଫେସର ହେବାକୁ ସ୍ୱୟଂସ୍ନିଗ୍ଧାଙ୍କ ଇଚ୍ଛା



ସ୍ୱୟଂସ୍ନିଗ୍ଧା ତ୍ରିପାଠୀ ୯୨.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ହେଉଛନ୍ତି ଶିକ୍ଷାବିତ୍ ଧରିତ୍ରୀ ତ୍ରିପାଠୀ ଓ ଗୋପାଳ ଚନ୍ଦ୍ର ତ୍ରିପାଠୀଙ୍କ ଝିଅ ଏବଂ ଗୀତିକାର ବଦ୍ରି ମିଶ୍ରଙ୍କ ଝିଆରି। ସ୍ୱୟଂସ୍ନିଗ୍ଧା କହିଛନ୍ତି, ତାଙ୍କୁ ଆଶାନୁଯାୟୀ ମାର୍କ ମିଳିଛି। ୯୦ ପ୍ରତିଶତ ମାର୍କ ରଖିବାକୁ ଆଶା ଥିଲା, ତେବେ ତା'ଠାରୁ ଅଧିକ ମାର୍କ ରହିଛି। ତେଣୁ ଖୁସି ଅଛନ୍ତି। ଆଗକୁ ବିଜ୍ଞାନ ପଢିବେ ଭବିଷ୍ୟତରେ ସେ ପ୍ରଫେସର ହେବାକୁ ଇଚ୍ଛା ରଖିଥିବା କହିଛନ୍ତି। ଏହି କୃତିତ୍ୱ ପାଇଁ ସେ ଗୁରୁମା ଗୁରୁଜୀ, ଜେଜେମା, ମାମୁଁ ଅଜା ପଣ୍ଡିତ ଗଦାଧର ଦାଶ ଏବଂ କକା ଦେବୀପ୍ରସାଦ ରାଜଗୁରୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଦିନକୁ ୬ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ ବିଶ୍ୱଭୂଷଣ



ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଶ୍ୱଭୂଷଣ ବରାଳ କହିଛନ୍ତି ସେ ଦିନକୁ ୫ -୬ ଘଣ୍ଟାରୁ ଅଧିକ ସମୟ ପରିଶ୍ରମ କରୁଥିଲେ। ପରୀକ୍ଷାରେ ସେ ୯୪ ପ୍ରତିଶତ ମାର୍କ ରଖିଛନ୍ତି। କୃତକାର୍ଯ୍ୟ ପାଇଁ ସେ ମା', ବାପା, ଗୁରୁମା ଗୁରୁଜୀଙ୍କୁ ଶ୍ରେୟ ଦେଇଛନ୍ତି। ୯୫ ପ୍ରତଶତ ମାର୍କ ରହିବା ନେଇ ଆଶା କରିଥିଲେ। ଆଗକୁ କ'ଣ ପଢିବେ ସେ ନେଇ ଅଭିଭାବକ ଓ ଗୁରୁଜୀ ଗୁରୁମାଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ।

### ଯୁକ୍ତ୨ ବିଜ୍ଞାନ ପଢ଼ିବେ ଓ ନିଟ୍ ପରୀକ୍ଷା ଦେବେ ସ୍ମୃତିରଞ୍ଜନ



ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍ମୃତିରଞ୍ଜନ ସାହୁ ୯୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଇଂଲିଶ ବିଷୟରେ ମାର୍କ କିଛି କମ୍ ରହିଛି। ତେଣୁ ଟିକେ ମନଦୁଃଖ ହେଉଛି। ଦିନକୁ ୫ରୁ ୬ଘଣ୍ଟା ପରିଶ୍ରମ କରୁଥିଲେ। କୃତିତ୍ୱ ପାଇଁ ଗୁରୁମା ଗୁରୁଜୀଙ୍କ ସହ ମା', ବାପା ମାଙ୍କୁ ଶ୍ରେୟ ଦେଇଛନ୍ତି। ଆଗକୁ ଯୁକ୍ତ୨ ବିଜ୍ଞାନ ପଢ଼ିବେ ଓ ନିଟ୍ ପରୀକ୍ଷା ଦେବେ। ସଫଳତା ପାଇଁ ସେ ଭଗବାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ବିୟୋଗରେ ଶୋକ

**ଯୋଗେଶ୍ୱରପୁର,୨୬।୫(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଧୀନ ଧୂମାଲ ପଞ୍ଚାୟତର ନରସିଂହପୁର ହାଟର ପରିବା ବ୍ୟବସାୟୀ ଗଣେଶ ଚନ୍ଦ୍ର ପାତ୍ରଙ୍କ ବିୟୋଗରେ ରବିବାର ପରିବା ହାଟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ବ୍ୟବସାୟ ସଂଘ ସଭାପତି କେଦାର ସାହୁ, ସଦାଶିବ ମହାନ୍ତି, ମନାନ ସାହୁ, କ୍ଷେତ୍ରମୋହନ ବିଶ୍ୱାଳ, ନିରଞ୍ଜନ ପାତ୍ର, କାବୁଲି ପୃଷ୍ଟି ପ୍ରମୁଖ ଯୋଗଦେଇ ନିରବ ପ୍ରାର୍ଥନା ସହିତ ସ୍ୱର୍ଗତ ପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ପାର୍ଥସାରଥୀଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୨୬।୫(ମମତା ଜେନା):**

ସାପ୍ତାହିକ ଖବରକାଗଜ 'ଚିର ସନ୍ଧାନ' ଓ ବେଙ୍ଗାଲୁରୁସ୍ଥିତ ଓଡ଼ିଆ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧବାର୍ଷିକୀରେ 'ଚିରସନ୍ଧାନ' ସମ୍ପାଦକ ତଥା ଅସ୍ତରଙ୍ଗ ବାଘମୁଣ୍ଡା ଗ୍ରାମର ଡ. ପାର୍ଥସାରଥୀ ଅଜୟ ବାରିକ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଇସ୍ରୋର ପୂର୍ବତନ ବୈଜ୍ଞାନିକ ଡ. କାର୍ତ୍ତିକ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜ୍ଞାନାନନ୍ଦ ମିଶ୍ର, ଶୋଭା ରାୟ, ସ୍ନେହଲତା ମିଶ୍ର, ଡଲି ମହାପାତ୍ର ପ୍ରମୁଖ ଯୋଗଦେଇ ଭାଷଣ ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଡ. ପାର୍ଥସାରଥୀଙ୍କୁ ଉତ୍ତରୀୟ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ତାପସରାଜ ମହାରଣା ସ୍ୱାଗତ ଭାଷଣ ଓ ଶେଷରେ କବି ପ୍ରେମଚାନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବେଙ୍ଗାଲୁରୁରେ ବସବାସ କରୁଥିବା ବହୁ ପ୍ରବାସୀ ଓଡ଼ିଆ ଏଥିରେ ଯୋଗଦାନ କରିଥିଲେ ।

## ନହଲାପଡ଼ା ହାଇସ୍କୁଲରେ ନୈନା, ଶାରଳା ବିଜ୍ଞାନ ବିଦ୍ୟାଳୟରେ ସୋମ୍ୟାଶିକ୍ତା ଟପ୍ପର

**ପିପିଲି/ କାକଟପୁର,୨୬।୫ (ଦୁର୍ଗାମାଧବ ମିଶ୍ର/ ଶୁଭଦର୍ଶନ ମିଶ୍ର)**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପିପିଲି ବ୍ଲକ ଅଧୀନ ନହଲାପଡ଼ା ହାଇସ୍କୁଲର ମାଟ୍ରିକ୍ ପରୀକ୍ଷାଫଳ ଶତପ୍ରତିଶତ ହୋଇଛି। ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପାଇଥିବା ଏହି ହାଇସ୍କୁଲରେ ୯୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ପରୀକ୍ଷା ସମୟରେ ଶାରୀରିକ ଅସୁସ୍ଥତା କାରଣରୁ ଜଣେ ପିଲାଙ୍କୁ ବାଦ୍ ଦେଇ ୯୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ନୈନା ସ୍ୱାଇଁ ୫୫୨ (୯୨%) ନମ୍ବର ରଖି ଉକ୍ତ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ଜଣେ, ଏ-୨ ଗ୍ରେଡରେ ୩ ଜଣ, ବି- ୧ ଗ୍ରେଡରେ ୨୦ ଜଣ, ବି- ୨ ଗ୍ରେଡରେ ୨୭ ଜଣ, ଏହିପରି ୫୧ ଜଣ ଛାତ୍ରୀଛାତ୍ର ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଅନ୍ୟ ସମସ୍ତେ ସି, ଡି ଏବଂ ଇ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି।



ସୋମ୍ୟାଶିକ୍ତା ମହାନ୍ତି

ସୂଚନାଥାଉ କି, ଗତ ୫ ବର୍ଷ ହେଲା ମାଟ୍ରିକ୍ ପରୀକ୍ଷା ଫଳରେ ଏହି ହାଇସ୍କୁଲ୍ ବେଷ୍ଟ ସ୍କୁଲ୍ ପୁରସ୍କାର ପାଇ ଆସୁଛି। ଏହି ସଫଳତା କେବଳ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅଭିଭାବକ ତଥା ଅଞ୍ଚଳବାସୀଙ୍କ ସହଯୋଗ ଏବଂ ଶିକ୍ଷକଙ୍କ ନିରନ୍ତର ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି ବୋଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମିୟ ରଞ୍ଜନ ରାଉତ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ପୁରୀ ଜିଲା କାକଟପୁର ବ୍ଲକ ଅଧୀନ ଶାରଳା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ଶତପ୍ରତିଶତ ଫଳାଫଳ ହୋଇଛି। ଚଳିତବର୍ଷ ଶାରଳା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୯ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ସ୍ୱଦେଶ ମହାନ୍ତିଙ୍କ ଝିଅ ସୋମ୍ୟାଶିକ୍ତା ମହାନ୍ତି ୫୪୮ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏହା ସହ ବିଦ୍ୟାଳୟର ସୋମ୍ୟରଞ୍ଜନ ବାହାଲିଆ ୪୮୭ ନମ୍ବର, ମୁକେଶ ବେହେରା ୪୮୭ ନମ୍ବର, ଶୁଭମ୍ ପ୍ରଧାନ ୪୭୭ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା କଲେଜ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଏହି ସଫଳତାର ଶ୍ରେୟ ୭ରୁ ୮ ଘଣ୍ଟା ପରିଶ୍ରମ, ମା' ବାପାଙ୍କ ପ୍ରେରଣା, କଲେଜରେ ଉନ୍ନତଧରଣ ଶିକ୍ଷାପ୍ରଣାଳୀ ଏବଂ ଭଗବାନଙ୍କ ଆଶୀର୍ବାଦରୁ ସମ୍ଭବ ହୋଇଛି ବୋଲି ଛାତ୍ରୀଛାତ୍ର କହିଛନ୍ତି।

## ଅରିଜିତ୍, ଶୁଭମ୍ ବ୍ଲକ ଯୁଗ୍ମ ଟପ୍ପର

**ଅସ୍ତରଙ୍ଗ,୨୬।୫(ମମତା ଜେନା):**

ଚଳିତ ଦଶମ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ ପାଟଳଦା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅରିଜିତ୍ ଦିବ୍ୟଦର୍ଶନ ଦାସ ଓ ଛୁରିଅନା ପଞ୍ଚାୟତ ବେଳାଭୂମି ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ୍ ସାହୁ ୫୫୨ ନମ୍ବର ରଖି ବ୍ଲକ ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ଅଠତିରାସ୍ଥିତ ଐଶାନେଶ୍ୱର ବିଦ୍ୟାପୀଠ ଛାତ୍ର ଶୁଭ୍ରାଂଶୁ ଶେଖର ବେହେରା ୫୪୩ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ହାସଲ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସମସ୍ତ ଗୁରୁଜନ ତଥା ନିଜ ପରିବାରର ପ୍ରେରଣା ଓ ଆଶୀର୍ବାଦକୁ ଛାତ୍ରମାନେ ଶ୍ରେୟ ଦେବା ସହିତ ଆଗକୁ ରୋଗୀ କଲ୍ୟାଣ ନିମନ୍ତେ ଡାକ୍ତରୀ ପାଠ ପଢ଼ିବାକୁ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ରିଉ ରଥ ସତ୍ୟବାଦୀ ବ୍ଲକ ଟପ୍ପର

**ସାକ୍ଷୀଗୋପାଳ,୨୬।୫ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର)**



ଚଳିତବର୍ଷ ମାଟ୍ରିକରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରିଉ ରଥ ୫୬୫ ନମ୍ବର ରଖି ସତ୍ୟବାଦୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ବ୍ଲକରେ ମୋଟ ୮ ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରୀତି ପ୍ରଜ୍ଞା ୫୪୧ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରୁ ସୌମ୍ୟରଞ୍ଜନ ସ୍ୱାଇଁ ୫୪୦ ନମ୍ବର, ତୃତୀୟା ଦେବ ବିଦ୍ୟା ନିକେତନ ଶୁକଳର ଛାତ୍ର ବିଶ୍ୱପ୍ରକାଶ ବାରିକ ୫୪୯ ନମ୍ବର, ନୂଆ ସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ସମ୍ବିତ ରଞ୍ଜନ ହୋତା ୫୪୯ ନମ୍ବର, ପଞ୍ଚସଖା ବିଦ୍ୟାପୀଠ ବନପୁରର ଛାତ୍ର ବିନୀତ ରଥ ୫୪୪ ନମ୍ବର, ଛାତ୍ରୀ ସୌମ୍ୟାଶ୍ରୀ ପ୍ରଧାନ ୫୪୮ ନମ୍ବର ଓ ଆୟୁଷ୍ମାନ୍ ଦାଶ ୫୫୨ ରଖି ଏ-୧ ସ୍ଥାନ ହାସଲ କରିଛନ୍ତି। ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷା ପାଇଁ ୧୩୬୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୫୧ ଜଣ ପରୀକ୍ଷା ଦେଇଥିଲେ ଓ ୧୭ ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ୧୩୧୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ଓ ୩୩ ଜଣ ଫେଲ୍ ହୋଇଛନ୍ତି। ଚଳିତ ବର୍ଷ ବ୍ଲକରେ ୯୭.୫୫% ଫଳାଫଳ ହୋଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ପ୍ରକାଶ କରିଛନ୍ତି। ବ୍ଲକ ଟପ୍ପର ହୋଇଥିବା ରିଉଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

## ବାତ୍ୟା ପ୍ରଭାବରେ ଦିନତମାମ ପୁରୀରେ ବର୍ଷା

**ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)**

ଭୀଷଣ ବାତ୍ୟାରେ ପରିଣତ ହୋଇଥିବା ସାମୁଦ୍ରିକ ଝଡ଼ ରେମାଲର ପ୍ରଭାବ ଓଡ଼ିଶା ଉପରେ ପରୋକ୍ଷ ପ୍ରଭାବ ପକାଇଛି। ଏହା ପ୍ରଭାବରେ ପୁରୀ ସହରରେ ରବିବାର ଦିନତମାମ ବର୍ଷା ଲାଗିରହିଥିଲା। ସକାଳୁ ଆକାଶ ମେଘାଛନ୍ନ ରହିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳକୁ ବର୍ଷା ଆରମ୍ଭ ହୋଇଥିଲା। ଦିନ ଗଡିବା ସହ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ଢୁହାକୁ ଢୁହା ବର୍ଷା ହୋଇଥିଲା। ବର୍ଷା କାରଣରୁ ଜନଜୀବନ ହସ୍ତବ୍ୟସ୍ତ ହୋଇଥିବାବେଳେ ବଡ଼ଦାଣ୍ଡରେ ଭକ୍ତଙ୍କ ସଂଖ୍ୟା କମ୍ ଥିଲା। ପୁରୀ ସମୁଦ୍ର ଅଶାନ୍ତ ରହିଥିଲା। ଅପରପକ୍ଷରେ ବର୍ଷା କାରଣରୁ ପ୍ରବଳ ଗରମରେ କଳବଳ ହେଉଥିବା ଜନସାଧାରଣ ଆଶ୍ୱସ୍ତି ଅନୁଭବ କରିଥିଲେ।

## ଇଂକିନ ଈପ୍ସିତା ପରିଡ଼ା ନିମାପଡ଼ା ବ୍ଲକ ଟପ୍ପର

**ନିମାପଡ଼ା,୨୬।୫(ବିଚିତ୍ରାନନ୍ଦ ସାହୁ):**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଇଂକିନ ଈପ୍ସିତା ପରିଡ଼ା ୫୬୧ ନମ୍ବର ଅର୍ଥାତ୍ ୯୩.୫% ରଖି ନିମାପଡ଼ା ବ୍ଲକରେ ଟପ୍ପର ହୋଇଛନ୍ତି। ଈପ୍ସିତା ଏହି ପରୀକ୍ଷା ପାଇଁ ଦୈନିକ ୭/୮ ଘଣ୍ଟା ପରିଶ୍ରମ କରୁଥିଲେ। ନିଷ୍ଠାର ସହ କଠୋର ପରିଶ୍ରମ କଲେ ସଫଳତା



ନିଶ୍ଚୟ ମିଳିବ। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସମସ୍ତ ଶ୍ରେୟ ମା' ହେମଲତା ପରିଡ଼ା, ବାପା ଅକ୍ଷୟ ପରିଡ଼ା, ବିଦ୍ୟାଳୟର ଗୁରୁମା', ଗୁରୁଜୀ, ଟ୍ୟୁଶନ ସାର୍ ଓ ଭଗବାନଙ୍କୁ ଦେଇଛନ୍ତି। ମାଟ୍ରିକ୍ ପରୀକ୍ଷାରେ ଶିଶୁ ବିଦ୍ୟାମନ୍ଦିରର ଶତ ପ୍ରତିଶତ ଫଳାଫଳ ହୋଇଥିବା ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ପ୍ରଧାନ, ସମ୍ପାଦକ ରମେଶ ସ୍ୱାଇଁ କହିଛନ୍ତି। ଈପ୍ସିତା ନିମାପଡ଼ା ବ୍ଲକର ଟପ୍ପର ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ କହିଛନ୍ତି।

## ଜବତ ଗାଡ଼ିରୁ ମିଳିଲା ୪୪ ହଜାର ଟଙ୍କା

**ଗୋପ,୨୬।୫(ଭାରତୀ ଭୂଷଣ ଉପାଧ୍ୟାୟ):**

ଦୁଇଦିନ ତଳେ ଗୋପ ଥାନା ଅନ୍ତର୍ଗତ ପୋଡ଼ପଡା ଗାଁ ନିକଟରୁ ପୋଲିସ ଦ୍ୱାରା ଜବତ ହୋଇଥିବା ଗାଡ଼ିରୁ ରବିବାର ସନ୍ଧ୍ୟାରେ ୪୪ ହଜାର ଟଙ୍କା ମିଳିଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ସକାଳେ ଗୋପ ଥାନା ଏସ୍ ଆଇ ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରିବା ବେଳେ ଗୋପ ଥାନା ଅଧୀନ ପୋଡପଡା ନିକଟରେ ଏକ ଇଣ୍ଡିକା କାର୍‌କୁ ଅଟକାଇ ଥିଲା। କାର୍ (ଓଡି-୦୨- ସିଏଚ୍-୮୩୧୫) ରେ ଥିବା ୪/୫ ଜଣ ଯୁବକ ଦୌଡ଼ି ପଳାଇଥିଲେ। ହେଲେ ଗାଡ଼ି ଲକ୍ ପଡ଼ିଯାଇଥିବାରୁ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ଗାଡ଼ି ଲକ୍ ଖୋଲାଯିବ ବୋଲି ପୋଲିସ ସୂଚନା ଦେଇଥିଲା। ରବିବାର ସନ୍ଧ୍ୟାରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ନମ୍ବର ୩ର ଅଧିକାରୀ ଗୋପିନାଥ ବେହେରାଙ୍କ ଉପସ୍ଥିତିରେ ଜବତ ଗାଡ଼ିର ଲକ୍ ଭଙ୍ଗା ଯିବାପରେ ଏକ କଳା ବ୍ୟାଗ୍ ଭିତରେ ୪୪ ହଜାର ଟଙ୍କା ଥିବା ଦେଖିବାକୁ ମିଳିଥିଲା। ଏହି ଟଙ୍କାକୁ ଜବତ କରାଯାଇ ଗାଡ଼ି ମାଲିକଙ୍କୁ ଡକାଯାଇଥିବା ପୋଲିସ କହିଛି।

## 'ନାରାୟଣୀଙ୍କ ବିଜେର ଇତିହାସ ମିଳୁନି'

**ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି):**

### ପୀଠରେ ବିଶ୍ୱଶାନ୍ତି ଦେବୀ ଯଜ୍ଞ

ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱସ୍ଥ ମା' ନାରାୟଣୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ବିଶ୍ୱଶାନ୍ତି ଦେବୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଯଜ୍ଞ ଆରମ୍ଭ ହୋଇ ରବିବାର ପୂର୍ଣ୍ଣାହୁତିରେ ଶେଷ ହୋଇଥିଲା। ନଅଦେଶ ୩୬ପଡ଼ା ଗ୍ରାମର ଲୋକେ ଏଥିରେ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ଘଣ୍ଟଘଣ୍ଟା ନାଦରେ ମହିଳାମାନେ ନୂଆନଇରୁ କଳସରେ ପାଣି ନେଇ ନାରାୟଣୀ ବନ୍ତରେ ସ୍ଥାପନ କରିଥିଲେ। ଫାଉଣ୍ଡେଶନର ସଭାପତି ଛବିନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ସଂଯୋଜକ ଲକ୍ଷ୍ମୀଧର ଗୋଚ୍ଛାୟତଙ୍କ ସହ କମିଟିର ସମସ୍ତ ସଦସ୍ୟ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମା' ନାରାୟଣୀ ଫାଉଣ୍ଡେଶନ ପକ୍ଷରୁ ଯଜ୍ଞ ଆୟୋଜନ କରାଯାଇଥିଲା। ପ୍ରତିବର୍ଷ ଏଭଳି ଯଜ୍ଞ ଆୟୋଜନ ହେଉଥିବାବେଳେ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ଭାଗ ନିଅନ୍ତି। ମା' ନାରାୟଣୀ କେବେଠାରୁ ବନ୍ତରେ ବିଜେ କରିଛନ୍ତି ତା'ର ଇତିହାସ ମିଳୁନାହିଁ। କଳାପାହାଡ଼ ୫୦୦ ବର୍ଷ ତଳେ ମନ୍ଦିର ଭାଙ୍ଗିଦେବା ପରେ ମା' ଗଛମୂଳେ ପଡ଼ିରହିଥିଲେ। ପରବର୍ତ୍ତୀ ସମୟରେ ନଅ ଦେଶର ଯୁବକମାନେ ମିଳିତ ହୋଇ ଭବ୍ୟ ମନ୍ଦିର ନିର୍ମାଣ କରାଇଛନ୍ତି। ନୃସିଂହ ଜନ୍ମୋତ୍ସବରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେଥିପାଇଁ ପ୍ରତିବର୍ଷ ଏହି ତିଥିରେ ଯଜ୍ଞ ହୋଇଆସୁଛି ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



## ବିଜ୍ଞାନରେ ପାସ୍ ହାର ୯୦.୭୯, କଳାରେ ୮୩.୪୫, ବାଣିଜ୍ୟରେ ୮୪.୫୩%

**ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ପୁରୀ ଜିଲାରେ ବିଜ୍ଞାନରେ ୯୦.୭୯, କଳାରେ ୮୩.୪୫, ବାଣିଜ୍ୟରେ ୮୪.୫୩ ଏବଂ ଧନ୍ଦାମୂଳକ ପରୀକ୍ଷାରେ ୮୩.୪୫ ପ୍ରତିଶତ ପାସ୍ ହାର ରହିଛି। ବିଜ୍ଞାନରେ ୪୫୨୬ ଜଣ ପରୀକ୍ଷା ଦେଇଥିବାବେଳେ ୪୦୯୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି କଳାରେ ୯୯୭୮ ଜଣ ପରୀକ୍ଷା ଦେଇଥିବାବେଳେ ୮୩୨୭ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟରେ ୭୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୬୬୭ ଜଣ ପାସ୍ କରିଛନ୍ତି। ଧନ୍ଦାମୂଳକରେ ୯୯୭୮ ଜଣ ପରୀକ୍ଷା ଦେଇଥିବାବେଳେ ୮୩୨୭ କୃତକାର୍ଯ୍ୟ ହୋଇଛନ୍ତି।

### ପୁରୀ ଜିଲାରେ ଯୁକ୍ତ୨ ପରୀକ୍ଷା ଫଳ

ପୁରୀ ସହରର ସାମନ୍ତ ଚନ୍ଦ୍ରଶେଖର ହାୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷ କଳାରେ ରେଗୁଲାର ପାସ୍ ହାର ୮୯.୮୪ ପ୍ରତିଶତ ରହିଥିବା ବେଳେ ଏକ୍ସରେଗୁଲାର ପାସ୍ ହାର ୪୨.୮୬ ପ୍ରତିଶତ ରହିଛି। ରେଗୁଲାଲ କଳାରେ ଚଳିତ ବର୍ଷ ୫୦୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୫୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୨୮୨, ଦ୍ୱିତୀୟ ଶ୍ରେଣୀରେ ୭୮, ତୃତୀୟ ଶ୍ରେଣୀରେ ୯୧ ଜଣ ପାସ୍ ହୋଇଛନ୍ତି। ୪୯ଜଣ ଫେଲ ହୋଇଥିବା ବେଳେ ଜଣେ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ସେହିପରି ଜଣେ କପି କରି ଧରାପଡ଼ିଥିଲେ। ଅପରପକ୍ଷରେ ଏକ୍ସ ରେଗୁଲାଲରେ ମୋଟ ୧୪ ଜଣ ପରୀକ୍ଷାଦେଇଥିବା ବେଳେ ୬ ଜଣ ପାସ ହୋଇଛନ୍ତି। ଜଣେ ପ୍ରଥମ ଶ୍ରେଣୀରେ, ଦୁଇଜଣ ଦ୍ୱିତୀୟ ଶ୍ରେଣୀରେ ଓ ତିନିଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୬ଜଣ ଫେଲ ହୋଇଛନ୍ତି। ଜଣେ ଅନୁପସ୍ଥିତ ଥିବା ବେଳେ ଜଣେ କପି କରି ଧରାପଡିଥିଲେ। ବାଣିଜ୍ୟରେ ୨୪୨ ଜଣ ରେଗୁଲାର ପାରୀକ୍ଷା ଦେଇଥିବା ବେଳେ ୨୧୪ ଜଣ ପାସ୍ କରିଛନ୍ତି। ପାସ ହାର ୮୮.୮୪ ପ୍ରତିଶତ ରହିଛି। ୨୧୪ ଜଣ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୧୧୯, ଦ୍ୱିତୀୟ ଶ୍ରେଣୀରେ ୫୮, ତୃତୀୟ ଶ୍ରେଣୀରେ ୩୮ ଜଣ ପାସ୍ କରିଛନ୍ତି। ସେହିପରି ୨୫ଜଣ ଫେଲ ହୋଇଛନ୍ତି। ଅପରପକ୍ଷରେ ଏକ୍ସ ରେଗୁଲାରେ ପାସ୍ ହାର ୩୮.୪୬ ପ୍ରତିତ ରହିଛି। ମୋଟ ୧୩ ଜଣ ପରୀକ୍ଷା ଦେଇଥିବାବେଳେ ୫ ଜଣ ପାସ ହୋଇଛନ୍ତି। ବିଜ୍ଞାନରେ ୫୦୫ ଜଣ ପରୀକ୍ଷା ଦେଇଥିବା ବେଳେ ୪୪୮ ଜଣ ପରୀକ୍ଷାର୍ଥୀ ରେଗୁଲାରରେ ପାସ୍ କରିଛନ୍ତି। ପାସ୍ ହାର ୮୮.୭୧ ପ୍ରତିଶତ ରହିଛି। ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୩୫୭, ଦ୍ୱିତୀୟ ଶ୍ରେଣୀରେ ୮୩, ତୃତୀୟ ଶ୍ରେଣୀରେ ୮ ଜଣ ରହିଛନ୍ତି। ସେହିପରି ୫୪ଜଣ ଫେଲ ହୋଇଛନ୍ତି। ଅପରପକ୍ଷରେ ଏକ୍ସରେଗୁଲାରେ ମୋଟ ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ପାସ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬, ଦ୍ୱିତୀୟ ଶ୍ରେଣୀରେ ୭, ତୃତୀୟ ଶ୍ରେଣୀରେ ୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୪ଜଣ ଫେଲ ହୋଇଛନ୍ତି।

# ଯୁକ୍ତ ୨ ପରୀକ୍ଷାଫଳ ଉତ୍ସାହଜନକ

କଟକ,୨୬।୫ (କାର୍ତ୍ତିକ ସାହୁ)

ଯୁକ୍ତ ଦୁଇ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏହା ଅତ୍ୟନ୍ତ ଉତ୍ସାହଜନକ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ତଥ୍ୟରୁ ଜଣାପଡିଛି। ପରୀକ୍ଷାର୍ଥୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି। ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳାରେ ୯୫%, ବିଜ୍ଞାନରେ ୯୪.୧୮% ଏବଂ ବାଣିଜ୍ୟରେ ୯୫.୧୪% ପାସ୍‌ହାର ରହିଛି। ଯୁକ୍ତ ଦୁଇ କଳାରେ ପରୀକ୍ଷା ଦେଇଥିବା ୫୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୩ ଜଣ ପ୍ରଥମ, ୫୭ ଦ୍ୱିତୀୟ ଓ ୯୫ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୧୭ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ପରୀକ୍ଷା ଦେଇଥିବା ୩୭୮ ଜଣଙ୍କ ମଧ୍ୟରୁ ୩୫୬ ଜଣ ପାସ୍ କରିଛନ୍ତି। ୩୨୮ ଜଣ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୨୦ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ୨୪୭ ଜଣଙ୍କ ମଧ୍ୟରୁ ୧୯୨ଜଣ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୧୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୬ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ପାସ୍ ହାର ଶତପ୍ରତିଶତ ହୋଇଛି। ସୁଶ୍ରୀ ଦିବ୍ୟାସିନୀ ସ୍ୱାଇଁ ଶତକଡ଼ା ୯୦% ସର୍ବାଧିକ ୫୪୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ୧୩୭ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ଛାତ୍ରୀଛାତ୍ର ୮୦%ରୁ ଊର୍ଦ୍ଧ୍ୱ, ୩୦ ଜଣ ୭୫%ରୁ ୮୦% ମଧ୍ୟରେ, ୩୭ ଜଣ ୭୦%ରୁ ୭୫% ମଧ୍ୟରେ ଓ ୩୮ ଜଣ ୬୦%ରୁ ୭୦% ମଧ୍ୟରେ ନମ୍ବର ରଖିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଇମର୍ତ୍ତୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ଯୁକ୍ତ ଦୁଇ କଳାରେ ୯୫.୫୩%, ବିଜ୍ଞାନରେ ୭୫% ଏବଂ ବାଣିଜ୍ୟରେ ୮୬.୯୫% ହୋଇଛି। ବିଜ୍ଞାନରେ ପରୀକ୍ଷା ଦେଇଥିବା ୧୨ଜଣଙ୍କ ମଧ୍ୟରୁ ୯ଜଣ ପାସ୍ କରିଛନ୍ତି। ସେଥିମଧ୍ୟରେ ଜଣେ ପ୍ରଥମ ଓ ୭ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ପରୀକ୍ଷା ଦେଇଥିବା ୨୩ ଜଣଙ୍କ ମଧ୍ୟରୁ ୨୦ଜଣ ପାସ୍ କରିଛନ୍ତି। ୬ଜଣ ପ୍ରଥମ ଓ ୬ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ପରୀକ୍ଷା ଦେଇଥିବା ୨୬୯ଜଣଙ୍କ ମଧ୍ୟରୁ ୨୫୭ ପାସ୍ କରିଛନ୍ତି। ୨୪ଜଣ ପ୍ରଥମ, ୩୩ ଜଣ ଦ୍ୱିତୀୟ ଶ୍ରେଣୀରେ ଅଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ରବି ରଞ୍ଜନ ସାହୁ ଓ ଅଧ୍ୟକ୍ଷା ଡ. ସାଗରିକା ମହାନ୍ତି କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ତୁଳସୀପୁରସ୍ଥିତ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ ହାର ଶତ ପ୍ରତିଶତ ରହିଛି। ୧୨୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ପ୍ରଥମ, ୮ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସ୍ୱାଧୀନ କୁମାର ସାହୁ ୫୪୯ ନମ୍ବର ରଖି ପ୍ରଥମ, ପ୍ରସାଦ କୁମାର ସାହୁ ୫୪୭ ରଖି ଦ୍ୱିତୀୟ ଓ ସତ୍ୟଜିତ୍ ଜେନା ୫୪୬ ନମ୍ବର ରଖି ତୃତୀୟ ହୋଇଛନ୍ତି। ବାସବ ପାଲ ଗଣିତରେ ଶତପ୍ରତିଶତ ନମ୍ବର ରଖିଛନ୍ତି। ୩ଜଣ ୯୦%ରୁ ଅଧିକ, ୩୦ଜଣ ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ହୃଷୀକେଶ ଆଚାର୍ଯ୍ୟ ଓ ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡ଼ଙ୍ଗୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ତ୍ରିଶୂଳିଆ ବେଲଗଛିଆସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସନ୍ତୋଷୀ ପରିଡ଼ା ସର୍ବାଧିକ ୫୪୯ ନମ୍ବର ରଖିଛନ୍ତି। ୯୦%ରୁ ଅଧିକ ୫ ଜଣ, ୮୦%ରୁ ଅଧିକ ୭୨ ଜଣଙ୍କୁ ମିଶାଇ ମୋଟ ୨୯୭ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ଜଣାପଡିଛି।

## ଏମାନେ କୁହନ୍ତି...



"କଳାରେ ପରୀକ୍ଷା ଦେଇ ୫୩୯ ନମ୍ବର ରଖିଛି। ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ଆଶା ଅନୁସାରେ ଫଳ ପାଇଛି। ଏହାର ଶ୍ରେୟ ମୋର ମାତାପିତା, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଦେବି। ସେମାନେ ମୋତେ ମୋ ସଫଳତା ପାଇବାରେ ବହୁତ ସାହାଯ୍ୟ କରିଛନ୍ତି। ମୁଁ ଭବିଷ୍ୟତରେ ଜଣେ ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଛି।

**ମଧୁସ୍ମିତା ସ୍ୱାଇଁ, ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**



"ମୋର ସଫଳତା ପଛରେ ମୋ ଶିକ୍ଷୟିତ୍ରୀ, ଶିକ୍ଷକ ଓ ମାଆବାପାଙ୍କ ମାର୍ଗଦର୍ଶନ ରହିଛି। ଭଲ ପାଠ ପଢ଼ି ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ଅଧିକ ନମ୍ବର ରହିବ ବୋଲି ଆଶା ଥିଲା। ଯାହା ବି ହେଇଛି, ଆଗକୁ ଅଧିକ ଭଲ କରିବି ବୋଲି ଆଶା।

**ସୁଶ୍ରୀ ଦିବ୍ୟାସିନୀ ସ୍ୱାଇଁ, ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**



"ଯୁକ୍ତ ଦୁଇ ବିଜ୍ଞାନରେ ୫୪୨ ନମ୍ବର ରଖିଛି। ପ୍ରତିଦିନ ନିର୍ଦ୍ଦିଷ୍ଟ ଟାଇମ୍ ଟେବଲ କରି ପାଠ ପଢୁଥିଲି। ମୋତେ ମୋ କଲେଜର ଲେକ୍‌ଚରମାନେ ଗାଇଡ୍ କରୁଥିଲେ। ମୋ ସଫଳତା ପାଇଁ ସେମାନଙ୍କୁ ଏବଂ ମୋ ମାଆବାପାଙ୍କୁ ଶ୍ରେୟ ଦେବି। ଆଗକୁ ଜଣେ ଭଲ ମଣିଷ ହେବି।

**ମୋନାଲିସା ସେଠୀ, ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**



"ଯୁକ୍ତ ଦୁଇ ବିଜ୍ଞାନରେ ୫୪୯ ନମ୍ବର ରଖିଛି। ଦିନକୁ ୧୦/୧୨ ଘଣ୍ଟା ପରିଶ୍ରମ କରୁଥିଲି। ପ୍ରତିଦିନ ସବୁ ପାଠ ରିଭିଜନ କରୁଥିଲି। ନୋଟ୍ ଗୁଡ଼ିକ ପଢୁଥିଲି। ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ମୁଁ ଏତେ ମାର୍କ ରଖିବାରେ ସକ୍ଷମ ହୋଇଛି। ଏହି ସଫଳତା ପାଇଁ ଭଗବାନ, ମାଆବାପା ଓ ସମସ୍ତଙ୍କୁ ଶ୍ରେୟ ଦେବି। ମୁଁ ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି।

**ସ୍ୱାଧୀନ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର**

# ହାଇୱା ଡାଲା ଲାଗି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା




ବାରଙ୍ଗ,୨୬।୫(ଲିଙ୍ଗରାଜ ରାଉତ)

ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇୱାର ଡାଲାଟି ନଦୀବନ୍ଧ ରାସ୍ତାରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରେ ଲାଗିଯିବାରୁ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା ସହ ଗାଡ଼ିଟି ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ଚାଳକ ଜଣଙ୍କ ବିଦ୍ୟୁତ୍ ଆଘାତରୁ ବର୍ତ୍ତି ଯାଇଥିଲେ। ଏଥିପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

ତ୍ରିଶୂଳିଆଠାରୁ ନରାଜ ପର୍ଯ୍ୟନ୍ତ କାଠଯୋଡ଼ି ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି। କାର୍ଯ୍ୟରେ ନିୟୋଜିତ ଥିବା ହାଇୱା (ଓଡ଼ି୦୫ବିଏସ୍-୨୬୫୮)ଟି ବଜୁରି ଗୁଣ୍ଡ ବୋଝେଇ କରି ରବିବାର ସନ୍ଧ୍ୟା ସମୟରେ ଆସୁଥିଲା। ବ୍ରାହ୍ମଣୀଗାଁ ନିକଟସ୍ଥ କାଠଯୋଡ଼ି ନଦୀବନ୍ଧରେ ହାଇୱାଟି ବଜୁରି ଖାଲି କରୁଥିବା ସମୟରେ ଅସାବଧାନତା ଯୋଗୁ ଗାଡ଼ିର ଡାଲାଟି ଉପରେ ଥିବା ୧୧କେଭି ବିଦ୍ୟୁତ୍ ତାରରେ ଲାଗିଯିବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯାଇ ତାର ଛିଣ୍ଡି ଯାଇଥିଲା। ହାଇୱା ଚାଳକ ଗାଡ଼ିରୁ ତଳକୁ ଡେଇଁ ପଡ଼ିଥିବାରୁ ସେ ବର୍ତ୍ତି ଯାଇଥିଲେ। ଖବରପାଇ ବିଭାଗୀୟ କର୍ମଚାରୀ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିବାରୁ ଏକ ବଡ଼ ଦୁର୍ଘଟଣାରୁ ଅନ୍ୟମାନେ ବର୍ତ୍ତି ଯାଇଥିଲେ। ହାଇୱା ଚାଳକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଥିଲେ।

# ବିଜେଡିର ମିଶ୍ରଣ ପର୍ବ



ସାଲେପୁର,୨୬।୫(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅଧୀନ ଚନ୍ଦ୍ରାଦେଇପୁର ପଞ୍ଚାୟତର ବିଜେଡି କାର୍ଯ୍ୟାଳୟରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ଭୂୟାଁ ଓ ମନୋରଞ୍ଜନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରାଦେଇପୁର ପଞ୍ଚାୟତର ଅନ୍ୟ ଦଳର କର୍ମୀ ଅକ୍ଷୟ ବେହେରା, କିଶୋର କୁମାର ଭୋଇ, ଗୁନ ଭୋଇ, ଚଗଲା ବେହେରା, ପପୁ ସ୍ୱାଇଁ, ଭଜମନ ବେହେରା, କୈଳାସ ବେହେରା, ବୁଟୁ ସୁବୁଦ୍ଧି, ଅଶୋକ କୁମାର ଭୋଇ, ପ୍ରଶାନ୍ତ ଭୋଇଙ୍କ ସମେତ ଅନ୍ୟ କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ବେହେରା ଏହି କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନିଷ୍ଠାପର ଭାବେ ଦଳରେ କାର୍ଯ୍ୟ କରିବା ଓ ସରକାରୀ ଯୋଜନା କିଭଳି ଭାବେ ଲୋକଙ୍କ ପାଖରେ ପହଞ୍ଚିପାରିବ, ସେ ଦିଗରେ ଗୁରୁତ୍ୱ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ।




କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ନାଦ ନିନାଦ ଅନୁଷ୍ଠାନର ଗ୍ରୀଷ୍ମ ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ମଧୁପ୍ ମୁଦ୍‌ଗଲ୍ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବଜ୍ରପାତରେ ପୂର୍ବତନ ସମିତି ସଭ୍ୟଙ୍କ ମୃତ୍ୟୁ

ବେଗୁନିଆ,୨୬।୫(ସନ୍ଧ୍ୟାରାଣୀ ମିଶ୍ର)

ବଜ୍ରପାତରେ ବେଗୁନିଆ ଥାନା ଅନ୍ତର୍ଗତ କଡ଼ବ ଗ୍ରାମର ନରହରି ସେଠୀଙ୍କ ମୃତ୍ୟୁ ଘଟିଛି। ରବିବାର କୋତଲାଙ୍ଗଠାରେ ଏକ କାର୍ଯ୍ୟକ୍ରମରେ ନରହରି ଯୋଗଦେଇ ଘରକୁ ଫେରୁଥିଲେ। ବାଟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଡ଼ବ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଥିଲେ।

# ବିଦ୍ୟୁତ୍ ସମସ୍ୟା, ଉପଭୋକ୍ତା ହନ୍ତସନ୍ତ

କଟକ ସଦର, ୨୬।୫(ସୁଶାନ୍ତ କୁମାର ଜେନା)

## ୭ ବର୍ଷ ବିତିଲା, ସରୁନି ତାର ଟଣା କାର୍ଯ୍ୟ

କଟକ-ଜଗତ୍‌ସିଂହପୁର ୩୩ କେଭି ବିଦ୍ୟୁତ୍ ଲାଇନ୍‌ରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେଉଛି। ସାମାନ୍ୟ ବର୍ଷା ଓ ପବନ ହେଲେ ୪୦ କିମି ଲମ୍ବ ଫିଡରରେ ବାରମ୍ବାର ବିଦ୍ୟୁତ୍ ସରବରାହ ପରିଲକ୍ଷିତ ହେଉଛି। ଫଳରେ କନ୍ଦରପୁର, କିଶନନଗର ଓ ଜଗତସିଂହପୁର ଜିଲା ରଘୁନାଥପୁର ବିଦ୍ୟୁତ୍ ସେକ୍ସନର ୨୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଏହାର ବିକଳ୍ପ ପାଇଁ ଗତିରାଉତ ପାଟଣା-କନ୍ଦରପୁର ମଧ୍ୟରେ ଆଉ ଏକ ୩୩ କେଭି ବିଦ୍ୟୁତ୍ ଲାଇନ୍ ଟାଣିବା ପାଇଁ ୨୦୧୭ରେ ସେସୁ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ପଟେ ବିଦ୍ୟୁତ୍ ବିତରଣରେ ବାଧା ପହଞ୍ଚିଲେ ଅନ୍ୟବାଟେ ଉପଭୋକ୍ତାମାନଙ୍କୁ ଲାଇନ୍ ଯୋଗାଇ ଦିଆଯାଇପାରିବ। ତାର ଟାଣିବା କାର୍ଯ୍ୟ ୭ ବର୍ଷ ତଳୁ ଆରମ୍ଭ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସରିପାରୁ ନାହିଁ। ଏହି ତାର ଟଣା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉତ୍କଳ ବିକାଶ ପରିଷଦ ପକ୍ଷରୁ ବାରମ୍ବାର ଦାବି କରାଯାଉଥିବା ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୧୯୫୨ ମସିହାରୁ କଟକ-ଜଗତ୍‌ସିଂହପୁର ମଧ୍ୟରେ ୫୦ କିମି ୩୩ କେଭି ଲାଇନ୍ ତାର ଟଣାଯାଇଥିଲା। ଏହି ଫିଡର୍ ଦ୍ୱାରା କନ୍ଦରପୁର, ବିରିଡ଼ି, ରଘୁନାଥପୁର ସମେତ ଜଗତ୍‌ସିଂହପୁର ବିଦ୍ୟୁତ୍ ସେକ୍ସନ୍‌ର ଉପଭୋକ୍ତାମାନେ ଉପକୃତ ହେଉଥିଲେ। ୧୯୯୭ରେ ଜଗତ୍‌ସିଂହପୁରକୁ ୧୩୨ କେଭି ଲାଇନ୍ ଟଣାଗଲା। ସେହି ବର୍ଷରୁ କଟକ-ଜଗତ୍‌ସିଂହପୁର ୩୩ କେଭି ଫିଡର୍ ଗୁରୁତ୍ୱ ହରାଇଲା। କଟକ ସଦର ଅଞ୍ଚଳର ୨ଟି ବିଦ୍ୟୁତ୍ ସେକ୍ସନକୁ ଏହି ବାଟେ ଲାଇନ୍ ଦିଆଗଲା। ସେହି ବର୍ଷରୁ ବିଦ୍ୟୁତ୍ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଅଦ୍ୟାବଧି ତାହାର ସମାଧାନ ହୋଇପାରିନାହିଁ ବୋଲି କିଶନ ନଗର ଅଞ୍ଚଳର ଉପଭୋକ୍ତା ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସମସ୍ୟା ସମ୍ପର୍କରେ କନ୍ଦରପୁର ବିଦ୍ୟୁତ୍ ସେକ୍ସନ୍‌ର ସହକାରୀ ପରିଚାଳକ ତୁଳସୀ ଚରଣ ଦାସ କହିଛନ୍ତି, ବିଦ୍ୟୁତ୍ ତାର ଟଣାବେଳେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଠିକାଦାରଙ୍କୁ କାମ କରାଇ ଦେଉନାହାନ୍ତି। ବିଭିନ୍ନ ଆଳ ଓ ଦାବି ଜଣାଇ କାମକୁ ଅଟକାଇବା ଦ୍ୱାରା କାମ ବିଳମ୍ବ ଘଟୁଛି ବୋଲି ସେ କହିଛନ୍ତି।

# କେଶବ, ବୃନ୍ଦାବନ ପାଇଲେ ଭିକାରୀ ବଳ ସ୍ମୃତି ସମ୍ମାନ

କଟକ,୨୬।୫(କାର୍ତ୍ତିକ ସାହୁ)

## ଭଜନ ସମ୍ରାଟ୍‌ଙ୍କ ଜୟନ୍ତୀ ଉତ୍ସବ

ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ଉତ୍ସବ କଟକ ଶତାବ୍ଦୀ ଭବନରେ ରବିବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ତଥା ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥ ଉତ୍ସବକୁ ଉଦ୍‌ଘାଟନ କରି ଭିକାରୀ ବଳ ଉତ୍କଳୀୟ ସଙ୍ଗୀତକୁ ଅପୂର୍ବ ରୂପ ଦେଇ ଲୋକପ୍ରିୟ କରାଇଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଆଶୁତୋଷ ପ୍ରସାଦ ମିଶ୍ର ବକ୍ତବ୍ୟରେ ଭିକାରୀ ବଳଙ୍କୁ ଯୋଗଜନ୍ମା ପୁରୁଷ ବୋଲି କହିଥିଲେ। ଗୌର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ସ୍ମୃତି ସଂସଦ ଉପସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ. ସୁନାମଣି ରାଉତ ବିବରଣୀ ପାଠ କରି ରାଜାବଗିଚା ରାସ୍ତାକୁ ଭିକାରୀ ବଳ ସରଣୀ ଭାବେ ନାମିତ କରାଯିବା ସହ ତାଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ପ୍ରଦାନ କରିବାକୁ ସରକାର ସହଯୋଗ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ଗୁରୁ କେଶବ ଚନ୍ଦ୍ର ରାଉତ ଓ ଗୀତିକାର ବୃନ୍ଦାବନ ଜେନାଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଜିତ୍ ପଟ୍ଟନାୟକ, ଡା. ଶୁଭମ୍ ଶାଶ୍ୱତ ରାଉତ ମାନପତ୍ର ପାଠ କରିଥିଲେ। ଭିକାରୀ ବଳଙ୍କ ଜୀବନୀ ସମ୍ବଳିତ ଇଂଲିଶ ପୁସ୍ତକ ଭଜନ ସମ୍ରାଟ ଭିକାରୀ ବଳ ଉନ୍ମୋଚିତ ହୋଇଥିଲା। ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ଗୁରୁ କେଶବ ଚନ୍ଦ୍ର ରାଉତ, ଗୀତିକାର ବୃନ୍ଦାବନ ଜେନାଙ୍କୁ ଭଜନ ସମ୍ରାଟ୍ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।




ବିଶ୍ୱ ହକର ଦିବସ ପାଳନ ଅବସରରେ ରବିବାର କଟକ ବକ୍ସିବଜାର ଗୋପବନ୍ଧୁ ପାର୍କ ସମ୍ମୁଖରେ ଉପସ୍ଥିତ କଟକ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତା।



ମତଦାନ ପରେ କଡ଼ା ସୁରକ୍ଷା ବଳୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସ ଷ୍ଟ୍ରଙ୍ଗ୍‌ରୁମ୍।






ମାଟ୍ରିକ ପରୀକ୍ଷାଫଳ ଶୁଣିବା ପରେ ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଉତ୍ସାହିତ। ୟୁନିଟ୍-୪ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ନିଜ ସଫଳତାର ଖୁସି ଜଣାଉଛନ୍ତି।

**ଦଶମ ଓ ଯୁକ୍ତ୨ ପରୀକ୍ଷାଫଳ**

# ପରିଶ୍ରମର ଫଳ ମିଳିଛି

**ଭୁବନେଶ୍ୱର,୨୬।୫(ଅନୁରାଧା ମହାରଣା) – ଦଶମ ଓ ଯୁକ୍ତ୨ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଫଳାଫଳକୁ ଅପେକ୍ଷା କରିଥିବା ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଉତ୍କଣ୍ଠାର ଅବସାନ ଘଟିଛି। ପରିଶ୍ରମ ଅନୁସାରେ ଫଳ ମିଳିଥିବା ଅଧିକାଂଶ ମେଧାବୀ କହିଛନ୍ତି। ଆଶାନୁରୂପ ମାର୍କ ପାଇଥିବା ପିଲାମାନେ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିବାବେଳେ ଆଶାଠାରୁ କମ୍ ମାର୍କ ପାଇଥିବା ପିଲାମାନେ ଆଗକୁ ଅଧିକ ପରିଶ୍ରମ କରିବାକୁ ପଣ କରିଛନ୍ତି। ଶିକ୍ଷୟିତ୍ରୀଶିକ୍ଷକଙ୍କ ମୁହଁରେ ଗୋଟିଏ କଥା ପିଲାଙ୍କୁ ସେମାନଙ୍କ ତପସ୍ୟାର ଫଳ ମିଳିଛି...।**



“ଆଶା ଥିଲା ୮୫ ପ୍ରତିଶତ ମାର୍କ ରଖିବି। ପରିଶ୍ରମ ହିସାବରେ ହିଁ ସେତିକି ମିଳିଛି। ବର୍ଷ ଭରି ବେଶି ପରିଶ୍ରମ କରି ନ ଥିଲି। ପରୀକ୍ଷା ପୂର୍ବରୁ ହିଁ ଅଧିକ ପଢ଼ିଥିଲି। ଗଣିତ ଓ ଇଂଲିଶରେ ମାର୍କ କମ୍ ରହିଛି। ମାତ୍ର ଯାହା ବି ମାର୍କ ଅଛି ସେ ନେଇ ମୁଁ ଖୁସି।

**–ସୋମେଶ ଧଳ, ଦଶମ**



“ମୋର ୯୦ ପ୍ରତିଶତ ମାର୍କ ରହିଛି। କିନ୍ତୁ ଏତେ ରଖିପାରିବି ବୋଲି ଆଶା ନ ଥିଲା। କାରଣ ଏଥର ପ୍ରଶ୍ନ ବହୁତ କଷ୍ଟ ଥିଲା। ମୁଁ ସନ୍ଦେହରେ ଥିଲି। ହେଲେ ଫଳ ବାହାରିବା ପରେ ମାର୍କ ଦେଖି ମୁଁ ବହୁତ ଖୁସି ଅଛି। ସ୍କୁଲରେ ଓ ଘରେ ବି ବହୁତ ଖୁସି ଅଛନ୍ତି। ପିଲା ଅଛନ୍ତି ୧୨ଘଣ୍ଟା ପଢ଼ନ୍ତି। ମୁଁ ବେଶି ସମୟ ପଢ଼େନି। ଘରେ ବି କୁହନ୍ତି ଅଳ୍ପ ପଢ଼େ, କିନ୍ତୁ ଭଲରେ ପଢ଼େ।

**–ପଦ୍ମଜା ପ୍ରଧାନ, ଦଶମ**



“ମୋର ୮୭.୧୬ % ମାର୍କ ରହିଛି। ୯୦ ପ୍ରତିଶତ ଉପରେ ରହିବ ବୋଲି ଆଶା କରୁଥିଲି। କିନ୍ତୁ ସୋସିଆଲ ସାଇନ୍ସ ଓ ସାଇନ୍ସରେ ମାର୍କ କମିଯାଇଛି। ତେଣୁ ମୁଁ ଏହି ୨ଟି ବିଷୟରେ ରିଚେକିଂ ପାଇଁ ଆବେଦନ କରିବି। ଆଗକୁ ବିଜ୍ଞାନ ବିଭାଗରେ ପାଠ ପଢ଼ିବି।

**–ଅନନ୍ୟା ମହାନ୍ତି, ଦଶମ**



“ମାଟ୍ରିକରେ ୯୨ ପ୍ରତିଶତ ମାର୍କ ରଖିଛି। ଖୁସି ଲାଗୁଛି। ଭବିଷ୍ୟତରେ ଆଇଏଏସ୍ ଅଫିସର ହେବାର ଲକ୍ଷ୍ୟ ରଖିଛି। ମୋର ଏହି ସଫଳତା ପାଇଁ ମୋ ମାଆବାପା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କୃତଜ୍ଞତା ଜଣାଉଛି। କଠିନ ପରିଶ୍ରମ ମୋର ସଫଳତାରେ ସହାୟକ ହୋଇଛି।

**–ସ୍ୱାତୀ ଶତରୂପା ବଳ, ଦଶମ**



“୫୪୦ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରତିଦିନ ୬ ଘଣ୍ଟା ପଢ଼ାପଢ଼ି କରୁଥିଲି। ଘରେ ବାପାମାଆ ସମସ୍ତେ ଖୁସି ଅଛନ୍ତି। ଯୁକ୍ତ ୨ ବିଜ୍ଞାନ ପଢ଼ିବି। ଡାକ୍ତର ହେବାର ଲକ୍ଷ୍ୟ ରଖିଛି। ସାନ ଭଉଣୀ ମଧ୍ୟ କିପରି ଭଲ ପଢ଼ାପଢ଼ି କରିବ ସେଥିପ୍ରତି ଧ୍ୟାନ ଦେବି। କିସ୍‌ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ସେମାନଙ୍କ ମାର୍ଗଦର୍ଶନରେ ଏହି ସଫଳତା ପାଇପାରିଛି।

**– ସାଗୁନ ଟୁଡୁ, ଦଶମ**



“ଛାତ୍ରଜୀବନ ମନୁଷ୍ୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ଏହି ସମୟରେ ଠାକୁରଙ୍କ ପ୍ରେରଣା, ବାପା ଓ ମା, ଗୁରୁମାଗୁରୁଜୀଙ୍କ ଆଶୀର୍ବାଦ ଓ ଦିଗ୍‌ଦର୍ଶନକୁ ପାଳନ କରି ମୁଁ ପରିଶ୍ରମ କରିଥିଲି। ମୋର ୫୫୨ ମାର୍କ ରହିଛି। ହେଲେ ଏହି ମାର୍କରେ ମୁଁ ସନ୍ତୁଷ୍ଟ ନୁହେଁ। ଆହୁରି ଭଲ ମାର୍କ ରହିଥାନ୍ତା। ମୁଁ ଦୈନିକ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା ରଖିଛି।

**–ଋତୁପୂର୍ଣ୍ଣା ସ୍ୱାଇଁ, ଦଶମ**



“୮୪.୧୭ ପ୍ରତିଶତ ମାର୍କ ରଖିଛି। କଲେଜର ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। କଲେଜ ଓ କୋଚିଂ ପାଠପଢ଼ା ବ୍ୟତୀତ ୫ ଘଣ୍ଟା ନିଜେ ପଢୁଥିଲି। ପ୍ରତିଦିନ ସନ୍ଧ୍ୟାରେ ୩ ଘଣ୍ଟା ଓ ଦିନରେ ସମୟ ବାହାର କରି ୨ ଘଣ୍ଟା ପଢୁଥିଲି। ଏହାପରେ ଯୁକ୍ତ ୩ ପଢ଼ିବି।

**–ଗାୟତ୍ରୀ ଦାଶ, ଯୁକ୍ତ ୨(ବାଣିଜ୍ୟ)**



“୯୫.୫ ପ୍ରତିଶତ ମାର୍କ ରଖିଛି। ହଷ୍ଟେଲରେ ରହୁଥିଲି। ସ୍ୱଅଧ୍ୟୟନକୁ ଗୁରୁତ୍ୱ ଦେଉଥିଲି। ଏହା ବାଦ୍ ରାତି ପ୍ରାୟ ୧ରୁ ୨ ଟା ପର୍ଯ୍ୟନ୍ତ ପଢୁଥିଲି। ଆଗକୁ ଇଞ୍ଜିନିୟରିଂ ପଢ଼ିବି। ଗଣିତ, ଆଇଟି ଏବଂ ସଂସ୍କୃତରେ ଆଉ ୨ ମାର୍କ ଲେଖାଏ ଅଧିକ ରଖିବି ବୋଲି ଆଶା କରିଥିଲି। ଆଗକୁ ଅଧିକ ପରିଶ୍ରମ କରି ଭଲ କ୍ୟାରିୟର ଗଢ଼ିବାକୁ ଚେଷ୍ଟା କରିବି।

**– ସୌମ୍ୟଜିତ୍ ରାଉତ, ଯୁକ୍ତ ୨ (ବିଜ୍ଞାନ)**



“୫୬୭ ମାର୍କ ରଖି କଲେଜରେ ଟପ୍ପର ହୋଇଛି। ଏଥିପାଇଁ କଠିନ ପରିଶ୍ରମ କରିଥିଲି। କଲେଜ ଓ କୋଚିଂର ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ମାର୍ଗଦର୍ଶନ, ପରିବାର ଲୋକଙ୍କ ପ୍ରେରଣା, ସର୍ବୋପରି ଈଶ୍ୱରଙ୍କ କୃପାରୁ ଏହି ସଫଳତା ପାଇପାରିଛି। ପ୍ରତିଦିନ ନିଜେ ୭ରୁ ୮ ଘଣ୍ଟା ପଢୁଥିଲି। ଆଇଆଇଟିରେ ନାମ ଲେଖାଇବାକୁ ଯୋଜନା ରଖିଛି।

**–ଆୟୁଷ୍ମାନ ମହାନ୍ତି, ଯୁକ୍ତ ୨ (ବିଜ୍ଞାନ)**



“ବାପା ହାଡ଼ିବନ୍ଧୁ ପାତ୍ର ଓ ମା’ ଜୟନ୍ତୀ ପାତ୍ରଙ୍କ ମାର୍ଗଦର୍ଶନରେ ସଫଳତା ପାଇଛି। ସେମାନଙ୍କର ମୋ ଉପରେ ଭରସା ଓ ଆଶୀର୍ବାଦ ଥିଲା। ୫୬୩ ମାର୍କ ରଖି ବିଭାଗରେ ଟପ୍ପର ହୋଇପାରିଛି। ଜୀବନରେ ଭଲ ମଣିଷଟିଏ ହୋଇ ଆଗକୁ ବଢ଼ିବି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଟାଣ୍ଟ ପଢ଼ିବି।

**– ମହର୍ଷି ପାତ୍ର, ଯୁକ୍ତ ୨ (ବାଣିଜ୍ୟ)**

“ରେଜଲ୍ଟ ଶୁଣିବା ପରେ ଭାରି ଖୁସି ଲାଗୁଛି। ମୋର ୫୪୩ ମାର୍କ ରଖିଛି। ପରିଶ୍ରମ ଅନୁସାରେ ଫଳ ମିଳିଛି। କଲେଜ ଓ କୋଚିଂକୁ ଛାଡ଼ି ନିଜେ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପଢ଼ାପଢ଼ି କରୁଥିଲି। ଘରେ ଭାଉଜମାନେ ପଢ଼ାପଢ଼ିରେ ସହଯୋଗ କରୁଥିଲେ। ସ୍ନାତକ ସରିବା ପରେ କେଉଁ କ୍ଷେତ୍ରରେ ଗଲେ ଭଲ ହେବ ବିଚାର କରି ଆଗକୁ ବଢ଼ିବି।

**– ସାଇ ଜିଜ୍ଞାସା ନାୟକ, ଯୁକ୍ତ ୨ (କଳା)**

## ମାଟ୍ରିକ ପରୀକ୍ଷାରେ ଆଶାଏଁ ପିଲାଙ୍କ କୃତିତ୍ୱ


ଆନନ୍ଦ


ରାଜୁ


ବର୍ଷା


ଶ୍ୟାମ


ସନ୍ତୋଷ


ଚନ୍ଦନ


ରାଜୁ

**ଭୁବନେଶ୍ୱର, ୨୬।୫ (ବନ୍ଦନା ସେଠୀ)**

ଗରିବ, ଅନାଥ ଓ ଶ୍ରମିକ ଶ୍ରେଣୀର ପିଲାଙ୍କ ପାଠପଢ଼ା ପାଇଁ କାର୍ଯ୍ୟ କରୁଥିବା ଆଶାଏଁ ଅନୁଷ୍ଠାନର ପିଲାମାନେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ମାଟ୍ରିକ୍ ପରୀକ୍ଷା ଦେଇଥିବା ଅନୁଷ୍ଠାନର ସମସ୍ତ ୭ଜଣ ପିଲା କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ବୁଦ୍ଧନଗର ବସ୍ତିର ଏ.ସନ୍ତୁ, ଏ. ଆନନ୍ଦ ରେଡ୍ଡୀ, ଶ୍ୟାମସୁନ୍ଦର ବେହେରା, ଏନ. ରାଜୁ, ଜି.ରାଜୁ, ମଣ୍ଡପ ବସ୍ତିର ବର୍ଷାରାଣୀ ପ୍ରଧାନ ଏବଂ ଚନ୍ଦନ ସାହୁ। ସେମାନେ ବି୨, ସି, ଡି ଏବଂ ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଦିନେ ପାଠପଢା ଛାଡ଼ିଦେଇ ରାସ୍ତାକଡ଼ ଜୀବନକୁ ଆଦରି ନେଇଥିବା ଏହି ପିଲାଙ୍କ ପାଇଁ ମାଟ୍ରିକ୍ ପରୀକ୍ଷା ସ୍ୱପ୍ନ ଥିଲା। ଏମାନଙ୍କ ମଧ୍ୟରୁ କିଏ ଜରି ବୋତଲ ଗୋଟାଉଥିବାବେଳେ ଆଉ କିଏ ଷ୍ଟେଶନ ବଜାରରେ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ। ତେବେ ସେମାନଙ୍କୁ ଆଶାଏଁ ଅନୁଷ୍ଠାନ ପକ୍ଷରୁ ପାଠ ପଢିବା ପାଇଁ ଉତ୍ସାହିତ କରାଯାଇଥିଲା। ଅନୁଷ୍ଠାନର ନିରବଚ୍ଛିନ୍ନ ଚେଷ୍ଟା ଓ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ ଆଜି ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଛି। ପିଲାମାନଙ୍କ ସଫଳତା ଅନୁଷ୍ଠାନର ଅନ୍ୟ ପିଲାଙ୍କୁ ପାଠପଢ଼ିବାକୁ ଉତ୍ସାହିତ କରିଛି। ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାଦାତା, ଶୁଭେଚ୍ଛୁମାନେ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତମ ଭବିଷ୍ୟତ କାମନା କରିଛନ୍ତି। ଏନେଇ ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି, ସବୁ ପିଲାଙ୍କର ଜୀବନ ଜିଇବା ସହ ପାଠ ପଢିବାର ଅଧିକାର ରହିଛି। ଏହି ବାର୍ତ୍ତା ନେଇ ଆଶାଏଁ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ପ୍ରତିବର୍ଷ ଏଭଳି କିଛି ପିଲା ଦଶମ ଶ୍ରେଣୀ ପାସ୍ କରି ବିଭିନ୍ନ ଆଇଟିଆଇ ଓ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ପିଲାମାନେ କେତେ ମାର୍କ ରଖିଲେ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେମାନେ କେମିତି ଭଲ ମଣିଷ ହେବାପାଇଁ ଚେଷ୍ଟା କରୁଛନ୍ତି ତାହା ଉପରେ ଆମେ ସର୍ବଦା ଚେଷ୍ଟା କରୁଛୁ ବୋଲି ରତ୍ନାକର କହିଛନ୍ତି।

## ଭୁବନେଶ୍ୱର ବ୍ଲକରେ ମାଟ୍ରିକ ପାସ୍ ହାର ୯୮.୯୬%

**ଭୁବନେଶ୍ୱର, ୨୬।୫(ଅସମାପିକା ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏଥର ରାଜ୍ୟରେ ପାସ୍ ହାର ୯୬.୦୭% ରହିଥିବାବେଳେ ଭୁବନେଶ୍ୱର ବ୍ଲକରେ ପାସ୍ ହାର ୯୮.୯୬% ରହିଛି। ଏଠାରେ ମୋଟ ୧,୩୪୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧,୩୩୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଏ୧ ଗ୍ରେଡ୍ ଦୁଇଜଣ ପାଇଥିବାବେଳେ ୧୭ଜଣ ଏ-୨, ୭୧ଜଣ ବି-୧, ୧୬୩ଜଣ ବି-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ଥିବା ସ୍କୁଲଗୁଡ଼ିକରେ ମୋଟ ପାସ୍ ହାର ୯୯.୨୦% ରହିଛି। ଏଠାରେ ମୋଟ ୬,୦୭୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬,୦୨୭ଜଣ ପାସ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୫ଜଣ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨୭ଜଣ ଏ-୨, ୪୧୪ଜଣ ବି-୧, ୮୩୪ଜଣ ବି-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଟିଆ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିଶକ୍ତି ସ୍ୱାଇଁ ୯୬% (୫୭୩ ମାର୍କ) ରଖି ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଟପ୍ପର ହୋଇଛନ୍ତି।

## ୧୭ ବର୍ଷ ହେବ କିସ୍‌ର ଶତପ୍ରତିଶତ ସଫଳତା

**ଭୁବନେଶ୍ୱର,୨୬।୫ (ଅନୁରାଧା ମହାରଣା)**

ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଥିବାବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ଫଳାଫଳ ଶତ ପ୍ରତିଶତ ରହିଛି। କିସ୍ ଆରମ୍ଭରୁ ଅର୍ଥାତ୍ ଲଗାତର ୧୭ବର୍ଷ ଧରି ଏହାର ସମସ୍ତ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ପାସ୍ କରିଆସୁଛନ୍ତି। ଚଳିତବର୍ଷ ମୋଟ ୨୦୦୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳ ୪୦ ପ୍ରତିଶତ ଛାତ୍ରୀଛାତ୍ର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ର ସାଗୁନ ଟୁଡୁ ସର୍ବାଧିକ ୫୪୦ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତିବର୍ଗର ୫୦ଜଣ ଛାତ୍ରୀଛାତ୍ର ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ଚଳିତବର୍ଷ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପଢୁଥିବା ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଏହି ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମନ୍ତ କହିଛନ୍ତି, କିସ୍‌ର ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଷ୍ଠା ଓ ମାର୍ଗଦର୍ଶନ ଏବଂ ଛାତ୍ରୀଛାତ୍ରଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।



ମାଟ୍ରିକ ପରୀକ୍ଷା ଫଳ ରବିବାର ବାହାରିବା ପରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

## ସଂକ୍ଷେପରେ

### ଜବତ ଗାଡ଼ିରୁ ମିଳିଲା ୪୪ ହଜାର ଟଙ୍କା

ଗୋପ,୨୬।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଦୁଇଦିନ ତଳେ ଗୋପ ଥାନା ଅନ୍ତର୍ଗତ ପୋଡ଼ପଡା ଗାଁ ନିକଟରୁ ପୋଲିସ ଦ୍ୱାରା ଜବତ ହୋଇଥିବା ଗାଡ଼ିରୁ ରବିବାର ସନ୍ଧ୍ୟାରେ ୪୪ ହଜାର ଟଙ୍କା ମିଳିଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ସକାଳେ ଗୋପ ଥାନା ଏସ୍ ଆଇ ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରିବା ବେଳେ ଗୋପ ଥାନା ଅଧୀନ ପୋଡପଡା ନିକଟରେ ଏକ ଇଣ୍ଡିକା କାର୍‌କୁ ଅଟକାଇ ଥିଲା। କାର୍ (ଓଡି-୦୨- ସିଏଚ୍- ୮୩୧୫) ରେ ଥିବା ୪/୫ ଜଣ ଯୁବକ ଦୌଡ଼ି ପଳାଇଥିଲେ। ହେଲେ ଗାଡ଼ି ଲକ୍ ପଡ଼ିଯାଇଥିବାରୁ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିଗାଡ଼ିଲକ୍‌ଖୋଲାଯିବ ବୋଲି ପୋଲିସ ସୂଚନା ଦେଇଥିଲା। ରବିବାର ସନ୍ଧ୍ୟାରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ନମ୍ବର ୩ର ଅଧିକାରୀ ଗୋପିନାଥ ବେହେରାଙ୍କ ଉପସ୍ଥିତିରେ ଜବତ ଗାଡ଼ିର ଲକ୍ ଭଙ୍ଗା ଯିବାପରେ ଏକ କଳା ବ୍ୟାଗ୍ ଭିତରେ ୪୪ ହଜାର ଟଙ୍କା ଥିବା ଦେଖିବାକୁ ମିଳିଥିଲା। ଏହି ଟଙ୍କାକୁ ଜବତ କରାଯାଇ ଗାଡ଼ି ମାଲିକଙ୍କୁ ଡକାଯାଇଥିବା ପୋଲିସ କହିଛି।

### ରାତିଅଧରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୨୬।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ସ୍ଥାନୀୟ ଥାନା ଫାଳିକିଆ ବସ୍ତିର ତାରିଣୀ ସେଠୀ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସଂକ୍ରାନ୍ତରେ ମା' ରାଣୀ ସେଠୀ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧ଟାରେ ସ୍ଥାନୀୟ ବସ୍ତିରେ ଅଭିଯୁକ୍ତମାନେ ମଦ ବିକ୍ରି କରୁଥିବା ସମୟରେ ତାରିଣୀ ସେହି ପଟେ ଯାଉଥିଲେ। ସେହି ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଏଥର ଜିତିବ ବୋଲି ତାରିଣୀ ବଡ଼ ପାଟି କରି କହିଥିଲେ। ଫଳରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ରରେ ତାରିଣୀଙ୍କୁ ଆକ୍ରମଣ କରିଥିଲେ।

# କଠିନ ପରିଶ୍ରମ ଯୋଗୁ ସଫଳତା ମିଳିଛି




ରବିବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି (ବାମ)। କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

କଟକ,୨୬।୫ (ଶିଳ୍ପା ପ୍ରିୟଦର୍ଶିନୀ/କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ରବିବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ଏଥର ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ୍ ହାର ସର୍ବାଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୬.୭୩% ଓ ଛାତ୍ରଙ୍କ ପାସ୍ ହାର ୯୫.୩୯% ରହିଛି। ତେବେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ରମାନେ ବେଶ୍ ଖୁସି ହୋଇଛନ୍ତି। ପରୀକ୍ଷା ପାଇଁ କରିଥିବା କଠିନ ପରିଶ୍ରମ ତାଙ୍କୁ ସଫଳତା ଆଣିଦେଇଛି।

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାଫଳ ଶତପ୍ରତିଶତ ହୋଇଛି। ମୋଟ୍ ୧୫୨ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେଥିମଧ୍ୟରୁ ୧୦ ଜଣ ଏ-୧ ଗ୍ରେଡ୍, ୩୦ ଜଣ ଏ-୨, ୫୭ ଜଣ ବି-୧, ୪୮ ଜଣ ବି-୨ ଓ ୭ଜଣ ସି ଗ୍ରେଡ୍ ପାଇଛନ୍ତି। ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ଶୁଭକାମନା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ରେଭେନ୍‌ଶା କଲିଜିଏଟ ସ୍କୁଲର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ୫ ଜଣ ବିଦ୍ୟାର୍ଥୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏ-୨ରେ ୧୭, ବି-୧ରେ ୩୨, ବି-୨ରେ ୩୧, ସି ଗ୍ରେଡ୍‌ରେ ୨୮, ଡି ଗ୍ରେଡ୍‌ରେ ୧୭ ଓ ଇ ଗ୍ରେଡ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଯୁଗ୍ମ ଭାବେ ମଧୁସ୍ମିତା ଦାଶ ୫୫୨ ଓ ଆଶୁତୋଷ ସାହୁ ୫୫୨ ସର୍ବାଧିକ ନମ୍ବର ରଖିଥିବା ସ୍କୁଲ ପକ୍ଷରୁ ସୂଚନା ମିଳିଛି।

ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୪ ଜଣ ଏ-୨, ୩୫ ଜଣ ବି-୧, ୩୪ ଜଣ ବି-୨, ୪ ଜଣ ସି ଗ୍ରେଡ୍ ଓ ୨ ଜଣ ବିଦ୍ୟାର୍ଥୀ ଡି ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟରେ ରତ୍ନପର୍ଣ୍ଣା ସାହୁ ସର୍ବାଧିକ ୫୫୯ ନମ୍ବର (୯୩.୧୭%) ରଖିଛନ୍ତି।

କାଜିବଜାରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୧୧୭ ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ-୨ ଗ୍ରେଡ୍‌ରେ ୪, ବି-୧ରେ ୫, ବି-୨ରେ ୧୬, ସି ଗ୍ରେଡ୍‌ରେ ୨୯, ଡି ଗ୍ରେଡ୍‌ରେ ୫୧ ଏବଂ ଇ ଗ୍ରେଡ୍‌ରେ ୧୧ ଜଣ ଛାତ୍ରୀ କୃତୀତ୍ୱ ଅର୍ଜନ କରିଛନ୍ତି।

କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩ ଜଣ ବିଦ୍ୟାର୍ଥୀ ଏ-୧ ଗ୍ରେଡ୍‌ରେ ସଫଳତା ହାସଲ କରିଛନ୍ତି। ସେହିପରି ଏ-୨ ଗ୍ରେଡ୍‌ରେ ୨୭, ବି-୧ରେ ୨୮, ବି-୨ରେ ୩୨, ସି ଗ୍ରେଡ୍‌ରେ ୧୦ ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ପ୍ରଜ୍ଞା ପାରମିତା ମଲ୍ଲିକ ବିଦ୍ୟାଳୟରେ ସର୍ବାଧିକ ୫୬୪ (୯୪%) ନମ୍ବର ରଖିଛନ୍ତି।

ମହାନଦୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଏ-୧ ଗ୍ରେଡ୍‌ରେ ୩, ଏ-୨ରେ ୧୪, ବି-୧ରେ ୩୧, ବି-୨ରେ ୩୩, ସି ଗ୍ରେଡ୍‌ରେ ୨୩, ଡି ଗ୍ରେଡ୍‌ରେ ଜଣେ ଓ ଇ ଗ୍ରେଡ୍‌ରେ ଜଣେ କୃତୀତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟରେ ପ୍ରଜ୍ଞା ପ୍ରଧାନ ଓ ପ୍ରତ୍ୟୁଷା ଷଡ଼ଙ୍ଗୀ ସର୍ବାଧିକ ୫୫୨ (୯୨% ) ନମ୍ବର ରଖିଛନ୍ତି।

ପୋତାପୋଖରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ୧୧, ଏ-୨ ଗ୍ରେଡ୍‌ରେ ୧୬, ବି-୧ରେ ୪୧, ବି-୨ରେ ୨୯, ସି ଗ୍ରେଡ୍‌ରେ ୧୨ ଓ ଡି ଗ୍ରେଡ୍‌ରେ ୩ ଜଣ ବିଦ୍ୟାର୍ଥୀ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟରେ ଶୁଭଙ୍କର ମହାନ୍ତି ସର୍ବାଧିକ ୫୭୪ (୯୫.୭୦%) ନମ୍ବର ରଖିଛନ୍ତି।

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ମାଟ୍ରିକ ପରୀକ୍ଷା ପାଇଁ ପ୍ରତିଦିନ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ରେଜଲ୍ଟ ବାହାରିବା ପରେ ୫୭୬ ମାର୍କ ଥିବା ଜାଣିବାକୁ ପାଇଲି। ଅଧିକା ମାର୍କ ପାଇଁ ଆଶା କରିଥିଲି ହେଲେ ଯାହା ମାର୍କ ଆସିଛି ସେଥିରେ ଖୁସି ଅଛି। ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ଏମ୍‌ବିବିଏସ୍ ପଢ଼ିବି। ମୋର ସମସ୍ତ ଶ୍ରେୟ ମୋ ମାଆ, ବାପା ଓ ଗୁରୁମାଗୁରୁଜୀଙ୍କୁ ଦେବି।

**ଶାନ୍ତନୁ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ**

### ଗବେଷଣା ପାଇଁ ପ୍ରସ୍ତୁତ ହେବି



ମାଟ୍ରିକ ପରୀକ୍ଷା ପାଇଁ ମନରେ ବହୁତ ଡର ଥିଲା। କିନ୍ତୁ ପରୀକ୍ଷା ବହୁତ ଭଲ ହୋଇଥିଲା। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ୫୭୪ ମାର୍କ ଥିବା ଜାଣିବାକୁ ପାଇଲି। ଯାହା ଆଶା କରିଥିଲି ସେପରି ମାର୍କ ପାଇଛି। ଆଗାମୀ ଦିନରେ ନାଇଜରରେ ଗବେଷଣା କରିବା ପାଇଁ ପ୍ରସ୍ତୁତି ହେବି। ମୋର ସମସ୍ତ ଶ୍ରେୟ ମାଆ, ବାପା ଓ ପରିବାର ସଦସ୍ୟଙ୍କୁ ଦେବି।

**ଶୁଭଙ୍କର ମହାନ୍ତି,**
**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର**

### ପରିଶ୍ରମର ଫଳ ମିଳିଛି



ପରୀକ୍ଷା ପାଇଁ ମନରେ ଡର ରହିଥିଲା। ପ୍ରତିଦିନ ୮ ଘଣ୍ଟା ପରିଶ୍ରମ କରିଥିଲି। ପାଠପଢାକୁ ନେଇ ମନରେ ଦ୍ୱନ୍ଦ୍ୱ ଆସିଲେ ଗୁରୁଜୀ, ଗୁରୁଜୀ ଦୂର କରିଦେଉଥିଲେ। ପରୀକ୍ଷାରେ ୯୪% ମାର୍କ ରହିଛି। ଏବେ ପରିଶ୍ରମର ଫଳ ମିଳିଛି। ଆଗାମୀ ଦିନରେ ମେଡିକାଲ ପଢ଼ିବି। ଗୋଟିଏ ଭଲ ଡାକ୍ତର ହୋଇ ରୋଗୀ ସେବା କରିବା ମୋର ଲକ୍ଷ୍ୟ ରହିଛି।

**ପ୍ରଜ୍ଞା ପରମିତା ମଲ୍ଲିକ,**
**ସରସ୍ୱତୀ ଶିଶୁ ମନ୍ଦିର, ତୁଳସୀପୁର**

### ଖାତା ରିଚେକିଂ ପାଇଁ ଆବେଦନ କରିବି



ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ୫୬୩ ମାର୍କ ଥିବା ଜାଣିବାକୁ ପାଇଲି। ଅଧିକ ନମ୍ବର ରହିବ ବୋଲି ଆଶା ଥିଲା। ଏବେ ଯାହା ମାର୍କ ଅଛି ସେଥିରେ ଖୁସିଅଛି। ମାର୍କିଂରେ ତ୍ରୁଟି ରହିଛି ବୋଲି ଭାବୁଛି। ତେଣୁ ଖାତା ରିଚେକିଂ ପାଇଁ ଆବେଦନ କରିବି।

**ଆକାଶ ମିଶ୍ର,**
**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁର**

### ୧୨ ଘଣ୍ଟା ପରିଶ୍ରମ କରିଥିଲି



ପରୀକ୍ଷା ପାଇଁ ୧୦/୧୨ ଘଣ୍ଟା ପରିଶ୍ରମ କରିଥିଲି। ପାଠପଢାକୁ ନେଇ ମନରେ କିଛି ଦ୍ୱନ୍ଦ୍ୱ ରହିଲେ ସ୍କୁଲରେ ଗୁରୁମାଗୁରୁଜୀଙ୍କୁ ପଚାରୁଥିଲି। ଫଳରେ ସେମାନେ ତାହା ଦୂର କରିଦେଉଥିଲେ। ଭବିଷ୍ୟରେ ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରହିଛି।

**ଆୟୁଷି ପରିଜା,**
**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର**

### କର୍ମରେ ଅଧିକ ବିଶ୍ୱାସ କରେ



ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ କରେ। କଠିନ ପରିଶ୍ରମ କରି ମାଟ୍ରିକ ପରୀକ୍ଷାରେ ୯୩.୩୩% ମାର୍କ ରଖିପାରିଛି। ଆଶା ଥିଲା ଅଧିକ ମାର୍କ ରହିବ ବୋଲି। ତଥାପି ସନ୍ତୁଷ୍ଟ ଅଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ମୋର ସମସ୍ତ ସନ୍ଦେହ ଦୂର କରି ମାନସିକ ସ୍ତରରୁ ମୋତେ ସୁଦୃଢ଼ କରିଛନ୍ତି। ସମସ୍ତ ଶ୍ରେୟ ମାତା, ପିତା, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦେବି। ବୃତ୍ତିଗତ ଦିଗ ଯାହା ହେଉପଛେ ପ୍ରଥମେ ମୁଁ ଜଣେ ଉତ୍ତମ ବିଦ୍ୟାର୍ଥୀ ଓ ଭଲ ମଣିଷଟିଏ ହେବି।

**ସିପ୍ରା ଶତପଥୀ,**
**ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ**

## ଅର୍ପିତା ପୃଷ୍ଟି ସାଲେପୁର ବ୍ଲକ ଟପ୍ପର



ସାଲେପୁର,୨୬।୫(ଅରବିନ୍ଦ ଭୂୟାଁ)

### ପୂର୍ବକଚ୍ଛ ଶିଶୁ ବିଦ୍ୟାମନ୍ଦିରର ପାସ୍ ହାର ୯୮.୮୩ %

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସାଲେପୁର ବ୍ଲକର ୨ହଜାର ୪ଶହ ୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୨ହଜାର ୩ଶହ ୭୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୁଦାୟ ୯୮. ୮୩ ଶତକଡ଼ା ପାସ୍ ହାର ରହିଥିବାବେଳେ ଏ-୧ରେ ୧୩ ଜଣ, ଏ-୨ରେ ୫୭ ଜଣ, ବି-୧ରେ ୧୭୪ ଜଣ, ବି-୨ରେ ୩୭୩ ଜଣ, ସି.ରେ ୫୭୭ ଜଣ, ଡି.ରେ ୬୮ ଜଣ, ଇ.ରେ ୫୦୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ସମୁଦାୟ ୨୮ଜଣ ଫେଲ ହୋଇଛନ୍ତି। ୨୮ଟି ସରକାରୀ ସ୍କୁଲରେ ଶତକଡ଼ା ୧ଶହ ଭାଗ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସାଲେପୁର ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୂର୍ବକଚ୍ଛର ଛାତ୍ରୀ ଅର୍ପିତା ପୃଷ୍ଟି ୫୫୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବେ ବୋଲି ତାଙ୍କ ପିତା ଅନ୍ତର୍ଯ୍ୟାମୀ ପୃଷ୍ଟି ଓ ମାତା ଗାୟତ୍ରୀ ପୃଷ୍ଟି ପ୍ରକାଶ କରିଛନ୍ତି। ସେହିପରି ମହଣ ପଞ୍ଚାୟତ ହାଇସ୍କୁଲ ପୁରଣର ଛାତ୍ର ଶକ୍ତି ସିଦ୍ଧାନ୍ତ ଦାଶ ୫୫୪ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିବା ଶୁଭସ୍ମିତା ଷଡ଼ଙ୍ଗୀ, କଟକର ବାଲୁବଜାରରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ପ୍ରୀତି ପ୍ରିୟଦର୍ଶିନୀ ଜେନା ଓ ସାଲେପୁର ବ୍ଲକର ଏକ୍ରାମ ରସୁଲ ହାଇସ୍କୁଲର ସାଇସ୍ୱରୂପା ତ୍ରିପାଠୀ ୫୫୨ ନମ୍ବର ରଖି ବ୍ଲକର ୩ୟ ସ୍ଥାନରେ ଅଛନ୍ତି।

## ନିଶ୍ଚିନ୍ତକୋଇଲିରେ ଏ-୧ରେ ୯ ଉତ୍ତୀର୍ଣ୍ଣ, ସ୍ୱରାଜ ବ୍ଲକ ଟପ୍ପର

ନିଶ୍ଚିନ୍ତକୋଇଲି, ୨୬।୫
(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ୯୯.୪୮% ରେଜେଲ୍ଟ ହୋଇଛି। ବ୍ଲକରେ ୯ ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ଦେମାଣ୍ଡୋର ସ୍ୱରାଜ କୁମାର ନନ୍ଦ ୫୬୦ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। କଲରାବାଙ୍କ ହାଇସ୍କୁଲର ପ୍ରଭୁଦତ ମିଶ୍ର ଓ କଳିଙ୍ଗ ମଡେଲ ହାଇସ୍କୁଲର ସୁଶ୍ରୀ ସଙ୍ଗୀତା ସାହୁ ୫୫୨ ମାର୍କ ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ, ପାଳଦା ହାଇସ୍କୁଲର ୫୪୯ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ବ୍ଲକରେ ୪୬ଟି ସ୍କୁଲର ୨୩୩୯ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୨୩୨୭ଜଣ ପିଲା ଉପକୃତ ହୋଇଛନ୍ତି। ବ୍ଲକରେ ୯୯.୪୮% ରେଜେଲ୍ଟ ହୋଇଥିବା ବେଳେ ଏ-୧ରେ ୯, ଏ-୨ରେ ୧୦୨, ବି-୧ରେ ୩୮୨ ,ବି-୨ରେ ୪୩୮ ,ସି'ରେ ୫୭୮,ଡିରେ ୪୬୭ , ଇ'ରେ ୩୫୧ ଓ ଏଫ୍‌ରେ ୧୨ଜଣ ପିଲା ଉତ୍ତୀର୍ଣ୍ଣହୋଇଛନ୍ତି। ୪୬ଟି ସ୍କୁଲ ମଧ୍ୟରୁ ୩୫ଟି ସ୍କୁଲରେ ଶତପ୍ରତିଶତ ରେଜେଲ୍ଟ ହୋଇଛି। ବ୍ଲକର ହରଚଣ୍ଡୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସାର୍ଥକ ଦାସ, ଗାୟତ୍ରୀ ପଣ୍ଡା ଓ ସୁଶ୍ରୀ ମନିଷା ପୁହାଣ ୫୪୦ ଲେଖାଏଁ ନମ୍ବର ,ସକୁନ୍ତଳା ବିଦ୍ୟାପୀଠର ପ୍ରାଚୀ ସ୍ୱାଇଁ ୫୪୦ନମ୍ବର ଓ କଳିଙ୍ଗ ମଡେଲର ଉଚ୍ଚ ବିଦ୍ୟାଳୟର ୫୪୧ ନମ୍ବର ରଖି ଏ-୧ରେ ଉତୀର୍ଣ୍ଣ ହୋଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାଟ୍ରିକ୍‌ରେ ୯୨% ମାର୍କ ରଖିଛନ୍ତି ଗାଡ଼ି ଡ୍ରାଇଭରଙ୍କ ପୁଅ ଆଶୁତୋଷ

କଟକ,୨୬।୫ (ଶିଳ୍ପା ପ୍ରିୟଦର୍ଶିନୀ)



ଦୃଢ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ସଫଳତା ଆଣିଦିଏ। ଏହାକୁ ସତରେ ପରିଣତ କରିଛନ୍ତି କଟକ ବିଡାନାସୀସ୍ଥିତ ସରସ୍ୱତୀ ନଗର ଅଞ୍ଚଳରେ ରହୁଥିବା ଆଶୁତୋଷ ସାହୁ। ଢେଙ୍କାନାଳ ଜିଲା ଶିମିଳିପାଟଣା ଅଞ୍ଚଳର ମୂଳବାସିନ୍ଦା ଆଶୋକ କୁମାର ସାହୁ ଓ ସୁକାନ୍ତି ସାହୁଙ୍କ ପୁଅ ଆଶୁତୋଷ ରେଭେନ୍‌ଶା କଲିଜିଏଟ ହାଇସ୍କୁଲର ଛାତ୍ର। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସେ ୯୨% ମାର୍କ ରଖିଛନ୍ତି। ଅଶୋକ ପେଶାରେ ଗାଡି ଡ୍ରାଇଭର। ଆଶୁତୋଷ ସରସ୍ୱତୀ ଶିଶୁ ମନ୍ଦିରରେ ପଢୁଥିଲେ। ହେଲେ ପରିବାରର ଆର୍ଥିକ ଅବସ୍ଥା ଖରାପ ଥିବାରୁ ପରବର୍ତ୍ତୀ ସମୟରେ ସେ ରେଭେନ୍‌ଶା କଲିଜିଏଟ୍ ହାଇସ୍କୁଲରେ ପଡିଥିଲେ। ସରକାରୀ ବିଦ୍ୟାଳୟରେ ପାଠପଢ଼ି ମାଟ୍ରିକ ପରୀକ୍ଷାରେ ସଫଳତା ଆଣିଛନ୍ତି ଆଶୁତୋଷ। ଏନେଇ ସେ କହିଛନ୍ତି, ପରୀକ୍ଷା ପାଇଁ ପ୍ରତିଦିନ ୮ ଘଣ୍ଟାରୁ ଅଧିକ ସମୟ ପରିଶ୍ରମ କରିଥିଲି। ପାଠପଢାକୁ ନେଇ ମନରେ ଦ୍ୱନ୍ଦ୍ୱ ଆସିଲେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପଚାରି ବୁଝୁଥିଲି। ଆଗାମୀ ଦିନରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଅଶୋକ କହିଛନ୍ତି, ପୁଅର ଭବିଷ୍ୟତ ଇଚ୍ଛା ପୂରଣ କରିବା ପାଇଁ ଚେଷ୍ଟା କରିବି।

## ଘରକୁ ମାଡ଼ିଗଲା ଗ୍ୟାସ ବୋଝେଇ ଟ୍ରକ୍

ବୋଲଗଡ଼,୨୬।୫(ଦେବବ୍ରତ ହୋତା)



ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ପଞ୍ଚୁକୋଟ ନିକଟରେ ରବିବାର ଏକ ଗ୍ୟାସ୍ ବୋଝେଇ ଟ୍ରକ ରାସ୍ତାପାର୍ଶ୍ୱରେ ଥିବା ଏକ ଘର ଉପରକୁ ମାଡ଼ିଯିବା ଫଳରେ ଗୋଟିଏ ବଖରା ଘର ଚୂର୍‌ମାର୍ ହୋଇଯାଇଛି। ଏହି ଘରେ ଦୁଇ ପୁଅବୋହୂ ଓ ନାତିନାତୁଣୀଙ୍କ ସହ ବାସ କରୁଥିବା ପ୍ରହ୍ଲାଦ ବେହେରାଙ୍କ ପରିବାର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଜଟଣୀରୁ ଗ୍ୟାସ୍ ବୋଝେଇ କରି ନୟାଗଡ଼ ଅଭିମୁଖେ ଯାଉଥିବା ଏକ ଟ୍ରକ ମଧ୍ୟାହ୍ନରେ ବୋଲଗଡ଼ ପଞ୍ଚାୟତର ପଞ୍ଚୁକୋଟ ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାର ଡାହାଣପଟକୁ ମାଡ଼ିଯାଇଥିଲା। ଫଳରେ ପ୍ରହ୍ଲାଦଙ୍କ ଆଜବେଷ୍ଟସ୍ ଘରର ସମ୍ମୁଖ ଭାଗରେ ଥିବା ରୋଷେଇଘର ଭାଙ୍ଗିଯାଇଛି। ତେବେ ଏହି ସମୟରେ ସେଠାରେ କେହି ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।

# ଅଧ୍ୟବସାୟ, ପରିଶ୍ରମ ସଫଳତାର ଚାବିକାଠି

### ଆର. ପି ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାସ ହାର ଶତ ପ୍ରତିଶତ

ତିଗିରିଆ,୨୬।୫ (ଜାଫର ଖାଁ)

ରବିବାର ଉଚ୍ଚ ମାଧ୍ୟମିକ ପରୀକ୍ଷା ଫଳ ପ୍ରକାଶ ପାଇଛି। କଟକ ଜିଲାରେ ଯୁକ୍ତ ୨ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। କେତେଟି କଲେଜରେ ଛାତ୍ରୀଛାତ୍ରମାନେ ଭଲ ନମ୍ବର ରଖିଥିବାରୁ ଖୁସିବ୍ୟକ୍ତ କରିଥିବାବେଳେ ଆଉ କିଛି ଛାତ୍ରୀଛାତ୍ର ନମ୍ବର ଖରାପ ରଖିଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ତିଗିରିଆ ବିଧାରପୁରସ୍ଥିତ ଆର. ପି. ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏଥର ପାସ ହାର ଶତପ୍ରତିଶତ ହୋଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଏହି ବିଦ୍ୟାଳୟର ୧୭୭ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୬, ଦ୍ୱିତୀୟ ଶ୍ରେଣୀରେ ୩୭ ଓ ତୃତୀୟ ଶ୍ରେଣୀରେ ୪ ଜଣ ପାସ କରିଛନ୍ତି। ୬ ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ମାର୍କ ରଖିଛନ୍ତ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଜନରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଫଳ ଶତପ୍ରତିଶତ ହୋଇଥିବାରୁ ଛାତ୍ରୀଛାତ୍ର ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକଙ୍କ ମଧ୍ୟରେ ଖୁସିର ଲହର ଖେଳି ଯାଇଛି।

### ସାବିତ୍ରୀ ଦେବୀ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା

ସାଲେପୁର, (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକର ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁରଠାରେ ଥିବା ସାବିତ୍ରୀ ଦେବୀ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଚଳିତବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ମୋଟ୍ ୨୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୧୯୭ ଜଣ, ୨ୟ ଶ୍ରେଣୀରେ ୯୧ ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଏହି ଅନୁଷ୍ଠାନର ଛାତ୍ରୀ ଅର୍ପିତା ସ୍ୱାଇଁ ୫୩୮ ନମ୍ବର ରଖି ଟପ୍ପର ହୋଇଥିବାବେଳେ ଲିପିକା ପାତ୍ର ୫୩୬ ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହି ୨ଜଣଙ୍କ ଛାତ୍ରୀ କୃତିତ୍ୱରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଉମାକାନ୍ତ ଓଝା, କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଜ୍ଞାନରେ ରାଜେଶ, କଳାରେ ସୌଦାମିନୀ ଶ୍ରେଷ୍ଠସ୍ଥାନ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅଧୀନ କଳାପଥର ଧଳାପଥର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜେଶ ମହାପାତ୍ର ବିଜ୍ଞାନରେ ଏବଂ ସୌଦାମିନୀ ସାହୁ କଳାରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। କଳାରେ ପ୍ରଥମ ଶ୍ରେଣୀରେ ୫୮ଜଣ, ୨ୟ ଶ୍ରେଣୀରେ ୨୯ ଜଣ ଓ ୩ୟ ଶ୍ରେଣୀରେ ୯୪ ଜଣ ପାସ୍ କରିଥିବାବେଳେ ଏହାର ପାସ ହାର ୮୩ ପ୍ରତିଶତ ହୋଇଛି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୯ ଜଣ, ୨ୟ ଶ୍ରେଣୀରେ ୮ ଜଣ ଓ ୩ୟ ଶ୍ରେଣୀରେ ଜଣେ ପାସ କରିଥିବାବେଳେ ବାଣିଜ୍ୟରେ ୫ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଅଧ୍ୟକ୍ଷ ସୁନନ୍ଦ କୁମାର ଛାଟୋଇ ସୂଚନା ଦେଇଛନ୍ତି।

### କଳାରେ ସ୍ୱାତୀ ସ୍ୱାଗତିକା, ବିଜ୍ଞାନରେ ହରପ୍ରିୟା, ବାଣିଜ୍ୟରେ ତେଜସ୍ୱିନୀ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ସ୍ୱାତୀ ସ୍ୱାଗତିକା ତ୍ରିପାଠୀ, ବିଜ୍ଞାନରେ ହରପ୍ରିୟା ଦାଶ ଓ ବାଣିଜ୍ୟରେ ତେଜସ୍ୱିନୀ ସାହୁ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। କଳାରେ ପ୍ରଥମ ଶ୍ରେଣୀରେ ୧୧୯ ଜଣ, ୨ୟ ଶ୍ରେଣୀରେ ୯୯ ଜଣ, ୩ୟ ଶ୍ରେଣୀରେ ୧୮୨ ଜଣ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ପାସ୍ ହାର ୮୦.୧୬ ପ୍ରତିଶତ ରହିଛି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୪୯ ଜଣ, ୨ୟ ଶ୍ରେଣୀରେ ୨୯ ଜଣ ଓ ୩ୟ ଶ୍ରେଣୀରେ ୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୨ ପ୍ରତିଶତ ଫଳ ହୋଇଛି। ସେହିପରି ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୨୫ ଜଣ, ୨ୟ ଶ୍ରେଣୀରେ ୧୪ ଜଣ ଓ ୩ୟ ଶ୍ରେଣୀରେ ୧୬ ଜଣ ଛାତ୍ରୀଛାତ୍ର ପାସ କରିଥିବାବେଳେ ଏହାର ୭୪ ପ୍ରତିଶତ ଫଳ ହୋଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି, ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଅଧ୍ୟାପକ ଆଶିଷ ପାଢ଼ୀ ଓ ପରୀକ୍ଷା ସହକାରୀ ସତିଶ ମହାପାତ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ସଂକ୍ଷେପରେ

### ରାତିଅଧରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୨୬।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ସ୍ଥାନୀୟ ଥାନା ଫାଳିକିଆ ବସ୍ତିର ତାରିଣୀ ସେଠୀ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସଂକ୍ରାନ୍ତରେ ମା’ ରାଣୀ ସେଠୀ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧ଟାରେ ସ୍ଥାନୀୟ ବସ୍ତିରେ ଅଭିଯୁକ୍ତମାନେ ମଦ ବିକ୍ରି କରୁଥିବା ସମୟରେ ତାରିଣୀ ସେହି ପଟେ ଯାଉଥିଲେ। ସେହି ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଏଥର ଜିତିବ ବୋଲି ତାରିଣୀ ବଡ଼ ପାଟି କରି କହିଥିଲେ। ଫଳରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ରରେ ତାରିଣୀଙ୍କୁ ଆକ୍ରମଣ କରିଥିଲେ। ଏପରିକି କାଚ ବୋତଲ ଭାଙ୍ଗି ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସଂକ୍ରାନ୍ତରେ ପୋଲିସ ସତ୍ୟାସତ୍ୟ ଯାଞ୍ଚ କରୁଥିବା କହିଛି।

### ବାଣପୁରରେ ପାସହାର ୯୮.୮୭%

ବାଣପୁର,୨୬।୫(ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ଓ ବିଜ୍ଞାପିତ ପରିଷଦ ଅଞ୍ଚଳରେ ମାଟ୍ରିକ ପରୀକ୍ଷା ପାସହାର ୯୮.୮୭% ହୋଇଛି। ଦୁଇଟି ଘରୋଇ ବିଦ୍ୟାଳୟ ସମେତ ୨୨ଟି ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ପରୀକ୍ଷା ଦେଇଥିବା ବେଳେ ସରକାରୀ ବିଦ୍ୟାଳୟର ମୋଟ୍ ୧୭୮୨ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୭୬୨ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସରକାରୀ ସ୍କୁଲ ମଧ୍ୟରୁ ୧୧ଟିରେ ଶତପ୍ରତିଶତ ପାସ ହାର ରହିଥିବା ବେଳେ ଦୁଇ ଜଣ ଏ୧ ରେ ପାସ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୯ଜଣ ଏ୧ ରେ ପାସ କରିଥିବା ବେଳେ ବାଣପୁର ବାଳିକା ହାଇସ୍କୁଲ (୧)ରେ ଦୁଇ ଜଣ ଏ-୧ ପାଇଛନ୍ତି ଜଣେ ଛାତ୍ର ଏବଂ ଜଣେ ଛାତ୍ରୀ। ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସବୁଥର ଭଳି ଏ ବର୍ଷ ମଧ୍ୟ ବ୍ଲକରେ ପାସ ହାରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୪୪ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

### ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକୋତ୍ସବ

ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)

ମଙ୍ଗଳାଘାଟ ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରମୋଦ କୁମାର କର ଓ ମୁଖ୍ୟ ବକ୍ତାଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ରଥ, ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ରାଉତରାୟ ଓ ସମ୍ପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନେ ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ଭଲ ପାଠ ପଢିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଭିଭାବକ ଓ ଗୁରୁ ମିଶି ଶିଶୁଙ୍କ ଚରିତ୍ର ଗଠନ କରିପାରିବେ।

# ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ରହିଛି : ଜିଲାପାଳ

## ୩୧ନଂ.ବୁଥ୍ ଇଭିଏମ୍ ଗାଏବ ଅଭିଯୋଗ ଘଟଣା

ଖୋର୍ଦ୍ଧା,୨୬।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧା ପୌରାଞ୍ଚଳ ୯ନଂ. ୱାର୍ଡ ଭାଲିଆବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୩୧ନଂ. ବୁଥ୍‌ର ଇଭିଏମ୍ ଏଜେଣ୍ଟଙ୍କ ବିନା ଦସ୍ତଖତରେ ଗାଏବ ନେଇ ଶନିବାର ଭାଜପା କର୍ମୀ ଏବଂ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଥ୍ ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ସିସିଟିଭି ଯାଞ୍ଚ, ପୁନଃ ମତଦାନ ଦାବିରେ ପୋଲିସ ଟିମ୍‌କୁ ଅଟକ ରଖିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଏହାର ସ୍ପଷ୍ଟୀକରଣ ଦେଇଛନ୍ତି। ୩୧ନଂ. ବୁଥ୍ ଇଭିଏମ ଗାଏବ ଘଟଣା ସତ ନୁହଁ। ସମ୍ପୂର୍ଣ୍ଣ ସିଲ୍ ହୋଇ ସୁରକ୍ଷିତ ଭାବେ ଜିଲା ପ୍ରଶାସନ ଦ୍ୱାରା ଗ୍ରହଣ ହୋଇ ଷ୍ଟ୍ରଙ୍ଗରୁମ୍‌ରେ ରହିଛି ବୋଲି ଜିଲାପାଳ ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ରିଟର୍ଣ୍ଣିଂ ଅଫିସର(ଆରଓ) ତଥା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଠେଲାପେଲା, ଗାଳିଗୁଲଜ ଘଟଣାକୁ ନେଇ ଭାଇରାଲ ହୋଇଥିବା ଭିଡିଓକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ପ୍ରକାଶ ଯେ, ଭାଲିଆବାଡ଼ି ବିଦ୍ୟାଳୟରେ ପୌରାଞ୍ଚଳ ଅନ୍ତର୍ଗତ ୯ ଏବଂ ୧୦ନଂ. ୱାର୍ଡ ପାଇଁ ୩୦, ୩୧ ଓ ୩୨ ନମ୍ବର ବୁଥ୍ କରାଯାଇଥିଲା। ସକାଳେ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା ବେଳେ ୩୧ ନମ୍ବର ବୁଥ୍‌ରେ ଇଭିଏମ୍ ଖରାପ ହେବା ଯୋଗୁ ଏକ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା। ଭାଜପା କର୍ମୀ ଏବଂ ସ୍ଥାନୀୟ କେତେଜଣ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଆରମ୍ଭରୁ ମତଦାନ ଧିମା ଚାଲିଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଶତାଧିକ ଭୋଟର ମତଦାନ କେନ୍ଦ୍ରରେ ରହିଥିଲେ। ଫଳରେ ମତଦାନ ରାତି ୯ଟା ପର୍ଯ୍ୟନ୍ତ ଚାଲିଥିଲା। ମତଦାନ ସରିବା ପରେ ସମସ୍ତ ଏଜେଣ୍ଟଙ୍କ ଉପସ୍ଥିତିରେ ଇଭିଏମ୍ ସିଲ୍ କରାଯାଇ ୧୭ନଂ. ସି ଫର୍ମ ଦିଆଯାଇ ଇଭିଏମ୍ ନେବାର ନିୟମ ରହିଛି। ତେବେ ପ୍ରିଜାଇଡିଂ ଅଫିସର ଭାଜପା ଏଜେଣ୍ଟଙ୍କୁ ଲୋକ ସଭା ପାଇଁ ଫର୍ମ ନ ଦେଇ କେବଳ ବିଧାନସଭା ଲାଗି ୧୭ନଂ. ସି ଫର୍ମ ଭାଜପା ଏଜେଣ୍ଟଙ୍କୁ ଧରାଇ ସେଠାରୁ ଇଭିଏମ୍ ନେଇ ଚାଲିଯାଇଥିଲେ। ଏହା ଜଣାପଡ଼ିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଗାଡ଼ିକୁ ଅଟକ ରଖି ପ୍ରତିବାଦ କରିଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଖୋର୍ଦ୍ଧା ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଲୋକେ ଉତ୍ତେଜିତ ହୋଇ ଉପଜିଲାପାଳଙ୍କୁ ଗାଳିଗୁଲଜ ସହ ଠେଲାପେଲା କରିଥିଲେ। ରବିବାର ଷ୍ଟ୍ରଙ୍ଗରୁମ୍‌ରେ ଉପଜିଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିବା ଏବଂ ଇଭିଏମ୍ ସେଠାରେ ସୁରକ୍ଷିତ ରହିଥିବା ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ଇଭିଏମ ସିଲ୍ କରି ନେବା ବେଳେ ଭାଜପା ଏଜେଣ୍ଟଙ୍କୁ ପ୍ରିଜାଇଡିଂ ଅଫିସର ୧୭ନଂ. ସି ଫର୍ମ ଦେଇ ନ ଥିବା ଜିଲା ପ୍ରଶାସନ ସ୍ୱୀକାର କରିଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି।

# ରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା ସମ୍ପନ୍ନ



ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ବୁଧବାର ପବିତ୍ର ଭଉଁରି ତିଥିରେ ଚକା ଡେରା ନୀତି ପାଳିତ ହେବ। ଏହି ଅବସରରେ ରଥ ନିର୍ମାଣର ଷୋଡ଼ଶ ଦିନରେ ୩ ରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା ୩ ରଥ ବିଶ୍ୱକର୍ମା ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ୩ ରଥର ଗୋଟିଏ ଗୋଟିଏ ନାହାକା ଅଖର ଅନୁକୂଳ ପୂଜା ସମ୍ପନ୍ନ ପରେ ୩ ରଥର ନାହାକା ଅଖର ୨ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ପରେ ମାଠେଣି କାର୍ଯ୍ୟ ଜାରି ରହିଛି। ତାଳଧ୍ୱଜ ରଥର ମୋଟ ୧୪ ଚକ ମଧ୍ୟରୁ ୨ଟି ନାହାକା ଚକ ଏବଂ ୨ଟି ପଡ଼ି ନାହାକା ଚକ ନିର୍ମାଣ ଶେଷ ହୋଇଛି। ରଥର ଦୁଇଟି ୨୦ ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ (ଏହି ଓରା ଚାରି ନାହାକା ଉପରେ ସଂଯୋଗ ପରେ ରଥର ପ୍ରଥମ ଭୂଇଁ ଉଠିବ) ଜାରି ରହିଛି। ଦର୍ପଦଳନ ରଥର ଦୁଇଟି ୨୦ ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକରୁ ୪ଟି ନାହାକ ଚକର ନିର୍ମାଣ ଶେଷ ହୋଇଛି। ରଥର ଦୁଇଟି ୨୦ ଫିଟିଆ ଓରା ଚଉପଟ ଶେଷ ହୋଇ, ଚାରୋଟି କୁଡୁକାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଦୋଳବେଦୀ ଠାରେ ଦୁଇଜଣ ପାହି ମହାରଣା ରଥଯାତ୍ରାରେ ମହାପ୍ରଭୁଙ୍କ ନୀତି ପାଇଁ ଆବଶ୍ୟକ କାଠ ବାଉଁଶ ନିର୍ମିତ ସାମଗ୍ରୀ ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ଅନବସର ପଇତା ବୋଳା ପାଇଁ ୩୦ଟି କାଠି ଏବଂ ୨୦ ଟି ନଳ ପ୍ରସ୍ତୁତ ଶେଷ କରି ବେଶ ଘୋଡ଼ିଆ, ଚାଙ୍ଗଡ଼ା ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟ ଶ୍ରୀ ବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲୁ ରହିଛି।

# ସରିଲା ଇଟିକିଲି ମିଟିକିଲି ରାଜ୍ୟସ୍ତରୀୟ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୬।୫ (ବନ୍ଦନା ସେଠୀ)

ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୨୯ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସର ପ୍ରଥମ କାର୍ଯ୍ୟକ୍ରମ କଣ୍ଠସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁ କଣ୍ଠଶିଳ୍ପୀମାନେ ନିଜର ସୁମଧୁର ସ୍ୱରରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିବାବେଳେ ସନ୍ଧ୍ୟାରେ ଶିଶୁ ନୃତ୍ୟଶିଳ୍ପୀମାନେ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଦାଶ ବେନହୁରଙ୍କ ପୌରୋହିତ୍ୟରେ ଆୟୋଜିତ କଣ୍ଠସଙ୍ଗୀତ କାର୍ଯ୍ୟକ୍ରମରେ କବି ଓ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ସଙ୍ଗୀତଭିତ୍ତିକ ନୃତ୍ୟ ପ୍ରତିଯୋଗିତାରେ ପୂର୍ବତନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କଣ୍ଠସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ, ସାଧାରଣଜ୍ଞାନ ଓ ସଙ୍ଗୀତଭିତ୍ତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଗୁରୁ ମଞ୍ଜୁଶ୍ରୀ ମିଶ୍ର, ଗୁରୁ ବିମଳେନ୍ଦୁ ଆଚାର୍ଯ୍ୟ, ଜେନାମଣି ସଞ୍ଜୀବ କୁମାର ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଯୋଗ୍ୟ ଶିଶୁପ୍ରତିଭାଙ୍କୁ ଚୟନ କରିଥିଲେ। ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଜୁନ୨୩ରେ ସୂଚନାଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ପ୍ରତିଯୋଗିତାର ଯୋଗ୍ୟ ବିବେଚିତ ଶିଶୁପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି।

### ହାଇୱା ଡାଲା ଲାଗି ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ବାରଙ୍ଗ,୨୬।୫(ଲିଙ୍ଗରାଜ ରାଉତ)

ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇୱାର ଡାଲାଟି ନଦୀବନ୍ଧ ରାସ୍ତାରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରେ ଲାଗିଯିବାରୁ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା ସହ ଗାଡ଼ିଟି ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ଚାଳକ ଜଣଙ୍କ ବିଦ୍ୟୁତ୍ ଆଘାତରୁ ବର୍ତ୍ତି ଯାଇଥିଲେ। ଏଥିପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପ୍ରକାଶ ଯେ, ତ୍ରିଶୂଳିଆଠାରୁ ନରାଜ ପର୍ଯ୍ୟନ୍ତ କାଠଯୋଡ଼ି ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁତ୍‌ରହିଛି। କାର୍ଯ୍ୟରେ ନିୟୋଜିତ ଥିବା ହାଇୱା (ଓଡି ୦୫ବିଏସ ୨୬୫୮)ଟି ବଜୁରି ଗୁଣ୍ଡ ବୋଝେଇ କରି ରବିବାର ସନ୍ଧ୍ୟା ସମୟରେ ଆସୁଥିଲା। ବ୍ରାହ୍ମଣୀଗାଁ ନିକଟସ୍ଥ କାଠଯୋଡ଼ି ନଦୀବନ୍ଧରେ ହାଇୱାଟି ବଜୁରି ଖାଲି କରୁଥିବା ସମୟରେ ଅସାବଧାନତା ଯୋଗୁ ଗାଡ଼ିର ଡାଲାଟି ଉପରେ ଥିବା ୧୧କେଭି ବିଦ୍ୟୁତ୍ ତାରରେ ଲାଗିଯିବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯାଇ ତାର ଛିଣ୍ଡିଯିବାରୁ ହାଇୱାକୁ ବିଦ୍ୟୁତ୍ ପଳାଇ ଯାଇଥିଲା। ହାଇୱା ଚାଳକ ଗାଡ଼ିରୁ ତଳକୁ ଡେଇଁ ପଡ଼ିଥିବାରୁ ସେ ବର୍ତ୍ତି ଯାଇଥିଲେ।

# ପୁଅର ଚିକିତ୍ସା ପାଇଁ ଆଣିଥିବା ଅର୍ଥ ମୋ ବସ୍‌ରୁ ଚୋରି

## ଅଭିଯୋଗ ଶୁଣିଲେନି କର୍ମଚାରୀ, ଥାନାରେ ଏତଲା

ଭୁବନେଶ୍ୱର,୨୬।୫ (ସୂର୍ଯ୍ୟକାନ୍ତ ବେହେରା)

ପୁଅର ଚିକିତ୍ସା ପାଇଁ ବହୁ କଷ୍ଟରେ ଟଙ୍କା ସଂଗ୍ରହ କରି ଆଣିଥିଲେ ବାପା। ଗଞ୍ଜାମରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ମୋ ବସ୍‌ରେ ହସ୍ପିଟାଲକୁ ଯାଉଥିବାବେଳେ ସବୁ ଟଙ୍କା ଚୋରି ହୋଇଗଲା। ଏମିତି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଚୋରିର ଶିକାର ହୋଇଥିବା ଗଞ୍ଜାମ ହିଞ୍ଜିଳିକାଟୁର ବୃନ୍ଦାବନ ସାହୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ସେ ନୟାପଲ୍ଲୀରୁ ୧୯ ନମ୍ବର ମୋ ବସ୍‌ରେ ଏମ୍ସକୁ ଯାଉଥିବାବେଳେ ବସ୍ ଭିତରେ ଲୁଟେରାଦଳ ତାଙ୍କୁ ଘେରି ଯାଇ କୌଶଳକ୍ରମେ ୫୭ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବୃନ୍ଦାବନଙ୍କ କହିବାନୁସାରେ, ପୁଅ ଏମ୍ସର ନ୍ୟୁରୋଲୋଜି ବିଭାଗରେ ଚିକିତ୍ସା ହେଉଛନ୍ତି। ପୁଅର ଚିକିତ୍ସା ପାଇଁ ଘରୁ ଟଙ୍କା ନେଇ ଆସି ସମ୍ପର୍କୀୟଙ୍କ ଘରେ ରହିଥିଲେ। ରବିବାର ସକାଳ ସାଢେ ୯ଟାରେ ସେ ନୟାପଲ୍ଲୀ ଡିଏଭି ସ୍କୁଲ ନିକଟ ବସ୍‌ଷ୍ଟାଣ୍ଡରୁ ମୋ ବସ୍‌ରେ ଚଢିଥିଲେ। ଏମ୍ସ ଗେଟ ଆଗରେ ଓହ୍ଲାଇବା ପରେ ତାଙ୍କ ପକେଟରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ବସ୍ ଡ୍ରାଇଭର ଓ ହେଲପରଙ୍କୁ ଜଣାଇବା ସହ ସିସିଟିଭି ଦେଖିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ନିରାଶ ହେବା ପରେ ବୃନ୍ଦାବନ ଖଣ୍ଡଗିରି ଥାନାରେ ପହଞ୍ଚି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇବା ସହ ଲିଖିତ ଅଭିଯୋଗ କରିଥିଲେ। ତେବେ ଟଙ୍କା ଚୋରି ହୋଇଯାଇଥିବାରୁ ପୁଅର ଚିକିତ୍ସାକୁ ନେଇ ବାପା ବୃନ୍ଦାବନ ଚିନ୍ତାରେ ପଡିଛନ୍ତି। ସୂଚନାଯୋଗ୍ୟ, ମାସକ ମଧ୍ୟରେ ମୋ ବସ୍ ଓ ଷ୍ଟାଣ୍ଡ୍‌ରୁ ଗହଳିର ସୁଯୋଗନେଇ ଚୋରି ବଢୁଛି। ନିକଟରେ କମିଶନରେଟ ପୋଲିସ ପଶ୍ଚିମବଙ୍ଗର ମହିଳା ଗ୍ୟାଙ୍ଗ ଓ ଅନ୍ୟ ଏକ ପୁରୁଷ ଗ୍ୟାଙ୍ଗକୁ ଧରିଥିଲା। ଏହାପରେ ବି ମୋ ବସ୍‌ରୁ ଚୋରି ଜାରି ରହିଥିବାରୁ ଏଥିରେ ଆହୁରି ଏକାଧିକ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ଚୋରି ରୋକିବାକୁ ଯାତ୍ରୀମାନେ ଦାବି କରୁଛନ୍ତି।

# ‘ନାରଦ ଜୟନ୍ତୀ ଜାତୀୟ ସାମ୍ବାଦିକ ଦିବସ ଭାବେ ପାଳନ ହେଉ’

ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)

ଦେବର୍ଷି ନାରଦ ଥିଲେ ସର୍ବ ପ୍ରାଚୀନ ଗଣ ଯୋଗାଯୋଗର ବାହକ। ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକ ଭାବ ଜାଗରଣ ସହିତ ଅସତ୍ୟର ମୂଳୋତ୍ପାଟନ ପାଇଁ ତାଙ୍କର ଯୋଗଦାନ ସର୍ବଦା ଗ୍ରହଣୀୟ। ପୌରାଣିକ ଯୁଗରୁ ଅଦ୍ୟାବଧି ନାରଦଙ୍କ ବାଣୀ ଓ ଆଦର୍ଶ ସମସ୍ତଙ୍କ ଅନୁକରଣୀୟ ବୋଲି ଶୁକ୍ରବାର ପୁରୀ ଓଡ଼ିଶୀ ସଙ୍ଗୀତ ପରିଷଦ ପରିସରରେ ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ, ଲେଖକ ଓ ସ୍ତମ୍ଭକାର ଫୋରମ ପକ୍ଷରୁ ଆୟୋଜିତ ଦେବର୍ଷି ନାରଦ ଜୟନ୍ତୀ ଉପଲକ୍ଷେ ବିଶେଷ ଆଲୋଚନା ଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା ଉଦ୍‌ଘାଟନ



କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଅଭିମନ୍ୟୁ ଭୂୟାଁ, ଦୟାନିଧି ତ୍ରିପାଠୀ, ସଦାଶିବ ମିଶ୍ର, ସାହିତ୍ୟିକ ପ୍ରତିଭା ତ୍ରିପାଠୀ, ବୈଦ୍ୟରତ୍ନ ଏ.ନାରାୟଣ ଆଚାରୀ, ପୂର୍ବତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସମାଜସେବୀ ଏ. ଜଗନ୍ନାଥ ଆଚାରୀ, ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ନାରାୟଣ ନନ୍ଦ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ଶିକ୍ଷାବିତ ଆଶାଲତା ପ୍ରଧାନ, ଡା. ରାନୁ ମିଶ୍ର, ବିପିନ ଦଳାଇ. ଡ. ସସ୍ମିତା ମିଶ୍ର, ସୁଦୀପ୍ତା ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ଭାଗବତ ପ୍ରସାଦ ପଟ୍ଟନାୟକ, ଯୋଗେଶ୍ୱର ମହାନ୍ତି, ଅଶୋକ କୁମାର ଆଢ୍ୟ ପ୍ରମୁଖ ଯୋଗଦେଇଥିଲେ। ଦି ମିଡିଆର ଅଧ୍ୟକ୍ଷ ସରୋଜ ମିଶ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାରେ ସଭାପତିତ୍ୱ କରି ନାରଦ ଜୟନ୍ତୀକୁ ଜାତୀୟ ସାମ୍ବାଦିକ ଦିବସ ଭାବେ ପାଳନ କରାଯିବାକୁ ଦାବି କରିଥିଲେ। ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଅଶୋକ କୁମାର ମିଶ୍ର, ସଞ୍ଜୟ କୁମାର ଅଗ୍ରୱାଲ, ଜୁପିଟର ଦାସ, ନୃସିଂହ ମହାନ୍ତି, ବେଣୁଧର ପାତ୍ର, ତପନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

### କେଶବ, ବୃନ୍ଦାବନ ପାଇଲେ ଭିକାରୀ ବଳ ସ୍ମୃତି ସମ୍ମାନ

କଟକ,୨୬।୫ (କାର୍ତ୍ତିକ ସାହୁ)

ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ଉତ୍ସବ କଟକ ଶତାବ୍ଦୀ ଭବନରେ ରବିବାର ପାଳିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥ ଉତ୍ସବକୁ ଉଦ୍‌ଘାଟନ କରି ଭିକାରୀ ବଳ ଉତ୍କଳୀୟ ସଙ୍ଗୀତକୁ ଅପୂର୍ବ ରୂପ ଦେଇ ଲୋକପ୍ରିୟ କରାଇଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଆଶୁତୋଷ ପ୍ରସାଦ ମିଶ୍ର ବକ୍ତବ୍ୟରେ ଭିକାରୀ ବଳଙ୍କୁ ଯୋଗଜନ୍ମା ପୁରୁଷ ବୋଲି କହିଥିଲେ। ଗୌର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତ ଓ ଗୀତିକାର ବୃନ୍ଦାବନ ଜେନାଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ।

# ସପ୍ତାବରଣ ଲେଖିକା ସାହିତ୍ୟ, ସଂସ୍କୃତି ପରିଷଦ ଗଠିତ




ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)

ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ନାମକ ନୂତନ ଅନୁଷ୍ଠାନ ପବିତ୍ର ବୁଦ୍ଧପୂର୍ଣ୍ଣିମା ଅବସରରେ ଗଠନ କରାଯାଇଛି। ବଡ଼ଦାଣ୍ଡସ୍ଥିତ ଭକ୍ତସାଲବେଗ ପୀଠରେ କବୟିତ୍ରୀ ସତ୍ୟଭାମା ପ୍ରଧାନୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ପ୍ରତିଷ୍ଠା ଉତ୍ସବରେ ଲେଖିକା ଓ ଶିକ୍ଷାବିତ୍ ବାସନ୍ତୀ ଦେବୀ ମୁଖ୍ୟ ଅତିଥି, ସୁଶ୍ରୀ ହରପ୍ରିୟା ସାହୁ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଶୈଳବାଳା ମହାପାତ୍ର ଓ ଆଶାଲତା ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାଶ ସଭାମୁଖ୍ୟ ଏବଂ ଶିକ୍ଷାବିତ୍ ଅନ୍ନପୂର୍ଣ୍ଣା ଦେବୀ, ଚାରୁଲତା ମିଶ୍ର ଓ ସମ୍ପାଦିକା ପ୍ରତିଭା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା ବିବରଣୀ ଖାତା ଉନ୍ମୋଚନ ହୋଇଥିଲା। ସମ୍ପାଦିକା ମଞ୍ଜୁଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉର୍ମିଳା ସାମନ୍ତରାୟ, ପୂଜା ପ୍ରଧାନ, ରୋଜାଲିନ୍ ପଣ୍ଡା, ମିନତି ମିଶ୍ର, ସସ୍ମିତା ମିଶ୍ର, ଡାକ୍ତର ରାନୁ ମିଶ୍ର, ମନସ୍ୱିନୀ ବେହେରା କମଳିନୀ ପାଣିଗ୍ରାହୀ, ଶର୍ମିଷ୍ଠା ଜେନା, ଚାରୁବାଳା ଦାଶ, ଅମୃତା ଦାସ, ପ୍ରଲିପ୍ତା ଛୋଟରାୟ, ସନ୍ତୋଷିନୀ ବେହେରା, ସ୍ନେହାସିନୀ ବେହେରା, ହେମାଙ୍ଗିନୀ ମହାନ୍ତି ଏବଂ ସୁଦୀପ୍ତ ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇଥିଲେ। ସମ୍ପାଦିକା ମଞ୍ଜୁଶ୍ରୀ ମିଶ୍ର ସଭା ପରିଚାଳନା କରିଥିବାବେଳେ ଚାରୁଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨୮ରେ ନିମାପଡ଼ା ଆସିବେ ଶାହା: ପ୍ରଶାସନର ପ୍ରସ୍ତୁତି

ନିମାପଡ଼ା,୨୬।୫(ବିଚିତ୍ରାନନ୍ଦ ସାହୁ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ନିମାପଡ଼ା ଗସ୍ତରେ ଆସୁଛନ୍ତି। ଭାଜପା ପକ୍ଷରୁ ଆୟୋଜିତ ଏକ ନିର୍ବାଚନୀ ସାଧାରଣ ସଭାରେ ମନ୍ତ୍ରୀ ଶାହା ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଭାଜପା ନେତୃବୃନ୍ଦମାନଙ୍କ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ପାଇଁ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି କାର୍ଯ୍ୟକ୍ରମର ସଫଳତା, ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ଦେବବ୍ରତ



ବରିଷ୍ଠ ପୋଲିସ ଅଧିକାରୀ ସଭାସ୍ଥଳ ପରିଦର୍ଶନ କରୁଛନ୍ତି।

ଚକ୍ର, ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର ବସନ୍ତ ହାତୀ, ଅଗ୍ନିସେବା ସଂସ୍ଥା, ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଭାରତ ସରକାରଙ୍କ ପୋଲିସ ବିଭାଗର ପଦସ୍ଥ କେନ୍ଦ୍ରୀୟ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସୁରକ୍ଷା ଅଧିକାରୀ, ଜିଲା ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ୨ଟି ହେଲିପ୍ୟାଡ ସ୍ଥଳ, କାରକେଡ୍ ପଥ, ସଭାସ୍ଥଳ, ହେଲିପ୍ୟାଡ୍‌ରୁ ସଭାସ୍ଥଳକୁ ଯାତାୟାତ ପଥ ଆଦି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ଯାନବାହନ ପାର୍କିଂ, ଟ୍ରାଫିକ ନିୟନ୍ତ୍ରଣ ଦିଗରେ ପୋଲିସ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀଙ୍କ କଡ଼ା ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର କେନ୍ଦ୍ରୀୟ ସୁରକ୍ଷା ଅଧିକାରୀ, କମାଣ୍ଡାଣ୍ଟ, ସିକ୍ୟୁରିଟି ଉଇଙ୍ଗ୍‌ସ ବିଭାଗର ପ୍ରାୟ ୧୫ ଜଣିଆ ସେଣ୍ଟ୍ରାଲ ପୋଲିସ ଟିମ୍ ସ୍ୱତନ୍ତ୍ର ଭାବେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର ତଦାରଖ କରିଥିଲେ। ଏହି ସମାରୋହରେ ଭାଜପାର ବହୁ ରାଜ୍ୟସ୍ତରୀୟ ବରିଷ୍ଠ ନେତା ଯୋଗଦେବେ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୫।୨୦୨୪

| | |
|---|---|
| ୬,୮୪,୫୨୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୫୪.୨୦୦ଗ୍ରାମ୍ |

## ସଂକ୍ଷେପରେ

### କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

କୋଣାର୍କ, ୨୬।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି ଅଧୀନ ୮ନଂ ୱାର୍ଡର ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କ ସହଧର୍ମିଣୀ ବର୍ଷାପ୍ରିୟଦର୍ଶିନୀ ଦାସ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ଐତିହାସିକ ଭାରତ ଯୋଡ଼ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। କୋଣାର୍କ ଓ ଚନ୍ଦ୍ରଭାଗାର ଯେଉଁ ସମସ୍ୟା ରହିଛି ତାହାକୁ ନିର୍ବାଚନ ପରେ ସମାଧାନ କରାଯିବ ବୋଲି କହିବା ସହ ହାତ ଚିହ୍ନରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଏହି ଅବସରରେ ଶତାଧିକ ବିଜେଡି କର୍ମୀ ଦଳ ଛାଡ଼ି କଂଗ୍ରେସରେ ମିଶିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, କୋଣାର୍କ କଂଗ୍ରେସ ସଭାପତି ଉପେନ୍ଦ୍ର କାଣ୍ଡି, ସୁବୋଧ ଖଟୁଆ, ବିଜୟ ନନ୍ଦୀ, ସୁବାସ ନାୟକ, ସ୍ୱାଧୀନ ନାୟକ, ପ୍ରତାପ କାଣ୍ଡି ପ୍ରମୁଖ କର୍ମୀମାନଙ୍କୁ ଉତ୍ତରୀୟ ଦେଇ କଂଗ୍ରେସ ଦଳରେ ସାମିଲ କରିଥିଲେ।

### ଭାଜପାର ମାରାଥନ ପ୍ରଚାର

ନିମାପଡ଼ା, ୨୬।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ରବିବାର ଚାରିଛକ ମଣ୍ଡଳ ଅଧୀନ ବିଭିନ୍ନ ଗ୍ରାମରେ ରୋଡ଼ ଶୋ' କରିଛନ୍ତି। ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରିବା ସହିତ ଯୋଡ଼ି ପଦ୍ମରେ ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ମଣ୍ଡଳ ସଭାପତି ସତ୍ୟଭୂଷଣ ସ୍ୱାଇଁ, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାଉତ, ନିମାପଡ଼ା ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଝିଲ୍ଲୀଲତା ଦାସ, ପୁରୀ ଜିଲା ମହିଳା ମୋର୍ଚ୍ଚାର ବରିଷ୍ଠ କର୍ମକର୍ତ୍ତା ମୀନଲତା ମହାନ୍ତି, ବରିଷ୍ଠ ନେତା ଆର୍ତ୍ତତ୍ରାଣ ରାଉତ, ବାବୁଲି ସ୍ୱାଇଁ, ଯୁବନେତା ମିଳନ ମୁଖୀ, ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ ।

### ସ୍ୱାଧୀନ ପ୍ରାର୍ଥୀ ରୋଜାଲିନ୍‌ଙ୍କ ପ୍ରଚାର

ନିମାପଡ଼ା, ୨୬।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ନିର୍ବାଚନମଣ୍ଡଳୀ ସ୍ୱାଧୀନ ପ୍ରାର୍ଥୀ ସୁଶ୍ରୀ ରୋଜାଲିନ ନାୟକ ଅନେକ ସମର୍ଥକଙ୍କ ସହ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ବିଭିନ୍ନ ପଞ୍ଚାୟତରେ ରବିବାର ପ୍ରଚାର କରିଛନ୍ତି। ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ଫୁଲକୋବି ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ୨୮ରେ ନିମାପଡ଼ା ଆସିବେ ଶାହା

ନିମାପଡ଼ା, ୨୬।୫(ବିଚିତ୍ରାନନ୍ଦ ସାହୁ):



ବରିଷ୍ଠ ପୋଲିସ ଅଧିକାରୀ ସଭାସ୍ଥଳ ପରିଦର୍ଶନ କରୁଛନ୍ତି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ନିମାପଡ଼ା ଗସ୍ତରେ ଆସୁଛନ୍ତି। ଭାଜପା ପକ୍ଷରୁ ଆୟୋଜିତ ଏକ ନିର୍ବାଚନୀ ସାଧାରଣ ସଭାରେ ମନ୍ତ୍ରୀ ଶାହା ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଭାଜପା ନେତୃବୃନ୍ଦମାନଙ୍କ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ପାଇଁ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି କାର୍ଯ୍ୟକ୍ରମର ସଫଳତା, ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର ବସନ୍ତ ହାତୀ, ଅଗ୍ନିସେବା ସଂସ୍ଥା, ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଭାରତ ସରକାରଙ୍କ ପୋଲିସ ବିଭାଗର ପଦସ୍ଥ କେନ୍ଦ୍ରୀୟ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସୁରକ୍ଷା ଅଧିକାରୀ, ଜିଲା ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ୨ଟି ହେଲିପ୍ୟାଡ ସ୍ଥଳ, କାରକେଡ୍ ପଥ, ସଭାସ୍ଥଳ, ହେଲିପ୍ୟାଡ୍‌ରୁ ସଭାସ୍ଥଳକୁ ଯାତାୟାତ ପଥ ଆଦି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ଯାନବାହନ ପାର୍କିଂ, ଟ୍ରାଫିକ ନିୟନ୍ତ୍ରଣ ଦିଗରେ ପୋଲିସ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀଙ୍କ କଡ଼ା ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର କେନ୍ଦ୍ରୀୟ ସୁରକ୍ଷା ଅଧିକାରୀ, କମାଣ୍ଡାଣ୍ଟ, ସିକ୍ୟୁରିଟି ଉଇଙ୍ଗ୍‌ସ ବିଭାଗର ପ୍ରାୟ ୧୫ ଜଣିଆ ସେଣ୍ଟ୍ରାଲ ପୋଲିସ ଟିମ୍ ସ୍ୱତନ୍ତ୍ର ଭାବେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର ତଦାରଖ କରିଥିଲେ। ଏହି ସମାରୋହରେ ଭାଜପାର ବହୁ ରାଜ୍ୟସ୍ତରୀୟ ବରିଷ୍ଠ ନେତା ଯୋଗଦେବେ ବୋଲି ଜଣାପଡ଼ିଛି।



**କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗ୍ ରୁମ୍:** ପୁରୀଠାରେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍ ରୁମ୍‌କୁ ସଶସ୍ତ୍ର ପୋଲିସ ଜଗିରହିଛନ୍ତି।

## ଭାଜପା କର୍ମୀଙ୍କୁ ମାଡ଼ ମାରି ଟଙ୍କା ନେଇଗଲେ ଦଳୀୟ କର୍ମୀ

ଅସ୍ତରଙ୍ଗ, ୨୬।୫,(ମମତା ଜେନା)

କାକଟପୁର ରାଜନୈତିକ ପାଣିପାଗ ଯେତିକି ସରଗରମ ହେଉଛି ସେତିକି ରୋମାଞ୍ଚକ ସ୍ଥିତି ସୃଷ୍ଟି ହେଉଛି। ଭାଜପା କର୍ମୀଙ୍କୁ ଦଳୀୟ କର୍ମୀ ମାଡ଼ ମାରି ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। କାକଟପୁର ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭାଜପା ପକ୍ଷରୁ ମଣ୍ଡଳ କର୍ମକର୍ତ୍ତା ଉପେନ୍ଦ୍ର ସୁବୁଦ୍ଧି ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବରେ ଯୋଗଦେବା ପାଇଁ କୁଣ୍ଢେଇ ପଞ୍ଚାୟତ ଯାଉଥିବାବେଳେ ସେହି ଦଳର ସୁଦର୍ଶନ ସ୍ୱାଇଁଙ୍କ ସମେତ ୪ଜଣ ତାଙ୍କୁ ମାଡ଼ ମାରି ସେ ନେଉଥିବା ୫୦ ହଜାର ଟଙ୍କା ଛଡାଇ ନେଇଥିବା ଉପେନ୍ଦ୍ର କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ କେସ୍ (ନଂ. ୧୨୪/୨୪) ରୁଜୁ ସହ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଭାଜପା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ୩ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ୧୦ ଦଳୀୟ ପ୍ରାର୍ଥୀ ଅଡୁଆରେ

ନିମାପଡ଼ା, ୨୬।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଧାନସଭା ଆସନ ପାଇଁ ଶେଷ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ଥିବାବେଳେ ନିର୍ବାଚନ ରୋଚକ ରୂପ ଧାରଣ କରୁଛି। ନିର୍ବାଚନରେ ମୋଟ ୧୩ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବାବେଳେ ସେଥିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଅରୁଣ ସାହୁ, ରୋଜାଲିନ ନାୟକ, ରୋଜାଲିନ ପ୍ରଧାନ ୩ ଜଣ ରହିଛନ୍ତି। ବିଜେଡିରୁ ଦିଲୀପ ନାୟକ, ଭାଜପାରୁ ପ୍ରଭାତୀ ପରିଡ଼ା, କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟଙ୍କ ସମେତ ୧୦ ଜଣ ଦଳୀୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିର ୮ ଜଣଙ୍କୁ ନିର୍ବାଚନ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ନେତାମାନେ ବିଭିନ୍ନ ପଞ୍ଚାୟତ, ଏନ୍‌ଏସି ଅଞ୍ଚଳରେ ଘନ ଘନ ବୈଠକ କରୁଥିବା ଦେଖିବାକୁ ମିଳୁଛି। ତେବେ ବିଜେଡି ପାଇଁ ଏହି ଆସନ ମହତ୍ତ୍ୱ ରଖୁଥିବାବେଳେ ଅନ୍ୟ ରାଜନୈତିକ ଦଳ ମଧ୍ୟ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ପ୍ରଚାର କରୁଥିବାବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଗାଁ ଗାଁ ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ଏହି ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବାର ଆଶଙ୍କା ରହିଛି। ଏହି ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଦଳୀୟ ପ୍ରାର୍ଥୀ ଅଡୁଆରେ ପଡ଼ିଯାଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ବହୁ ବଡ଼ ବଡ଼ ନେତା, ମନ୍ତ୍ରୀ, ବିଧାୟକ, ସିନେ ତାରକାମାନେ ସାରଥି ସାଜିଥିବାବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ରଥରେ ପ୍ରାର୍ଥୀ ନିଜେ ତାଙ୍କ ସମର୍ଥକ, ସଚେତନ ଭୋଟର, ଗୁରୁଜନମାନେ ସାରଥି ସାଜିଥିବା କୁହାଯାଉଛି।

## ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କୋଣାର୍କ, ୨୬।୫(ଜ୍ୟୋତିରାଜ ମହାନ୍ତି):




କୋଣାର୍କ ଯାତ୍ରୀ ନିବାସ ପରିସରରେ ରବିବାର କାକଟପୁର ନିର୍ବାଚନମଣ୍ଡଳୀ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏମ୍‌ପି ପ୍ରାର୍ଥୀ ବିପ୍ଳବ କୁମାର ଦେବ, ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବରିଷ୍ଠ ନେତା ଦିବାକର ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। ଭାଜପାର ସାଙ୍ଗଠନିକ ସ୍ଥିତି ଉପରେ ବିଶ୍ଳେଷଣ କରିବା ସହିତ ବୁଥ୍‌ସ୍ତରରେ କିପରି ଭୋଟରଙ୍କ ପାଖରେ କର୍ମକର୍ତ୍ତାମାନେ ପହଞ୍ଚିବେ, ସେମାନଙ୍କୁ କେନ୍ଦ୍ର ସରକାରଙ୍କ ମୁଦ୍ଦାକୁ ନେଇ ଘରେ ଘରେ ପହଞ୍ଚାଇବା ସହ ଭୋଟ ବୃଦ୍ଧି କରିବେ, ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ବିଜେଡି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ଲୁଟିବା ନୀତିକୁ ନିନ୍ଦା କରିବା ସହ କିପରି ଲୋକଙ୍କୁ ଅର୍ଥ ଦେଇ ରାଜ୍ୟକୁ ଲୁଟି ଚାଲିଛନ୍ତି ତାହାକୁ ଚିନ୍ତା କରି ବିଜେଡିକୁ ହରାଇ ଭାଜପାକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଭାଜପାର ଯୁବ ନେତା ରଞ୍ଜିତ ରାଉତରାୟ, ସଭାପତି ସୁକାନ୍ତ ନାୟକଙ୍କ ସମେତ ସମସ୍ତ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକୋତ୍ସବ

ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)

ମଙ୍ଗଳାଘାଟ ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରମୋଦ କୁମାର କର ଓ ମୁଖ୍ୟ ବକ୍ତାଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ରଥ, ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ରାଉତରାୟ ଓ ସମ୍ପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନେ ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ଭଲ ପାଠ ପଢିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଭିଭାବକ ଓ ଗୁରୁ ମିଶି ଶିଶୁଙ୍କ ଚରିତ୍ର ଗଠନ କରିପାରିବେ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରଥଖଳାରୁ...

### ରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା



ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି):

ଆସନ୍ତା ବୁଧବାର ପବିତ୍ର ଭଉଁରି ତିଥିରେ ଚକା ଡେରା ନୀତି ପାଳିତ ହେବ। ଏହି ଅବସରରେ ରଥ ନିର୍ମାଣର ଷୋଡ଼ଶ ଦିନରେ ୩ ରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା ୩ ରଥ ବିଶ୍ୱକର୍ମା ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ୩ ରଥର ଗୋଟିଏ ଗୋଟିଏ ନାହାକା ଅଖର ଅନୁକୂଳ ପୂଜା ସମ୍ପନ୍ନ ପରେ ୩ ରଥର ନାହାକା ଅଖର ୨ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ପରେ ମାଠେଣି କାର୍ଯ୍ୟ ଜାରି ରହିଛି। ତାଳଧ୍ୱଜ ରଥର ମୋଟ ୧୪ ଚକ ମଧ୍ୟରୁ ୨ଟି ନାହାକା ଚକ ଏବଂ ୨ଟି ପଡ଼ି ନାହାକା ଚକ ନିର୍ମାଣ ଶେଷ ହୋଇଛି। ରଥର ଦୁଇଟି ୨୦ ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ (ଏହି ଓରା ଚାରି ନାହାକା ଉପରେ ସଂଯୋଗ ପରେ ରଥର ପ୍ରଥମ ଭୂଇଁ ଉଠିବ) ଜାରି ରହିଛି। ଦର୍ପଦଳନ ରଥର ଦୁଇଟି ୨୦ ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକରୁ ୪ଟି ନାହାକ ଚକର ନିର୍ମାଣ ଶେଷ ହୋଇଛି। ରଥର ଦୁଇଟି ୨୦ ଫିଟିଆ ଓରା ଚଉପଟ ଶେଷ ହୋଇ, ଚାରୋଟି କୁଡୁକାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଦୋଳବେଦୀ ଠାରେ ଦୁଇଜଣ ପାହି ମହାରଣା ରଥଯାତ୍ରାରେ ମହାପ୍ରଭୁଙ୍କ ନୀତି ପାଇଁ ଆବଶ୍ୟକ କାଠ ବାଉଁଶ ନିର୍ମିତ ସାମଗ୍ରୀ ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ଅନବସର ପଇତା ବୋଲା ପାଇଁ ୩୦ଟି କାଠି ଏବଂ ୨୦ ଟି ନଳ ପ୍ରସ୍ତୁତ ଶେଷ କରି ବେଶ ଘୋଡ଼ିଆ, ଚାଙ୍ଗଡ଼ା ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟ ଶ୍ରୀ ବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲୁ ରହିଛି।

## ସମୀରଙ୍କୁ ସମର୍ଥନ କରି ଭାଜପାରେ ମିଶିଲେ



ଗୋପ, ୨୬।୫
(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ାରେ ସମୀର ରଞ୍ଜନ ଦାଶଙ୍କ ଟିକେଟ ପରିବର୍ତ୍ତନ ପରେ ନିମାପଡ଼ା ରାଜନୀତି ସରଗରମ ହୋଇଛି। ରାଜ୍ୟ ବିଜେଡି ପକ୍ଷରୁ ଅନେକ ନେତୃତ୍ୱ ଆସି ଭୋଟରଙ୍କୁ ଭେଟୁଛନ୍ତି। କିନ୍ତୁ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦାଶଙ୍କ ବିକାଶମୂଳକ କାର୍ଯ୍ୟ ସହିତ ତାଙ୍କର ଲୋକପ୍ରିୟତା ଯୋଗୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ବିଜେଡି, କଂଗ୍ରେସ ଦଳର ଯୁବ କର୍ମୀ, ପଞ୍ଚାୟତ ନେତୃତ୍ୱମାନେ ସମୀର ରଞ୍ଜନ ଦାଶଙ୍କୁ ସହଯୋଗ କରି ଭାଜପାରେ ସାମିଲ ହୋଇଥିବା ଜଣାପଡ଼ିଛି। ରବିବାର ଡଭାର ପଞ୍ଚାୟତ କପୁରକୁଞ୍ଜା ଓ କୁଆଁପଡ଼ା ପଞ୍ଚାୟତ କଣ୍ଟାପଡ଼ା ଗ୍ରାମର ପବିତ୍ର ପ୍ରଧାନଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିବା ଜଣାପଡ଼ିଛି।

## ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ନେଇ ସାଇକେଲ ଯାତ୍ରା

ଗୋପ, ୨୬।୫(ଭାରତୀ ଭୂଷଣ ଉପାଧ୍ୟାୟ):



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ୧ ନମ୍ବର ନେତା। ତାଙ୍କୁ ମୁଁ ବହୁତ ଭଲପାଏ। ଗରିବ ଲୋକ ହୋଇଥିବାରୁ ତାଙ୍କ ପାଖକୁ ଯାଇପାରୁ ନାହିଁ। ହେଲେ ତାଙ୍କ ପ୍ରତି ଥିବା ଭଲପାଇବା ଓ ଦେଶବାସୀଙ୍କ ପାଇଁ ରହିଥିବା ତାଙ୍କ ବାର୍ତ୍ତାସବୁକୁ ନେଇ ସାଧାରଣ ଲୋକଙ୍କ ନିକଟରେ ସାଇକେଲ ଯାତ୍ରାରେ ପହଞ୍ଚାଉଥିବା କହିଛନ୍ତି ପୁରୀ ସଦର ନିର୍ବାଚନମଣ୍ଡଳୀ ଅଧୀନ ବଘାଚାଆଁଶ୍ରୀ ଗ୍ରାମର ନାରାୟଣ ବେହେରା (୫୮)। ପ୍ରକାଶ ଯେ, ନାରାୟଣ ଜଣେ ଗରିବ ଓ ଚାଷୀ। ପ୍ରଧାନମନ୍ତ୍ରୀ ଦେଶର ସମୂହ ବିକାଶମୂଳକ କ୍ଷେତ୍ରରେ ସବୁ ସମୟରେ ନିଜକୁ ସମର୍ପିତ କରିଥିବାରୁ ଓ ଗରିବୀ ହଟାଇବାକୁ ଯେଉଁ ବାର୍ତ୍ତା ଦିଅନ୍ତି, ତାହା ତାଙ୍କୁ ଭଲ ଲାଗେ। ସେ ସେହିସବୁ ବାର୍ତ୍ତାକୁ ନେଇ ସାଇକେଲରେ ଦୀର୍ଘ ମାସେ ହେବ ପ୍ରଚାର କରିଚାଲିଛନ୍ତି। ସେ ସାଇକେଲରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ ସହିତ ଭାଜପା ପତାକା ଲଗାଇ ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି।

## ସପ୍ତାବରଣ ଲେଖିକା ସାହିତ୍ୟ, ସଂସ୍କୃତି ପରିଷଦ ଗଠିତ

ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)

ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ନାମକ ନୂତନ ଅନୁଷ୍ଠାନ ପବିତ୍ର ବୁଦ୍ଧପୂର୍ଣ୍ଣିମା ଅବସରରେ ଗଠନ କରାଯାଇଛି। ବଡ଼ଦାଣ୍ଡସ୍ଥିତ ଭକ୍ତସାଲବେଗ ପୀଠରେ କବୟିତ୍ରୀ ସତ୍ୟଭାମା ପ୍ରଧାନୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ପ୍ରତିଷ୍ଠା ଉତ୍ସବରେ ଲେଖିକା ଓ ଶିକ୍ଷାବିତ୍ ବାସନ୍ତୀ ଦେବୀ ମୁଖ୍ୟ ଅତିଥି, ସୁଶ୍ରୀ ହରପ୍ରିୟା ସାହୁ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଶୈଳବାଳା ମହାପାତ୍ର ଓ ଆଶାଲତା ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାଶ ସଭାମୁଖ୍ୟ ଏବଂ ଶିକ୍ଷାବିତ୍ ଅନ୍ନପୂର୍ଣ୍ଣା ଦେବୀ, ଚାରୁଲତା ମିଶ୍ର ଓ ସମ୍ପାଦିକା ପ୍ରତିଭା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା ବିବରଣୀ ଖାତା ଉନ୍ମୋଚନ ହୋଇଥିଲା। ସମ୍ପାଦିକା ମଞ୍ଜୁଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉର୍ମିଳା ସାମନ୍ତରାୟ, ପୂଜା ପ୍ରଧାନ, ରୋଜାଲିନ୍ ପଣ୍ଡା, ମିନତି ମିଶ୍ର, ସସ୍ମିତା ମିଶ୍ର, ଡାକ୍ତର ରାନୁ ମିଶ୍ର, ମନସ୍ୱିନୀ ବେହେରା କମଳିନୀ ପାଣିଗ୍ରାହୀ, ଶର୍ମିଷ୍ଠା ଜେନା, ଚାରୁବାଳା ଦାଶ, ଅମୃତା ଦାସ, ପ୍ରଲିପ୍ତା ଛୋଟରାୟ, ସନ୍ତୋଷିନୀ ବେହେରା, ସ୍ନେହାସିନୀ ବେହେରା, ହେମାଙ୍ଗିନୀ ମହାନ୍ତି ଏବଂ ସୁଦୀପ୍ତ ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇଥିଲେ। ସମ୍ପାଦିକା ମଞ୍ଜୁଶ୍ରୀ ମିଶ୍ର ସଭା ପରିଚାଳନା କରିଥିବାବେଳେ ଚାରୁଲତା ମିଶ୍ର ଧନ୍ୟବାଦ ଦେଇଥିଲେ।




## 'ନାରଦ ଜୟନ୍ତୀ ଜାତୀୟ ସାମ୍ବାଦିକ ଦିବସ ଭାବେ ପାଳନ ହେଉ'

ପୁରୀ, ୨୬।୫(ଅଜିତ୍ କୁମାର ମହାନ୍ତି)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ଦେବର୍ଷି ନାରଦ ଥିଲେ ସର୍ବ ପ୍ରାଚୀନ ଗଣ ଯୋଗାଯୋଗର ବାହକ। ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକ ଭାବ ଜାଗରଣ ସହିତ ଅସତ୍ୟର ମୂଳୋତ୍ପାଟନ ପାଇଁ ତାଙ୍କର ଯୋଗଦାନ ସର୍ବଦା ଗ୍ରହଣୀୟ। ପୌରାଣିକ ଯୁଗରୁ ଅଦ୍ୟାବଧି ନାରଦଙ୍କ ବାଣୀ ଓ ଆଦର୍ଶ ସମସ୍ତଙ୍କ ଅନୁକରଣୀୟ ବୋଲି ଶୁକ୍ରବାର ପୁରୀ ଓଡ଼ିଶୀ ସଙ୍ଗୀତ ପରିଷଦ ପରିସରରେ ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ, ଲେଖକ ଓ ସ୍ତମ୍ଭକାର ଫୋରମ ପକ୍ଷରୁ ଆୟୋଜିତ ଦେବର୍ଷି ନାରଦ ଜୟନ୍ତୀ ଉପଲକ୍ଷେ ବିଶେଷ ଆଲୋଚନା ଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଅଭିମନ୍ୟୁ ଭୂୟାଁ, ଦୟାନିଧି ତ୍ରିପାଠୀ, ସଦାଶିବ ମିଶ୍ର, ସାହିତ୍ୟିକ ପ୍ରତିଭା ତ୍ରିପାଠୀ, ବୈଦ୍ୟରତ୍ନ ଏ.ନାରାୟଣ ଆଚାରୀ, ପୂର୍ବତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସମାଜସେବୀ ଏ. ଜଗନ୍ନାଥ ଆଚାରୀ, ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ନାରାୟଣ ନନ୍ଦ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ଶିକ୍ଷାବିତ ଆଶାଲତା ପ୍ରଧାନ, ଡା. ରାନୁ ମିଶ୍ର, ବିପିନ ଦଳାଇ. ଡ. ସସ୍ମିତା ମିଶ୍ର, ସୁଦୀପ୍ତା ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ଭାଗବତ ପ୍ରସାଦ ପଟ୍ଟନାୟକ, ଯୋଗେଶ୍ୱର ମହାନ୍ତି, ଅଶୋକ କୁମାର ଆଢ୍ୟ ପ୍ରମୁଖ ଯୋଗଦେଇଥିଲେ। ଦି ମିଡିଆର ଅଧ୍ୟକ୍ଷ ସରୋଜ ମିଶ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାରେ ସଭାପତିତ୍ୱ କରି ନାରଦ ଜୟନ୍ତୀକୁ ଜାତୀୟ ସାମ୍ବାଦିକ ଦିବସ ଭାବେ ପାଳନ କରାଯିବାକୁ ଦାବି କରିଥିଲେ। ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଅଶୋକ କୁମାର ମିଶ୍ର, ସଞ୍ଜୟ କୁମାର ଅଗ୍ରୱାଲ, ଜୁପିଟର ଦାସ, ନୃସିଂହ ମହାନ୍ତି, ବେଣୁଧର ପାତ୍ର, ତପନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ପିପିଲି ବିଧାୟକଙ୍କୁ ଭାଜପା କର୍ମୀଙ୍କ ଆକ୍ରମଣ



ନିମାପଡ଼ା ଥାନା ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା।

**ନିମାପଡ଼ା, ୨୬।୫(ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ)**

## ନିମାପଡ଼ାରେ ନିର୍ବାଚନୀ ହିଂସା

- ୨ କର୍ମୀଙ୍କୁ ଅଟକ ପ୍ରତିବାଦରେ ଥାନା ଆଗରେ ଭାଜପାର ଧାରଣା
- ସମୀର, ପ୍ରଭାତୀଙ୍କ ପ୍ରରୋଚନାରେ ଆକ୍ରମଣ ହୋଇଛି: ବିଜେଡି

ନିମାପଡ଼ାରେ ରବିବାର ରାତିରେ ନିର୍ବାଚନୀ ହିଂସା ଘଟିଛି। ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କୁ ଭାଜପା କର୍ମୀ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ୨ଜଣ ଭାଜପା କର୍ମୀଙ୍କୁ ଥାନାରେ ପୋଲିସ ଅଟକ ରଖିଥିଲା। ତେବେ ଏହା ପ୍ରତିବାଦରେ ଭାଜପା ପକ୍ଷରୁ ଥାନା ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦିଆଯିବା ପରେ ଅଟକ ୨ କର୍ମୀଙ୍କୁ ରାତି ପ୍ରାୟ ସାଢ଼େ ୧୦ଟାରେ ପୋଲିସ ଛାଡ଼ିଦେଇଛି। ଅନ୍ୟପକ୍ଷରେ ଆକ୍ରମଣ ନେଇ ବିଜେଡି ପକ୍ଷରୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଭାଜପାର ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କୁ ଟାର୍ଗେଟ କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ତେରୁଣ୍ଡିଆ ପଞ୍ଚାୟତରେ ଚାପା ଉତ୍ତେଜନା ଲାଗିରହିଛି।

ସୂଚନା ଅନୁଯାୟୀ, ସନ୍ଧ୍ୟା ୭ଟାରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୨୧ ନମ୍ବର ଜୋନ୍‌ର ତେରୁଣ୍ଡିଆ ପଞ୍ଚାୟତରେ ଉଭୟ ଭାଜପା ଓ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର ଚାଲିଥିଲା। ଏହି ସମୟରେ ପିପିଲି ବିଧାୟକ ତଥା ବିଜେଡି ପ୍ରାର୍ଥୀ ମହାରଥୀ ତେରୁଣ୍ଡିଆ ଗ୍ରାମଦେଇ ଆସୁଥିବାବେଳେ ମଠସାହିଠାରେ ଭାଜପା କର୍ମୀମାନେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଉପରକୁ ଟେକାପଥର ମାଡ଼ କରିଥିଲେ। ଏ ସମ୍ପର୍କରେ ଖବର ପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତେରୁଣ୍ଡିଆ ପଞ୍ଚାୟତର ଭାଜପା ସଭାପତି ପ୍ରଭାତ କୁମାର ନାୟକ ଓ କର୍ମୀ ବାଦଲ ରାଉତଙ୍କୁ ଧରିଆଣି ଥାନାରେ ଅଟକ ରଖିଥିଲା। ଏହାର ପ୍ରତିବାଦରେ ଭାଜପା କର୍ମୀମାନେ ପହଞ୍ଚି ନିମାପଡ଼ା ଥାନା ଆଗରେ ଧାରଣା ଦେଇଥିଲେ। ଭାଜପା ବିଧାୟିକା ପ୍ରାର୍ଥୀ ପରିଡ଼ା ଆସି ପୋଲିସ ସହ ଆଲୋଚନା କରିବା ପରେ ସମ୍ପୃକ୍ତ ଅଟକ କର୍ମୀଙ୍କୁ ଛାଡ଼ିଦିଆଯାଇଥିଲା। ଏହାପରେ ଭାଜପା କର୍ମୀମାନେ ଧାରଣାରୁ ଓହରି ଯାଇଥିଲେ।

ଅନ୍ୟପକ୍ଷରେ ରାତି ୧୦ଟାରେ ସ୍ଥାନୀୟ ଏକ କଲ୍ୟାଣମଣ୍ଡପରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂ ଦେଓ ଅଭିଯୋଗ କରିଥିଲେ ଯେ, ଭାଜପା କର୍ମୀମାନେ ରୁଦ୍ରପ୍ରତାପଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଉପରକୁ ଟେକାପଥର ମାଡ଼ କରିଛନ୍ତି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ପ୍ରରୋଚନାରେ ଏହି ଆକ୍ରମଣ କରାଯାଇଛି। ଭାଜପା ନେତାମାନେ ଥାନାରେ ଅଟକ ଥିବା କର୍ମୀକୁ ଛାଡ଼ିବା ପାଇଁ ପୋଲିସ ଉପରେ ଚାପ ପକାଉଛନ୍ତି। ଭାଜପା ପ୍ରାର୍ଥୀ ହାରିବା ଭୟରେ ଏଭଳି ହିଂସାକାଣ୍ଡ ଭିଆଉଛନ୍ତି। ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ସମ୍ପୃକ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସିଂଦେଓ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ଦିବାକର ପାତ୍ର, ବରିଷ୍ଠ ନେତା ଶୁଭାଶିଷ ଖୁଣ୍ଟିଆ, ପର୍ଯ୍ୟବେକ୍ଷକ ସୁବ୍ରତୋ ଛାଟୋଇ, ଅମରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପିପିଲି ବିଧାୟକ ପ୍ରଚାର ସମୟରେ ନିଜେ ବିଶୃଙ୍ଖଳା ଆଚରଣ କରିଥିବା ପ୍ରଭାତୀ ପାଲଟା ଅଭିଯୋଗ କରିଛନ୍ତି। ପିପିଲିରୁ ନିମାପଡ଼ା ଆସି ଅଶାନ୍ତ କରାଯିବା ପ୍ରଚେଷ୍ଟାକୁ ଆଦୌ ବରଦାସ୍ତ କରାଯିବନାହିଁ। ପୋଲିସକୁ ହାତବାରିସି କରିବାକୁ ବିଜେଡି ଉଦ୍ୟମ କରୁଛି ଓ ବିଜେଡି ହାରିବା ସୁନିଶ୍ଚିତ ଜାଣି ରାତିରେ ବିଜେଡି ନେତାମାନେ ଗାଁଗଣ୍ଡାରେ ବୁଲି ଲୋକଙ୍କୁ ଟଙ୍କା ବାଣ୍ଟିବାକୁ ଉଦ୍ୟମ ଚଳାଇଛନ୍ତି। ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଭାତୀ କହିଛନ୍ତି।

## ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨୬।୫(ଅନିଲ ଦାସ)**

ନିମାପଡ଼ାରେ ଭାଜପା ନେତା ସମୀର ରଞ୍ଜନ ଦାଶ ଓ ତାଙ୍କ ସମର୍ଥକମାନେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହିଛନ୍ତି। ନିମାପଡା ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ସମର୍ଥନରେ ସମୀର ଓ ତାଙ୍କ ସମର୍ଥକମାନେ ନିମାପଡ଼ା ବ୍ଲକ ତେରୁଣ୍ଡିଆ ଗ୍ରାମପଞ୍ଚାୟତ ନିକଟରେ ପିପିଲି ବିଧାୟକ ରୁଦ୍ର ମହାରଥୀଙ୍କ ଗାଡିକୁ ଆକ୍ରମଣ କରିଥିବା ନେଇ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।

ଅନ୍ୟପକ୍ଷରେ ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସଙ୍କ ଘନିଷ୍ଠ ରମାକାନ୍ତ ଡାଙ୍ଗୁଆ ଓ କେତେକ କଂଗ୍ରେସ କର୍ମୀ ବିଜେଡି ପ୍ରଚାର ଗାଡ଼ି ଉପରେ ଆକ୍ରମଣ କରିବା ଘଟଣାକୁ ନେଇ ବିଜେଡି ରବିବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ଅଭିଯୋଗ କରିଛି ଯେ, ଗତ ୨୫ ତାରିଖରେ ବିଜେଡି ପ୍ରଚାର ଗାଡିକୁ ବାସୁଦେବପୁର ମ୍ୟୁନିସିପାଲିଟି ୧୭ ନମ୍ବର ୱାର୍ଡରେ କଂଗ୍ରେସ ସମର୍ଥକମାନେ ଆକ୍ରମଣ କରିଥିଲେ। ପୋଷ୍ଟର ବ୍ୟାନର ଚିରି ଦେବା ସହ ମାଇକ୍‌କୁ ଭାଙ୍ଗି ଦେଇଥିଲେ। ରାଜ୍ୟରେ ମୁକ୍ତ, ଅବାଧ ନିର୍ବାଚନ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।



ଖବରଦାତା ସମ୍ମିଳନୀରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟ ବିଜେଡି ନେତୃବୃନ୍ଦ।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଅସୁସ୍ଥ

**କଟକ, ୨୬।୫(ଶିଲ୍ପା ପ୍ରିୟଦର୍ଶିନୀ)**

ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅସୁସ୍ଥ ହୋଇପଡିଛନ୍ତି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ହଠାତ୍ ସେ ଅସୁସ୍ଥ ହୋଇପଡିବାରୁ ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି।

### ଟ୍ରକ୍ ଚକା ତଳେ ଚାପିହୋଇ ମହିଳା ମୃତ

**ବାଲିଅନ୍ତା, ୨୬।୫(ନୀଳମାଧବ ସାହୁ)**

୧୬ନଂ. ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ-ପୁରୀ ମୁଖ୍ୟ କେନାଲ ନିକଟରେ ରବିବାର ରାତି ୯ଟା ସମୟରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ରାସ୍ତା ପାର ହେଉଥିବାବେଳେ କଟକପଟୁ ଭୁବନେଶ୍ୱରକୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଟ୍ରକ୍‌ର ପଛ ଚକ ମହିଳାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପାହାଳ ଥାନା ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ମହିଳାଙ୍କ ଘର ମୟୂରଭଞ୍ଜ ଜିଲାରେ ବୋଲି ଜଣାପଡ଼ିଥିଲେ ମଧ୍ୟ ତାଙ୍କ ପରିଚୟ ମିଳିପାରିନାହିଁ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଥିବାରୁ ତାଙ୍କୁ ହସ୍ପିଟାଲ ପଠାଯାଇଛି। ସୂଚନା ମୁତାବକ, ମହିଳା ଜଣଙ୍କ ନହରକଣ୍ଟା ଅଞ୍ଚଳରେ ରୁହନ୍ତି। ସେ ବାଲିଅନ୍ତା ହାଟରୁ ପନିପରିବା ନେଇ ହଂସପାଳ କେନାଲ ବ୍ରିଜ୍ ନିକଟରେ ରାସ୍ତା ପାର ହୋଇ ନହରକଣ୍ଟା ପଟକୁ ଯାଉଥିଲେ। ସେହିସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ରାସ୍ତା ଦେଇ ଗାଡିମୋଟର ଚଳାଚଳର ବ୍ୟବସ୍ଥା କରିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ସେଠାରୁ ଭୁବନେଶ୍ୱର ଅଭିମୁଖେ ପଳାଇଥିଲା।

## ବାଙ୍କୀ ବେଦପୁରରେ ନିର୍ବାଚନୀ ହିଂସା

**ବାଙ୍କୀ, ୨୬।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

### ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୬ ଗୁରୁତର

ବାଙ୍କୀ ଏନ୍‌ଏସି ଅର୍ନ୍ତଗତ ବେଦପୁର ଗ୍ରାମରେ ରାଜନୈତିକ ହିଂସାକୁ କେନ୍ଦ୍ର କରି ତେଲି ସାହି ଓ ମଲ୍ଲିକ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ୬ଜଣ ଗୁରତର ହୋଇଛନ୍ତି। ତେଲି ସାହିର କଂଗ୍ରେସ ସମର୍ଥିତ ବ୍ୟକ୍ତି ଓ ମଲ୍ଲିକ ସାହିର ବିଜେଡି ସମର୍ଥିତ ବ୍ୟକ୍ତିଙ୍କ ମଧ୍ୟରେ ନିର୍ବାଚନୀ ହିଂସା ହୋଇଛି। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମଲ୍ଲିକ ସାହିର ବିଜେଡି ସମର୍ଥିତ ସିନ୍ଧୁ ମଲ୍ଲିକ ଗ୍ରାମ ମଧ୍ୟରେ ଥିବା ଏକ ଦୋକାନକୁ ସାମଗ୍ରୀ କିଣିବାକୁ ଯାଉଥିବାବେଳେ ନିର୍ବାଚନ ଘଟଣାକୁ କେନ୍ଦ୍ର କରି କଂଗ୍ରେସ କର୍ମୀ ତେଲି ସାହିର ଆଶିଷ ବେହେରାଙ୍କ ସହ କଥାକଟି ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କେତେଜଣ କଂଗେସ କର୍ମୀ ସେଠାରେ ପହଞ୍ଚି ସିନ୍ଧୁଙ୍କୁ ଆକ୍ରମଣି କରି ତାଙ୍କୁ ଚେତାଶୂନ୍ୟ କରିବା ସହ ସାଙ୍ଗରେ ନେଇଯାଇଥିଲେ। ଖବରପାଇ ମଲ୍ଲିକ ସାହିର କେତେଜଣ ଯୁବକ, ମହିଳା ଏବଂ କେତେଜଣ ବିଜେଡି କର୍ମୀ ସେଠାରେ ପହଞ୍ଚିଲେ । ଏହି ସମୟରେ ସିନ୍ଧୁଙ୍କୁ ଆଶିଷଙ୍କ



ଗଣ୍ଡଗୋଳ ସମୟର ଦୃଶ୍ୟ।

### ବାଙ୍କୀ-କଟକ ରାସ୍ତା ଅବରୋଧ

ଗୋଷ୍ଠୀ ଡାକ୍ତରଖାନାକୁ ନେବାବେଳେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। କଂଗ୍ରେସର ଭରତ ବେହେରା ବିଜେଡି ଯୁବ କର୍ମୀ ମାନସ କରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ହୋଇଥିଲା। ଏହି ସଂଘର୍ଷରେ ବିଜେଡିର ମାନସ ଓ ସିନ୍ଧୁଙ୍କ ସମେତ କଂଗ୍ରେସର ଭରତ ବେହେରା, ଆଶିସ ବେହେରା, ରବି ବେହେରା, ବୃଙ୍ଗରାଜ କର ଗୁରୁତର ହୋଇ ବାଙ୍କୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଚେଷ୍ଟା କରୁଥିବା ବେଳେ ଉଭୟ ଗୋଷ୍ଠୀ ବାଙ୍କୀ- କଟକ ରାସ୍ତାକୁ ଅବରୋଧ କରି ବନ୍ଦ ରଖିଛନ୍ତି। ଖବର ଲେଖା ହେବାବେଳକୁ ରାସ୍ତା ଅବରୋଧ ହଟି ନ ଥିଲା। ଏ ସମ୍ପର୍କରେ ବାଙ୍କୀ ପୋଲିସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

## ରାଜଧାନୀରେ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୬।୫(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ ଜୟଦୁର୍ଗା ନଗର ବସ୍ତିରେ ଜଣେ ଯୁବକ ତାଙ୍କ ଘରେ ଦୌଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ଶନିବାର ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ନୟାଗଡ଼ ଜିଲା ଖଣ୍ଡପଡା ଥାନା ଅନ୍ତର୍ଗତ ରଇଡିଧଳମରା ଗ୍ରାମର ରାହୁଲ ନାୟକ (୧୯)। କ୍ୟାପିଟାଲ ହସ୍ପିଟାଲରେ ରବିବାର ବ୍ୟବଚ୍ଛେଦ ପରେ ରାହୁଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବାପା କୈଳାସ ନାୟକଙ୍କ ଏତଲାକୁ ଆଧାର କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରାହୁଲଙ୍କ ପରିବାର ଲୋକେ ଶନିବାର ଭୋଟ ଦେବାକୁ ଗାଁକୁ ଯାଇଥିଲେ। ଘରେ ସେ ଏକା ଥିଲେ। ଅପରାହ୍ନରେ ରାହୁଲ ଘର ଛପର ହୋଇଥିବା ଲୁହା ପାଇପ୍‌ରେ ଦୌଡି ଦ୍ୱାରା ଝୁଲୁଥିବା ସାଙ୍ଗମାନେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକମାନେ ରାହୁଲଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦିତ୍ୟ



@ ସନ୍ତୋଷ



@ ଶହନୱାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାହିତ୍ୟ ଏକାଡେମୀ ପଦବୀ ଶୀଘ୍ର ପୂରଣ ହେବ, ଦିଆଯିବ ପୁରସ୍କାର

**ଭୁବନେଶ୍ୱର,୨୬।୫ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତିଙ୍କ କାର୍ଯ୍ୟକାଳ ଗତ ୨୦ ତାରିଖରେ ଶେଷ ହୋଇଛି। ଏହି ୨ ପଦବୀ ଦାୟିତ୍ୱ ଅତିରିକ୍ତ ଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ତୁଲାଉଛନ୍ତି। ସେହିପରି ଏକାଡେମୀର ସାଧାରଣ ପରିଷଦ ମଧ୍ୟ ଗତବର୍ଷ ସେପ୍ଟେମ୍ବରରେ ଭାଙ୍ଗିଯାଇଛି। ବିଗତ ବର୍ଷଗୁଡ଼ିକର ପୁରସ୍କାର ରାଶି ମଧ୍ୟ ଗତବର୍ଷ ଡିସେମ୍ବର ସୁଦ୍ଧା ଦିଆଯିବାକୁ ଥିବାବେଳେ ଏବେଯାଏ ସରିନାହିଁ। ଲୋକବଳ କମ୍ ଥିବାବେଳେ ବିଭାଗର ପଦବୀ ମଧ୍ୟ ଖାଲି ହେଉଛି। ତେବେ ଆଗାମୀ କାର୍ଯ୍ୟପନ୍ଥା ସହ କିଭଳି ଏକାଡେମୀ ପଦବୀ ପୂରଣ ହେବ ସେନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ଏକାଡେମୀର ସାଧାରଣ ପରିଷଦ ଗଠନ କରାଯିବ। ବିଭିନ୍ନ ଜିଲାରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ପରିଷଦରେ ସାମିଲ କରାଯିବ। ଏହାପରେ ଟର୍ମ ଅନୁଯାୟୀ ସଭାପତି ଓ ଉପସଭାପତି ପଦ ପୂରଣ କରାଯିବ। ଏହି ୨ଟି ଗୁରୁତ୍ୱପୂର୍ଣ୍ଣ କାମ ଶେଷ ହେବା ପରେ ହିଁ ଏକାଡେମୀର ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ପାଇଁ ପ୍ରକ୍ରିୟା ଶେଷ ହୋଇସାରିଛି। ନିର୍ବାଚନ ଆଚାରଣ ବିଧି କଟକଣା ଉଠିବା ପରେ ହିଁ ଏହି ସବୁ କାର୍ଯ୍ୟ ହେବ ବୋଲି କୁହାଯାଇଛି।



ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ହିନ୍ଦୀ ନାଟକ 'ବେଦାଗ'ର ଏକ ଦୃଶ୍ୟ।

## ସାମାଜିକ ଅତ୍ୟାଚାର କଥା କହିଲା 'ବେଦାଗ'

**ଭୁବନେଶ୍ୱର,୨୬।୫(ଶର୍ମିଷ୍ଠା ପାଣିଗ୍ରାହୀ)**

### ଷଷ୍ଠ ଜାତୀୟ ନାଟକ ମହୋତ୍ସବ

ବୁଧୱା ନାମକ ଜଣେ ଗରିବ ପାଉଁରୁଟି ବିକାଳି ତା'ର ସ୍ତ୍ରୀ ମୁନିରଜାନ ଓ ତିନି ଝିଅଙ୍କ ସହିତ ଏକ ନଦୀକୂଳରେ ଥିବା ଗ୍ରାମରେ ରହୁଥାନ୍ତି। ଦାରିଦ୍ର୍ୟର କଷଣ ସହି ନ ପାରି ବୁଧୱା ଭଗବାନଙ୍କ ପାଖରେ କୁହନ୍ତି, ହେ ପ୍ରଭୁ ମୋତେ କାହିଁକି ଏତେ ଗରିବ କଲ, ମୋତେ ଧନୀ ଲୋକଟିଏ କରିଥିଲେ ତୁମର କ'ଣ କିଛି କ୍ଷତି ହୋଇଥାଆନ୍ତା। ଥରେ ସେ ଗ୍ରାମର ବିବାହ ମଧ୍ୟସ୍ଥି କାମ କରୁଥିବା ମହିଳା ଚାନ୍ଦବିବି ମୁନିରଜାନଙ୍କ ପାଖରେ ପହଞ୍ଚି ବଡ଼ ଝିଅ ଆର୍ସିଆ ପାଇଁ ଏକ ବିବାହ ପ୍ରସ୍ତାବ ଦିଅନ୍ତି। ମାତ୍ର ଆର୍ସିଆ ତା'ର ପିଲାଦିନର ସାଙ୍ଗ ସାଫିକୁ ବହୁତ ଭଲ ପାଉଥାନ୍ତି। ତଥାପି ଚାନ୍ଦବିବି କଥାରେ ରାଜି ହୋଇ ମୁନିରଜାନ ବଡ଼ ଝିଅର ବାହାଘର ଆସିଥିବା ପ୍ରସ୍ତାବ ଏକ ଧନୀ ବାସନକୁସନ ବ୍ୟବସାୟୀଙ୍କ ସହିତ କରିବା ପାଇଁ ସମ୍ମତି ଦିଅନ୍ତି। ସେହିପରି ଦ୍ୱିତୀୟ ଝିଅ ତା'ର ଶିକ୍ଷକ ଶକୁର୍‌ଙ୍କୁ ବହୁତ ଭଲ ପାଉଥାନ୍ତି। ଏକଥା ଜାଣିବା ପରେ ବୁଧୱା ଓ ତା'ର ସ୍ତ୍ରୀ ସେମାନଙ୍କ ସମ୍ପର୍କକୁ ସ୍ୱୀକୃତି ଦେଇଦିଅନ୍ତି । ବୁଧୱାର ତୃତୀୟ ଝିଅ ସେହି ଗ୍ରାମର ସରପଞ୍ଚଙ୍କ ପୁଅକୁ ଭଲ ପାଉଥାନ୍ତି। କାଳେ ମାଆ ବାପା ଏଥିରେ ସ୍ୱୀକୃତି ଦେବେନାହିଁ, ସେହି ଭୟରେ ସେମାନେ ଲୁଚିଛପି ଘରଛାଡ଼ି ଚାଲିଯାଆନ୍ତି। ଗ୍ରାମରେ ଏହି ତିନି ଝିଅଙ୍କର ପ୍ରେମ ଓ ଗୃହତ୍ୟାଗ ଖବରକୁ ସେ ଗ୍ରାମର ଦୁଷ୍ଟ ପ୍ରକୃତିର ଲୋକ ୟୁସୁଫ ଚାଚା ଲୋକଙ୍କ ମଧ୍ୟରେ ବଢେଇ ଚଢେଇ ପ୍ରଚାର କରିଦିଅନ୍ତି। ଗ୍ରାମସାରା ଲୋକଙ୍କ ଭିତରେ ଚହଳ ପଡ଼ିଯାଏ। ଶେଷରେ ବୁଧୱା ଓ ତାଙ୍କ ପରିବାରକୁ ଗାଁରୁ ବାହାର କରି ଦିଆଯାଏ। କିଭଳି ଗରିବ ଲୋକଙ୍କୁ ସମାଜରେ ଥିବା ବଡ଼ ଲୋକଙ୍କ ଦ୍ୱାରା ଅତ୍ୟାଚାର ସହିବାକୁ ପଡ଼େ ତାହା ନାଟକ 'ବେଦାଗ'ରେ ଦେଖିବାକୁ ମିଳିଥିଲା। ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଏହି ହିନ୍ଦୀ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାର ନିର୍ଦ୍ଦେଶିକା ହେଉଛନ୍ତି ଭାଗୀରଥି ବାଈ। ନାଟକରେ ବାହାରୁଲ ଇସଲାମ୍, ଭାଗୀରଥିବାଈ କଦମ, ବିକାଶ ଦାସ, ପ୍ରଶାନ୍ତ କାଳିତା, ଦୀପା ମିଶ୍ର, ଅଭିଷେକ ଭାରତୀ ପ୍ରମୁଖ ଅଭିନୟ କରିଥିଲେ। ଅତିଥି ଭାବେ ନାଟ୍ୟକାର ନିବେଦିତା ଜେନା, ରୋଟାରୀ କ୍ଲବର ଶବାପତି ଡ. ଆରତୀ ବିଶ୍ୱାଳ, ସଭାପତି ସୁଧାକର ପତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ସତର୍କ ରହିବାକୁ ମାର୍ଗଦର୍ଶିକା ଜାରି

## ଆୟକର ବିଭାଗ ନାଁରେ ଆସୁଛି ନକଲି ନୋଟିସ୍

ଭୁବନେଶ୍ୱର,୨୬।୫ (ଅନୁରାଧା ମହାରଣା)

ଆୟକର ବିଭାଗ ନାମରେ କର ପୈଠରେ ଖିଲାପ ନେଇ ନୋଟିସ ପାଇବା କ୍ଷଣି ସାଧାରଣ ଲୋକ ବିବ୍ରତ ହୋଇପଡ଼ନ୍ତି। କିଛି ବିଚାର ନକରି ତୁରନ୍ତ ମୋବାଇଲଏକୁ ମେସେଜ୍ ଆସିଥିବା ଲିଙ୍କ ଉପରେ କ୍ଲିକ୍ କରି ଟଙ୍କା ପୈଠ କରିଦିଅନ୍ତି। ତେବେ ଅନେକ ସମୟରେ ଏହି କାରଣରୁ ଲୋକ ଠକାମୀରେ ପଡୁଥିବା ଜଣାପଡ଼ିବା ପରେ ଆୟକର ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆୟକର ବିଭାଗରୁ କୌଣସି ନୋଟିସ (ଆଇଟି ନୋଟିସ) ପାଇଲେ ଏହା ବାସ୍ତବରେ ବିଭାଗ ପକ୍ଷରୁ ପଠାଯାଇଛି କି ନାହିଁ ତାହାର ତର୍ଜମା କରିବା ନେଇ ଲୋକଙ୍କୁ ସତର୍କ କରାଯାଇଛି। ଆୟକର ବିଜ୍ଞପ୍ତି କ'ଣ ଏବଂ ମୋବାଇଲକୁ ଆସିଥିବା ନୋଟିସ୍ ଅସଲି କି ନକଲି ତାହା ବିଚାର କରିବାର ଆବଶ୍ୟକତା ରହିଛି। ନିକଟରେ ଏପରି ଅନେକ ମାମଲା ନଜରକୁ ଆସିଛି ଯେତେବେଳେ କିଛିଇ ଠକ ସର୍ବେକ୍ଷଣ ଟିକସ ଚାହିଦା ନାମରେ ଟିକସ ନୋଟିସ ପଠାଇ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଠକୁଛନ୍ତି। ଆଇଟିଆର ଦାଖଲ ପାଇଁ ଆୟକର ବିଭାଗ ଲୋକଙ୍କୁ ଆୟକର ବିଜ୍ଞପ୍ତି ଜାରି କରିଥାଏ ମାତ୍ର ଏହାର ସୁଯୋଗ ନେଇ ସ୍କାମର୍ ନକଲି ଆୟକର ନୋଟିସ ମେଲ ଲୋକଙ୍କୁ ପଠାନ୍ତି ଏବଂ ସେହି ଲିଙ୍କରେ କ୍ଲିକ କରି ଜରିମାନା ଦେବାକୁ କୁହନ୍ତି। ଏଥିପାଇଁ ସେ ଏକ ଲିଙ୍କ ମଧ ପଠାନ୍ତି ଓ ଲୋକମାନେ ଏଥିରେ ଟଙ୍କା ଜମା କରି ଠକାମୀରେ ପଡ଼ିଥା'ନ୍ତି।

ସୂଚନା ଥାଉ କି, ୨୦୧୯ ଅକ୍ଟୋବର ୧ ଠାରୁ ଆୟକର ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଡିଆଇଏନ୍ ନମ୍ବର ରହିଥାଏ। ଏହା ଏକ ସ୍ୱତନ୍ତ୍ର ସଂଖ୍ୟା ହୋଇଥାଏ। କେନ୍ଦ୍ରୀୟ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ୨୦୧୯ ଅଗଷ୍ଟ ୧୪ରେ ଏହି ପ୍ରସଙ୍ଗରେ ଏକ ସର୍କୁଲାର ଜାରି କରି ସୂଚନା ଦେଇଥିଲା। ଆୟକର ବିଭାଗର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗ ଡିଆଇଏନ୍ ନମ୍ବର ପଞ୍ଜିକରଣ କରିବାକୁ ନିଷ୍ପତ୍ତିନିଆଯାଇଥିଲା। ବିଜ୍ଞପ୍ତି ସଠିକ କି ନୁହେଁ ଯାଞ୍ଚ କରିବା ପାଇଁ କରଦାତା ଆୟକର ପୋର୍ଟାଲରେ ଯାଞ୍ଚ କରିପାରିବେ। @incometax.gov.inର ଅଫିସିଆଲ ୱେବସାଇଟ କ୍ଲିକ କରି ଯାଞ୍ଚ କରିପାରିବେ। ଆୟକର ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଧାରା ୧୩୧ ଏବଂ ୧୩୩ ଅଧୀନରେ ରହିଛି। ଏହି ବିଜ୍ଞପ୍ତିରେ କୌଣସି ଦେୟ ପ୍ରଦାନ ନେଇ ଲିଙ୍କ ପଠାଯାଉନଥିବା ଦର୍ଶାଯାଇଛି। ଏପରି ପରିସ୍ଥିତିରେ, ନୋଟିସ ମେଲ ପାଇବା ପରେ ଆୟକର ବିଭାଗର ଇ-ଫାଇଲ ପୋର୍ଟାଲ https://www.incometax.gov.in/iec/foportal/ ପରିଦର୍ଶନ କରି ଆଇଟିଡି ଦ୍ୱାରା ପ୍ରାମାଣିକିକରଣ ବିଜ୍ଞପ୍ତି / ଅର୍ଡର ଇସ୍ୟୁ' ଅପ୍ସନ ଉପରେ କ୍ଲିକ କରିବାକୁ ହେବ। ନୂତନ ୱିଣ୍ଡୋରେ, କରଦାତା ନିଜର ଡିଆଇଏନ୍ ନମ୍ବର ଏବଂ ପାନ ନମ୍ବର ପ୍ରବେଶ କରିବା ପରେ ଆପଣଙ୍କ ମୋବାଇଲକୁ ଆସିଥିବା ଓଟିପି ଆସିବ। ଏହି ଓଟିପି ଦେବା ପରେ ଯଦି ବିଭାଗ ନୋଟିସ ପଠାଇ ନାହିଁ ତେବେ ଏହା ଅବୈଧ ବୋଲି ଦର୍ଶାଇବ। ଏଥିରୁ ଏହା ଏକ ନକଲି ବିଜ୍ଞପ୍ତି ବୋଲି କରଦାତା ଜାଣିପାରିବେ।

## ସୋନିର ନୂତନ ବ୍ରାଭିଆ ୨ସିରିଜ

ଭୁବନେଶ୍ୱର,୨୬।୫

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରାଭିଆ ୨ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଥିରେ ୪କେ ଅଲଟ୍ରା ଏଚଡି ଏଲଇଡି ଡିସପ୍ଲେ ପ୍ରଯୁକ୍ତି ସାମିଲ ଥିଲାବେଳେ ଗୁଗଲ୍ ଟିଭି ସହିତ ଏହା ସଂଯୋଜିତ ହୋଇଛି। ସେହିଭଳି ଉପଭୋକ୍ତାମାନେ ସହଜରେ ବିଭିନ୍ନ ପ୍ରକାରର ଆପ୍, ଷ୍ଟ୍ରିମିଂ ସେବା ଏବଂ ଲାଇଭ୍ ଟିଭି ଚ୍ୟାନେଲ୍ ଏହା ଜରିଆରେ ପାଇପାରିବେ। ଏପରିକି ବ୍ରାଭିଆ ୨ସିରିଜର ଦୁଇଟି ଭିନ୍ନ ସଂସ୍କରଣ ରହିଥିଲାବେଳେ ଅତୁଳନୀୟ ଗେମିଂ କ୍ଷମତା ଥିବା ଏସ୨୫ ଏବଂ ଅନ୍ୟଟି ଏସ୨୦ ମଡେଲ,ଏହା ଗେମିଂ ବୃଦ୍ଧି ବିନା ଅନ୍ୟ ଉତ୍କୃଷ୍ଟ ବୈଶିଷ୍ଟ୍ୟଗୁଡ଼ିକୁ ପ୍ରାଥମିକତା ଦେଉଛି। ବ୍ରାଭିଆ-୨ ସିରିଜରେ ଓପନ୍ ବ୍ୟାଫ୍ଲ ଫାୟାରିଂ ଟ୍ୱିନ୍ ସ୍ପିକର ରହିଛି,ଯେଉଁଥିରେ ଡଲବି ଅଡିଓ ସହ ୨୦ୱାଟ୍ ଶକ୍ତିଶାଳୀ ଶବ୍ଦ ଉପଲବ୍ଧ ହେଉଛି।

## କଟକରେ ଲାଲଚାନ୍ଦର ୨ୟ ଶୋ'ରୁମ୍




ଭୁବନେଶ୍ୱର,୨୬।୫ (ଅଭୟ ଦାଶ)

ଲାଲଚାନ୍ଦ ଜୁଏଲର୍ସର ନୂତନ ତଥା ୨ୟ ଶୋ'ରୁମ ରବିବାର କଟକର ସିଡିଏସ୍ଥିତ ସେକ୍ଟର ୬ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଲଚାନ୍ଦ୍ ଗ୍ରୁପର ଫାଉଣ୍ଡର ଚେୟାର୍ମ୍ୟାନ୍ ସଞ୍ଜୟ ହଂସ, ଲାଲଚାନ୍ଦ୍ ଜେମ୍ସ୍‌ର ମୁଖ୍ୟ ଅନ୍‌ଭିତା ହଂସ, ଲାଲଚାନ୍ଦ୍ ଜୁଏଲର୍ସ ନର୍ଥ ଇଣ୍ଡିଆର ମୁଖ୍ୟ ପଲକ୍ ହଂସ ସେନ୍‌ଙ୍କ ସମେତ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ.ସାବତ୍ ଏବଂ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଲାଲଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ କହିଥିଲେ, ଐତିହାସିକ ସହର କଟକରେ ଥିବା ଆମର ପ୍ରଥମ ଶୋ'ରୁମ୍ ପ୍ରତି ଲୋକଙ୍କ ଭଲପାଇବା ଏବଂ ବଢୁଥିବା ଗ୍ରାହକ ଚାହିଦାକୁ ଦୃଷ୍ଟିରେ ରଖି କଟକରେ ବ୍ରାଣ୍ଡର ଆଉ ଏକ ଶୋ'ରୁମ୍‌ର ପରିକଳ୍ପନା କରାଯାଇଥିଲା।

## ଭାରତୀ ଆକ୍ସାର ନୂତନ ଉତ୍ପାଦ

ଭୁବନେଶ୍ୱର,୨୬।୫

ପ୍ଲସ୍'ସ୍କିମ (ଯୋଜନା)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହା ହେଉଛି, ଏକ ୟୁନିଟ୍ ଲିଙ୍କଡ୍ ବୀମା ଯୋଜନା। ଯାହାକୁ ବଜାର ଲିଙ୍କ୍ ସହିତ ବାର୍ଷିକ ପ୍ରିମିୟମ୍‌ର ୧୦୦ଗୁଣା ପର୍ଯ୍ୟନ୍ତ ବୀମା ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ନିବେଶ ଲକ୍ଷ୍ୟ ଏବଂ ବଜାର ବିପଦ ଗ୍ରହଣ କରିବାର ଶକ୍ତି ଅନୁସାରେ ବିବିଧ ବିକଳ୍ପ ମଧ୍ୟରୁ ନିବେଶ ରଣନୀତି ଚୟନ କରିବାର ନମନୀୟତା ପ୍ରଦାନ କରୁଛି। ଏପରିକି ବଢୁଥିବା ଅଭିଳାଷ ଏବଂ ବ୍ୟକ୍ତିଗତ ଓ ବୃତ୍ତିଗତ ଲକ୍ଷ୍ୟ ହାସଲ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ନିବେଶ ମାଧ୍ୟମରେ ଲୋକମାନଙ୍କୁ ସମ୍ପତ୍ତି ହାସଲ କରିବାରେ ସହାୟକ ହେବ। ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ମଧ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି, ଯେପରିକି ଚାର୍ଜ ଫେରସ୍ତ ଏବଂ ପାଣ୍ଠି ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଲୟାଲ୍‌ଟି ଲାଭ ଇତ୍ୟାଦି ସାମିଲ ରହିଛି। ଏହି ପ୍ଲାନ ଚୟନ କରିଥିବା ବ୍ୟକ୍ତିଙ୍କୁ ପ୍ରିମିୟମ ଆବଣ୍ଟନ ଚାର୍ଜର ଦୁଇ ଗୁଣ ଏବଂ ମୋର୍ଟାଲିଟି ଚାର୍ଜର ତିନି ଗୁଣ ପର୍ଯ୍ୟନ୍ତ ରିଟର୍ନ ମିଳିବ। ଏହାବ୍ୟତୀତ ଗ୍ରାହକମାନେ ଆୟକର ଆଇନ ୧୯୬୧ ଅଧୀନରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ ଟିକସ ସୁବିଧା ମଧ ପାଇପାରିବେ। ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ମୁରଲୀ ଜାଲାନ କହିଛନ୍ତ, ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ସ୍କିମର ଶୁଭାରମ୍ଭ କରି ଆମେ ବେଶ ଉତ୍ସାହିତ ଅଛୁ। ଏହି ନୂତନ ପ୍ଲାନ୍ ହେଉଛି, ଆମର ଏକ ଅନନ୍ୟ ପ୍ରସ୍ତାବ, ଯାହା ଗ୍ରାହକମାନଙ୍କୁ ଟର୍ମ ପ୍ଲାନ୍ ଏବଂ ୟୁଲିପିର ମିଳିତ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ନୂତନ ଉତ୍ପାଦ ଆରମ୍ଭ କରିବା ପଛରେ ଆମର ଉଦ୍ଦେଶ୍ୟ ହେଉଛି,ଲୋକମାନଙ୍କୁ ସେମାନଙ୍କ ପରିବାର ପାଇଁ ଆର୍ଥିକ ନିରାପତ୍ତା ସୃଷ୍ଟି କରିବାରେ ସକ୍ଷମ କରିବା ଏବଂ ସେମାନଙ୍କୁ ଦୀର୍ଘକାଳୀନ ଭାବେ ସମ୍ପତ୍ତି ବୃଦ୍ଧି କରିବାକୁ ସଶକ୍ତ କରିବା।

## ଟେଟ୍ରାହେଡ୍ରନ୍‌ର ଶତପ୍ରତିଶତ ସଫଳତା

### ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳାଫଳ




ଭୁବନେଶ୍ୱର/ମଙ୍ଗୁଳି,୨୬।୫ (ମାନସ ସାମଲ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକର ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ (ଟେଟ୍ରାହେଡ୍ରନ୍ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଟେଟ୍ରାହେଡ୍ରନ୍ ଓମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ)ର ଉଲ୍ଲେଖନୀୟ ସଫଳତା ସହ ଯୁକ୍ତ୨ ବିଜ୍ଞାନ ଫଳାଫଳରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚଏସଇ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ, କଳା, ବାଣିଜ୍ୟ ବିଭାଗର ପରୀକ୍ଷା ଫଳାଫଳ ରବିବାର ଅପରାହ୍ନରେ ପ୍ରକାଶ ପାଇଛି। ଏହି ପରୀକ୍ଷା ଫଳାଫଳରେ ଟେଟ୍ରାହେଡ୍ରନ ଯୁକ୍ତ୨ ବିଜ୍ଞାନ କଲେଜର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ଅପରପକ୍ଷରେ ଶିକ୍ଷାନୁଷ୍ଠାନର ମୋଟ ୨୨ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ସେହିଭଳି ଟେଟ୍ରାହେଡ୍ରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ସତ୍ୟଜିତ୍ ସ୍ୱାଇଁ ମୋଟ ୫୫୬ ନମ୍ବର ରଖି ଶିକ୍ଷାନୁଷ୍ଠାନର ବାଳକ ବିଭାଗରେ ଟପ୍ପର ହୋଇଥିବାବେଳେ ଟେଟ୍ରାହେଡ୍ରନ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମନୀଷା ପଣ୍ଡା ୫୫୫ ନମ୍ବର ରଖି ଶିକ୍ଷାନୁଷ୍ଠାନର ବାଳିକା ବିଭାଗରେ ଟପ୍ପର ହୋଇଛନ୍ତି। ଏପରିକି ଭବିଷ୍ୟତରେ ଉଭୟ ଡାକ୍ତର ହେବାର ଇଚ୍ଛା ବ୍ୟକ୍ତ କରିଛନ୍ତି। କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ୍ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୁଭୋକୋ ଭିସ୍ତାସ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୬।୫

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହିତ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ମଧ ଘୋଷଣା କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ୧୮.୮ ଏମ୍ଏମ୍‌ଟି ରହିଥିଲାବେଳେ ଏହି ସମାନ ଅବଧି ମଧ୍ୟରେ କମ୍ପାନୀର ପରିଚାଳନାଗତ ମୋଟ ରାଜସ୍ୱ ୧୦,୭୩୩ କୋଟି ଟଙ୍କା ରହିଛି।

ସେହିପରି ମୋଟ ଏବିଟା ବାର୍ଷିକ ଆଧାରରେ ୩୫% ବୃଦ୍ଧି ହୋଇ ୧୬୫୭ କୋଟି ଟଙ୍କା ହୋଇଥିଲାବେଳେ କମ୍ପାନୀର ଶୁଦ୍ଧ ଋଣ ପରିମାଣ ବାର୍ଷିକ ଆଧାରରେ ୩୮୪ କୋଟି ଟଙ୍କା ହ୍ରାସ ହୋଇ ୪୦୩୦ କୋଟି ଟଙ୍କାରେ ରହିଛି, ଯାହାଫଳରେ ଶୁଦ୍ଧ ଋଣ ଏବିଟାର ୨.୪ ଗୁଣ ରହିଛି। ଚଳିତ ବର୍ଷ କମ୍ପାନୀର ହରିୟାଣାସ୍ଥିତ ସିମେଣ୍ଟ ପ୍ଲାଣ୍ଟରେ ଏକ ୧.୨ ଏମ୍ଏମ୍‌ଟିପିଏ ଗ୍ରାଇଣ୍ଡିଂ ୟୁନିଟ୍‌ର ସଫଳ କାର୍ଯ୍ୟକାରିତାକୁ ଚିହ୍ନିତ କରିଛି, ଯାହା ଏହାର ସମ୍ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଦର୍ଶାଉଛି। ଏହି ସିମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରିତା ଉତ୍ତର ଭାରତରେ କମ୍ପାନୀର ମୋଟ କ୍ଷମତାକୁ ୨୦%ରୁ ୨୪%କୁ ବୃଦ୍ଧି କରିଛି ଏବଂ ଏହା ସମ୍ପୃକ୍ତ ଅଞ୍ଚଳରେ କମ୍ପାନୀର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, କମ୍ପାନୀ ତା'ର ପରିଚାଳନା ଦକ୍ଷତାକୁ ଉନ୍ନତ କରିଥିଲାବେଳେ ୨୦୨୪ ଆର୍ଥିକ ବର୍ଷ ସମୟରେ ଅସ୍ଥିର ଚାହିଦା ସତ୍ତ୍ୱେ ଏବିଟା ଓ ପିଏଟିରେ ମଜଭୁତ ଅଭିବୃଦ୍ଧି ପ୍ରଦାନ ଏବଂ ସର୍ବୋଚ୍ଚ ଲାଭ ହାସଲ କରିଛି। ଏପରିକି ଆମର ପ୍ରଶଂସନୀୟ ପରିଚାଳନାଗତ ଫଳାଫଳ ପ୍ରିମିୟମାଇଜେଶନ ଓ କଷ୍ଟ ଅପ୍ଟିମାଇଜେଶନ ଉପରେ ଆମର ଗତିଶୀଳ ଓ ଦକ୍ଷ ରଣନୈତିକ ଗୁରୁତ୍ୱକୁ ପ୍ରତିଫଳନ କରୁଛି।

### ଅନ୍ୟାନ୍ୟ ଖବର

## ଅଫିମ ଫଳ ଚାଲାଣ: ଆନ୍ତଃରାଜ୍ୟ ର୍‍ୟାକେଟ ଠାବ

ରାଉରକେଲା,୨୬।୫(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଶନିବାର ସନ୍ଧ୍ୟାରେ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଫିମ ଫଳ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଟ୍ରକ ଚାଳକଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ଜୟସେଲ୍‌ମେର୍ ଜିଲାର ମିଠୁ ଖାନ୍(୩୫) ଓ ଖଲାସୀ ରାକେଶ କୁମାର(୨୬)। ଏନେଇ ରବିବାର ସୀମାନ୍ତ ଟେବୋ ଥାନାରେ ଏକ ମାମଲା (୭/୨୪) ରୁଜୁ ହୋଇଛି। ଉକ୍ତ ଟ୍ରକରୁ ପୋଲିସ ୫ ଲକ୍ଷ ନଗଦ ଟଙ୍କା ମଧ ଜବତ କରିଛି। ଉକ୍ତ ଟ୍ରକ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ହୋଇ ରାଜସ୍ଥାନ ଯିବା ପାଇଁ ଯୋଜନା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶନିବାର ଚାଇଁବାସା ପୋଲିସ ପକ୍ଷରୁ ଯାଞ୍ଚ ସମୟରେ ଏକ ଟ୍ରକକୁ ସନ୍ଦେହ କରି ଅଟକା ଯାଇଥିଲା। ଟ୍ରକରୁ ୧୩୫ଟି ପ୍ଲାଷ୍ଟିକ ବୋରାରେ ପ୍ରାୟ ୨୦୯୬ କେଜି ଅଫିମ ଫଳ ଜବତ କରାଯାଇଥିଲା, ଯାହାର ବଜାର ଦର ୩ କୋଟି ୧୪ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ମନମୋହିଲା 'ନୃତ୍ୟ ବିଳାସ'

ଭୁବନେଶ୍ୱର,୨୬।୫(ଶର୍ମିଷ୍ଠା ପାଣିଗ୍ରାହୀ)




ଓଡିଶୀ ନୃତ୍ୟ ଗୁରୁ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟ ବିଳାସ' ଭଞ୍ଜକଳା ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରେ ବନ୍ଦେ ବିଷ୍ଣୁ ଚତୁର୍ଭୁଜମ୍ ଓ ରାଗେଶ୍ରୀ ପଲ୍ଲବୀ ଏବଂ ପରେ ଅଭିନୟ ଜୟ ଭଗବତୀ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଦଳଗତ ଓଡିଶୀ ନୃତ୍ୟ ଅଭିନୟ 'ବାଲ୍ ଗୋପାଳଅଷ୍ଟକମ୍'। ପରେ ଅଭିନୟ ଦଶାବତାର ପରିବେଷିତ ହୋଇଥିଲା। ଏହା ପରେ ମହାକାଳୀ ଧ୍ୟାନ, ଅଭିନୟ ଆନନ୍ଦମୟୀ, ସମ୍ବଲପୁରୀ ଲୋକନୃତ୍ୟ ରସ ଜାମୁଡାଳି, ଝୁମର, ଅଭିନୟ କସ୍ତୁରୀ ତିଳକମ୍, ସମ୍ବଲପୁରୀ ଲୋକନୃତ୍ୟ ସୁଲ୍ଲ ଭରନୀ, ଅଭିନୟ ବାଟ ଚାଲୁ ଚାଲୁ ଓ ତୁହିମା ଜନମ ଭୂମି ପରିବେଷିତ ହୋଇଥିଲା। ଶେଷରେ ଏକାଡେମୀ ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ମାଏଲା ଜଡ, ଝୁମର ଏବଂ କିନ୍ଦିରୀ କିନ୍ଦା ମନମୋହିଥିଲା। ଏହି ଦଳଗତ ଓଡିଶୀ ନୃତ୍ୟ ସହିତ ଲୋକନୃତ୍ୟକୁ ଦର୍ଶକ ଆଗ୍ରହ ସହକାରେ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ଉପଭୋଗ କରିଥିଲେ। ଅତିଥି ଭାବେ ବିଶିଷ୍ଟ କବି ରକ୍ଷକ ନାୟକ, ଓଡିଶୀ ନୃତ୍ୟବିଦ ଡ. ନିତା ବହିଦାର, ନୃତ୍ୟଗୁରୁ ନିରଞ୍ଜନ ରାଉତ, ବିଶିଷ୍ଟ ବେହେଲା ବାଦକ ଗୁରୁ ରମେଶ ଚନ୍ଦ୍ର ଦାସ, ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଶ୍ର ସମ୍ପାଦିକା ନମିତା ରାୟ ଯୋଗଦେଇଥିଲେ। ବିଶ୍ୱଜିତ ବଳିୟାରସିଂହ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଏକାଡେମୀ କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୭ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬।୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ରବିବାର ୩୩ ଓ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମାରାଜୁ ଜିଲା ପେଦାବାଇଲୁ ଦଳର ୧୩, ସେହିପରି ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ଜିଆର୍‌ଡି ମିଲିସିଆ ସଦସ୍ୟ ଏଭଳି ୪୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।

ବିଜାପୁର ଏସ୍‌ପି. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି, ଛତିଶଗଡକୁ ମାଓବାଦୀ ମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଚାଲୁଥିବା ଅଭିଯାନରେ ୩୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ରାଜୁ ହେମଲା ଓ ସାମୋ କର୍ମା ପିଏଲଜିଏ ସଦସ୍ୟ ଥିବା ବେଳେ ଏହି ଦୁଇଜଣଙ୍କ ଉପରେ ସରକାର ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ସେହିପରି ସୁଦ୍ଦୁ ପୁନେମ ଓ ଜନ୍ତାନା ସରକାରଙ୍କ ଉପରେ ମଧ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିପରି ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ଜିଆର୍‌ଡି ମିଲିସିଆ ସଦସ୍ୟ ପଡିଆମ ଗଙ୍ଗା ଓରଫ ଡୋଲୁ ଆତ୍ମସମର୍ପଣ କରିଛନ୍ତି। ସେ ସୁକ୍‌ମା ମାଓବାଦୀ ଅପରେଶନ କାର୍ଯ୍ୟାଳୟ ଅତିରିକ୍ତ ପୋଲିସ ଅଧୀକ୍ଷକ ସପନ ଚୌଧୁରୀ, ସୁକ୍‌ମା ଡିଆର୍‌ଜି ପୋଲିସ ନିରୀକ୍ଷକ ଶେଷଗିରିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁହା କଅଁଳ ହେଲେ ବିରାଡ଼ି କାମୁଡ଼େ।**

ମଣିଷ ଆବଶ୍ୟକତାଠାରୁ ଅଧିକ ସରଳ ବା ସାଦାସିଧା ହେଲେ ତାଙ୍କୁ କେହି ସେତେ ଗୁରୁତ୍ୱ ଦେଇ ନ ଥାନ୍ତି। ଅଣଦେଖା କରିବା ସହ ହଇରାଣ ହରକତ କରିବାକୁ ପଛାଇ ନ ଥାନ୍ତି। ପରୋକ୍ଷରେ ଉପରିସ୍ଥ ଅଧିକାରୀ ବା ହାକିମ ଅପେକ୍ଷାକୃତ ନରମା ହେଲେ ଦୁଷ୍ଟ କର୍ମଚାରୀ ଫାଇଦା ଉଠାଇବାକୁ ସାହସ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶଗଡ଼ ପଇ, ତଳ ଉପର।**

ଶଗଡ଼ ଚକର ପରିଧିରେ ଥିବା ଖଣ୍ଡବୃତ୍ତାକୃତି କାଠ ଖଣ୍ଡଗୁଡ଼ିକୁ ପଇ ବା ପହି କୁହାଯାଏ। ଶଗଡ଼ ଚାଲିଲା ବେଳେ ଚକର ପହି ଯେମିତି ତଳ ଉପର ହୋଇଥାଏ ସେହିପରି ମଣିଷ ଜୀବନରେ ଭଲ ମନ୍ଦ ଲାଗିରହିଥାଏ। ପରୋକ୍ଷରେ ମଣିଷର ଭାଗ୍ୟ ସଦା ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଶ୍ରୀଫଳ ଭାଙ୍ଗିବା ବେଳେ ଧର୍ମପଦ ଉପସ୍ଥିତ ଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

### ଶ୍ରୀପଦ୍ମକେଶର ମନ୍ଦିର ପାଇଁ ୩୦ଟି ଅଳସକନ୍ୟା ନିର୍ମିତ ହୋଇଥିଲେ

ଐତିହ୍ୟର ଓଡ଼ିଶା

ବାସ୍ତବରେ ଏଗାରୁପଛିକ ଚୁମ୍ବକଶିଳା ମନ୍ଦିର ଶିଖରରେ ଖଞ୍ଜାଯାଇ ମୁଣ୍ଡି ମରାଗଲା ସିନା, ତାହାର ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ସେତେବେଳେ କିଛି ତମ୍ବାର କ୍ଲାମ୍ପ ତିଆରି କରିଥିଲେ ତମ୍ବାମିସ୍ତ୍ରି କାଶୀ ଓଝା। ଚୁମ୍ବକଶିଳା ଖଞ୍ଜାବେଳେ ତାହା ବ୍ୟବହାର ହୋଇଥିଲା। କିଛି ତମ୍ବା ବଳିଥିଲା। କାଶୀ ଓଝା ତାହାକୁ ରଖିଥିଲେ। ଧର୍ମପଦ କହିଲେ- ସେହି ତମ୍ବା ଆଣ, ଦରକାର ହେଉଛି ଚୁମ୍ବକ ପଥର ପାଇଁ। ସେ ମହାଭାସ୍କରଙ୍କ ବସିବା ବିଗ୍ରହ ନିର୍ମାଣବେଳେ ମନ୍ଦିର ଉପରକୁ ଚଢ଼ି ଚୁମ୍ବକଶିଳାର ସ୍ଥିତି ପରୀକ୍ଷା କରିଥିଲେ। ତେଣୁ କହିଲେ ସେ ତମ୍ବା ଆଣ, ଦରକାର ହେଉଛି।

କାଶୀ ଓଝା ନିଜ ଗାଁରେ ଶାଳ କରିଥିଲେ। ତାଙ୍କ ଗାଁ ହେଉଛି ବିଲପାଟଣା। ସେ ୬ଟି ତମ୍ବାତାର ଆଣିଲେ। ସେଇ ତାରରେ କ୍ଲାମ୍ପ ହେବା ପରେ ଧର୍ମପଦ ଉପରକୁ ଯାଇ ଲଗାଇଥିଲେ। ବସିବା ବିଗ୍ରହ ନିର୍ମାଣକାର୍ଯ୍ୟ ଶୁଣି ପୁଷ୍ୟାଭିଷେକ ପରେ ପରେ ରାଜଗୁରୁଙ୍କ ସହିତ ହାତୀରେ ବସି ଗଜପତି କୋଣାର୍କରେ ପଦାର୍ପଣ କରିଥିଲେ। ଆସିବା ଖବର 'ଛାମୁଚିଟାଉ' ଧରି ବୁଢ଼ା ଲେଙ୍କା ସାନ୍ତସାଇ ଆଗରୁ ଜଣାଇଥିଲେ। ଗଜପତିଙ୍କର ପୁଷ୍ୟାଭିଷେକ ୧୭ ଅଙ୍କରେ ସାରଙ୍ଗଗଡ଼ରେ ସମ୍ପନ୍ନ ହୋଇଥିଲା। ଗଜପତି ଆସି ସୂତ୍ରଧରଙ୍କ ଶିବିରରେ ମହାଭାସ୍କରଙ୍କ ନିକଟରେ ଶ୍ରୀଫଳଟିଏ ଭାଙ୍ଗି ଫେରିଯାଇଥିଲେ। ସେତେବେଳେ ସୂତ୍ରଧରଙ୍କ ଶିବିରରେ ଧର୍ମପଦ ଉପସ୍ଥିତ ଥାନ୍ତି। ବିଗ୍ରହ ନିର୍ମାଣ ସମାପ୍ତ ହୋଇ ନ ଥାଏ। ଏଣେ ଅଳସକନ୍ୟା ନିର୍ମାଣ ଆରମ୍ଭ ହୋଇଯାଇଥିଲା। ସମୁଦାୟ ୩୦ଟି ଅଳସକନ୍ୟା ଶ୍ରୀପଦ୍ମକେଶର ମନ୍ଦିରରେ ସ୍ଥାନିତ ହୋଇଥିଲା। ନରସିଂହ ମହାପାତ୍ର ପ୍ରସ୍ତାବ ଦେଇଥିଲେ ହଂସପଟାରେ ଜାଲିବାଡ଼ କରିବା ପାଇଁ। ଏହି ଜାଲିବାଡ଼ ପୁରୀର ପୁରୁଷୋତ୍ତମ ରଥ ଅର୍ଥାତ୍ ନନ୍ଦିଘୋଷ ରଥରେ ନିର୍ମାଣ ହେଲା ପରି ହେଉ। ସୂତ୍ରଧର ପ୍ରସ୍ତାବକୁ ଗ୍ରହଣ ନ କରି ଦୁଇହାତ ଉଚ୍ଚର ଅଳସକନ୍ୟା ସେଠାରେ ରହିବା ଉଚିତ ବୋଲି ମତ ଦେଇଥିଲେ। ଦାୟିତ୍ୱ ଦେଲେ ଦାମୋଦର ମହାପାତ୍ର, ନରସିଂହ ମହାପାତ୍ର ଓ ଗଦାଧର ମହାପାତ୍ରଙ୍କୁ।



କୋଣାର୍କ ମନ୍ଦିରରେ ଥିବା ଓଡ଼ିଶୀ ଭାସ୍କର୍ଯ୍ୟର ଦର୍ପଣୀ ଅଳସକନ୍ୟା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଓଡ଼ିଶାର ଭାସ୍କର୍ଯ୍ୟ ଜାତୀୟ ଭାସ୍କର୍ଯ୍ୟଠାରୁ ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର। ଆମ ଭାସ୍କର୍ଯ୍ୟରେ 'ଅଳସକନ୍ୟା' ସମ୍ପୂର୍ଣ୍ଣ ଅଲଗା। ଭୁବନେଶ୍ୱର ରାଜାରାଣୀ ମନ୍ଦିରରେ ଆମେ ଅଳସକନ୍ୟା ଦେଖୁ। ପୁରୀ ଶ୍ରୀମନ୍ଦିର ଉପରେ ଚୂନ ପଲସ୍ତରା ହୋଇଥିଲା। ତେଣୁ ଅଳସକନ୍ୟା ଭାସ୍କର୍ଯ୍ୟ ଆଲୋଚିତ ହୋଇ ନ ଥିଲା। ଶ୍ରୀମନ୍ଦିରର ଚାରିପଟେ ଥିବା 'ପାଗ'ଗୁଡ଼ିକର ସନ୍ଧିସ୍ଥଳ ହେଉଛି ଷୋହଳ। ଚାରିଦିଗକୁ ଚାରୋଟି ଲେଖାଏଁ। ପ୍ରତି ସନ୍ଧିସ୍ଥଳରେ ଅଳସକନ୍ୟାଙ୍କର ଦଣ୍ଡାୟମାନ ବିଗ୍ରହ ରହିଛନ୍ତି। 'ଶିଳ୍ପପ୍ରକାଶ' ଗ୍ରନ୍ଥ ଅନୁଯାୟୀ ଓଡ଼ିଶୀ ଭାସ୍କର୍ଯ୍ୟରେ ୧୬ ପ୍ରକାର ଅଳସକନ୍ୟା ରହିଛନ୍ତି। ତାଙ୍କର ନାମ ବି ରହିଛି। ଏଗୁଡ଼ିକ ମାଟି ଓ ଆକାଶ ମଝିରେ ଅହରହ ସ୍ୱପ୍ନାବିଷ୍ଟ କଦମ୍ବିତ ଶିହରଣର ସ୍ୱାକ୍ଷର ବହନ କରିଛନ୍ତି।

କୋଣାର୍କଠାରେ ସୂତ୍ରଧର ୩୦ଟି ଅଳସକନ୍ୟା ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଶାସ୍ତ୍ର ନିର୍ଦ୍ଦିଷ୍ଟ ଷୋହଳ ପରେ ଆଉ ୧୪ଟିର ନାମ ଜାଣିବାର ଉପାୟ ନାହିଁ। ପୋଥିରେ ମଧ ଉଲ୍ଲେଖ ନାହିଁ। ହୁଏତ ଆଉ ଚଉଦଟି ଓଡ଼ିଶୀ ନର୍ତ୍ତକୀର ମୁଦ୍ରାରେ ନିର୍ମିତ ହୋଇଥିବେ। ଅଳସକନ୍ୟାଙ୍କ ସହିତ ତିନି ହାତ ବିଶିଷ୍ଟ ବସିଥିବା ରବିନାରାୟଣଙ୍କର ମୂର୍ତ୍ତି ହଂସପଟାରେ ରହିବେ। ଶ୍ରୀରବିନାରାୟଣଙ୍କ ଦୁଇ ପାର୍ଶ୍ୱରେ ଛାୟାମାୟାଙ୍କ ବିଗ୍ରହ ସ୍ଥାନିତ ହେବା ପାଇଁ ସୂତ୍ରଧର ଆଦେଶ ଦେଇଥିଲେ। ସେ କେଉଁଠି ବସିବେ ତାହା ମଧ ସୂତ୍ରଧର ନିର୍ଦ୍ଦିଷ୍ଟ କରିଥିଲେ। ହଂସପଟାର ବାହାରପଟ ପଶ୍ଚିମ ପହଣ୍ଡର କେନ୍ଦ୍ରରେ ସ୍ଥାନିତ ହେବେ। ଏହି କାର୍ଯ୍ୟ ଗଦେଇ ମହାପାତ୍ରଙ୍କୁ ଦିଆଯାଇଥିଲା। ଦୁଇଟି ନିଶା ମନ୍ଦିର ସାମ୍ନାରେ ଶ୍ରୀରାମଙ୍କ ବିଗ୍ରହ ଓ ଗୋଟିଏ ଆଶ୍ରମର ଚିତ୍ର ପଥରରେ ଖୋଦେଇ ହୋଇ ରହିବ ବୋଲି ସୂତ୍ରଧର ଜଣାଇ ଦେଇଥିଲେ। ମନ୍ଦିର ନିର୍ମାଣ ସିନା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା, ଆନୁଷଙ୍ଗିକ ନିର୍ମାଣକାର୍ଯ୍ୟ ବାକି ଥିଲା। ବାଲିପଥରରେ ଦୁଇଟି ଚଣ୍ଡଭୈରବ ମୂର୍ତ୍ତି ପାଇଁ ଦାମ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଗଲା। ଦକ୍ଷିଣ ପାର୍ଶ୍ୱର ମୁଖଶାଳାରେ ନବଗ୍ରହ ମୂର୍ତ୍ତି କାର୍ଯ୍ୟ ଅବ୍ୟାହତ ରହିଥିଲା।

'ଓହଳପଦ୍ମ' ନିର୍ମାଣ ଆରମ୍ଭ କଲେ ଯୋଗୀ ମହାରଣା, ଧର୍ମପଦଙ୍କ କକା ଓ ଦାମ ମହାରଣା। ଏହା ଅତ୍ୟନ୍ତ କଷ୍ଟକରକାମ ଥିଲା। ଫାଶୀକାଠ ଭାରାରେ ବସି ୧୩ଦିନ ଧରି ଓହଳପଦ୍ମ ଖୋଦେଇ କରିଥିଲେ। ଓହଳପଦ୍ମ ସମ୍ଭବତଃ ପ୍ରଥମ କରି କୋଣାର୍କରେ ନିର୍ମିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଜାଣିନାହାନ୍ତି ଭାରତର ପ୍ରଧାନମନ୍ତ୍ରୀ କିଏ: ଧର୍ମେନ୍ଦ୍ର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡା (ସ୍ମାରକ ମାଜୀ),୨୬।୫

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ କିଏ ବୋଲି ଜାଣି ନ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ଲୋକ ସଭା ଅନ୍ତର୍ଗତ ମୋରଡ଼ା ବିଧାନସଭା କ୍ଷେତ୍ରର ସାତଭାୟାଠାରେ ରବିବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଧର୍ମେନ୍ଦ୍ର ଏହା କହିଛନ୍ତି।

ବାତ୍ୟା ରେମାଲ ପ୍ରଭାବରେ ମୟୂରଭଞ୍ଜ ଜିଲାରେ ରବିବାର ଦିନ ତମାମ ବର୍ଷା ଲାଗିରହିଛି। ବର୍ଷା ସତ୍ତ୍ୱେ ବାରିପଦା ସହର ଓ ସାତଭାୟାଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଦଳୀୟ ଏମପି ପ୍ରାର୍ଥୀ ନବଚରଣ ମାଝି, ମୋରଡ଼ା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋରଡ଼ାର ଦାନ୍ତିଆମୁହାଁଠାରୁ ଭାଜପା ପକ୍ଷରୁ ବାହାରିଥିବା ବିଶାଳ ରୋଡ଼ ଶୋ'ରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ। ବର୍ଷା ହେଉଥିଲେ ମଧ୍ୟ ଧର୍ମେନ୍ଦ୍ରଙ୍କ ଉପସ୍ଥିତି ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ସାତଭାୟାଠାରେ ଆୟୋଜିତ ସଭାରେ ଯୋଗଦେଇ ଧର୍ମେନ୍ଦ୍ର କହିଥିଲେ, ଓଡ଼ିଶାରେ ଏଥର ଭାଜପାର ସରକାର ହେବାକୁ ଯାଉଛି। ଏଥର ଡବଲ ଇଞ୍ଜିନ ସରକାର ଗଠନ କରି ଡବଲ ବିକାଶ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ ଜାଣି ନାହାନ୍ତି ଭାରତର ପ୍ରଧାନମନ୍ତ୍ରୀ କିଏ ବୋଲି କହିଥିଲେ। ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବୋଲି ସମ୍ବୋଧନ କରି ବାରିପଦା ଜନସମାବେଶରେ ମୁଖ୍ୟମନ୍ତ୍ରୀ ସମାଲୋଚନାର ଶିକାର ହେଲେ। ଓଡିଶାରୁ ଭଡାଟିଆ ତାମିଲ ସରକାରଙ୍କୁ ପରିବର୍ତ୍ତନ କରିବା ପାଇଁ ଧର୍ମେନ୍ଦ୍ର ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ଭାଜପା ସରକାର ଆସିଲେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା, ଧାନର ଏମ୍‌ଏସ୍‌ପି ମୂଲ୍ୟ ୩୧୦୦ ଟଙ୍କା ହେବ ବୋଲି କହିଥିଲେ। ମଞ୍ଚରେ ବରିଷ୍ଠ ନେତାଙ୍କ ସହ ଏମପି ପ୍ରାର୍ଥୀ ନବଚରଣ, ବିଧାୟକ ପ୍ରାର୍ଥୀ ଡ଼ କୃଷ୍ଣଚନ୍ଦ୍ର ଏବଂ ଜିଲା ସଭାପତି କାନ୍ଦ୍ରା ସୋରେନଙ୍କ ସମେତ ଅନେକ ଭାଜପା ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ତେବେ ଖରାପ ପାଗ ଯୋଗୁଁ ଜିଲାର ଯଶିପୁର,ରାଇରଂଗପୁର, ବାଂଗରିପୋଷି, ସାରସକଣା ଓ ଉଦଳାରେ ହେବାକୁ ଥିବା ବିଜୟ ସଂକଳ୍ପ ସଭାରେ ସେ ଉପସ୍ଥିତ ରହିପାରୁ ନ ଥିବାରୁ ଧର୍ମେନ୍ଦ୍ର ଦୁଃଖ ପ୍ରକାଶ କରିଛନ୍ତି।


ମୋରଡ଼ାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ।

# ଓଡ଼ିଶାରେ ସରକାର ଗଢ଼ିବ ଭାଜପା: ଶାହା

ନୂଆଦିଲ୍ଲୀ,୨୬।୫

ଓଡ଼ିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ଭାଜପା ୭୫ ସିଟ୍ ଦଖଲ ସହ ପ୍ରଥମ ଥର ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରିବ। ଏଥିସହ ରାଜ୍ୟରେ ସରକାର ଗଠନ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ରବିବାର ସାକ୍ଷାତ୍‌କାର ଦେଇ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଯୋଗୁ ବିରୋଧୀ ଶାସିତ ରାଜ୍ୟ ଓଡ଼ିଶାରେ ଲୋକ ସଭା ନିର୍ବାଚନରେ ଭାଜପାର ସ୍ଥିତି ଆହୁରି ମଜଭୁତ ହେବାକୁ ଯାଉଛି। ବିରୋଧୀ ନିଜ ପରାଜୟ ଜାଣିପାରି ନିର୍ବାଚନ କମିଶନଙ୍କୁ ସମାଲୋଚନା କରୁଛନ୍ତି। ଓଡ଼ିଶାରେ ଭାଜପା ୧୬ରୁ ୧୭ ଏବଂ ପଶ୍ଚିମବଙ୍ଗରେ ୨୪ରୁ ୩୦ ଲୋକ ସଭା ଆସନ ପାଇବ। ସେହିପରି ଆନ୍ଧ୍ରପ୍ରଦେଶରେ ସହଯୋଗୀ ଦଳଗୁଡ଼ିକ ପ୍ରାୟ ୧୭ ସିଟ୍ ଜିତିବେ। ଆମେ ନିଶ୍ଚିତ ଭାବେ ୪୦୦ ଅତିକ୍ରମ କରିବାକୁ ଯାଉଛୁ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଅରୁଣାଚଳପ୍ରଦେଶରେ ମଧ୍ୟ ଆମେ ସରକାର ଗଠନ କରିବାକୁ ଯାଉଛୁ ବୋଲି ଶାହା ଦାବି କରିଛନ୍ତି।


ଅମିତ ଶାହା

ଶାହା ଆହୁରି କହିଛନ୍ତି, ଭାଜପା କୌଣସି ଧର୍ମକୁ ଭିତ୍ତିକରି ନିର୍ବାଚନ ପ୍ରଚାର କରୁନାହିଁ। ମୁସଲମାନମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦଳ ବିରୋଧ କରୁଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏକକ ଦେୱାନୀ ସଂହିତା (ୟୁସିସି)କୁ ଯଦି ଧର୍ମଭିତ୍ତିକ ପ୍ରଚାର ଅଭିଯାନ ମନେ କରାଯାଏ, ତେବେ ଭାଜପା ଏପରି କରିଛି ଓ ଆଗକୁ ମଧ୍ୟ କରିଚାଲିବ ବୋଲି ଶାହା ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ୩ ପର୍ଯ୍ୟାୟରେ ଓଡ଼ିଶାର ୧୫ ଲୋକ ସଭା ଆସନ ଏବଂ ଏହା ଅଧୀନ ୧୦୫ ବିଧାନସଭା ଆସନରେ ଭୋଟ ସରିଛି। ଜୁନ୍ ୧ ଚତୁର୍ଥ ପର୍ଯ୍ୟାୟରେ ୬ ଲୋକ ସଭା ଆସନ ଓ ୪୨ ବିଧାନସଭା ଆସନରେ ମତଦାନ ହେବ।

# ରାଜ୍ୟବାସୀ ପରିବର୍ତ୍ତନ ମନସ୍କ: ଭାଜପା


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଯାଜପୁର,୨୬।୫ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ରବିନାରାୟଣ ବେହେରା ଶାସକ ଦଳର ବିଭିନ୍ନ ଦୁର୍ନୀତି ଏବଂ ଅବହେଳା ସମ୍ପର୍କରେ ବିଷୋଦଗାର କରିଛନ୍ତି। ଯାଜପୁର ରୋଡ୍‌ର ଏକ ହୋଟେଲରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶାସକ ଦଳର ନେତାମାନଙ୍କ ମନମାନି ଏଥର ସୀମା ଲଘିଂଛି। ଚଳିତ ନିର୍ବାଚନରେ ଜନସାଧାରଣ ଲଢୁଛନ୍ତି। ସେମାନେ ପରିବର୍ତ୍ତନ କରିବାକୁ ମନସ୍ଥ କରି ସାରିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାଧାରଣ ମତଦାତା ଚଳିତ ନିର୍ବାଚନରେ ମତଦାନ କରିବାକୁ ଯାଉଛନ୍ତି। ଜିଲାରେ ଲଘୁ ଖଣିଜ ସମ୍ପଦ ବାଲି, କଳାପଥର, ମାଙ୍କଡାପଥର ପ୍ରଭୃତିକୁ ଶାସକ ଦଳର ନେତାମାନେ ଲୁଟ୍ କରୁଛନ୍ତି। ଏହାସହ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଦିଗରେ ବିଜେଡି ବିଫଳ ହୋଇଛି। ମୋଦି ସରକାର ଓଡ଼ିଶାକୁ ବହୁ ଗୁରୁତ୍ୱ ଦେଇ ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ଯାଜପୁର ଜିଲାର ଚଣ୍ଡିଖୋଲଠାରେ ପ୍ରସ୍ତାବିତ ତୈଳଭଣ୍ଡାର ପ୍ରକଳ୍ପ ନିର୍ମାଣ କରିବାକୁ ରାଜ୍ୟ ସରକାର ଜମି ଯୋଗାଇଦେଲେ ନାହିଁ। ଫଳରେ ସେହି ପ୍ରକଳ୍ପ ଏଯାଏ ଫାଇଲ ତଳେ ପଡ଼ି ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ବଦଳରେ ରାଜ୍ୟ ବାହାରର ଲୋକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ସବୁଠି ଅଣଓଡ଼ିଆ ଠିକାସଂସ୍ଥା ନିୟୋଜିତ ହେଉଥିବା ଦେଖିବାକୁ ମିଳିଛି। କଳିଙ୍ଗନଗରରେ ଏଯାଏ ବୈଷୟିକ ବିଶ୍ୱବିଦ୍ୟାଳୟ ହୋଇପାରିଲା ନାହିଁ। ସବୁକ୍ଷେତ୍ରରେ ବିଜେଡି ସରକାର ବିଫଳ ହୋଇଛି। ତେଣୁ ଭାଜପା ସରକାର ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ସଂଯୋଜକ କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ଏବଂ ଦୁର୍ନୀତି ସମ୍ପର୍କରେ ଆଲୋକପାତ କରିଛନ୍ତି।

# ବିଜେଡିରେ ରାଇରଙ୍ଗପୁର ଜେଏମ୍‌ଏମ୍ ନେତା, କର୍ମୀ

ଭୁବନେଶ୍ୱର,୨୬।୫ (ଅନିଲ ଦାସ)

ମୟୂରଭଞ୍ଜ ଜିଲା ଅନ୍ତର୍ଗତ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଜେଏମ୍‌ଏମ୍‌ର ବହୁ ନେତା ଓ କର୍ମୀ ରବିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ପାତ୍ର ଉପଢୌକନ ଦିଆଯାଇ ସ୍ୱାଗତ କରାଯାଇଛି। ଜେଏମ୍‌ଏମ୍‌ର ନେତା ଓ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଜେଏମ୍‌ଏମ୍ ନେତା ସ୍ୱରୂପ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବେ। ଦଳରେ ସେ ଓ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ ଜେଏମ୍‌ଏମ୍ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିକାଶ ମହାନ୍ତ, ମୁକୁନ୍ଦର ମହାନ୍ତ, ଯାକବ୍ଦୁ ସୋରେନ, ରାଜା କାରୁଆ, ଶିବ ମହାନ୍ତ, ହରମୋହନ ମହାନ୍ତ, ଅସିତ୍ ମହାନ୍ତ, ରାଜକିଶୋର ମହାନ୍ତ, ସୁମନ୍ତ ଦାସ, ବଳରାମ ମୁର୍ମୁ, ତୁଷାର ମହାନ୍ତଙ୍କ ସହ ଶତାଧିକ ଜେଏମ୍‌ଏମ୍ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ବିଜେଡି ୮୦ରୁ ୮୫ ଆସନରେ ବିଜୟ ହାସଲ କରିସାରିଛି: ପାଣ୍ଡିଆନ

ଭୁବନେଶ୍ୱର,୨୬।୫ (ଅନିଲ ଦାସ)

ବିଜେଡି ଉଭୟ ଲୋକ ସଭା ଓ ବିଧାନସଭାରେ ୮୦ରୁ ୮୫ ପ୍ରତିଶତ ଆସନରେ ବିଜୟ ହାସଲ କରିସାରିଛି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଓ ଲୋକଙ୍କ ଆଶୀର୍ବାଦରେ ବିଜେଡି ବଡ଼ ବିଜୟ ହାସଲ କରି ସରକାର ଗଠନ କରିବ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ବିଜେଡି ସରକାର ଗଠନ କରିସାରିଛି। ଭୁବନେଶ୍ୱରରେ ରେକର୍ଡ ମତଦାନ ହୋଇଛି। ମଧ୍ୟବିତ୍ତଙ୍କ ପାଇଁ ଯୋଜନା ଓ ଯୁବ ବଜେଟ ଲୋକଙ୍କ ହୃଦୟକୁ ଛୁଇଁଛି। ସବୁଠି ବିଜେଡି ସପକ୍ଷରେ ଜନମତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ମଧ୍ୟବିତ୍ତଙ୍କ ପ୍ଲାନ ଯୋଗୁ ଭୋଟ ହାର ବଢ଼ିଛି। ସେହିପରି ଇଣ୍ଡିଆ ମେଣ୍ଟ ସହ ଆଲୋଚନା ସମ୍ପୂର୍ଣ୍ଣ ମିଛ ବୋଲି ପାଣ୍ଡିଆନ କହିଛନ୍ତି।

# ୪୦ ହଜାର ବଙ୍ଗୀୟ ଭୋଟରଙ୍କ ଉପରେ ସମସ୍ତଙ୍କ ନଜର

ମହାକାଳପଡ଼ା,୨୬।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମହାକାଳପଡ଼ା ବ୍ଲକର ୩୧ ଓ ମାର୍ଶାଘାଇ ବ୍ଲକର ୧୭ ପଞ୍ଚାୟତକୁ ମିଶାଇ ମୋଟ ୪୮ ପଞ୍ଚାୟତରେ ୨ ଲକ୍ଷ ୫୩ ହଜାରରୁ ଅଧିକ ଭୋଟର ରହିଛନ୍ତି। ତେବେ ସମୁଦ୍ରକୂଳିଆ ପଞ୍ଚାୟତ ଭାବେ ପରିଚିତ ବତୀଘର, ଖରିନାଶି, ରାମନଗର, ଜମ୍ବୁ, ସୁନିତି, ନାଞ୍ଚୁରା, କେବି ଦାଣ୍ଡୁଆ, ବଉଳକଣି, ପେଟଛେଲା ଆଦି ପଞ୍ଚାୟତରେ ୪୦ ହଜାରରୁ ଅଧିକ ବଙ୍ଗୀୟ ଭୋଟର ରହିଛନ୍ତି। ଏହି ଭୋଟକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅଣ୍ଟା ଭିଡ଼ିଛନ୍ତି।

ଏହି ପଞ୍ଚାୟତରେ ଶାସକ ଦଳର ପ୍ରଭାବ ଥିବାବେଳେ କଂଗ୍ରେସ ଓ ଭାଜପାର ନେତାମାନେ ତୁହାକୁ ତୁହା ବୈଠକ କରୁଛନ୍ତି। ଏହି ଅଞ୍ଚଳରେ ବହୁସଂଖ୍ୟାରେ ଗରିବ, ଖଟିଖିଆ, କୃଷକ, ମୂଲିଆ, ଆଦିବାସୀ ଓ ମତ୍ସ୍ୟଜୀବୀ ରହିଛନ୍ତି। ୨୦୦୯ରୁ କ୍ରମାଗତ ବିଜୟୀ ହୋଇଆସୁଥିବା ବିଜେଡିର ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଥର ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପା ପ୍ରାର୍ଥୀ ଯୁବ ନେତା ଦୁର୍ଗା ପ୍ରସନ୍ନ ନାୟକ ଓ କଂଗ୍ରେସର ନବାଗତ ଯୁବପ୍ରାର୍ଥୀ ଲୋକନାଥ ମହାରଥୀ। ବିଜେଡି ବିଧାୟକ ପ୍ରାର୍ଥୀ ନାୟକ ୨୪ ବର୍ଷର ରାଜନୈତିକ ଅନୁଭୂତିକୁ ପାଥେୟକରି ଗୋଟିଚାଳନା କରୁଛନ୍ତି। ସେହିପରି ନବାଗତ ଭାଜପା ପ୍ରାର୍ଥୀ ନାୟକ ଓ କଂଗ୍ରେସ ପ୍ରାର୍ଥୀ ମହାରଥୀ ମଧ୍ୟ ମାପି ଚୁପି ଗୋଟିଚାଳନା କରୁଛନ୍ତି। ପ୍ରାର୍ଥୀମାନେ ସନ୍ଧ୍ୟାହେଲେ ସେମାନଙ୍କ ଦଳର କର୍ମୀମାନଙ୍କୁ ନେଇ ଛୋଟ ବଡ଼ ବୈଠକ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ମହିଳା ଗୋଷ୍ଠୀର ସଦସ୍ୟମାନେ ନିଜ ନିଜ ସପକ୍ଷ ପ୍ରାର୍ଥୀମାନଙ୍କ ପାଇଁ ବୈଠକ କରୁଥିବା ନଜରକୁ ଆସିଛି। ପ୍ରବାସରେ ଥିବା ବ୍ୟକ୍ତି, କାମଧନ୍ଦା କରିବାକୁ ଯାଇଥିବା ଭୋଟରମାନେ ଏବେଠୁ ଘରବାହୁଡ଼ା କରୁଥିବା ଦେଖିବାକୁ ମିଳୁଛି।


ବିଜେଡି ପ୍ରାର୍ଥୀ
ଅତନୁ ସବ୍ୟସାଚୀ ନାୟକ।


କଂଗ୍ରେସ ପ୍ରାର୍ଥୀ
ଲୋକନାଥ ମହାରଥୀ।


ଭାଜପା ପ୍ରାର୍ଥୀ
ଦୁର୍ଗା ପ୍ରସନ୍ନ ନାୟକ।

# ରାଜଧାନୀରେ ବଢ଼ିଲା ମତଦାନ ହାର

ଭୁବନେଶ୍ୱର,୨୬।୫(ଅନିଲ ଦାସ)

ଚଳିତ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ସହରାଞ୍ଚଳରେ ମତଦାନ ହାର ବୃଦ୍ଧି ପାଇଛି। ପୂର୍ବରୁ ମତଦାନ ହାର ୫୦% ଛୁଉଁ ନ ଥିବା ବେଳେ ଚଳିତ ନିର୍ବାଚନରେ ୧୦%ରୁ ଊର୍ଦ୍ଧ୍ୱ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରରେ ୬୪.୪୯% ମତଦାନ ହୋଇଛି। ଭୁବନେଶ୍ୱରର ଏକାମ୍ର, ମଧ୍ୟମ ଓ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନ ତୁଳନାରେ ମତଦାନ ହାର ବୃଦ୍ଧି ପାଇଛି। ୨୦୧୯ରେ ଭୁବନେଶ୍ୱର ମଧ୍ୟମ ନିର୍ବାଚନମଣ୍ଡଳୀରେ ମତଦାନ ହାର ୪୩.୨୫% ଥିବା ବେଳେ ୨୦୨୪ ନିର୍ବାଚନରେ ୫୧.୨୮%, ଉତ୍ତର ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୪୫.୩୯% ଓ ୫୩.୯୩% ଏବଂ ଏକାମ୍ର ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୪୭.୬୪% ଏବଂ ୫୬.୪୨% ମତଦାନ ହୋଇଛି। ମତଦାନ ହାର ବୃଦ୍ଧି ପାଇଥିବାରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସହରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଭାଜପା ଶାସିତ ରାଜ୍ୟଠାରୁ ଓଡ଼ିଶାରେ ବିଜୁଳି ଦର କମ୍: ବିଜେଡି

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ଓଡ଼ିଶାର ବିଜୁଳି ଦର ଭାଜପା ଶାସିତ ରାଜ୍ୟଗୁଡ଼ିକଠାରୁ କମ୍। ମାତ୍ର ଅପରପକ୍ଷରେ ଭାଜପାର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ମିଥ୍ୟା ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ପରିବେଷଣ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ କିଛି ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାରେ ବିଜୁଳି ଉତ୍ପାଦନ ମୁଖ୍ୟତଃ ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ ସଂସ୍ଥା ଯଥା ଏନଟିପିସି ଦ୍ୱାରା କରାଯାଇଥାଏ। ଭାରତ ସରକାରଙ୍କ ନିୟମ ଅନୁଯାୟୀ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଜୁଳି ମଧ୍ୟରୁ ବଳକା ବିଜୁଳି ଜାତୀୟ ଗ୍ରୀଡ଼କୁ ପ୍ରଦାନ କରାଯାଇଥାଏ ବୋଲି କଟକ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର କହିଛନ୍ତି।

ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂତୃପ୍ତ କହିଛନ୍ତି ଯେ, ସେଣ୍ଟ୍ରାଲ ଇଲେକଟ୍ରିସିଟି ରେଗୁଲେଟୋରି କମିଶନ (ସିଇଆରସି) ଏହାକୁ ବିଭିନ୍ନ ବିଦ୍ୟୁତ ନିଅଣ୍ଟିଆ ରାଜ୍ୟକୁ ସେମାନଙ୍କ ଚାହିଦା ଅନୁଯାୟୀ ପ୍ରଦାନ କରିଥାଏ। ଏହି ସଂସ୍ଥା ଦ୍ୱାରା ବିଦ୍ୟୁତ୍ ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଓଡ଼ିଶାରେ ଏନଟିପିସି ମାଧ୍ୟମରେ ପ୍ରାୟ ୪୬୦୦ ୟୁନିଟ ବିଜୁଳି ଉତ୍ପାଦନ ହେଉଥିବା ବେଳେ ଓଡ଼ିଶାକୁ ମାତ୍ର ୧୩୫୮ ୟୁନିଟ ବିଜୁଳି ମିଳିଥାଏ। ବଳକା ବିଜୁଳି ସିଇଆରସି ମାଧ୍ୟମରେ ଅନ୍ୟ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥାଏ। କେଉଁ ରାଜ୍ୟକୁ କେତେ ବିଜୁଳି ଦିଆଯିବ ଓ ଏହାର ୟୁନିଟ ପିଛା ମୂଲ୍ୟ କେତେ ରହିବ ତାହା ସିଇଆରସି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ, ଭାଜପାର ଶୀର୍ଷ ନେତୃତ୍ୱଙ୍କ କରାଯାଇଥିବା ଅଭିଯୋଗ ଯଥା ଓଡ଼ିଶା ଦ୍ୱାରା ତାମିଲନାଡୁକୁ ଶସ୍ତା ଦରରେ ବିଜୁଳି ଯୋଗାଣ, କେବଳ ମିଥ୍ୟା ଓ କପୋଳକଳ୍ପିତ ନୁହେଁ ବରଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ। ଜାଣିଶୁଣି ନିର୍ବାଚନୀ ସଭାରେ ଏପରି ମିଥ୍ୟା ତଥ୍ୟ ପ୍ରଦାନ କରି କିଛି ଭୋଟ ହାତେଇବା ହେଉଛି ସେମାନଙ୍କ ଉଦ୍ଦେଶ୍ୟ। ଓଡ଼ିଶାରେ ଲାଗୁ ହୋଇଥିବା ବିଜୁଳି ଦର ଭାଜପା ଶାସିତ ରାଜ୍ୟଗୁଡିକ ତୁଳନାରେ କମ୍। ଓଡ଼ିଶାରେ ପ୍ରତି ୟୁନିଟ ବିଜୁଳି ୪ ଟଙ୍କା ୬୨ ପଇସାରେ ମିଳୁଥିବା ବେଳେ ମଧ୍ୟପ୍ରଦେଶରେ ଏହା ୫ ଟଙ୍କା ୭୩ ପଇସା, ଆସାମରେ ଏହା ୭ ଟଙ୍କା ୮୦ ପଇସା, ରାଜସ୍ଥାନରେ ଏହା ୮ ଟଙ୍କା ୩୮ ପଇସା, ବିହାରରେ ଏହା ୯ ଟଙ୍କା ୮୭ ପଇସା, ମହାରାଷ୍ଟ୍ରରେ ଏହା ୬ ଟଙ୍କା ୭୪ ପଇସା ଓ ଉତ୍ତରପ୍ରଦେଶରେ ଏହା ୯ ଟଙ୍କା ୮୮ ପଇସାରେ ମିଳୁଛି। ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଦ୍ରୁତ ଗତିରେ ଶିଳ୍ପାୟନ ହେଉଥିବାରୁ ବିଜୁଳି ଆବଶ୍ୟକତା ବି ବଢୁଛି ବୋଲି ସଂତୃପ୍ତ କହିଛନ୍ତି।

# ପ୍ରଧାନମନ୍ତ୍ରୀ ମାନସିକ ରୋଗରେ ପୀଡ଼ିତ: ଅଜୟ କୁମାର


କଂଗ୍ରେସଭବନଠାରେ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଓ ଅନ୍ୟ ଦଳୀୟ ନେତା।

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ପରାଜୟ ଭୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନସିକ ସ୍ଥିତି ହରାଇ ବସିଲେଣି। ସେଥିପାଇଁ ସେ ଅତ୍ୟନ୍ତ ନିମ୍ନରୁଚିର କଥାବାର୍ତ୍ତା କରୁଛନ୍ତି। ଆଶାରାମ ବାପୁ, ରାମ ରହିମଙ୍କ ଭଳି ଭଣ୍ଡ ବାବାଙ୍କ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିଜକୁ ଆତ୍ମଘୋଷିତ ଦିବ୍ୟ ପୁରୁଷ ବନାଇ ସାରିଲେଣି। ଏପରିକି ସେ ନିଜକୁ ଭଗବାନ ଭାବି ଲୋକଙ୍କୁ ଦିବ୍ୟ ସନ୍ଦେଶ ଦେବାକୁ ଯାଇ ଅତ୍ୟନ୍ତ ନିମ୍ନସ୍ତରର କଥା କହୁଛନ୍ତି, ଯାହାକି ଦେଶର ଜଣେ ପ୍ରଧାନମନ୍ତ୍ରୀଙ୍କ ମୁହଁରେ ଶୋଭନୀୟ ନୁହେଁ। ବିଭିନ୍ନ ସଭାସମିତି ଓ ଗଣମାଧ୍ୟମରେ ତାଙ୍କର କଥାବାର୍ତ୍ତା ଓ ଭାଷଣରୁ ଜଣାପଡୁଛି ଯେ, ସେ ମାନସିକ ରୋଗରେ ପୀଡ଼ିତ। ତାଙ୍କର ତୁରନ୍ତ ଚିକିତ୍ସା ଆବଶ୍ୟକ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

ରବିବାର କଂଗ୍ରେସ ଭବନଗଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି ଯେ, ମୋଦି ମଟନ, ମସଜିଦ୍, ମାଛ, ମୁଜୁରା ଓ ମଙ୍ଗଳସୂତ୍ର ଆଦି ଶବ୍ଦକୁ ନେଇ ଯେଭଳି ଭାଷଣ ଦେଉଛନ୍ତି, ତାହା ତାଙ୍କର ନିମ୍ନ ମାନସିକତାକୁ ଦର୍ଶାଉଛି। ଅନ୍ୟପଟେ ସବୁବେଳେ ନିଜକୁ ଭଗବାନ ରାମଙ୍କ ବଡ଼ ଭକ୍ତ ବୋଲି ପ୍ରଚାର କରିଆସୁଥିବା ଭାଜପାର ଲୋକମାନେ ମୋଦିଙ୍କୁ ଭଗବାନ ରାମଙ୍କଠାରୁ ବଡ଼ ବୋଲି ଭାବିଲେଣି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ପୁରୀର ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ କଥାରୁ ଏହା ଜାଣି ହେଉଛି। ସ୍ୱାଧୀନତା ପରଠାରୁ ଅଦ୍ୟାବଧି ଏଭଳି ନିମ୍ନସ୍ତରର ରାଜନୀତି କୌଣସି ବ୍ୟକ୍ତି କରିନାହାନ୍ତି ବୋଲି ଅଜୟ କହିଛନ୍ତି।

**ଔପଦା ବିଜେଡି ବ୍ଲକ ସଭାପତି ନିଲମ୍ବିତ**

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ସଭାପତି ଅଶୋକ କୁମାର ପ୍ରଧାନଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ରବିବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସେହିପରି ଶୁଭମ୍ ସାଇ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡିକୁ ଚିନ୍ତା ନିମାପଡ଼ା, ଚାନ୍ଦବାଲି

ଭୁବନେଶ୍ୱର,୨୬।୫(ଅନିଲ ଦାସ)

ରାଜ୍ୟରେ ଆସନ୍ତା ଜୁନ ୧ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ହେବାକୁ ଥିବା ଭଦ୍ରକ ଜିଲାର ଚାନ୍ଦବାଲି ଓ ନିମାପଡା ବିଧାନସଭା ଆସନ ବିଜେଡି ପାଇଁ ଚିନ୍ତାର କାରଣ ହୋଇଛି। ନିମାପଡ଼ାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ଭାଜପାକୁ ଯିବା ପରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଏହି ଆସନରେ ବିଜେଡି ଦିଲ୍ଲୀପ ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପାରୁ ପ୍ରଭାତୀ ପରିଡ଼ା ଏବଂ କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନ ଲାଗି ବିଜେଡି ୮ ନେତାଙ୍କୁ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ସୁଭାଶିଷ ଖୁଣ୍ଟିଆ, ଉମାକାନ୍ତ ସାମନ୍ତରାୟ, ରୁଦ୍ର ପ୍ରତାପ ମହାରଥୀ, ରମା ରଞ୍ଜନ ବଳିଆରସିଂହ, ସଂଗ୍ରାମ ପାଇକରାୟ, କମଳ ପାତ୍ର, ସୁନୀଲ ମହାନ୍ତି ଓ ଦିବାକର ପାତ୍ର। ସମୀର କାଳେ ସମୀକରଣ ବଦଳାଇ ଦେବେ ଓ ନିମାପଡ଼ା ଆସନ ଭାଜପା ଖାତାକୁ ଚାଲିଯିବ ଏବେ ବିଜେଡିକୁ ସେହି ଚିନ୍ତା ଘାରିଛି। ବିଜେଡି ଟିକେଟରୁ ୩ ତିନି ଥର ବିଧାୟକ ହୋଇଥିବା ସମୀରଙ୍କୁ ଦଳ ଏଥର ଭରସା କରି ନ ଥିଲା। ସେଥିପାଇଁ ସମୀର ଅସନ୍ତୁଷ୍ଟ ଥିଲେ। ଅନେକ ହଜାର କର୍ମୀଙ୍କୁ ନେଇ ବାରମ୍ବାର ଶକ୍ତି ପ୍ରଦର୍ଶନ କରି ବିଜେଡି ପ୍ରାର୍ଥୀ ବଦଳାଇବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏଥିରେ ସେ ସଫଳ ହୋଇ ପାରି ନ ଥିଲେ। ଶେଷରେ ସେ ଭାଜପାରେ ଯୋଗ ଦେଇଥିଲେ। ସମୀର ଭାଜପାରେ ଯୋଗ ଦେବା ପରେ ପ୍ରଭାତୀଙ୍କ ବିଜୟ ସମ୍ଭାବନା ବଢ଼ି ଯାଇଥିବା ନେଇ ଆଲୋଚନା ହେଉଛି। ସମୀରଙ୍କୁ ଚେକ ଦେବାକୁ ବିଜେଡିର ଏହି ୮ ନିର୍ବାଚନ ସଂଯୋଜକ ଏବେ ନିର୍ବାଚନ ମଣ୍ଡଳୀରେ ଡେରା ପକାଇ ସାରିଲେଣି। ଯଦି ଭାଜପା ପ୍ରାର୍ଥୀ ବିଜୟୀ ହୁଅନ୍ତି ତେବେ ସମସ୍ତ ଶ୍ରେୟ ସମୀରଙ୍କୁ ଯାଇ ପାରେ। ସମୀର ମଧ୍ୟ ନିଜର ପତିଆର ବଜାୟ ରଖିବାକୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ପଣ କରିଥିବା କୁହାଯାଉଛି। ସେଠାରେ ଭାଜପା ଓ ବିଜେଡି ମଧ୍ୟରେ ରୋଚକ ଲଢେଇ ହେବାକୁ ଯାଉଛି।

ଅନ୍ୟ ପକ୍ଷରେ ଭଦ୍ରକ ଜିଲାର ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟ ବିଜେଡି ଓ ଭାଜପା ପାଇଁ ସମ୍ମାନର ବିଷୟ ହୋଇଛି। ଏଠାରେ ବିଜେଡିରୁ ବ୍ୟୋମକେଶ ରାୟ ଓ ଭାଜପାରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମଧ୍ୟରେ କଡା ଟକ୍କର ହେଉଛି। ଭାଜପା ପାଇଁ ଏହି ଆସନ ସମ୍ମାନର ବିଷୟ ହୋଇଥିବା ବେଳେ ବିଜେଡି ଏହାକୁ ହରାଇବାକୁ ଚାହୁଁ ନାହିଁ। ମନମୋହନ ମଧ୍ୟ ଏହି ଆସନରୁ ବିଜୟୀ ହେବାକୁ ସମସ୍ତ କଳ, ବଳ କୌଶଳ ଖଟାଉଛନ୍ତି। ଅନ୍ୟ ପକ୍ଷରେ ଏହି ଆସନକୁ ହାତଛଡା ନ କରିବାକୁ ବିଜେଡି ମଧ୍ୟ ନୂତନ ରଣ କୌଶଳ ଆପଣାଇଛି। ଏହି ନିର୍ବାଚନ ମଣ୍ଡଳୀ ପାଇଁ ୮ ଜଣଙ୍କୁ ନିର୍ବାଚନ ସଂଯୋଜକ ନିଯୁକ୍ତ କରିଛି। ସେମାନେ ହେଲେ ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ଜଗନ୍ନାଥ ନାୟକ, ମାଧବ ସର୍ଦ୍ଦାର, ପ୍ରକାଶ ଚନ୍ଦ୍ର ବେହେରା, ଦେବପ୍ରିୟ ପାତ୍ର ଏବଂ ରାକେଶ ରାମ। ଏହି ସଂଯୋଜକମାନେ ଚାନ୍ଦବାଲିରେ ଡେରା ପକାଇବା ଆରମ୍ଭ କରି ଦେଇଛନ୍ତି।

# ନିଃସର୍ତ୍ତ ନ ଛାଡ଼ିଲେ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଭାଜପା ନେତୃବୃନ୍ଦ।

## ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫ ନେଇ ଭାଜପାର ଚେତାବନୀ

ଖୋର୍ଦ୍ଧା,୨୬।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରିକୁ ବିରୋଧ କରିଛି ଭାଜପା। ରବିବାର ପଲ୍ଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଲୋକ ସଭା ପ୍ରଭାରୀ ଜୀବନ ସାହୁ କହିଛନ୍ତି, ଜଗଦ୍ଦେବଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ଯଦି ସେ ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା କରିଛନ୍ତି, ସିସିଟିଭି ଫୁଟେଜ୍ ସାର୍ବଜନୀନ କରାଯାଉ। ସତ କ'ଣ ଜନତା ଜାଣିବା ଆବଶ୍ୟକ। ସୋମବାର ସକାଳ ୭ଟା ସୁଦ୍ଧା ଜଗଦ୍ଦେବଙ୍କୁ ନିଃସର୍ତ୍ତ ଛଡ଼ା ନ ଗଲେ ପୂର୍ବାହ୍ନ ୧୦ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଜାତୀୟ ରାଜପଥ ଅବରୋଧ କରାଯିବ। ଆବଶ୍ୟକ ପଡ଼ିଲେ ଖୋର୍ଦ୍ଧା ଜିଲା ବନ୍ଦ ଡାକରା ଦିଆଯିବ ବୋଲି ଜୀବନ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ଜଗଦ୍ଦେବଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ କୌଣସି ତଦନ୍ତ କରା ନ ଯାଇ କିପରି ପୋଲିସ ଗଜଦ୍ଦେବଙ୍କୁ ଗିରଫ କରି ଜେଲକୁ ପଠାଇଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣେ ଡିଏସ୍‌ପି ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଏନେଇ ତାଙ୍କ ବିରୋଧରେ ଭାରତର ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଛି। ବିରୋଧୀ ଦଳର ପ୍ରରୋଚନାରେ ଜଗଦ୍ଦେବଙ୍କୁ ବଦନାମ୍ କରିବା ପାଇଁ କେତେଜଣ ଯୁବକ ବୁଥ୍ ଭିତରେ ପଶି ଗଣ୍ଡଗୋଳ କରିବା ସହ ଇଭିଏମ୍ ଫିଙ୍ଗି ଦେଇଥିଲେ। ତେବେ ସେହି ସମୟରେ ଜଗଦ୍ଦେବ ବିଧାୟକ ପାଇଁ ଭୋଟ ଦେଇସାରିବା ପରେ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ପୋଲିଂ ଅଧିକାରୀଙ୍କୁ ଚିରକୁଟ୍ ଦେବା ସମୟରେ କଥାବାର୍ତ୍ତା ହେଉଥିବା ବେଳେ ଏହାକୁ ବୁଥ୍‌ରେ ଉତ୍ତେଜନା ରୂପ ଦିଆଯାଇଛି ବୋଲି ଲୋକ ସଭା ପ୍ରଭାରୀ ସାହୁ କହିଛନ୍ତି। ସେହିପରି ଏହି ଘଟଣାର ସିସିଟିଭି ଫୁଟେଜ ଯାଞ୍ଚ ଓ ତଦନ୍ତ କରାଯାଇ ସାର୍ବଜନୀନ କରାଯାଉ ବୋଲି ଖୋର୍ଦ୍ଧା ବିଧାୟକ ତଥା ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣ୍ଡାଙ୍କୁ ଦଳରେ ସ୍ୱାଗତ କରୁଛି ଭାଜପା: ବିଜେଡି

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)



ଖବରଦାତା ସମ୍ମିଳନୀରେ ସଂତୃପ୍ତ ମିଶ୍ର ଓ ସସ୍ମିତ ପାତ୍ର।

ଗୁଣ୍ଡା, ଜମି ଜବରଦଖଲକାରୀ, ଠକ ଓ କଳାଧନ କାରବାର କରୁଥିବା ଲୋକଙ୍କୁ ଓଡ଼ିଶା ଭାଜପା ନିୟମିତ ଭାବେ ଦଳରେ ସ୍ୱାଗତ କରୁଛି। କେବଳ ସେମାନଙ୍କୁ ସ୍ୱାଗତ କରିନାହିଁ ବରଂ ଟିକେଟ ମଧ୍ୟ ଦେଇଛି ବୋଲି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଶଙ୍ଖଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ଆପରାଧିକ କାର୍ଯ୍ୟକଳାପ ପାଇଁ ବିଜେଡିରୁ ଜଗଦ୍ଦେବ ବହିଷ୍କୃତ ହୋଇଛନ୍ତି। ସେ ଜଣେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି। ଶନିବାର ସେ ଇଭିଏମ୍ ଭାଙ୍ଗି ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଭୁବନେଶ୍ୱର ଲୋକ ସଭାର ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ବୋଲଗଡ଼ର ଏକ ପୋଲିଂ ବୁଥ୍‌ରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହାୟତାରେ ସେ ସେଠାରୁ ଫେରାର ହୋଇଯାଇଥିଲେ, ଯିଏ କି ତାଙ୍କୁ କାର୍‌ରେ ଫେରାର ହେବାକୁ ସାହାଯ୍ୟ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖି ନ ଥିବାରୁ ଜଗଦ୍ଦେବଙ୍କୁ ବେଗୁନିଆରୁ ତାଙ୍କ ସହ ପଳାଇଯିବାକୁ ସୁନିଶ୍ଚିତ କରିଥିଲେ। ଆମେ ଦେଖୁଛୁ ଯେ ନିର୍ବାଚନ ଋତୁରେ ଅନେକ କେନ୍ଦ୍ରୀୟ ନେତା ପର୍ଯ୍ୟଟକ ଭାବେ ଓଡ଼ିଶା ଆସୁଛନ୍ତି ଏବଂ ରାଜ୍ୟ ଭାଜପା ନେତାମାନେ ସେମାନଙ୍କୁ ଦେଇଥିବା ଲେଖାକୁ ଶୁଆ ଭଳି ଦୋହରାଉଛନ୍ତି। ଓଡ଼ିଶା ଭାଜପା ଅପରାଧୀଙ୍କୁ ସ୍ୱାଗତ କରି ଟିକେଟ ଦେବାର ନୀତି ବିଷୟରେ ସେମାନେ ବୋଧହୁଏ ଅଜ୍ଞ। ଏହି କେନ୍ଦ୍ରୀୟ ନେତାମାନେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହୁଛନ୍ତି। ଏହା ଶୁଣି ସମଗ୍ର ରାଜ୍ୟବାସୀ ହସୁଛନ୍ତି। କାରଣ ଦୁଇ କେନ୍ଦ୍ରୀୟ ନେତା କେନ୍ଦ୍ରାପଡ଼ାରେ ପ୍ରଚାର କରି ଜମି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଛନ୍ତି ବୋଲି କହିବା ସହ ବୈଜୟନ୍ତ ପଣ୍ଡାଙ୍କ ପାଇଁ ଭୋଟ ମାଗିଥିଲେ। ଆଜି ଜମି ଜବରଦଖଲକାରୀଙ୍କ ମଧ୍ୟରେ ବୈଜୟନ୍ତ ସବୁଠୁ ଆଗରେ ଅଛନ୍ତି। ତାଙ୍କ କମ୍ପାନୀ ଅନୁସୂଚିତ ଜାତିର ଲୋକଙ୍କଠାରୁ ବେଆଇନ ଭାବେ ଜମି ଜବରଦଖଲ କରିଛି। ଏଥିପାଇଁ ତାଙ୍କ ବିରୋଧରେ ଏକ ମାମଲା ମଧ୍ୟ ରହିଛି। ସେହିଭଳି ତାଙ୍କ ମାଲିକାନାରେ ଥିବା ଟିଭି ଚ୍ୟାନେଲ ସରକାରୀ ଜମିକୁ ଜବରଦଖଲ କରିଛି। ବୈଜୟନ୍ତଙ୍କୁ ଦଳରୁ ହଟାଇ ଦେଇଥିଲା ବିଜେଡି। କିନ୍ତୁ ଭାଜପା ତାଙ୍କୁ ନିଜ ଦଳରେ ସାମିଲ କରିଛି। ସେମାନେ ନିଜ ଦଳର ନେତାଙ୍କୁ ଅବହେଳା କରିଥିଲେ ଏବଂ ଓଡ଼ିଶା ଭାଜପା ଏହି ଜମି ଜବରଦଖଲକାରୀଙ୍କୁ ଟିକେଟ୍ ଦେଇଥିଲେ। ଭାଜପା ଏମିତି ଏକ ଦଳ ଯିଏ ଗୁଣ୍ଡା, ଜମି ଦଖଲକାରୀ, ଠକ ଏବଂ କଳାଧନ କାରବାର କରୁଥିବା ଲୋକଙ୍କୁ ଖୋଲା ହୃଦୟରେ କୋଳେଇ ନେବା ସହିତ ଦଳୀୟ ଟିକେଟ ଦେଇଥାଏ ବୋଲି ସସ୍ମିତ କହିଛନ୍ତି।

## ଶୁଭମ୍ ସାଇ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ଶୁଭମ୍ ସାଇ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଦଳ ପକ୍ଷରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ୱଳିତ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ଖରାପ ପାଗ ଯୋଗୁ ୫ ନିର୍ବାଚନମଣ୍ଡଳୀରେ ପ୍ରଚାର କରିପାରିଲେନି ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମୟୂରଭଞ୍ଜ ଲୋକ ସଭା କ୍ଷେତ୍ରର ୬ଟି ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଆୟୋଜିତ 'ବିଜୟ ସଂକଳ୍ପ ସଭା' ସମେତ ବାରିପଦା ସହରରେ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଖରାପ ପାଗ ଯୋଗୁ ୫ଟି ନିର୍ବାଚନମଣ୍ଡଳୀ ଯଥା ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ସାରସକଣା ଓ ଉଦଳାରେ ହେବାକୁ ଥିବା ନିର୍ବାଚନସଭାରେ ସେ ଯୋଗ ଦେଇପାରିଲେ ନାହିଁ। କେବଳ ସଡକପଥରେ ଯାଇ ମୋରଡ଼ାରେ ବିଜୟ ସଂକଳ୍ପ ସଭା ଓ ବାରିପଦାରେ ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କାର୍ଯ୍ୟକ୍ରମ କରିଛନ୍ତି। ଯେଉଁ ସଭାରେ ଯୋଗ ନ ଦେଇପାରିବେ ସେନେଇ ଧର୍ମେନ୍ଦ୍ର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ଖରାପ ପାଗ ଯୋଗୁ ମୟୂରଭଞ୍ଜର ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ସାରସକଣା ଓ ଉଦଳାରେ ହେବାକୁ ଥିବା ଦଳର 'ବିଜୟ ସଂକଳ୍ପ ସଭା'ରେ ଯୋଗଦେଇ ପାରୁନାହିଁ। ଏଥିପାଇଁ ସେ ଦୁଃଖିତ। ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି।

# 'ଦୁଇ ତୃତୀୟାଂଶ ଆସନ ଜିତି ସରକାର ଗଢ଼ିବ ଭାଜପା'



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ ସଂଦେଓ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ଓଡ଼ିଶାରେ ୩ୟ ପର୍ଯ୍ୟାୟ ନିର୍ବାଚନ ସରିଛି। ଏଥର ଭାଜପା ଦୁଇ ତୃତୀୟାଂଶ ଆସନ ଜିତି ସରକାର ଗଢ଼ିବାକୁ ଯାଉଛି ବୋଲି ଗଣମାଧ୍ୟମ ଏବଂ ଜନମତର ଆଭିମୁଖ୍ୟରୁ ଜଣାପଡ଼ିଛି। ଜୁନ୍ ୪ରେ ଏହା ସ୍ପଷ୍ଟ ହୋଇଯିବ। ଆହୁରି ଗୋଟିଏ ପର୍ଯ୍ୟାୟ ନିର୍ବାଚନ ବାକିଥିବା ସତ୍ତ୍ୱେ ସରକାର ଗଢ଼ିବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ଭାଜପା ହାସଲ କରିପାରିଛି ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି କନକବର୍ଦ୍ଧନ ସିଂ ଦେଓ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ବିଜେଡି ସରକାର ୨୪ଟି କମିଶନ ବସାଇଥିଲେ। ମାତ୍ର କୌଣସି ଗୋଟିଏର ତଦନ୍ତ ରିପୋର୍ଟ ଲୋକଲୋଚନକୁ ନ ଆଣି ଚାପି ଦେଇଥିଲେ। ଏହି କମିଶନ ପାଇଁ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପ୍ରତି କମିଶନରେ ୩ରୁ ୪ କୋଟି ଟଙ୍କା ହିସାବରେ ୨୪ଟି କମିଶନ ପାଇଁ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ଦୁଃଖର ବିଷୟ, ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଜେଡି ସରକାର କ୍ୟାବିନେଟ୍ କିମ୍ବା ବିଧାନସଭାକୁ ନେଇ ନ ଥିଲା। ରାଜ୍ୟରେ ଭାଜପା ସରକାର ଆସିଲେ ଯେଉଁ ୨୪ଟି କମିଶନ ବସାଯାଇଥିଲା ତା'ର ରିପୋର୍ଟ ସାର୍ବଜନୀନ କରାଯିବ। ରତ୍ନଭଣ୍ଡାର ପ୍ରସଙ୍ଗରେ ହାଇକୋର୍ଟର ନିର୍ଦ୍ଦେଶ ପରେ ବି ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନାହିଁ। ଭାଜପା ସରକାର ହେଲେ ରତ୍ନଭଣ୍ଡାର ତଥ୍ୟ ୩ ମାସ ମଧ୍ୟରେ ସାର୍ବଜନୀନ କରାଯିବ। ଏହାର ଚାବି କୁଆଡ଼େ ଗଲା ତାହାର ମଧ୍ୟ ତଦନ୍ତ କରାଯାଇ ଜନସାଧାରଣଙ୍କୁ ଅବଗତ କରାଯିବ। ୨୦୦୯ ଓ ୨୦୧୦ରେ ଏହି ଦୁର୍ନୀତି ଭାଜପା ପ୍ରଥମେ ବିଧାନସଭାରେ ଉଠାଇଥିଲା। ମାତ୍ର ରାଜ୍ୟ ସରକାର ସେତେବେଳେ ଏହି ପ୍ରସଙ୍ଗକୁ ଚାପି ଦେବାକୁ ସମ୍ପୂର୍ଣ୍ଣ ଚେଷ୍ଟା କରିଥିଲେ। ଏହି ଦୁର୍ନୀତି ୨ ପ୍ରକାର ଥିଲା। ଗୋଟିଏ ହେଲା ଯେଉଁମାନେ ଲିଜ୍‌ରେ ଖଣି ନେଇଥିଲେ, ସେମାନେ ଅବଧି ସରିଗଲା ପରେ ପୁନଃ ପଞ୍ଜୀକରଣ ପାଇଁ ଆବେଦନ କରି ଖଣି ବିଭାଗକୁ ନିଜ ପ୍ଲାନ ଦେଖାଇ ଖନନ କାର୍ଯ୍ୟ କରୁଥିଲେ। ଅନ୍ୟଟି ହେଲା, ଖଣି ଲିଜ୍ ନ ଥାଇ ମଧ୍ୟ କେତେ ଜଣ ଖଣିରୁ ଲଗାତର ଚୋରି କରୁଥିଲେ। ଏନେଇ ଶାହା କମିଶନ ବସାଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟରେ ଆସି ନ ଥଲା। ଏହି କେଲେଙ୍କାରୀ ପ୍ରସଙ୍ଗକୁ ଭାଜପା ପୁଣିଥରେ ଲୋକଲୋଚନକୁ ଆଣି ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବ। ସେହିପରି ଚିଟ୍‌ଫଣ୍ଡ ଦୁର୍ନୀତିରେ ହିତାଧିକାରୀମାନେ ହରାଇଥିବା ଟଙ୍କା ଫେରାଇବାକୁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗରେ ସେତେବେଳେ କହିଥିଲେ, ଚିଟ୍‌ଫଣ୍ଡ ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ଯେଉଁମାନେ ଚିଟ୍‌ଫଣ୍ଡରେ ଟଙ୍କା ହରାଇଛନ୍ତି ସେମାନଙ୍କୁ କର୍ପସ ଫଣ୍ଡରୁ ଟଙ୍କା ଫେରସ୍ତ କରାଯିବ। ମାତ୍ର ଏହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ଥିଲା। ଏହି କର୍ପସ ଫଣ୍ଡ ଟଙ୍କା କୁଆଡ଼େ ଗଲା ତାହାର ତଦନ୍ତ କରାଯାଇ ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କନକବର୍ଦ୍ଧନ କହିଛନ୍ତି।

# 'ହିନ୍ଦୋଳରେ ମହିଳାଙ୍କୁ ବିଜେଡି ବଳପୂର୍ବକ ପ୍ରବର୍ତ୍ତାଇବା ନିନ୍ଦନୀୟ'

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

## ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଡିଜିଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଅପିଲ୍

ଢେଙ୍କାନାଳ ଜଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଳରେ ବିଜେଡି ନେତା ଜଣେ ମହିଳାଙ୍କୁ ବିଜେଡିକୁ ଭୋଟ୍ ଦେବା ପାଇଁ ବଳପୂର୍ବକ ପ୍ରବର୍ତ୍ତାଇବା ଏବଂ ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୋଲିସ ଡିଜି ସମ୍ପୃକ୍ତ ବିଜେଡି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ 'ଏକ୍ସ'ରେ ଜଣେ ମହିଳାଙ୍କ ପ୍ରତିକ୍ରିୟାର ଏକ ଭିଡିଓକୁ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ୨୫ ବର୍ଷର ନବୀନ ସରକାରରେ ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ନବୀନ ବାବୁଙ୍କ ଶାସନରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଗରିମାର ଏଭଳି ସ୍ଥିତି ହୋଇଛି। ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଳରେ ଘଟିଥିବା ଅଭାବନୀୟ ଘଟଣା ତା'ର ଏକ ଜ୍ୱଳନ୍ତ ପ୍ରମାଣ। ଭୋଟ ଦେବା ସମସ୍ତଙ୍କ ନିଜସ୍ୱ ଅଧିକାର। କିନ୍ତୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ବଳପୂର୍ବକ ବାଧ କରିବା ଏବଂ ପ୍ରତିବାଦ କଲେ ହିଂସାକୁ ଆପଣାଇବା ବିଜେଡି ନେତାଙ୍କ ପୁରୁଣା ଅଭ୍ୟାସ, ଯାହା ଦୁର୍ଭାଗ୍ୟଜନକ। ଗଣତନ୍ତ୍ର ଅଧିକାରକୁ ବଳପୂର୍ବକ ଛଡ଼ାଇ ନେବା ତଥା ମହିଳାଙ୍କ ସମ୍ମାନ ପ୍ରତି ଏପରି ଉଦାସୀନତା ମନୋଭାବ ୨୫ ବର୍ଷ ରିମୋଟ କଣ୍ଟ୍ରୋଲ ସରକାରର ବିଫଳତାର ନମୁନା। ନବୀନ ବାବୁଙ୍କ ପାଖ ଲୋକ ହିଁ ତାଙ୍କୁ ଅସହାୟ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ସହ ବନ୍ଧକ କରି ରଖିଛନ୍ତି। ସେ ଏବେ ଗଣତନ୍ତ୍ରକୁ ବନ୍ଧକ ବନାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ମାତୃଶକ୍ତିଙ୍କ ପ୍ରତି ଏଭଳି ଉପେକ୍ଷା ଏବଂ ଅଶାଳୀନ ବ୍ୟବହାରକୁ ଓଡ଼ିଶା ଲୋକମାନେ କେବେ ବରଦାସ୍ତ କରିବେ ନାହିଁ। ଓଡ଼ିଆ ଅସ୍ମିତାର ଏପରି ଉପହାସ ପାଇଁ ନବୀନ ବାବୁ ଓ ବିଜେଡିକୁ ଓଡ଼ିଶାବାସୀ ଖୁବଶୀଘ୍ର କଡ଼ା ଜବାବ ଦେବେ। ଏହି ଘଟଣାରେ ପୋଲିସ ଡିଜି ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ପରାଜୟ ହେବ ଜାଣି କ'ଣ କହୁଛି ନିଜେ ଜାଣିପାରୁନି ଭାଜପା: ବିଜେଡି

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ଶୋଚନୀୟ ପରାଜୟ ହେଉଥିବା ଜାଣି ଓଡ଼ିଶା ଭାଜପା ନେତାମାନେ ବିଚଳିତ ହୋଇ କ'ଣ କହୁଛନ୍ତି ଆଉ କରୁଛନ୍ତି ତାହା ବୁଝିପାରୁନାହାନ୍ତି ବୋଲି ବିଜେଡି ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର କହିଛନ୍ତି। ଶଙ୍ଖଭବନଠାରେ ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭୃଗୁ କହିଛନ୍ତି, ଯେଉଁ ପ୍ରଦୀପ ପାଣିଗ୍ରାହୀଙ୍କୁ ଚିଟଫଣ୍ଡ ଚୋର କହି ଓଡ଼ିଶା ଭାଜପାର ସବୁ ନେତା ଖାସ୍ କରି ଧର୍ମେନ୍ଦ୍ର ପ୍ରଧାନ ଲାଞ୍ଛନା ଦେଉଥିଲେ, ତାଙ୍କୁ ଫୁଲମାଳ ପକାଇ ଦଳକୁ ସ୍ୱାଗତ କରି ନିର୍ବାଚନ ଲଢ଼ିବାକୁ ଟିକେଟ ଦେଉଛନ୍ତି। ବହୁ ବର୍ଷ ଧରି ଦଳ ପାଇଁ ନିଷ୍ଠାପର ଭାବେ କାମ କରିଥିବା ନେତାଙ୍କୁ ଅଣଦେଖା କରି ଚିଟ୍‌ଫଣ୍ଡ ଚୋରକୁ ଓଡ଼ିଶା ଭାଜପା ପୋଷ୍ଟର ବଏ ସଜାଇଥିଲା। ରାଜ୍ୟବାସୀ ସବୁ ଦେଖୁଛନ୍ତି। ସେଥିପାଇଁ ଏମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଯେତେବେଳେ ଓଡ଼ିଶା ଭାଜପାର ଦୟନୀୟ ସ୍ଥିତି ଆସିଯାଏ, ସେମାନେ ଅନେକ କଥା ଗଣମାଧ୍ୟମ ସାମ୍ନାରେ ଆସି ମନଇଚ୍ଛା ଗପିଥାନ୍ତି, ନ ହେଲେ ସେମାନଙ୍କ ଫେକ୍ ନ୍ୟୁଜ ଫ୍ୟାକ୍ଟ୍ରି ଚାଲିବ ବା କେମିତି ବୋଲି ଭୃଗୁ କହିଛନ୍ତି।

# ଜିଲାପାଳ ବିଜେଡି ଜିଲା ସଭାପତି ଭାବେ କାର୍ଯ୍ୟ କରୁଛନ୍ତି: ଅଜୟ

ଭଦ୍ରକ,୨୬।୫(ସନାତନ ରାଉତ)



ଖବରଦାତା ସମ୍ମିଳନୀରେ ଲୋକ ସଭା ପ୍ରଚାର କମିଟି ଅଧକ୍ଷ ଅଜୟ ନାୟକଙ୍କ ସହ ଭାଜପା ନେତା।

ଭଦ୍ରକ ନେହେରୁ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୫ ବର୍ଷ ସମୟ ଲାଗିଗଲା। ଶେଷ ବେଳକୁ କୋଲକାତାରୁ ଘାସ ଓ ପାଣି ସିଞ୍ଚନ ମେଶିନ ଆଣି ଷ୍ଟାଡିୟମରେ ବିଛା ଯାଇଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନତୀକରଣ କରାଯାଇଥିବା ଷ୍ଟାଡିୟମକୁ ଏବେ ଖୋଳାଯାଇ ହେଲିପ୍ୟାଡ୍ ପ୍ରସ୍ତୁତ କରାଯାଉଛି। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ ପାଇଁ ନେହେରୁ ଷ୍ଟାଡିୟମକୁ ହେଲିପ୍ୟାଡ୍ ନିମନ୍ତେ ଜିଲାପାଳ କିପରି ଅନୁମତି ଦେଲେ ବୋଲି ଖବରଦାତା ସମ୍ମିଳନୀରେ ଭାଜପା ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧକ୍ଷ ଅଜୟ ନାୟକ ପ୍ରଶ୍ନ କରିଛନ୍ତି।

ରବିବାର ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କହିଛନ୍ତି, ୫-ଟି ସଚିବ ଥିବା ସମୟରେ ପାଣ୍ଡିଆନ ଭଦ୍ରକ ଗସ୍ତରେ ଆସିଥିବା ବେଳେ ନେହେରୁ ଷ୍ଟାଡିୟମରେ ହେଲିପ୍ୟାଡ୍ ହୋଇଥିଲା, ସେତେବେଳେ ଏହାକୁ ବିରୋଧ କରାଯାଇଥିଲା। ଏବେ ଜିଲାପାଳ ବିଜେଡିର ଜିଲା ସଭାପତି ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ନିରପେକ୍ଷ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ତାଙ୍କର ବଦଳି ପାଇଁ ନିର୍ବାଚନ କମିଶନରଙ୍କୁ ଅଭିଯୋଗ କରାଯାଇଛି। ସେହିପରି ପୁରୀ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ସାର୍ବଜନୀନ କରାଯାଉ ବୋଲି ଦାବି କରିଛନ୍ତି। ପାଣ୍ଡିଆନ ବିଜେଡି ଇସ୍ତାହାର କମିଟିରେ ନ ଥାଇ ଦୁଇ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ସମସ୍ତ ଲୋକଙ୍କ ପାଇଁ ବିଏସ୍‌କେୱାଇ କାର୍ଡ କିପରି ଘୋଷଣା କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଜିଲାବାସୀଙ୍କ ପ୍ରମୁଖ ଦାବିକୁ ରାଜ୍ୟ ସରକାର ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ଏଥର ନିର୍ବାଚନରେ ଭାଜପାକୁ ବହୁମତ ମିଳିବା ସହ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା କ୍ଷେତ୍ର ସଂଯୋଜକ ଈଶ୍ୱର ଚନ୍ଦ୍ର ବେହେରା, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, ଅମ୍ବିକା ପ୍ରସନ୍ନ ଦାଶ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ୍‌ରୁମ

ଭୁବନେଶ୍ୱର,୨୬।୫(ଅନିଲ ଦାସ)

## ଇଭିଏମ୍‌ରେ ୩ ପର୍ଯ୍ୟାୟ ପ୍ରାର୍ଥୀଙ୍କ ଭାଗ୍ୟ

### ଜଗିଛନ୍ତି ପ୍ରାର୍ଥୀଙ୍କ ପ୍ରତିନିଧି

ରାଜ୍ୟରେ ୩ଟି ପର୍ଯ୍ୟାୟରେ ୭୫% ମତଦାନ ଶେଷ ହୋଇଛି। ଏଥିରେ ମୋଟ ୧୫ଟି ଲୋକ ସଭା ଓ ଏହା ଅଧୀନରେ ଥିବା ୧୦୫ ବିଧାନସଭା ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ଦଳର ବହୁ ହେଭିୱେଟ ପ୍ରାର୍ଥୀମାନଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଭୋଟ ଗ୍ରହଣ ଶେଷ ହୋଇ ଯାଇଥିବାରୁ ଜିଲାସ୍ତରରେ ହୋଇଥିବା ବିଭିନ୍ନ ଷ୍ଟ୍ରଙ୍ଗ୍‌ରୁମ ଉପରେ ନିର୍ବାଚନ କମିଶନ କଡ଼ା ନଜର ରଖିଛନ୍ତି। ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମରେ ରଖାଯାଇଛି। କେନ୍ଦ୍ର, ରାଜ୍ୟ ସଶସ୍ତ୍ର ବଳ ସହିତ ସିସିଟିଭି ନଜରରେ ଏହାକୁ ରଖାଯାଇଛି। ଷ୍ଟ୍ରଙ୍ଗ୍‌ରୁମକୁ ତ୍ରିସ୍ତରୀୟ ସୁରକ୍ଷା ଯୋଗାଇ ଦିଆଯାଇଛି। କେନ୍ଦ୍ରୀୟ ସଶସ୍ତ୍ର ବଳ, ରାଜ୍ୟ ପୋଲିସ ଜଗି ରହିଥିବା ବେଳେ ସିସିଟିଭି ଜରିଆରେ ଷ୍ଟ୍ରଙ୍ଗ୍‌ରୁମଗୁଡ଼ିକ ଉପରେ ନିର୍ବାଚନ କମିଶନ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିସହିତ ପ୍ରାର୍ଥୀମାନଙ୍କର ପ୍ରତିନିଧିମାନେ ମଧ୍ୟ ଷ୍ଟ୍ରଙ୍ଗ୍‌ରୁମକୁ ଜଗି ରହିଛନ୍ତି। ସେମାନଙ୍କ ରହିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେତେକ ସ୍ଥାନରେ ବିଧାୟକମାନେ ମଧ୍ୟ ଷ୍ଟ୍ରଙ୍ଗ୍‌ରୁମକୁ ଜଗି ରହିଥିବା ଜଣାପଡ଼ିଛି।

ତୃତୀୟ ପର୍ଯ୍ୟାୟରେ ୬ ଲୋକ ସଭା କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ସମେତ ଏହା ଅଧୀନରେ ଥିବା ୪୨ ବିଧାନସଭା ଆସନ ପାଇଁ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ହେଭିୱେଟ ନେତା ଧର୍ମେନ୍ଦ୍ର ପ୍ରଧାନ, ପ୍ରଣବ ପ୍ରକାଶ ଦାସ, ଭର୍ତ୍ତୃହରି ମହତାବ, ସଂତୃପ୍ତ ମିଶ୍ର, ସସ୍ମିତ ପାତ୍ର, ଅରୂପ ପଟ୍ଟନାୟକ, ଅପରାଜିତା ଷଡ଼ଙ୍ଗୀ, ମନ୍ମଥ ରାଉତରାୟ, ୟାସିର ନୱାଜ, ବିଧାନସଭାର ବହୁ ହେଭିୱେଟ୍‌ଙ୍କ ସମେତ ୪୪୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଛି। ଆସନ୍ତା ଜୁନ ୧ ତାରିଖରେ ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୬ ଲୋକ ସଭା ସମେତ ୪୨ ବିଧାନସଭାରେ ଭୋଟ ଗ୍ରହଣ କରାଯିବ। ଶେଷ ପର୍ଯ୍ୟାୟ ମତଦାନ ହୋଇଥିବାରୁ ଏହି ଆସନ ଉପରେ ଉଭୟ ଭାଜପା ଓ ବିଜେଡି ପୂରା ଦମ୍ ଲଗାଇ ଦେଇଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ସିପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ସିନିୟର ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ପଞ୍ଜାବର ମୋହାଲିଠାରେ ୨୧ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୯ରୁ ଜୁନ୍ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଦଳ ମୋହାଲି ଯାତ୍ରା କରିବା ପୂର୍ବରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ ଓ ସତୀଶ କୁମାର ବିଶ୍ୱକର୍ମା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜମ ନିଜେ ଦଳର କୋଚ୍ ଥିବାବେଳେ ମଧୁସ୍ମିତା ବେହେରା ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳ(ପୁରୁଷ): ଅଜିତ ଶବର (ଅଧିନାୟକ), ବଳଦେବ କ୍ରିଶାନି, ମହମ୍ମଦ ଅମନ, ଅଂଶୁମାନ ବାବୁ, ରଜତ କୁମାର ରଇତା ଓ ଶିବ ବିରୁଆ। ଓଡ଼ିଶା ଦଳ(ମହିଳା): ଜେରି ସିଂଘାଣିଆ (ଅଧିନାୟକ), ଲକ୍ଷ୍ମୀପ୍ରିୟା ଦାସ, ପ୍ରଲିପ୍ତା ବଳିୟାରସିଂ, ସ୍ୱାଗତିକା ମହାପାତ୍ର, ବୁସ୍ରା ପରୱିନ ଓ ଉମ୍ରା ଅଲ୍ଲୀ ପରୱିନ।




ଧ-୨୭୫


# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ ଉଦ୍‌ଯାପିତ**

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ୧୨୭ ରନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଫାଇନାଲ ୪୦ ଓଭର ବିଶିଷ୍ଟ ହୋଇଥିଲା। ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାରାମାଉଣ୍ଟ ୩୯.୪ ଓଭରରେ ୨୦୫ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପ୍ରିୟାଂଶୁ ନାୟକ ସର୍ବାଧିକ ୬୯ ଓ ସିଦ୍ଧାର୍ଥ ଶଙ୍କର ବେହେରା ୩୧ ରନ କରିଥିଲେ। ବିପକ୍ଷ ଦଳର ଆହ୍ୱାନ ମିଶ୍ର ୩ଟି ଏବଂ ଶୁଭ୍ରକାନ୍ତ ପରିଡ଼ା, ହରିବଂଶ ଭୂୟାଁ ଓ ସ୍ୱସ୍ତିକ ଘୋଷାଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୬ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ସ୍ପୋର୍ଟିଂ ୩୦.୨ ଓଭରରେ ୭୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଆକାଶ ସାହୁ ସର୍ବାଧିକ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ଶୁଭମ୍ ପରିଡ଼ା ୪ଟି ଏବଂ ବିଜୟ ସିଂ ଓ ସ୍ୱସ୍ତିକ ଚୌଧୁରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ପାରାମାଉଣ୍ଟର ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ଏହି ଦଳର ପ୍ରାନ୍ତିକ ପ୍ରିୟାଂଶୁ ନାୟକ ପ୍ଲେୟର ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ଉଇକେଟ କିପର, ସ୍ୱାଗତ ସୌରଭ ମିଶ୍ର ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ। ରାମେଶ୍ୱରର ଆହ୍ୱାନ ମିଶ୍ର ଶ୍ରେଷ୍ଠ ବୋଲର, କୁମାର ଆର୍ଯ୍ୟନ ସ୍ୱାଇଁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନରଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ବିଜେଇଏମ୍ ସ୍କୁଲ ଚେୟାରମ୍ୟାନ ରଘୁନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ରଣଜୀ ତାରକା ରଶ୍ମି ରଞ୍ଜନ ପରିଡ଼ା ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରାମର୍ଶଦାତା କେ.ସି. ପାତ୍ର ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ କୁମାର ଜେନା, ସମ୍ପାଦକ ଅଶୋକ କୁମାର ପାତ୍ର, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳି।

# ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍‌ରୁ ଓହରିଲେ ନୀରଜ



**ନୂଆଦିଲ୍ଲୀ, ୨୬।୫(ପି.ଟି.)**

ମାଂସପେଶୀରେ ଇଞ୍ଜୁରି ଯୋଗୁ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ଜାଭେଲିନ୍ ଥ୍ରୋୟର ଭାରତର ନୀରଜ ଚୋପ୍ରା ଚେକ୍ ରିପବ୍ଲିକ୍‌ରେ ଚଳିତ ମାସ ୨୮ରେ ହେବାକୁଥିବା ଓଷ୍ଟ୍ରାଭା ଗୋଲ୍‌ଡେନ ସ୍ପାଇକ୍ ୨୦୨୪ ଆଥ୍‌ଲେଟିକ୍ସ ମିଟ୍‌ରୁ ଓହରି ଯାଇଛନ୍ତି। ଦୁଇ ସପ୍ତାହ ପୂର୍ବେ ଟ୍ରେନିଂ ନେଉଥିବା ବେଳେ ତାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଚଳିତ ସିଜନରେ ଦୁଇଟି ପ୍ରତିଯୋଗିତା ଦୋହା ଡାଇମଣ୍ଡ ଲିଗ୍ ଓ ଫେଡେରେଶନ କପ୍‌ରେ ଭାଗ ନେଇଛନ୍ତି। ୨୬ ବର୍ଷୀୟ ଆଥଲେଟ୍ କିନ୍ତୁ ଏହି ସମ୍ମାନ୍‌ଜକ ଇଭେଣ୍ଟରେ ଅତିଥି ଭାବେ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ନୀରଜଙ୍କ ୨୦୨୪ ସିଜନରେ ଭଲ ପ୍ରଦର୍ଶନ ରହିଛି।

# ସ୍ୱର୍ଣ୍ଣ ଜିତିବାରେ ଦୀପା ପ୍ରଥମ ଭାରତୀୟ

**ତାସ୍‌କେଣ୍ଟ, ୨୬।୫ (ପି.ଟି.):** ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମାକର ପ୍ରଥମ ଭାରତୀୟ ଭାବେ ଏସିଆନ ସିନିୟର ଚାମ୍ପିୟନଶିପ୍‌ର ମହିଳା ଭଲ୍ଟ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୩୦ ବର୍ଷୀୟା ଦୀପା ଉଜ୍‌ବେକିସ୍ତାନ ରାଜଧାନୀ ସହରରେ ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ ଦିବସରେ ଭଲ୍ଟ ଫାଇନାଲରେ ୧୩.୫୬୬ ପଏଣ୍ଟ ସ୍କୋର କରିଥିଲେ। ଉତ୍ତର କୋରିଆର କିମ୍ ସନ୍ ହ୍ୟାଙ୍ଗ (୧୩.୪୬୬) ଓ ଜୋ କ୍ୟୋଙ୍ଗ ବିୟଲ (୧୨.୯୬୬) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ଭଲ୍ଟ ଫାଇନାଲରେ ଚତୁର୍ଥ ହୋଇଥିଲେ। ୨୦୧୫ ସଂସ୍କରଣରେ କିନ୍ତୁ ସେ ସମାନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ। ସୂଚନାଯୋଗ୍ୟ, ୨୦୧୫ ଏସିଆନ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଫ୍ଲୋର ଏକ୍ସରସାଇଜ୍‌ରେ ଆଶିଷ କୁମାର ଏକ ବ୍ରୋଞ୍ଜ ପାଇଥିଲେ। ପ୍ରଣିତ ନାୟକ ମଧ୍ୟ ୨୦୧୯ ଓ ୨୦୨୨ ସଂସ୍କରଣର ଭଲ୍ଟ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଥିଲେ। ଡୋପିଂ ଅପରାଧ ପାଇଁ ୨୧ ମାସ ସସ୍‌ପେଣ୍ଡ ହେବା ପରେ ଗତବର୍ଷ ଆକ୍ସନକୁ ଫେରିଥିବା ଦୀପା କିନ୍ତୁ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି।

# ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ ଓଡ଼ିଶା ସ୍କେଟିଂ ଏକାଡେମୀ

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ଓଡ଼ିଶା ସ୍କେଟିଂ ଏକଡେମୀ ଏକ ବିରଳ ସଫଳତା ହାସଲ ଦିଗରେ ଅଗ୍ରସର ହୋଇଛି। କର୍ନାଟକର ବେଲଗାଁଓସ୍ଥିତ ଶିବ ଗଙ୍ଗା ରୋଲର ସ୍କେଟିଂ ରେ ୭୨ ଘଣ୍ଟା ନନ୍-ଷ୍ଟପ୍ ରୋଲର ସ୍କେଟିଂ ରିଲେରେ ଅଂଶଗ୍ରହଣ କରି ଏହି ଏକାଡେମୀ ଗିନିଜ ୱାର୍ଲ୍ଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛି। ଜଣେ ଜାତୀୟ ସ୍ତରର ଖେଳାଳି, ଓଡ଼ିଶା ସ୍କେଟିଂ ସ୍ପୋର୍ଟ୍ସର ପ୍ରତିଷ୍ଠାତା ତଥା ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନା ଓଡ଼ିଶାର ୧୮ ଜଣିଆ ଦଳର ନେତୃତ୍ୱ ନେଉଛନ୍ତି। କର୍ନାଟକରେ ଏକାଡେମୀ ଗିନିଜ ୱାର୍ଲ୍ଡ ରେକର୍ଡ କରିବାନେଇ ସେ ଦୃଢ଼ ନିଶ୍ଚିତ ଥିବା ପାର୍ଥ ସାରଥି ପ୍ରକାଶ କରିଛନ୍ତି। **ଓଡ଼ିଶା ଦଳ:** ବିରେନ କୁମାର, ସାୟେଶା ମହାନ୍ତି, ଆର୍ଯ୍ୟନ ଓଝା, ଆଧ୍ୟା ତୋଶାନି, ସନ୍ଦିପ ସାହୁ, ରୋହିତ ଭୋଇ, ସାଇ ଶ୍ରୀୟାଂଶୁ ରାଉତ, ଅଦ୍ୱୈତ କୁମାର ନାଥ, ଆୟୁଷ ଜେନା, ସୁଦୀକ୍ଷା ସ୍ୱାଇଁ, ଶ୍ରବଣ ପ୍ରକାଶ, ପ୍ରତୀକ ଅର୍ନବ ଜେନା, ଅଶ୍ଳେଷ ନାୟକ, ହର୍ଷିତ କୁମାର ମାଲି, ତରୁଣିକା ଅର୍ଥନରି, ରିଶ୍ୱନ୍ତ ଅର୍ଥନରି, ପାର୍ଥ ସାରଥି ଜେନା।



ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ କର୍ନାଟକ ଯାତ୍ରା କରିଥିବା ଓଡ଼ିଶା ରୋଲର ସ୍କେଟିଂ ଦଳ।

# ପି.ଭି. ସିନ୍ଧୁ ରନରଅପ୍

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

**କୁଆଲାଲମ୍ପୁର, ୨୬।୫(ପି.ଟି)**

ଭାରତୀୟ ଷ୍ଟାର ସଟ୍‌ଲର ପି.ଭି. ସିନ୍ଧୁ ମାଲେସିଆ ମାଷ୍ଟର୍ସ ଫାଇନାଲରେ ଚାଇନାର ୱାଙ୍ଗ ଝି ୟିଙ୍ଗଠାରୁ ପରାଜିତ ହୋଇଛନ୍ତି। ଅନ୍ତିମ ସେଟ୍‌ରେ ୧୧-୩ରେ ଆଗୁଆ ଥିବାବେଳେ ସିନ୍ଧୁ ଟାଇଟଲ ହାତଛଡ଼ା କରିଥିଲେ। ୭୯ ମିନିଟ୍ ଧରି ଚାଲିଥିବା ଫାଇନାଲକୁ ସିନ୍ଧୁ ୨୧-୧୬, ୫-୨୧ ଓ ୧୬-୨୧ ସେଟ୍‌ରେ ହାରି ଯାଇଥିଲେ। ୨୦୨୨ରେ ସେ ଶେଷଥର ପାଇଁ ସିଙ୍ଗାପୁର ଓପନ୍ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୩ରେ ମାଡ୍ରିଡ୍ ଓପନ୍‌ରେ ରନରଅପ୍ ରହିଥିବା ସିନ୍ଧୁଙ୍କ ଟାଇଟଲ ଆଶା ଅଧୁରା ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିବା ନିଶ୍ଚିତ ଭାବେ ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ।

ବିଶ୍ୱ ମାନ୍ୟତାର ୧୫ ନମ୍ବର ସ୍ଥାନରେ ଥିବା ସିନ୍ଧୁ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସେଟ୍‌କୁ ୨୧-୧୬ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ୱାଙ୍ଗ ଝି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଏକତରଫା ୫-୨୧ରେ ବିଜୟ ହାସଲ କରିଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ ଝୁଣ୍ଟିଥିଲେ ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ସିନ୍ଧୁ। ଏକଦା ୧୧-୩ରେ ଆଗୁଆ ରହିଥିଲେ ମଧ୍ୟ ସିନ୍ଧୁ ଏହାର ଫାଇଦା ନେଇପାରି ନ ଥିଲେ। ୱାଙ୍ଗ ଝି ୨୧-୧୬ରେ ଏହି ସେଟ୍‌କୁ ଜିତିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ରନରଅପ୍ ରହିଥିଲେ ମଧ୍ୟ ଏହା ଆଗାମୀ ଦିନରେ ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି କହିଛନ୍ତି ସିନ୍ଧୁ।



# ଫ୍ୟାନ୍‌ଙ୍କ ଗଣ୍ଡଗୋଳରେ ୩୦ ଆହତ, ୧୦ ଗିରଫ

**ପ୍ୟାରିସ୍, ୨୬।୫(ପି.ଟି):** ଫ୍ରେଞ୍ଚ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ୨-୧ ଗୋଲରେ ଲିୟନକୁ ପରାସ୍ତ କରିଛି। ତେବେ ଫାଇନାଲ ମ୍ୟାଚ୍‌ର ଠିକ୍ ପୂର୍ବରୁ ଶନିବାର ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ୟାରିସ୍‌ର ରାଜରାସ୍ତା ଉପରେ ହୋଇଥିବା ଗଣ୍ଡଗୋଳରେ ୩୦ ଜଣ ସମର୍ଥକ ଆହତ ହୋଇଥିଲେ। ପରେ ପୋଲିସ୍ ୧୦ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ହିଂସା ରୋକିବା ସମୟରେ ୮ ଜଣ ପୋଲିସ କର୍ମଚାରୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଉଭୟ କ୍ଲବ୍‌ର ପ୍ରଶଂସକମାନେ ପରସ୍ପରକୁ ବିରୋଧ କରିଥାନ୍ତି। ତେବେ ଶନିବାର ୨୦୦ରୁ ଅଧିକ ସମର୍ଥକ ରାଜରାସ୍ତାରେ ମୁହାଁମୁହିଁ ହୋଇଥିଲେ। ପିଏସ୍‌ଜି ପକ୍ଷରୁ କିଲିଆନ୍ ଏମ୍‌ବାପେ ନିଜର ଅନ୍ତିମ ମ୍ୟାଚ୍ ଖେଳିଥିଲେ। ମ୍ୟାଚ୍‌ର ଠିକ୍ ପୂର୍ବରୁ ଲଢ଼େଇ ହୋଇଥିବା କାରଣରୁ ୧୦ ମିନିଟ ପାଇଁ ମ୍ୟାଚ୍‌କୁ ରୋକାଯାଇଥିଲା। ଫ୍ରାନ୍ସରେ ଫୁଟ୍‌ବଲ ହିଂସା ନିୟମିତ ଘଟିବାରେ ଲାଗିଛି।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ରବିବାର ଆୟୋଜିତ ୨୧ତମ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଆଦିତ୍ୟ ଜେନା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆଦିତ୍ୟ ପୂରା ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆଶୁତୋଷ ବରାଳ ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନମସ୍ୟ ନଳିନୀ, ମ୍ରିଗଙ୍କ ଶେଖର, ନୈନିକା ସାହୁ, ଦୀପ୍ତିରଞ୍ଜନ ସାହୁ, ଶ୍ରୀୟାଂଶ ମହାପାତ୍ର, ଆୟୁଷ୍ମାନ ବେହେରା (ସମସ୍ତେ ୪ ପଏଣ୍ଟ), ସାଇ ଶଙ୍କର ଦାସ ଓ ଦିବ୍ୟାଂଶ ମହନ୍ତ (ଉଭୟେ ୩.୫) ଟପ୍-୧୦ ଫିନିଶ୍ କରିଛନ୍ତି। ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଏକ୍ ଗ୍ରୁପ୍ ଏବଂ ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ନଗର ଡିଏଭି ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଦ୍ୟୁମ୍ନ ପଟ୍ଟନାୟକ, ସିନିୟର କ୍ରୀଡ଼ା ଶିକ୍ଷକ ଏ. ରବି ଶଙ୍କର, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।


**Classified Everyday**
0674-2580101, 2549949




**SALE**

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

**Plot sale near Pitapalli, Janla, Tamando, Bhubaneswar Rs- 1299/- sqft. 6372670155.** D-75959

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57 lakhs only. Contact- 9777433701.** D-75958

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-381

7492 Sqft. plot for sale on Andharua-Daspur 30ft. Road at price of Rs.1500 / Sqft. Interested buyer may contact for details: 9668135323. D- 75746




Shoproom (10'x10') 2 Nos. opposite Biju Patnaik College, Mainroad, Jayadevvihar, Bhubaneswar. Contact: 9938511622. D-380




Monalisa massage Club: All types Body massage with hiprofile smart lady rooms service available. 9708545108. D-376

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Newly open health benefits SPA special offer @ 999 Bapujinagar. 8018429809. D-76123

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱ ସଦାନନ୍ଦ ସାହୁ (ବିଟୁଳି ନନା)
ଏରେଇଁ, ଚରମ୍ପା, ଭଦ୍ରକ

ଆବିର୍ଭାବ -୧୦.୦୬.୧୯୩୮
ତିରୋଧାନ - ୩୦.୦୫.୨୦୨୧

ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ : ସ୍ତ୍ରୀ-ଗଙ୍ଗାରାଣୀ, ଝିଅ-ତଗଲି, ଟିକନ, ସ୍ୱାଇଁ-ବିଜୟ, ଦେବ, ନାତି-ତପା, ବାପୁନା, ନାତୁଣୀ - ମାମୁନି, କୁନୁନ୍ତ, ପୁଅ ବୋହୂ ଓ ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ।

ଧ-୩୮୩

**CLASSIFIED DISPLAY**

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ନେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଲରା



କଲରାରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହାର ମୁଖ୍ୟ ଭୂମିକା ଅଛି ବୋଲି ଜଣାପଡ଼ିଛି। 'କଲରା ଓ ରୋଗ ପ୍ରତିରୋଧକ ଶକ୍ତି' ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହାବ୍ୟତୀତ କଲରାରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ। ଏଥିରେ ଭିଟାମିନ୍-ଏ ଭରିରହିଛି, ଯାହା ନୂଆ ଚର୍ମ ଗଠନରେ ସହାୟକ ହୋଇଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ପରି କାମ କରେ। ହୃଦ୍‌ଜନିତ ଏବଂ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ। କଲରା ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଂଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛିମାତ୍ରାରେ ମଧ୍ୟ କମାଇଥାଏ। ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ଶରୀରରେ ଭିଟାମିନ୍ 'ଡି ଅଭାବ ହେଲେ...

ଭିଟାମିନ୍ 'ଡି' ଶରୀରରେ ହାଡ଼ ଓ ମାଂସପେଶୀକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ଗଭୀର କ୍ଷତି ପହଞ୍ଚାଏ ବୋଲି ୟୁନିଭର୍ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ କମିଲେ ସଂପୃକ୍ତ ବ୍ୟକ୍ତିକୁ ହୃଦ୍‌ଘାତ ହେବା ସହ ରକ୍ତଚାପ ବହୁ ମାତ୍ରାରେ ବଢ଼ିଯାଏ। କେବଳ ସେତିକି ନୁହେଁ, ଶରୀରରେ ଭିଟାମିନ୍ 'ଡି'ର ଅଭାବ ପରିଲକ୍ଷିତ ହେଲେ ତାହା ସ୍ନାୟୁକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ



ଏହାକୁ ସନ୍ତୁଳିତ ରଖିବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ପ୍ରଭୃତି ଖାଇବା ନିହାତି ଆବଶ୍ୟକ। ଯଦି ଏଭଳି ଭିଟାମିନ୍‌ର ଅଭାବ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଇନ୍‌ସୁଲିନ୍ ରେଜିଷ୍ଟାନ୍ସ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ତାହାଛଡ଼ା ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନେ ଦୁର୍ବଳ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ତେଣୁ ଖାଦ୍ୟପେୟ ନିୟନ୍ତ୍ରଣ, ନିୟମିତ ବ୍ୟାୟାମ କରିବାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ନିଜର ଓଜନ କେତେ ରହିଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ନେବାକୁ ଭୁଲନ୍ତୁ ନାହିଁ।

# ଅଂଶୁଘାତର ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଆମ ଦେଶ ଭାରତରେ ହେଉଥିବା ଜଳବାୟୁ ପରିବର୍ତ୍ତନ ହେତୁ ଧରାପୃଷ୍ଠରେ ୬ଟି ଋତୁ ପ୍ରତୀୟମାନ ହୋଇଥାଏ। ପ୍ରତି ବର୍ଷ ଗ୍ରୀଷ୍ମ, ବର୍ଷା ଓ ଶୀତର ପ୍ରଭାବ ବାୟୁମଣ୍ଡଳରେ ଅନୁଭୂତ ହୋଇଥାଏ। ଭାରତବର୍ଷରେ ପ୍ରତିବର୍ଷ ଜାନୁଆରୀ ୧୪ ତାରିଖ (ମକର ସଂକ୍ରାନ୍ତି)ଠାରୁ ଜୁନ୍ ୨୧ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ। ପ୍ରାୟତଃ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେତୁ ଉକ୍ତ ସମୟରେ ପଦାକୁ ବାହାରିବା ଅନୁଚିତ। ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ କିଛି ଦୂରତା ହ୍ରାସ ପାଉଥିବାରୁ ପୃଥିବୀ ପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ। ପ୍ରବଳ ଖରାରେ ଯାତାୟାତ କରୁଥିବା ବେଳେ ମନୁଷ୍ୟ ହଠାତ୍ ଅଂଶୁଘାତର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି।

ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତର ଉପକାରିତା, ପ୍ରକୋପ ଓ ପ୍ରଭାବ ସହ ମନୁଷ୍ୟ ସମାଜ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଏହାର ସାମ୍ନା କରିଆସୁଛି। ଏହା ଏକ ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ପ୍ରକ୍ରିୟା ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଏ। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ସମାଜ ନିମନ୍ତେ ଅସହ୍ୟ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି।

ସୂର୍ଯ୍ୟରଶ୍ମିର ତାପମାତ୍ରା ସହ ଜଙ୍ଗଲରେ ମନୁଷ୍ୟ ଦ୍ୱାରା ଅଗ୍ନି ସଂଯୋଗ ହେତୁ, ଗ୍ରାମାଞ୍ଚଳରେ ବହୁଳ ପରିମାଣରେ ଇଟାଭାଟିରେ ଅଗ୍ନି ସଂଯୋଗ, ବିଭିନ୍ନ କଳକାରଖାନାରୁ ନିର୍ଗତ ଗରମ ବାଷ୍ପ, ଜଙ୍ଗଲରୁ ଦୀର୍ଘ ବର୍ଷ ଧରି ତିଷ୍ଠି ରହିଥିବା ବୃକ୍ଷଗୁଡ଼ିକୁ କାଟିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବହୁଳ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ, ସିମେଣ୍ଟ ଦ୍ୱାରା ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ସବୁ ଅଞ୍ଚଳରେ ସିମେଣ୍ଟ ଓ ଲୌହ ନିର୍ମିତ ବିଦ୍ୟୁତ୍ ଖୁଣ୍ଟ ରହିବା ସହ ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବୃକ୍ଷର ପରିମାଣ ହ୍ରାସ ଆଦି କାରଣ ହେତୁ ଗ୍ରୀଷ୍ମ ଦିନେ ସୂର୍ଯ୍ୟଙ୍କ ତାପମାତ୍ରା ବାୟୁମଣ୍ଡଳରେ ଦ୍ୱିଗୁଣିତ ହେଉଛି। ଏହାର ପରିଣାମ ସ୍ୱରୂପ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି ଏବଂ ହ୍ରାସ ପାଇବାକୁ ଆବଶ୍ୟକତାଠାରୁ ଅଧିକ ସମୟ ନେଉଛି। ଗ୍ରୀଷ୍ମ ଋତୁରେ ଏପରି ପ୍ରବଳ ଗରମରୁ ରକ୍ଷା ପାଇବା ନିମନ୍ତେ ଆମେ ଆମର ନିଜ ନିଜର ଜମି ଓ ବାସଗୃହ ଚତୁଃପାର୍ଶ୍ୱ ବହୁ ପରିମାଣରେ ବୃକ୍ଷ ରୋପଣ କରିବା ଆବଶ୍ୟକ। ଏହାଦ୍ୱାରା ଆମର ପ୍ରକୃତି ଓ ପରିବେଶ ସନ୍ତୁଳିତ ରହିବ। ଏହା ସହ ଆମେ ବିଶୁଦ୍ଧ ଅମ୍ଳଜାନ ପାଇବା ଓ ରୌଦ୍ରତାପକୁ ବହୁପରିମାଣରେ ପ୍ରତିରୋଧ କରିପାରିବା।

> "ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତର ଉପକାରିତା, ପ୍ରକୋପ ଓ ପ୍ରଭାବ ସହ ମନୁଷ୍ୟ ସମାଜ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଏହାର ସାମ୍ନା କରି ଆସୁଅଛି। ଏହା ଏକ ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ପ୍ରକ୍ରିୟା ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ଥାଏ। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ସମାଜ ନିମନ୍ତେ ଅସହ୍ୟ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି।"



ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଗ୍ରୀଷ୍ମଋତୁରେ ପ୍ରବଳ ତାପମାତ୍ରାକୁ ପ୍ରତିରୋଧ ତଥା ଅଂଶୁଘାତକୁ ପ୍ରତିରୋଧ ନିମନ୍ତେ କେତେକ ପ୍ରାକୃତିକ ଉପାୟ ବର୍ଣ୍ଣନା କରାଯାଇଅଛି। ଖରାଦିନେ ପ୍ରବଳ ଉତ୍ତାପ ଅନୁଭୂତ ହେଉଥିବା (ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ) ସମୟରେ ଯାତାୟାତ ନ କରିବା, ବାସଗୃହ ନିକଟରେ ଥିବା ବୃକ୍ଷର ଛାଇରେ ବିଶ୍ରାମ ନେବା, ଜରୁରୀ କିମ୍ବା ନିହାତି ଦରକାର ପଡ଼ିଲେ ହିଁ ପଦାକୁ ବାହାରିବା ଉଚିତ। ସୂତାରେ ନିର୍ମିତ ବସ୍ତ୍ର, ଧଳା ଟୋପି, କଳା ଚଷମା ଓ ଛତା, ପାଦରେ ଜୋତା ଧାରଣ କରି ଯାତାୟାତ କରିବା ଉଚିତ। ବାସଗୃହରେ ଝରକା ଓ ଦୁଆରବନ୍ଧରେ ସୂତା ନିର୍ମିତ ବହଳିଆ କପଡ଼ା କିମ୍ବା ବେଣା ଘାସର ଚେରରେ ନିର୍ମିତ ପଟି ଟାଙ୍ଗିବା ଦ୍ୱାରା ଶୀତଳ ପବନ ମିଳିଥାଏ। ଏହା ସହ ଗ୍ରୀଷ୍ମ ଋତୁରେ ମାଟି ପାତ୍ରରେ ପାଣି ରଖି ପାନୀୟ ଜଳ ରୂପେ ବ୍ୟବହାର କରନ୍ତୁ। ପଇଡ଼ ପାଣି, ନବାତ ପଣା, ଆଖୁ ରସ ପିଇବା ଉଚିତ। ପଖାଳ ଭାତ, ତୋରାଣି, ଦହି, ଚହ୍ଲା, ଲସି, ଲେମ୍ବୁ ଆଦିରେ ଅଳ୍ପ ଲୁଣ ମିଶାଇ ପାନୀୟ ରୂପେ ସେବନ କରିବା ଉଚିତ। ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ତରଭୁଜ, କାକୁଡ଼ି, ଅଙ୍ଗୁର, କମଳା, ସପୁରି ଆଦି ଜୁସ୍‌କୁ ପାନୀୟ ରୂପେ ସେବନ କରିବା ଦ୍ୱାରା ଏହା ପେଟକୁ ଥଣ୍ଡା ରଖିଥାଏ।

ଆମ ଶରୀର ବର୍ଷା, ଖରା ଓ ଶୀତର ପ୍ରଭାବକୁ ଖାପ୍ ଖୁଆଇ ଚଳିବା ସହ ଆମ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବାକୁ ସନ୍ତୁଳିତ ରଖିବା ପାଇଁ ଆମ ଶରୀରର ମସ୍ତିଷ୍କରେ 'ହାଇପୋଥାଲାମସ' ନାମକ ଏକ ଗ୍ରନ୍ଥି ରହିଛି। ଶରୀରରେ ଯେତେବେଳେ ଉକ୍ତ ସନ୍ତୁଳିତ ପ୍ରକ୍ରିୟା ହୋଇପାରି ନ ଥାଏ ବା ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ୍ ଭାବେ ହୋଇପାରି ନ ଥାଏ ସେତେବେଳେ ମନୁଷ୍ୟ ସୌର ତାପ ସହ୍ୟ କରି ନ ପାରି ଅଂଶୁଘାତର ଶିକାର ହୋଇଥାଏ। ଜଳବାୟୁରେ ତାପମାତ୍ରା ଅଧିକ ଥିବା ସମୟରେ ମନୁଷ୍ୟ ଯାତାୟାତ କରିବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇଥାଏ। ବେଳେ ବେଳେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଇ ମନୁଷ୍ୟ ଚେତା ଶୂନ୍ୟ ହେବା ସହ ଶରୀରରେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ। ଶରୀରର ବାହ୍ୟ ଚର୍ମ ଉତ୍ତାପ ଯୁକ୍ତ ଓ ଶୁଷ୍କ ହେବାସହ ଶରୀରରୁ ବେଳେ ବେଳେ ଝାଳ ନିର୍ଗତ ହୁଏ, ଏହା ଦ୍ୱାରା ଦୁର୍ବଳ ଲାଗିବା ସହ ବାନ୍ତି ଲାଗିବା, ମୁଣ୍ଡ ଘୂରାଇବା ଆଦି ଲକ୍ଷଣ ଦେଖାଯାଏ। ଏହି ସମୟରେ ରୋଗୀଙ୍କୁ ତତ୍‌କ୍ଷଣାତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଉଚିତ। ନଚେତ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ମୋଟାମୋଟି ଭାବେ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଆମ ଶରୀରର ତାପମାତ୍ରା ବୃଦ୍ଧି ପାଇବା ଓ ହ୍ରାସ ପାଇବା ନିୟନ୍ତ୍ରଣ ପ୍ରକ୍ରିୟା ସାଧାରଣତଃ ସ୍ୱତଃପ୍ରବୃତ୍ତ ବା ସ୍ୱାଭାବିକ ଭାବରେ ହୋଇଥାଏ। ଏହି ପ୍ରକ୍ରିୟାରେ ବ୍ୟତିକ୍ରମ ହେଲେ ଆମ ଶରୀର ଅଧିକ ତାପମାତ୍ରାକୁ ସହ୍ୟ କରି ନ ପାରି ଆମେ ଅଂଶୁଘାତର ଶିକାର ହୋଇଥାଉ। (କ୍ରମଶଃ...)

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସକାରାତ୍ମକ ମାନସିକତା ପାଇଁ...

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ



ଦେବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଏହା ଦ୍ୱାରା ସେମାନଙ୍କ ମାନସିକତା ସକାରାତ୍ମକ ରହିବା ସହ କାର୍ଯ୍ୟକରିବା ପାଇଁ ସେମାନଙ୍କଠାରେ ଆଗ୍ରହ ପ୍ରକାଶ ପାଇବ ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଥିଲା। ତେଣୁ ଯେଉଁମାନଙ୍କ କଥାବାର୍ତ୍ତା ଶୈଳୀରେ ନମ୍ରତା ଦେଖିବାକୁ ମିଳିଥିଲା ସେମାନଙ୍କର ମାନସିକତା ସକାରାତ୍ମକ ରହିଥିଲା।

## ଜାଣି ରଖନ୍ତୁ



- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଢ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଖାଇବା ଭିତରେ ପାଣି ପିଅନ୍ତୁ ନାହିଁ। ଖାଇସାରିବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ବ୍ୟାୟାମ କିମ୍ବା ଯୋଗ କରିବା ପୂର୍ବରୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଭଲ।
- କେତେକ ବ୍ୟକ୍ତି ଖାଇବା ମଧ୍ୟରେ ଆବଶ୍ୟକତାଠାରୁ ଅଧିକ ପାଣି ପିଇଥାଆନ୍ତି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ ଏବଂ ଓଜନ ବଢ଼ିବାର ମଧ୍ୟ ଆଶଙ୍କା ରହିଛି।
- ଅନେକେ ଆଜିକାଲି ନିଜ ଘରେ କିଛି ମେଡିସିନ୍ ଷ୍ଟକ୍ ରଖୁଛନ୍ତି। ତେବେ ଏହାର ବ୍ୟବହାର ଏବଂ ଏକ୍ସପାଏରି ତାରିଖ ସମ୍ପର୍କରେ ଭଲ ଭାବରେ ଅବଗତ ରୁହନ୍ତୁ।
- ଯଦି ଇଲେକଟ୍ରୋନିକ୍ ଡିଭାଇସ୍ ସାମ୍ନାରେ ବସି ପ୍ରତିଦିନ କାମ କରୁଛନ୍ତି ତେବେ ବର୍ଷକୁ ଅତିକମ୍‌ରେ ଥରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ସବୁବେଳେ ତେଲ-ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯଦି ଆପଣଙ୍କର ଡାଇବେଟିସ କିମ୍ବା ରକ୍ତଚାପ (ବ୍ଲଡ୍‌ପ୍ରେସର) ସମସ୍ୟା ରହିଛି ତେବେ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ।



## ଅବସାଦ ଦୂର କରିବାର ସହଜ ଉପାୟ

ଅବ୍ୟବସ୍ଥିତ ଜୀବନଶୈଳୀ, ଅଧିକ କାମର ବୋଝ ଆଦି କାରଣରୁ କେତେକ ବ୍ୟକ୍ତି ଅବସାଦ ବା ଡିପ୍ରେସନର ଶିକାର ହୋଇଥାଆନ୍ତି। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ବ୍ୟକ୍ତି ସବୁବେଳେ ଉତ୍ତମ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ କେତେକାଂଶରେ ଅବସାଦଠାରୁ ଦୂରେଇ ରଖିପାରିବେ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି। ସେମାନଙ୍କ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍‌ଯୁକ୍ତ ଖାଦ୍ୟ ନ ଖାଇଲେ ଜଣେ ଅବସାଦଗ୍ରସ୍ତ ହେବାର ଆଶଙ୍କା ରହିଛି। ପୁଣି ଅବଦାସଗ୍ରସ୍ତତା ଯୋଗୁ କେତେକ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମେ ପ୍ରତିଦିନ ସନ୍ତୁଳିତ ଓ ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଇଲେ ତାହା ଅବସାଦଠାରୁ କେତେକାଂଶରେ ଦୂରେଇ ରଖିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଜ ପନିପରିବା, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପକାରୀ। ଏଭଳି ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ପ୍ରତିଦିନ ଖାଇବା ଦ୍ୱାରା ଆମ ହାଡ଼ ଓ ମାଂସପେଶୀ ଶକ୍ତ ହେବା ସହ ସ୍ମରଣଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।






ଆଇପିଏଲ୍-୨୦୨୪ ଚାମ୍ପିୟନ କୋଲ୍‌କାତା ନାଇଟ୍ ରାଇଡର୍ସ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ୧୦ ବର୍ଷ ପ୍ରତୀକ୍ଷାର ଅନ୍ତ

ରବିବାର ଆଇପିଏଲ ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରି ତୃତୀୟ ଥର ପାଇଁ ଆଇପିଏଲ ଟ୍ରଫି ହାସଲ କରିଛି କୋଲକାତା ନାଇଟ ରାଇଡର୍ସ(କେକେଆର୍)। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଅଲରାଉଣ୍ଡ ପ୍ରଦର୍ଶନ ସହ ଦଳ ଏହି ସଫଳତା ହାସଲ କରିଛି। ଏହା ସହ ଫ୍ରାଞ୍ଚାଇଜ ୧୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଛି। ଶେଷ ଥର ପାଇଁ ୨୦୧୪ରେ ଦଳ ଚାମ୍ପିୟନ ହୋଇଥିଲା। ସେ ସମୟରେ ଦଳର ଅଧିନାୟକ ରହିଥିବା ଗୌତମ ଗମ୍ଭୀର ମେଣ୍ଟର ଭାବରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଆଉ ଥରେ ଟ୍ରଫି ଉଠାଇଛି କେକେଆର୍। ୨୦୧୨ ଓ ୨୦୧୪ରେ ଗମ୍ଭୀରଙ୍କ ନେତୃତ୍ୱରେ କେକେଆର୍ ଚାମ୍ପିୟନ ହୋଇଥିଲା। ରବିବାରର ଫାଇନାଲରେ କୋଲକାତା ଏକାଧିକ ରେକର୍ଡ ନିଜ ନାମରେ କରିଛି। ହାଇଦ୍ରାବାଦକୁ ଦଳ ୫୭ ବଲ୍ ବାକିଥାଇ ପରାସ୍ତ କରିଥିଲା। ଆଇପିଏଲ ପ୍ଲେ ଅଫ୍ ଇତିହାସରେ ବଲ୍ ବ୍ୟବଧାନରେ ଏହା ସର୍ବବୃହତ ବିଜୟ। କୋଲକାତାର ଏହା ଦ୍ୱିତୀୟ ସର୍ବଶ୍ରେଷ୍ଠ ବଲ୍ ବ୍ୟବଧାନ ବିଜୟ ଅଟେ। ଗୋଟିଏ ସିଜନରେ ସର୍ବନିମ୍ନ ପରାଜୟରେ ରାଜସ୍ଥାନ ରୟାଲ୍ସର ସମକକ୍ଷ ହୋଇଛି କେକେଆର୍। ୨୦୦୮ ସିଜନର ଚାମ୍ପିୟନ ରାଜସ୍ଥାନ ମାତ୍ର ୩ ମ୍ୟାଚ୍ ହାରିଥିଲା। ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରିବା ସହ କେକେଆର୍ ମଧ୍ୟ ମାତ୍ର ୩ ମ୍ୟାଚ୍‌ରେ ପରାଜିତ ହୋଇଛି।

# ଆଇପିଏଲ୍ ଉଦ୍‌ଯାପିତ

## ଫାଇନାଲ୍ ସ୍କୋର ବୋର୍ଡ

**ସନ୍‌ରାଇଜର୍ସ ହାଇଦ୍ରାବାଦ**
ଅଭିଷେକ ଶର୍ମା-ବୋ-ଷ୍ଟାର୍କ-୨
ଟ୍ରାଭିସ ହେଡ୍-କ-ଗୁରବାଜ-ବୋ-ବୈଭବ-୦
ରାହୁଲ ତ୍ରିପାଠୀ-କ-ରମଣଦୀପ-ବୋ-ଷ୍ଟାର୍କ-୯
ଏଡେନ୍ ମାରାକ୍ରମ-କ-ଷ୍ଟାର୍କ-ବୋ-ରସେଲ-୨୦
ନୀତୀଶ ରେଡ୍ଡୀ-କ-ଗୁରବାଜ-ବୋ-ହର୍ଷିତ-୧୩
ହେନରିଚ କ୍ଲାସେନ-ବୋ-ହର୍ଷିତ ରାଣା-୧୬ ଶାହାବାଜ ଅହମ୍ମଦ-କ-ନାରିନ-ବୋ-ଚକ୍ରବର୍ତ୍ତୀ-୮
ଅବଦୁଲ ସମଦ-କ-ଗୁରବାଜ-ବୋ-ରସେଲ-୪
ପ୍ୟାଟ୍ କୁମିନ୍ସ-କ-ଷ୍ଟାର୍କ-ବୋ-ରସେଲ-୨୪
ଜୟଦେବ ଉନାଡକଟ-ଏଲବିଡବ୍ଲ୍ୟୁ-ନାରିନ-୪
ଭୁବନେଶ୍ୱର କୁମାର-ନଟ୍‌ଆଉଟ-୦।
ଅତିରିକ୍ତ:୧୩
ମୋଟ (୧୮.୩ ଓଭର/ଅଲଆଉଟ) ୧୧୩।
ଉଇକେଟ ପତନ: ୧/୨, ୨/୬, ୩/୨୧, ୪/୪୭, ୫/୬୨, ୬/୭୧, ୭/୭୭, ୮/୯୦, ୯/୧୧୩, ୧୦/୧୧୩।

**ବୋଲିଂ (କୋଲକାତା ନାଇଟ ରାଇଡର୍ସ)**
ମିଚେଲ ଷ୍ଟାର୍କ ୩-୦-୧୪-୨
ବୈଭବ ଆରୋରା ୩-୦-୨୪-୧
ହର୍ଷିତ ରାଣା ୪-୦-୨୪-୨
ସୁନୀଲ ନାରିନ ୪-୦-୧୬-୧
ଆନ୍ଦ୍ରେ ରସେଲ ୨.୩-୦-୧୯-୩
ବରୁଣ ଚକ୍ରବର୍ତ୍ତୀ ୨-୦-୯-୧

**କୋଲକାତା ନାଇଟ ରାଇଡର୍ସ**
ରହମାନୁଲ୍ଲା ଗୁରବାଜ-ଏଲବିଡବ୍ଲ୍ୟୁ-ଶାହାବାଜ-୩୯
ସୁନିଲ ନାରିନ-କ-ଶାହାବାଜ-ବୋ-କୁମିନ୍ସ-୬
ଭେଙ୍କଟେଶ ଆୟର-ନଟଆଉଟ-୫୨
ଶ୍ରେୟସ ଆୟର-ନଟଆଉଟ-୬
ଅତିରିକ୍ତ:୧୧
ମୋଟ: (୧୦.୩ ଓଭର/୨ଉଇକେଟ) ୧୧୪।
**ଉଇକେଟ ପତନ:** ୧/୧୧, ୨/୧୦୨।

**ବୋଲିଂ (ସନରାଇଜର୍ସ ହାଇଦ୍ରାବାଦ)**
ଭୁବନେଶ୍ୱର କୁମାର ୨-୦-୨୫-୦
ପ୍ୟାଟ କୁମିନ୍ସ ୨-୦-୧୮-୧
ଟି. ନଟରାଜନ ୨-୦-୨୯-୦
ଶାହାବାଜ ଅହମଦ ୨.୩-୦-୨୨-୧
ଜୟଦେବ ଉନାଡକଟ ୧-୦-୯-୦
ଏଡେନ ମାରାକ୍ରମ ୧-୦-୫-୦।

## ପୁରସ୍କାର ତାଲିକା

➤ଇମର୍ଜିଂ ପ୍ଲେୟର ଅଫ୍ ଦ ସିଜନ: **ନୀତୀଶ କୁମାର ରେଡ୍ଡୀ**
➤ଇଲେକ୍ଟ୍ରିକ୍ ଷ୍ଟ୍ରାଇକର ଅଫ୍ ଦ ସିଜନ: **ଜେକ୍ ଫ୍ରେଜର ମ୍ୟାକଗ୍ରୁକ୍**
➤ଅଲ୍ଟିମେଟ୍ ଫାଣ୍ଟାସି ପ୍ଲେୟର ଅଫ୍ ଦ ସିଜନ: **ସୁନୀଲ ନାରିନ୍**
➤ସୁପର ସିକ୍ସେସ ଅଫ୍ ଦ ସିଜନ: **ଅଭିଷେକ ଶର୍ମା**
➤ଅନ୍ ଦ ଗୋ ଫୋର୍ ଅଫ୍ ଦ ସିଜନ: **ଟ୍ରାଭିସ୍ ହେଡ୍**
➤କ୍ୟାଚ୍ ଅଫ୍ ଦ ସିଜନ: **ରମଣଦୀପ ସିଂ**
➤ଫେୟାର ପ୍ଲେ ଆୱାର୍ଡ: **ସନରାଇଜର୍ସ ହାଇଦ୍ରାବାଦ**
➤ପର୍ପଲ୍ କ୍ୟାପ୍: **ହର୍ଷଲ ପଟେଲ**
➤ଅରେଞ୍ଜ କ୍ୟାପ୍: **ବିରାଟ କୋହଲି**
➤ମୋଷ୍ଟ ଭ୍ୟାଲୁଏବୁଲ ପ୍ଲେୟର ଅଫ୍ ଦ ସିଜନ: **ସୁନୀଲ ନାରିନ୍**
➤ବେଷ୍ଟ ପିଚ୍ ଓ ଗ୍ରାଉଣ୍ଡ: **ହାଇଦ୍ରାବାଦ**



ଚେନ୍ନାଇରେ ରବିବାର ଅନୁଷ୍ଠିତ ଆଇପିଏଲ୍ ଫାଇନାଲ ମ୍ୟାଚ୍ ଉପଭୋଗ ଅବସରରେ ବିସିସିଆଇ ଓ ଆଇପିଏଲ୍ କର୍ମକର୍ତ୍ତା।



ପରିବାର ସହ କୋଲ୍‌କାତା ନାଇଟ୍ ରାଇଡର୍ସ ମେଣ୍ଟର ଗୌତମ ଗମ୍ଭୀର।



ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି କେକେଆର୍ ମାଲିକ ଶାହରୁଖ୍ ଖାନ୍।



ନାଇଟ୍ ରାଇଡର୍ସର ସହ ମାଲିକାଣୀ ଜୁହି ଚାୱଲା।

# ଓସାକା, ଅଲକାରାଜ ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ୍,୨୬।୫**

ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ନାମେଣ୍ଟ ରବିବାର ଠାରୁ ଆରମ୍ଭ ହୋଇଛି। ରବିବାର ପ୍ରଥମ ଦିନରେ ନାଓମି ଓସାକା, କାର୍ଲୋସ ଅଲକାରାଜ ଗାର୍ଫିଆ, ଆଣ୍ଡି ରୁବଲେଭଙ୍କ ଭଳି ସିଡେଡ୍ ଖେଳାଳି ବିଜୟୀ ହୋଇଛନ୍ତି। ବର୍ଷା କାରଣରୁ ଏକାଧିକ ମ୍ୟାଚ୍ ଅଧାରୁ ବନ୍ଦ ରହିଥିଲା। ପ୍ୟାରିସ୍‌ରେ ନିଜର ସପ୍ତମ ପଦାର୍ପଣ କରିଥିବା ଓସାକା ୧-୬, ୬-୪ ଓ ୭-୫ ସେଟ୍‌ରେ ଲୁସିଆ ବ୍ରୋଞ୍ଜେଟିଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଓସାକା ମାତୃତ୍ୱ ପରେ ପ୍ରଫେସନାଲ ଟେନିସ୍‌ରୁ ଦୂରେଇ

**ଫ୍ରେଞ୍ଚ ଓପନ**

ରହିଥିଲେ। ବର୍ତ୍ତମାନ ଓସାକା ୧୩୪ ତମ ସ୍ଥାନରେ ଥିବା ବେଳେ ବ୍ରୋଞ୍ଜେଟି ୪୮ ତମ ସ୍ଥାନରେ ରହିଛନ୍ତି। ପ୍ରଥମ ସେଟ୍ ହାରିବା ପରେ ପରବର୍ତ୍ତୀ ଦୁଇ ସେଟ ଜିତି ନେଇଥିଲେ। ଅନ୍ୟ ମହିଳାଙ୍କ ମଧ୍ୟରେ ୩୦ ନମ୍ବର ଖେଳାଳି ଦାୟାନ ୟାସ୍ତ୍ରାମେସ୍କା ୩-୬, ୬-୩, ୬-୩ ସେଟ୍‌ରେ ଆଜଲା ଟୋମାଲନୋଭିକ୍‌ଙ୍କୁ, ଲିସା ଟିସୁରେଙ୍କୋ ୬-୫ରେ ଡୋନ୍ନା ଭେକିକ୍‌ଙ୍କୁ, ଜେଲେନା ଅଷ୍ଟାପେଙ୍କୋ ୬-୪, ୭-୫ ସେଟରେ ଜାକ୍ଲେଲିନ୍ କ୍ରିଷ୍ଟିଆନଙ୍କୁ, ମେରୀ ବୁଜକୋଭା ୬-୨, ୬-୪ ସେଟରେ ଭେରୋନିକା କୁଦେରମେଟୋଭାଙ୍କୁ ପରାସ୍ତ କରିଥିଲେ।

ପୁରୁଷ ଖେଳାଳିଙ୍କ ମଧ୍ୟରେ ବିଶ୍ୱ ମାନ୍ୟତାର ୩ ନମ୍ବରରେ ଥିବା କାର୍ଲୋସ ଅଲକାରାଜ ଗାର୍ଫିଆ ୬-୧, ୬-୨, ୬-୧ ସେଟ୍‌ରେ ଆମେରିକାର ଜେ.ଜେ. ଓଲ୍ଫଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୬ ନମ୍ବର ସ୍ଥାନରେ ଥିବା ୬-୨, ୬-୭(୩), ୬-୩, ଓ ୭-୫ ସେଟ୍‌ରେ ଟାରେ ଡାନିଏଲଙ୍କୁ ପରାସ୍ତ କରିଛନ୍ତି। ଲରେଞ୍ଜୋ ସୋନେଗୋ ୪-୬, ୬-୨, ୪-୬, ୩-୬ ସେଟରେ ବିଶ୍ୱ ମାନ୍ୟତାର ୧୭ ନମ୍ବର ଖେଳାଳି ଉଗୋ ହ୍ୟୁମ୍ବର୍ଟଙ୍କୁ ପରାସ୍ତ କରିଛନ୍ତି।



ମ୍ୟାଚ୍ ଜିତିବା ପରେ କାର୍ଲୋସ ଅଲକାରାଜ

# ଲେକ୍‌ରେକ୍ ଜିତିଲେ ମୋନାକୋ ଗ୍ରାଁ ପ୍ରି

**ମୋନାକୋ, ୨୬।୫ (ଏପି):** ଫେରାରି ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍ ମୋନାକୋ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି। ଦୁଇ ବର୍ଷରେ ତାଙ୍କର ଏହା ହେଉଛି ପ୍ରଥମ ଫର୍ମୁଲା ୱାନ ବିଜୟ। ଚାରିବର୍ଷରେ ଲେକରେକ ତୃତୀୟ ଥର ପାଇଁ ପୋଲ ପୋଜିଶନର ରେସ୍ ଆରମ୍ଭ କରିଥିଲେ। ପୂର୍ବରୁ ସେ ସେ ତାଙ୍କ ଘରୋଇ ମାଟିରେ କେବେ ହେଲେ ପୋଡିୟମ ଫିନିଶ କରିପାରି ନ ଥିଲେ। ୨୦୨୨ ଜୁଲାଇରେ ଅଷ୍ଟ୍ରିଆରେ ପ୍ରଥମ ବିଜୟ ହାସଲ କରିଥିବା ଲେକ୍‌ରେକ୍‌ଙ୍କ ଏହା ହେଉଛି ୬ଷ୍ଠ ଟାଇଟଲ। ଏହି ସମସ୍ତ ସେ ଫେରାରି ତରଫରୁ ଜିତିଛନ୍ତି। ରେସ୍‌ର ଶେଷ ୧୫ଟି ଲାପ ତାଙ୍କ ପାଇଁ କଷ୍ଟ ସାଧ ଥିଲା। ଲେକ୍‌ରେକ୍ କହିଛନ୍ତି ବର୍ତ୍ତମାନ ତାଙ୍କ ସ୍ୱର୍ଗତ ପିତାଙ୍କ କଥା ତାଙ୍କର ମନେ ପଡୁଛି। ଏଠାରେ ରେସ୍ ଜିତିବା ଆମ ଉଭୟଙ୍କର ଏକ ସ୍ୱପ୍ନ ଥିଲା। ଏବେ ତାହା ସାକାର ହୋଇଛି ବାସ୍ତବିକ ଅବିଶ୍ୱସନୀୟ। ଚାମ୍ପିୟନଶିପ୍ ଲିଡର ମାକ୍ସ ଭର୍ଷ୍ଟାପେନ ୬ଷ୍ଠ ସ୍ଥାନରୁ ରେସ୍ ଆରମ୍ଭ କରି ରେଡ୍‌ବୁଲ୍ ପାଇଁ ସେ ୬ଷ୍ଠ ସ୍ଥାନରେ ରହିଥିଲେ। ପ୍ରଥମ ଲାପରେ ଦୁର୍ଘଟଣା ଯୋଗୁ ତାଙ୍କ ସାଥୀ ଡ୍ରାଇଭର ସର୍ଗିଓ ପେରେଜ ରେସ୍‌ରୁ ବାହାର ହୋଇଯାଇଥିଲେ।ଦୁର୍ଘଟଣା ଯୋଗୁ ହାସ୍ ଡ୍ରାଇଭର କେଭିନ ମାଗ୍ନେସେନ ଓ ନିକୋ ହକେନବର୍ଗ ମଧ୍ୟ ରେସ୍‌ରୁ ବାଦ୍ ପଡ଼ିଥିଲେ।

# ଡିଭୋର୍ସ ଚର୍ଚ୍ଚା: ନିଆଁରେ ଘିଅ ଢାଳିଲେ ନତାଶା






ନତାଶା ଷ୍ଟାଙ୍କୋଭିଚ୍‌ଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ଫଟୋ।

**ମୁମ୍ବାଇ,୨୬।୫**

ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ନିଆଁରେ ଘିଅ ଢାଳିଛନ୍ତି ନତାଶା ଷ୍ଟାଙ୍କୋଭିକ୍। ନତାଶାଙ୍କ ଏକ ଇନ୍‌ଷ୍ଟାଗ୍ରାମ ଷ୍ଟୋରିକୁ ନେଇ ଡିଭୋର୍ସ ଆଲୋଚନାକୁ ଆହୁରି ଖୋରାକ ମିଳିଛି। ନତାଶା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଟ୍ରାଫିକ୍ ସାଇନ୍ ଶେୟାର କରିଥିଲେ। ଏହାସହ କେହି ଜଣେ ଖୁବ୍‌ଶୀଘ୍ର ରାସ୍ତା (ଷ୍ଟ୍ରିଟ୍)କୁ ଆସିବାକୁ ଯାଉଛି ବୋଲି ସେ ଲେଖିଥିଲେ। ନିକଟରେ ନତାଶା ଷ୍ଟାଙ୍କୋଭିଚ୍ ନିଜ ଇନ୍‌ଷ୍ଟାଗ୍ରାମରୁ ପାଣ୍ଡ୍ୟା ସରନେମ୍ ହଟାଇବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ପୂର୍ବରୁ ନତାଶା ଇନ୍‌ଷ୍ଟାଗ୍ରାମରେ ନତାଶା ଷ୍ଟାଙ୍କୋଭିକ୍ ପାଣ୍ଡ୍ୟା ଲେଖୁଥିବା ବେଳେ ବର୍ତ୍ତମାନ ପାଣ୍ଡ୍ୟା ହଟାଇଛନ୍ତି। ଅନ୍ୟପକ୍ଷରେ ନତାଶା ପାଣ୍ଡ୍ୟାଙ୍କ ସହ ଥିବା ତାଙ୍କର ପୁରୁଣା ଫଟୋଗୁଡିକ ମଧ୍ୟ ହଟାଇ ଦେଇଛନ୍ତି। ହାର୍ଦ୍ଦିକ ଓ ନତାଶା ୨୦୨୦ରେ ବିବାହ କରିଥିବା ବେଳେ ସେମାନଙ୍କର ଅଗସ୍ତ୍ୟ ନାମକ ଏକ ପୁତ୍ରସନ୍ତାନ ରହିଛି। ତେବେ ଅଗସ୍ତ୍ୟ ସହ ରହିଥିବା ଫଟୋକୁ ନତାଶା ହଟାଇନାହାନ୍ତି।

ଉଭୟଙ୍କ ଡିଭୋର୍ସ ହେଲେ ନତାଶା ୭୦ କୋଟି ଟଙ୍କା ପାଇବେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ଏହାପରେ ନତାଶାଙ୍କ ଏଭଳି ପୋଷ୍ଟ ଡିଭୋର୍ସ ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ଆଇପିଏଲ୍ ୨୦୨୪ ସମୟରେ କୌଣସି ବି ମ୍ୟାଚ୍‌ରେ ନତାଶାଙ୍କ ଦେଖା ମିଳି ନ ଥିଲା। ଏପରିକି ମାର୍ଚ୍ଚ ୪ ତାରିଖରେ ନତାଶାଙ୍କ ଜନ୍ମଦିନରେ ମଧ୍ୟ ହାର୍ଦ୍ଦିକ କୌଣସି ପୋଷ୍ଟ କରିନ ଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ